# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୭/୨୦୨୨ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 7/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୧୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ଲିଲିମା ମିଞ୍ଜ୍‌ଙ୍କ ଡବଲ ଗୋଲ

ଲିଲିମା ମିଞ୍ଜ୍‌ଙ୍କ ଡବଲ ଗୋଲ ବଳରେ ଓଡ଼ିଶା ଭୋପାଳଠାରେ ଆରମ୍ଭ ହୋଇଥିବା ଜାତୀୟ ସିନିୟର ମହିଳା ହକିରେ ତେଲେଙ୍ଗାନାକୁ ୧୪-୦ ଗୋଲରେ ପରାସ୍ତ କରିଛି।

୧୪

୧୦

## ରୋଲ୍ ଲାଗି ଟ୍ରୋଲ୍

ହିନ୍ଦୀ ଫିଲ୍ମ 'ଜନହିତ ମେ ଜାରି'ରେ ନୁଶରତ ଭାରୁଚି ଜଣେ ସେଲ୍ସ ଗାର୍ଲ ଭୂମିକାରେ ନଜରକୁ ଆସିଥିବାବେଳେ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ୍ କରାଯାଇଛି।



# ୮ରେ ଦାନାବାନ୍ଧିବ ବାତ୍ୟା

**ଭୁବନେଶ୍ୱର,୬।୫(ବ୍ୟୁରୋ)**

ଦକ୍ଷିଣ ଆଣ୍ଡାମାନ ଓ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଶୁକ୍ରବାର ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଶନିବାର ଏହା ଅବପାତ (ଡିପ୍ରେସନ)ରେ ପରିଣତ ହେବ। ରବିବାର ସନ୍ଧ୍ୟା ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ରୂପ ନେବା ସମ୍ଭାବନା ରହିଛି। ଏହାପରେ ସାମୁଦ୍ରିକ ଝଡ଼ ଉତ୍ତର-ପଶ୍ଚିମ ଦିଗ ଦେଇ ଗତି କରିବ। ୧୦ ତାରିଖ ସୁଦ୍ଧା ଏହା ଉତ୍ତର-ଉତ୍ତର ପଶ୍ଚିମ ଦିଗ ଦେଇ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଉପକୂଳକୁ ମୁହାଁଇବ। ବାତ୍ୟା ପୁଣି ଗତିପଥ ବଦଳାଇ ଉତ୍ତର- ପୂର୍ବ ଦିଗକୁ ଗତି କରି ୧୧ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାକୁ ଘଷି ହୋଇ ଯିବା ସମ୍ଭାବନା ରହିଛି। ବାତ୍ୟା ସ୍ଥଳଭାଗକୁ ଛୁଇଁବା ପୂର୍ବରୁ ଘଣ୍ଟା ପ୍ରତି ବେଗ ୧୦୦ରୁ ୧୧୦ କି.ମି. ରହିବ। ସ୍ଥଳଭାଗ ନିକଟକୁ ଆସିବା ବେଳକୁ ଏହା ଧୀରେ ଧୀରେ ଦୁର୍ବଳ ହେବ। ଏହାର ବେଗ ଘଣ୍ଟା ପ୍ରତି ୭୦ରୁ ୮୦ କି.ମି. ରହିବ ବୋଲି ଅନୁମାନ କରାଯାଇଛି। ରାଜ୍ୟରେ କାଳବୈଶାଖୀଜନିତ ବର୍ଷା ଯୋଗୁ ପାଗ ଥଣ୍ଡା ରହିଛି। ଆସନ୍ତା ଦୁଇ ତିନି ଦିନ ମଧ୍ୟ ଆକାଶ ମେଘାଚ୍ଛନ୍ନ ରହିବ। ଫଳରେ ପାଗ ଥଣ୍ଡା ରହିବ। ଏଥିଯୋଗୁ ବାତ୍ୟାର ପ୍ରକୋପ କମ୍ ରହିବ ଓ ଧୀରେ ଧୀରେ ଦୁର୍ବଳ ହୋଇ ପଶ୍ଚିମବଙ୍ଗ କିମ୍ବା ବାଂଲାଦେଶ ଆଡ଼କୁ ଚାଲିଯିବ ବୋଲି ଅନୁମାନ କରାଯାଇଛି। ତେବେ ଏହା କେଉଁଠି ସ୍ଥଳଭାଗ ଛୁଇଁବ ସେନେଇ ପାଣିପାଗ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇନାହିଁ।

ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଗଞ୍ଜାମ, ଖୋର୍ଦ୍ଧା, ପୁରୀ ଓ ଜଗତ୍‌ସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଆଦି ଜିଲାରେ ୧୦ ଓ ୧୧ ଦୁଇଦିନ ଧରି ବର୍ଷା ହେବାର ସମ୍ଭାବନା ରହିଛି। ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ୯ ଓ ୧୦ ତାରିଖରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି, ୧୦ରେ ବାତ୍ୟା ଉପକୂଳ ନିକଟବର୍ତ୍ତୀ ହେଲା ପରେ ଦିଗ ବଦଳାଇପାରେ। ଦିଗ ବଦଳାଇବା ପରେ ବାତ୍ୟା ଦୁର୍ବଳ ହେବା ସମ୍ଭାବନା ରହିଛି। ସ୍ଥଳଭାଗ ଛୁଇଁବା ବେଳକୁ ଏହା ଦୁର୍ବଳ ହୋଇଯାଇପାରେ। ଲଘୁଚାପ ପ୍ରଭାବରେ ଆଣ୍ଡାମାନ ଓ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଆକାଶ ମେଘାଚ୍ଛନ୍ନ ରହିଛି। ସେଠାରେ ୪୦ରୁ ୫୦ କି.ମି. ବେଗରେ ପବନ ବହୁଛି।

ଅନ୍ୟପକ୍ଷରେ ବାତ୍ୟାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତିକୁ ମଧ୍ୟ ଜୋରଦାର କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ପ୍ରଦୀପ ଜେନା ଗୁରୁବାର ବାତ୍ୟା ପ୍ରସ୍ତୁତି ନେଇ ୧୮ ଜିଲାର ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆରସି କହିଛନ୍ତି ଯେ ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୭୫ ଅଗ୍ନିଶମ ବାହିନୀ, ୨୦ ଓଡ୍ରାଫ୍ ଏବଂ ୧୭ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସଜାଗ ରଖାଯାଇଛି। ଆବଶ୍ୟକ ସ୍ଥଳେ ସେ ସବୁକୁ ମୁତୟନ କରାଯିବ। ଶନିବାର ସନ୍ଧ୍ୟା ସୁଦ୍ଧା ସମ୍ଭାବ୍ୟ ବାତ୍ୟାକୁ ନେଇ ସ୍ପଷ୍ଟ ଚିତ୍ର ମିଳିବ। ବିଭିନ୍ନ ଜରାଶ୍ରମ, ଅନାଥାଶ୍ରମଗୁଡ଼ିକର ଅନ୍ତେବାସୀଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ଲାଗି ସାମାଜିକ ସଶକ୍ତୀକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ଆବଶ୍ୟକ ସ୍ଥଳେ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଛି। ଚାଷୀଙ୍କ ଫସଲର ସୁରକ୍ଷା ପାଇଁ ଆବଶ୍ୟକ ପରାମର୍ଶନାମା ଜାରି କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜଳସମ୍ପଦ, ଗ୍ରାମ୍ୟ ☞ପୃଷ୍ଠା-୪




ସମ୍ଭାବ୍ୟ ବାତ୍ୟା ନେଇ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଥିବା ଚିତ୍ର।

### କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁରକୁ ଘଷି ହୋଇ ଯିବ

- ୪ ଜିଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା
- ୧୧ ସନ୍ଧ୍ୟାରେ ପଶ୍ଚିମବଙ୍ଗ, ବାଂଲାଦେଶ ମୁହାଁ ହେବ
- ମୁତୟନ ହେବେ ଏନ୍‌ଡିଆରଏଫ୍, ଓଡ୍ରାଫ୍ ଟିମ୍
- ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ
- ବିଭିନ୍ନ ବିଭାଗ ସହ ଆଲୋଚନା କଲେ ଏସ୍‌ଆର୍‌ସି
- ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

## ଏସିଆନ ଗେମ୍ସ ସ୍ଥଗିତ

**ତାସ୍‌କେଣ୍ଟ/ବେଜିଂ, ୬।୫ (ପି.ଟି.):** ଚାଇନାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଥିବାରୁ ଆସନ୍ତା ସେପ୍ଟେମ୍ବର ୧୦ରୁ ୨୫ ତାରିଖ ପର୍ଯ୍ୟନ୍ତ ହାଙ୍ଗ୍‌ଝୋ ଏସିଆନ ଗେମ୍ସକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି, ଯାହାକି ପୂର୍ବରୁ ଆଶା କରାଯାଉଥିଲା। ଭାରତୀୟ ଆଥ୍‌ଲେଟମାନଙ୍କ ମଧ୍ୟରେ ଏ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗେମ୍ସ ପାଇଁ ନୂଆ ତାରିଖ ନିକଟ ଭବିଷ୍ୟତରେ ଘୋଷଣା କରାଯିବ। ସାଂଘାଇ ସହରରେ ସାନି କୋଭିଡ୍ ଲହରି ଦେଖାଦେଇଛି। ପରିସ୍ଥିତିର ନିୟନ୍ତ୍ରଣ ପାଇଁ ସହରରେ ଲକ୍‌ଡାଉନ୍ ଚାଲିଛି। ତେଣୁ ଏସିଆନ ଗେମ୍ସର ୧୯ତମ ସଂସ୍କରଣର ☞ପୃଷ୍ଠା-୪






## ୮୦ଦିନ ଧରି ମହିଳାଙ୍କୁ ବଳାତ୍କାର

**ଜଳେଶ୍ୱର, ୬।୫(ଡି.ଏନ.ଏ.)**

**ଅପହରଣ କରି ତାଲା ପକାଇ ରଖିଥିଲେ ତାନ୍ତ୍ରିକ**

ଶାଶୁଘର ଲୋକଙ୍କ ଚକ୍ରାନ୍ତରେ ଫଶିଯାଇଛନ୍ତି ଜଣେ ମହିଳା। ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ତାନ୍ତ୍ରିକଙ୍କ ଦ୍ୱାରା ମହିଳାଙ୍କୁ ଅପହରଣ କରାଯାଇ ଏକ ପରିତ୍ୟକ୍ତ ଘରେ ୮୦ ଦିନ ଧରି ବଳାତ୍କାର କରାଯିବା ଘଟଣା ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଉକ୍ତ ମହିଳା ରାଇବଣିଆ ଥାନା ଅଞ୍ଚଳରେ ୪ବର୍ଷ ପୂର୍ବେ ବିବାହ କରିଥିଲେ। ମହିଳାଙ୍କ ସ୍ୱାମୀ ଅନ୍ୟତ୍ର ଏକ ଦୋକାନ କରି ସେଠାରେ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ରଖିବା ପରେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ବିବାହର ୬ମାସ ପରେ ଅଧିକ ଯୌତୁକ ଦାବିରେ ଶାଶୁଘର ପକ୍ଷରୁ ତାଙ୍କୁ ନିର୍ଯାତନା ଆରମ୍ଭ ହୋଇଯାଇଥିଲା। ତାଙ୍କ ଶାଶୁ ଚକ୍ରାନ୍ତ କରି ପୁଅ-ବୋହୂ ମଧ୍ୟରେ ସୁସମ୍ପର୍କ ସ୍ଥାପନର ପ୍ରତିଶ୍ରୁତି ଦେଇ ଭୋଗରାଇ ଥାନା କଖଡ଼ା ପଞ୍ଚାୟତର ଏକ ମୁସଲମାନ ବସ୍ତିକୁ ନେଇଯାଇଥିଲେ। ସେଠାରେ ତାନ୍ତ୍ରିକ ସେକ୍ ସରାଫ କେତେକ ପୂଜାର୍ଚ୍ଚନା କରିବା ସହିତ ଶାଶୁ ଓ ଅଢେଇବର୍ଷର ଶିଶୁପୁତ୍ର ଆଗରେ ☞ପୃଷ୍ଠା-୪

## ବଗ୍‌ଗାଙ୍କୁ ନେଇ ହାଇଡ୍ରାମା

### ଭାଜପା-ଏଏପି ବିବାଦରେ ପଞ୍ଜାବ, ଦିଲ୍ଲୀ, ହରିୟାଣା ପୋଲିସ

**ନୂଆଦିଲ୍ଲୀ/ଚଣ୍ଡିଗଡ଼,୬।୫**

ଦିଲ୍ଲୀର ଭାଜପା ନେତା ତେଜିନ୍ଦର ପାଲ୍ ସିଂ ବଗ୍‌ଗାଙ୍କୁ ପଞ୍ଜାବ ପୋଲିସ ଶୁକ୍ରବାର ସକାଳେ ତାଙ୍କ ଘରୁ ଗିରଫ କରିଥିଲା। ଜାତୀୟ ରାଜଧାନୀରୁ ତାଙ୍କୁ ପଞ୍ଜାବର ମୋହାଲିସ୍ଥିତ ଏକ କୋର୍ଟକୁ ନିଆଯାଉଥିବାବେଳେ କୁରୁକ୍ଷେତ୍ରରେ ହରିୟାଣା ପୋଲିସ



ଭାଜପା ନେତା ତେଜିନ୍ଦର ପାଲ୍ ସିଂ ବଗ୍‌ଗା

ଅଟକାଇଥିଲା। ସେଠାରୁ ଦିଲ୍ଲୀ ପୋଲିସ ଅତି ନାଟକୀୟ ଢଙ୍ଗରେ ବଗ୍‌ଗାଙ୍କୁ ଦିଲ୍ଲୀକୁ ଫେରାଇନେଇଛି। ପଞ୍ଜାବ ଓ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କ୍ଷମତାସୀନ ଥିବାବେଳେ ହରିୟାଣାରେ ଭାଜପା ସରକାର ଚାଲିଛି। ପଞ୍ଜାବ ପୋଲିସ ଏଏପିର ବୋଲ ମାନି ବଗ୍‌ଗାଙ୍କୁ ଗିରଫ କରିଥିବାରୁ କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ ଦିଲ୍ଲୀ ପୋଲିସ ହରିୟାଣା ପୋଲିସ ସହାୟତାରେ ତାଙ୍କୁ ଉଦ୍ଧାର କରିଛି। ଜଣେ ଧମକଦାତା ଅଭିଯୁକ୍ତଙ୍କୁ ନେଇ ୩ ରାଜ୍ୟର ପୋଲିସ ଏଭଳି ଟଣାଓଟରା ହେବା କେବେ ଦେଖିବାକୁ ମିଳି ନ ଥିଲା। ବଗ୍‌ଗା ଘୃଣା ବିସ୍ତାର ପାଇଁ ସୋସିଆଲ ମିଡିଆରେ ପୋଷ୍ଟ କରିଥିବାରୁ ତାଙ୍କ ଗିରଫଦାରି ଯଥାର୍ଥ ବୋଲି ଏଏପି କହିଛି। ଅନ୍ୟପକ୍ଷେ ଭାଜପା ଏହାକୁ ଅଭିବ୍ୟକ୍ତି ସ୍ୱାଧୀନତା ବିରୋଧୀ କାର୍ଯ୍ୟାନୁଷ୍ଠାନ ବୋଲି ସମାଲୋଚନା କରିଛି। ଏହି ପ୍ରସଙ୍ଗ କେବଳ ଏଏପି-ଭାଜପାକୁ ମୁହାଁମୁହିଁ କରାଇଛି ତାହା ନୁହେଁ, ବରଂ ଜାତୀୟ ରାଜନୀତିରେ ମଧ୍ୟ ଉଷ୍ମତା ଭରିଦେଇଛି।

ସାମାଜିକ ଗଣମାଧ୍ୟମରେ ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଘୋର ସମାଲୋଚକ ଭାବେ ଜଣାଶୁଣା ଦିଲ୍ଲୀ ଭାଜପା ମୁଖପାତ୍ର ତେଜିନ୍ଦର ପାଲ ସିଂ ବଗ୍‌ଗାଙ୍କ ନାମରେ ମୋହାଲି ଜିଲା ସାହିବ୍‌ଜାଦା ଅଜିତ୍ ସିଂ ନଗର ଥାନାର ସାଇବର ସେଲ୍‌ରେ ମାମଲା ରୁଜୁ ହୋଇଛି। ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି, ହିଂସା ଉସୁକାଇବା ପାଇଁ ଉତ୍ତେଜକ ଭାଷଣ ଓ ଆପରାଧିକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପକ୍ଷପାତ ରାଜନୀତିକୁ ଉପେକ୍ଷା**

## ମାଙ୍କଡ଼ ପାଇଁ ପୋଲିସକୁ କୋର୍ଟ ନୋଟିସ

**ଜୟପୁର,୬।୫**

ରାଜସ୍ଥାନ ରାଜଧାନୀ ଜୟପୁରର ଚାନ୍ଦୱାଜିରୁ ମାଙ୍କଡ଼କୁ ନେଇ ଅଜବ ଘଟଣା ସାମ୍ନାକୁ ଆସିଛି। ଏକ ହତ୍ୟାକାଣ୍ଡର ଶୁଣାଣି ହେବାକୁ ଥିବାବେଳେ ଗୋଟିଏ ମାଙ୍କଡ଼ ପ୍ରମାଣ ବ୍ୟାଗ୍ ନେଇ ଚମ୍ପଟ ମାରିଛି। କୋର୍ଟ ଘଟଣା ସମ୍ପର୍କରେ ଅବଗତ ହେବାପରେ ତଦନ୍ତକାରୀ ପୋଲିସଙ୍କ ଅବସାବଧାନତା ଦର୍ଶାଇ ନୋଟିସ ଜାରି କରିଛନ୍ତି।

୨୦୧୬ ସେପ୍ଟେମ୍ବରରେ ଚାନ୍ଦୱାଜି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଶିକାନ୍ତ ଶର୍ମା ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଶଶିକାନ୍ତଙ୍କ ମୃତଦେହ ଜବତ ହେବାର ତିନିଦିନ ପୂର୍ବରୁ ସେ ନିଖୋଜ ଥିଲେ। ପ୍ରକାଶିତ ରିପୋର୍ଟ ଅନୁସାରେ ଶଶିକାନ୍ତଙ୍କ ପରିବାର ଏହାକୁ ଏକ ଯୋଜନାବଦ୍ଧ ହତ୍ୟା ବୋଲି ଦାବି କରିବା ସହ ନ୍ୟାୟ ପାଇଁ ସେମାନେ ଦିଲ୍ଲୀ-ଜୟପୁର ହାଇୱେରେ ବିକ୍ଷୋଭ କରିଥିଲେ।

ଚାନ୍ଦୱାଜିରୁ ରାହୁଲ ଓ ମୋହନଲାଲ କାଣ୍ଡେରା ନାମରେ ଦୁଇ ଯୁବକଙ୍କୁ ଗିରଫ କରିବାପରେ ପୋଲିସ ସେମାନଙ୍କୁ ଆଡିସନାଲ ଡିଷ୍ଟ୍ରିକ୍ଟ ଜଜ୍‌ଙ୍କ କୋର୍ଟରେ ହାଜର କରିଥିଲା।

### ପ୍ରମାଣ ବ୍ୟାଗ୍ ନେଇ ଚମ୍ପଟ



ଶୁଣାଣିବେଳେ ପୋଲିସ ଏକ ବ୍ୟାଗ୍‌ରେ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ସାଙ୍ଗକୁ ୧୫ ପ୍ରକାର ପ୍ରମାଣ ରଖିଥିଲା। କୋର୍ଟ ରୁମ୍‌ରେ ଜାଗା ନ ଥିବା କାରଣରୁ ଜଣେ କନଷ୍ଟେବଳ ଏହି ପ୍ରମାଣ ବ୍ୟାଗ୍‌କୁ ଏକ ଗଛତଳେ ରଖିଦେଇଥିବାବେଳେ ଏକ ମାଙ୍କଡ଼ ସେହି ବ୍ୟାଗ୍ ନେଇ ଚାଲିଯାଇଥିବା ପୋଲିସ କହିଛି। ମାମଲାର ଶୁଣାଣି ଦୀର୍ଘ ବର୍ଷ ଧରି କୋର୍ଟରେ ଚାଲିଥିବାବେଳେ ନିକଟରେ ବିଚାରପତି କୋର୍ଟରେ ପ୍ରମାଣ ଦାଖଲ ପାଇଁ ତଦନ୍ତକାରୀ ପୋଲିସକୁ କହିଥିଲେ। ତେବେ ଏକ ମାଙ୍କଡ଼ ପ୍ରମାଣ ବ୍ୟାଗ୍ ଚୋରି କରି ନେଇଥିବା ପୋଲିସ ଲିଖିତ ଆକାରରେ କୋର୍ଟରେ କହିଛି। ଅସାବଧାନତା କାରଣରୁ ଏହା ହୋଇଥିବାବେଳେ କନଷ୍ଟେବଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୋର୍ଟ ନୋଟିସ୍ ଜାରି କରିଛନ୍ତି। କିନ୍ତୁ ସମ୍ପୃକ୍ତ କନଷ୍ଟେବଳ ଚାକିରିରୁ ଅବସର ନେବା ସହ ତାଙ୍କ ମୃତ୍ୟୁ ହୋଇସାରିଥିବା ପୋଲିସ ପକ୍ଷରୁ କୁହାଯାଇଛି।




## ଅଣୁଅସ୍ତ୍ର ବ୍ୟବହାର କରିବନି ରୁଷିଆ

ୟୁକ୍ରେନ୍ ବିରୋଧରେ ରୁଷିଆ ଅଣୁଅସ୍ତ୍ର ବ୍ୟବହାର କରିବ ନାହିଁ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି। ରୁଷିଆର ଆଣବିକ ଅସ୍ତ୍ର ବ୍ୟବହାର ପାଶ୍ଚାତ୍ୟ ଦେଶଗୁଡ଼ିକ ପାଇଁ ବିପଦ ସୃଷ୍ଟି କରିବ ବୋଲି ଆଲୋଚନା ହୋଇଆସୁଛି। ମସ୍କୋ ୟୁକ୍ରେନ୍ ବିରେଧରେ ସ୍ୱତନ୍ତ୍ର ସାମରିକ ଅଭିଯାନ ଚଳାଇଥିବାରୁ ଆଣବିକ ଅସ୍ତ୍ର ବ୍ୟବହାର ହେବ ନାହିଁ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଆଲେକ୍ସି ଜାଇଟ୍‌ସେଭ୍ କହିଛନ୍ତି।

## ସଂକ୍ଷେପରେ

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର,୬।୫:** ଜମ୍ମୁ-କଶ୍ମୀର ଅନନ୍ତନାଗ ଜିଲାର ପହଲଗାମ୍‌ରେ ସୁରକ୍ଷା ଯବାନଙ୍କ ଗୁଳିରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଅମରନାଥ ଯାତ୍ରା ଲାଗି ଏହା ମୁଖ୍ୟ ପଥ ହୋଇଥିବାବେଳେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ରୋକିବାରେ ଏହା ଏକ ବଡ଼ ସଫଳତା ବୋଲି ପୋଲିସ କହିଛି। ମୃତ ୩ ଆତଙ୍କବାଦୀଙ୍କ ମଧ୍ୟରେ ହିଜବୁଲ୍ ମୁଜାହିଦ୍ଦିନର ସର୍ବବରିଷ୍ଠ ସଦସ୍ୟ ଅଶ୍ରଫ ମୋଲ୍‌ଭି ରହିଛନ୍ତି। ଦୁଇବର୍ଷ ବନ୍ଦ ରହିବା ପରେ ଚଳିତ ବର୍ଷ ଜୁନ୍ ୩୦ରୁ ଅମରନାଥ ଯାତ୍ରା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ନାମ ପଞ୍ଜୀକରଣ ଆରମ୍ଭ ହୋଇଥିବାବେଳେ ଆତଙ୍କବାଦୀମାନେ ଯାତ୍ରାରେ ବାଧା ସୃଷ୍ଟି ଲାଗି ଉଦ୍ୟମ ଚଳାଇଛନ୍ତି। ପହଲଗାମ ଜଙ୍ଗଲରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଲୁଚିଥିବା ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ତଲାସି ଅଭିଯାନ ଏନ୍‌କାଉଣ୍ଟରରେ ପରିଣତ ହୋଇଥିଲା ବୋଲି ପୋଲିସ କହିଛି।

### ସାଗରମାଳା କାର୍ଯ୍ୟକ୍ରମରେ ୧,୫୩୭ ପ୍ରକଳ୍ପ ଚିହ୍ନଟ

**ନୂଆଦିଲ୍ଲୀ,୬।୫ (ପି.ଟି.):** ସାଗରମାଳା କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ୧,୫୩୭ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ସରକାର ଚିହ୍ନଟ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକରେ ୬.୫ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ ବୋଲି ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଶୁକ୍ରବାର ସୂଚନା ଦେଇଛନ୍ତି। ସାଗରମାଳା କାର୍ଯ୍ୟକ୍ରମ ଯୋଗୁ ବୃହତ୍ ବନ୍ଦରଗୁଡ଼ିକରେ ଜାହାଜ ପ୍ରତ୍ୟାବର୍ତ୍ତନ ସମୟ ଯଥେଷ୍ଟ ହ୍ରାସ ପାଇଛି। ଦେଶର ୭୫ଟି ଉପକୂଳ ଜିଲାର ସମ୍ପୂର୍ଣ୍ଣ ବିକାଶ ଦିଗରେ ସରକାର କାର୍ଯ୍ୟ କରୁଥିବା ସୋନୋୱାଲ ଜାତୀୟ ସାଗରମାଳା ସର୍ବୋଚ୍ଚ କମିଟି ବୈଠକରେ କହିଛନ୍ତି।

### ମଣିପୁରରେ ଆଉ ଏକ ବିସ୍ଫୋରଣ

**ଇମ୍ଫାଲ,୬।୫:** ମଣିପୁରର ଇମ୍ଫାଲ ଇଷ୍ଟ ଜିଲାରେ ଶୁକ୍ରବାର ସକାଳେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଛି। ରିମୋଟ କଣ୍ଟ୍ରୋଲ ଦ୍ୱାରା ହୋଇଥିବା ଏହି ବିସ୍ଫୋରଣରେ ୪ଟି କାର୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଦିନକ ପୂର୍ବରୁ ଇମ୍ଫାଲ ସହରର ନାଗମପାଲସ୍ଥିତ ଏକ ସ୍ପେୟାରପାର୍ଟ୍ସ ଦୋକାନ ଆଗରେ ଆଇଇଡି ବିସ୍ଫୋରଣ ହୋଇଥିଲା। ଦୁଇଟିଯାକ ବିସ୍ଫୋରଣ ଭୋର ସମୟରେ ହୋଇଥିବାରୁ କେହି ମୃତାହତ ହୋଇନାହାନ୍ତି।

### 'ଭାଇ ମୋତେ ୨ ଥର ହତ୍ୟା ପାଇଁ ଉଦ୍ୟମ କରିଥିଲେ'

**ହାଇଦ୍ରାବାଦ,୬।୫:** ହାଇଦ୍ରାବାଦ ବିଚ୍ ରାସ୍ତାରେ ଜଣେ ହିନ୍ଦୁ ଯୁବକଙ୍କୁ ବୀଭତ୍ସ ଭାବେ ହତ୍ୟା କରିବା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ଘେଲାଇଦେଇଛି। ଘଟଣା ନେଇ ମୃତ ବି. ନାଗାରାଜୁଙ୍କ ସ୍ତ୍ରୀ ଶୟଦ ଅଶରିନ ସୁଲତାନଙ୍କ ବୟାନ ସାମ୍ନାକୁ ଆସିଛି। ଦୁହିଙ୍କ ସମ୍ପର୍କକୁ ଶୟଦଙ୍କ ପରିବାର ଲୋକେ ବିରୋଧ କରୁଥିବାବେଳେ ଏ ନେଇ ତାଙ୍କ ଭାଇ ଦୁଇଥର ତାଙ୍କୁ ଜୀବନରୁ ମାରି ଦେବାର ଉଦ୍ୟମ କରିଥିବା ସେ କହିଛନ୍ତି । ବିବାହ ପୂର୍ବରୁ ଦୁହେଁ ଜାଣିଥିଲେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି, ଯାହାପାଇଁ ସେମାନେ ସବୁବେଳେ ସତର୍କ ହୋଇ ରହୁଥିବା କଥା ସେ କହିଛନ୍ତି। ଏଥିସହ ଶୟଦଙ୍କ ମା' ତାଙ୍କୁ ଏ ନେଇ ସବୁବେଳେ ସତର୍କ ରହିବାକୁ କହୁଥିଲେ। ତିନିମାସ ପୂର୍ବେ ଦୁହେଁ ଘରୁ ଲୁଚି ପଳାଇ ଆର୍ଯ୍ୟ ସମାଜ ମନ୍ଦିରରେ ବାହା ହୋଇଥିଲେ।

### କ୍ୟାରିନ୍ ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ

**ୱାଶିଂଟନ,୬।୫:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ ଭାବେ କୃଷ୍ଣକାୟ କ୍ୟାରିନ୍ ଜିନ୍‌ପିଏରେଙ୍କ ନାମ ଘୋଷଣା କରିଛନ୍ତି।



ଆମେରିକା ଇତିହାସରେ ପ୍ରଥମଥର ପାଇଁ ଜଣେ କୃଷ୍ଣକାୟ ଏବଂ ଏଲ୍‌ଜିବିଟି ମହିଳାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ମିଳିଛି। ବର୍ତ୍ତମାନର ପ୍ରେସ୍ ସଚିବ ଇନ୍‌କୁମବେଣ୍ଟ ଜେନ୍ ସାକି ଆସନ୍ତା ୧୩ରେ ଅବସର ନେବେ। ୧୯୭୭ ଅଗଷ୍ଟ ୧୩ରେ ଫୋରର୍ଟ-ଡି-ଫ୍ରାନ୍ସରେ ଜନ୍ମିତ କ୍ୟାରିନ୍ ଜଣେ ପଲିଟିକାଲ କ୍ୟାମ୍ପେନର, ସାମାଜିକ କର୍ମୀ ଓ ଲେଖିକା। ସେ ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ଚିଫ୍ ଅଫ୍ ଷ୍ଟାଫ୍ ଦାୟିତ୍ୱରେ କିଛିଦିନ ରହିଥିଲେ ।

# ଆଗରେ ଅନେକ ଆହ୍ୱାନ

## ୯ରେ ଫିଲିପାଇନ୍ସ ରାଷ୍ଟ୍ରପତି ନିର୍ବାଚନ



ଲେନି ରୋବ୍ରେଡୋ



ଫର୍ଡିନାଣ୍ଡ ମାର୍କୋସ ଜୁନିୟର

**ମାନିଲା,୬।୫**

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ଫିଲିପାଇନ୍ସ ମେ' ୯ରେ ନୂଆ ରାଷ୍ଟ୍ରପତି ବାଛିବ। ୧୯୩୫ ମସିହାରୁ ଚାଲିଥିବା ସାଧାରଣ ନିର୍ବାଚନରେ ଏଥର ସପ୍ତଦଶ ରାଷ୍ଟ୍ରପତି ଓ ଷୋଡ଼ଶ ଉପରାଷ୍ଟ୍ରପତି ନିର୍ବାଚିତ ହେବେ। ୧୯୮୭ରେ ପ୍ରଣୀତ ଫିଲିପାଇନ୍ସ ସମ୍ବିଧାନ ଅନୁସାରେ ବର୍ତ୍ତମାନର ରାଷ୍ଟ୍ରପତି ରୋର୍ଡିଗୋ ଡୁଟେର୍ଟେ ପୁନଃ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅଯୋଗ୍ୟ। କିନ୍ତୁ ଉପରାଷ୍ଟ୍ରପତି ଲେନି ରୋବ୍ରେଡୋ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ତେଣୁ ସେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭାଗ୍ୟ ପରୀକ୍ଷା କରୁଛନ୍ତି। ଏଥର ଦୁଇଟି ଭିନ୍ନ ରାଜନୈତିକ ଦଳରୁ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚିତ ହୋଇପାରନ୍ତି। ଦେଶରେ ପ୍ରଥମ ଥର ପାଇଁ ଏପରି ରାଷ୍ଟ୍ରପତି ନିର୍ବାଚନ ହେଉଛି, ଯେଉଁଠି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜନ୍ମିତ।

ଫିଲିପାଇନ୍ସ ପ୍ରେସିଡେନ୍ସି ପାଇଁ ଘୋଡ଼ାଦୌଡ଼ ଆରମ୍ଭ ହୋଇଛି। ସୋମବାର ହେବାକୁ ଥିବା ଏହି ଦୌଡ଼ରେ ଆଗରେ ରହିଛନ୍ତି ବର୍ତ୍ତମାନର ଉପରାଷ୍ଟ୍ରପତି ଲେନି ରୋବ୍ରେଡୋ ଏବଂ ଫର୍ଡିନାଣ୍ଡ ମାର୍କୋସ ଜୁନିୟର। ମାର୍କୋସ ହେଉଛନ୍ତି କୁଖ୍ୟାତ୍ ଏକଛତ୍ରବାଦୀ ଶାସକ ଫର୍ଡିନାଣ୍ଡ ଇମାନ୍ୱେଲ ଇଡ୍ରାଲିନ୍ ମାର୍କୋସ୍‌ଙ୍କ ପୁଅ, ଯାହାଙ୍କ ଦୁଇ ଦଶନ୍ଧିର ଶାସନରୁ ୧୯୮୬ ବିଦ୍ରୋହର ସୂତ୍ରପାତ ହୋଇଥିଲା। କୁହାଯାଉଛି ଯେ, ପାଟ୍ରିଡୋ ଫେଡେରାଲ ଫିଲିପିନାସ୍ (ପିଏଫ୍‌ପି) ପ୍ରାର୍ଥୀ ମାର୍କୋସ ଜୁନିୟର ଜିତିଲେ ଦେଶକୁ ତାଙ୍କ ବାପାଙ୍କ ଭଳି ଶାସନ କରିବେ ନାହିଁ। କିନ୍ତୁ ବର୍ତ୍ତମାନର ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କ ଭଳି ମାର୍କୋସଙ୍କ ଷ୍ଟ୍ରଙ୍ଗ୍‌ମ୍ୟାନ୍ ଷ୍ଟାଇଲକୁ ବି ଦେଶବାସୀ ପସନ୍ଦ କରିବେ। ମାର୍କୋସଙ୍କ ରନିଂ ମେଟ୍ ଅର୍ଥାତ୍ ଉପରାଷ୍ଟ୍ରପତି ପ୍ରାର୍ଥୀ ହେଉଛନ୍ତି ରାଷ୍ଟ୍ରପତିଙ୍କ ଝିଅ ସାରା ଡୁର୍ଟେର୍ଟେ, ଯିଏକି ଏହି ପଦ ପାଇଁ ମଇଦାନକୁ ଓହ୍ଲାଇଥିବା ଏକମାତ୍ର ମହିଳା ପ୍ରାର୍ଥୀ। ସେ ଲାକାସ୍ ସିଏମ୍‌ଡି ଟିକେଟରେ ଲଢୁଛନ୍ତି। ସେହିପରି ଏକମାତ୍ର ମହିଳା ରାଷ୍ଟ୍ରପତି (ସ୍ୱାଧୀନ) ପ୍ରାର୍ଥୀ ଲେନି ରୋବ୍ରେଡୋଙ୍କ ରନିଂ ମେଟ୍ ହେଉଛନ୍ତି ଫ୍ରାନ୍ସିସ୍ ପାଙ୍ଗିଲିନାନ୍। ରୋବ୍ରେଡୋ ବିଜୟୀ ହେଲେ ଫିଲିପାଇନ୍ସରେ କୋହଳ ନୀତି ଆପଣାଇ ତାଲିମ, ସ୍ୱାସ୍ଥ୍ୟସେବା, ଦାରିଦ୍ର୍ୟ ଓ ଲିଙ୍ଗଗତ ସମାନତା ଭଳି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି। ସେ ସାମାଜିକ କଲ୍ୟାଣକୁ ତ୍ୱରାନ୍ୱିତ କରି ବେକାରି ସମସ୍ୟା ଦୂର କରିବେ ବୋଲି ଏକ ସଭାରେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ରୋବ୍ରେଡୋଙ୍କ ରାଷ୍ଟ୍ରପତିତ୍ୱ ସେତେଟା ସହଜ ହୋଇ ନ ପାରେ। ଉପରାଷ୍ଟ୍ରପତି ଭାବେ ରୋବ୍ରେଡୋ ଘୃଣା ଓ ଅପପ୍ରଚାର ବିରୋଧୀ ଅଭିଯାନର ନେତୃତ୍ୱ ନେଇ ରାଷ୍ଟ୍ରପତି ଡୁଟେର୍ଟେଙ୍କ ପାଇଁ ଅଡୁଆର କାରଣ ସାଜିଥିଲେ।

ତେବେ କୋଭିଡ୍ ମହାମାରୀ ପରେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଫିଲିପାଇନ୍ସର ଅର୍ଥନୀତି ସଜାଡ଼ିବା ପାଇଁ କୌଣସି ପ୍ରାର୍ଥୀ ନିର୍ବାଚନୀ ପ୍ରତିଶ୍ରୁତି ଦେଇନାହାନ୍ତି, ଯଦିଓ ଏଥିରେ ସଂସ୍କାର ଆଣିବା କଥା ସମସ୍ତେ କହୁଛନ୍ତି। ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ଓ ସାମରିକ ପରିଚାଳନାକୁ ମଜଭୁତ୍ କରିବା ପାଇଁ ଆମେରିକାର ପ୍ରତିରକ୍ଷା ସହଯୋଗ ଜରୁରୀ। ତେଣୁ ଦୁହିଁଙ୍କ ମଧ୍ୟରୁ ଯିଏ ଜିତିଲେ ବି ଆମେରିକା ସହ ଫିଲିପାଇନ୍ସର ଦୀର୍ଘ ସମ୍ପର୍କ ପୂର୍ବଭଳି ରହିବ। ଚାଇନା ସହିତ ମାର୍କୋସଙ୍କ ସୁସମ୍ପର୍କ ଥିବାରୁ ସେ ରାଷ୍ଟ୍ରପତି ହେଲେ ବେଜିଂ ସହ ଦ୍ୱିପାକ୍ଷିକ ସହଯୋଗିତା ବଢ଼ିପାରେ।

## ୟୁଏନ୍‌ଏସ୍‌ସିରେ ଭାରତର ମତ

### ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ କେହି ବିଜୟୀ ହେବେ ନାହିଁ

**ଜାତିସଂଘ,୬।୫**

ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ କୌଣସି ପକ୍ଷ ବିଜୟୀ ହେବେନାହିଁ ବୋଲି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଭାରତ କହିଛି। ଆକ୍ରମଣ ହେଉଥିବା ଅଞ୍ଚଳରୁ ନିରୀହ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯିବା ଜରୁରୀ ବୋଲି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଟି.ଏସ୍. ତିରୁମୂର୍ତ୍ତି କହିଛନ୍ତି। ଭାରତ ସର୍ବଦା ଶାନ୍ତି ପକ୍ଷରେ ରହିଆସିଥିବା ସେ ସ୍ପଷ୍ଟ କରିଛନ୍ତି। ୟୁକ୍ରେନ୍ ଯୁଦ୍ଧ ଆରମ୍ଭରୁ ଭାରତ ଏହାକୁ ବନ୍ଦ କରିବା ପାଇଁ ଦାବି କରିଆସୁଛି। ଆଲୋଚନା ଓ କୂଟନୈତିକ ମାର୍ଗରେ ବିବାଦର ସମାଧାନ ହୋଇପାରିବ ବୋଲି ତିରୁମୂର୍ତ୍ତି ୟୁଏନ୍‌ଏସ୍‌ସିରେ କହିଛନ୍ତି। ଯୁଦ୍ଧ ଯୋଗୁ ଅନେକ ଲୋକଙ୍କ ଜୀବନ ଗଲାଣି। ମହିଳା, ପିଲା ଓ ବୟସ୍କ ଲୋକମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଲକ୍ଷାଧିକ ଲୋକ ଘରଦ୍ୱାର ହରାଇ ପଡୋଶୀ ଦେଶରେ ଶରଣ ନେବାକୁ ବାଧ୍ୟ ହୋଇଛନ୍ତି। ୟୁକ୍ରେନର ବୁଚା ସହରରେ ନିରୀହ ନାଗରିକଙ୍କ ମୃତ୍ୟୁକୁ ଭାରତ ଦୃଢ଼ ନିନ୍ଦା କରିବା ସହ ଏହାର ନିରପେକ୍ଷ ତଦନ୍ତ ଆହ୍ୱାନକୁ ସମର୍ଥନ କରିଆସିଛି ବୋଲି ତିରୁମୂର୍ତ୍ତି କହିଛନ୍ତି।



ନଭି ମୁମ୍ବାଇରେ ଏକ କେମିକାଲ ଫ୍ୟାକ୍ଟ୍ରିରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଧୂଆଁ ଉଠୁଛି।

## ଭାଜପା କର୍ମୀଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବିକଲେ ଶାହା

**କୋଲକାତା,୬।୫**

କୋଲକାତାର କାଶୀପୁରରେ ଭାଜପା ଯୁବକର୍ମୀ ଅର୍ଜୁନ ଚୌରାସିଆଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଦାବି କରିଛନ୍ତି। ପଶ୍ଚିମବଙ୍ଗରେ ହିଂସା ସଂସ୍କୃତି ଓ ଭୟର ମାନସିକ ବିକୃତି ପ୍ରସାରିତ ହେଉଥିବା ସେ କହିଛନ୍ତି। ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଥିବା ଶାହା ଶୁକ୍ରବାର ଚୌରାସିଆଙ୍କ ଘରକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ଚୌରାସିଆଙ୍କ ମୃତଦେହ ଏକ ପରିତ୍ୟକ୍ତ କୋଠାରେ ରହସ୍ୟମୟ ଭାବେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ରାଜ୍ୟରେ ଟିଏମ୍‌ସି ସରକାର ଗୁରୁବାର ବର୍ଷେ ପୂରଣ କରିବା ପରେ ପୁଣି ରାଜନୈତିକ ହତ୍ୟାକାଣ୍ଡ ଆରମ୍ଭ ହୋଇଯାଇଛି। ଭାଜପା ଏହାକୁ ନିନ୍ଦା କରିବା ସହ ଏହାର ସିବିଆଇ ତଦନ୍ତ ଦାବି କରୁଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ତାଙ୍କ ମୃତ୍ୟୁ ପଛରେ ଯିଏ ଥାଆନ୍ତୁ ନା କାହିଁକି ନିଶ୍ଚୟ ଦଣ୍ଡ ପାଇବେ। ଏନେଇ ତାଙ୍କ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଥିବା ଶାହା କହିଛନ୍ତି।

## ହିମାଳୟରେ ପର୍ବତାରୋହୀଙ୍କ ମୃତ୍ୟୁ

**କାଠମାଣ୍ଡୁ,୬।୫**

ହିମାଳୟର କାଞ୍ଚନଜଙ୍ଘା ଶୃଙ୍ଗ ନିକଟରେ ଜଣେ ଭାରତୀୟ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ଚଳିତ ବର୍ଷ ହିମାଳୟ ଆରୋହଣ ଋତୁରେ ଏହା ତୃତୀୟ ମୃତ୍ୟୁ ଘଟଣା। ବିଶ୍ୱର ତୃତୀୟ ସର୍ବୋଚ୍ଚ ଗିରିଶୃଙ୍ଗ କାଞ୍ଚନଜଙ୍ଘା ନିକଟ ତଥା ୮,୨୦୦ ମିଟର ଉଚ୍ଚରେ ନାରାୟଣନ ଆୟେର (୫୨)ଙ୍କର ଗୁରୁବାର ମୃତ୍ୟୁ ହୋଇଛି। ସେ ଅନ୍ୟମାନଙ୍କ ଅପେକ୍ଷା ଧୀର ଗତିରେ ଅଗ୍ରସର ହେଉଥିବାରୁ ତାଙ୍କୁ ଦୁଇ ଜଣ ସହାୟକ ଦିଆଯାଇଥିଲା। ତେବେ ସେ ଅବଶ ହୋଇପଡ଼ି ଆଉ ଆଗକୁ ଆଗେଇ ପାରି ନ ଥିଲେ। ସେଠାରେ ତାଙ୍କର ପରଲୋକ ହୋଇଯାଇଥିଲା ବୋଲି ଦୁଃସାହସିକ ଅଭିଯାନ ଆୟୋଜନକାରୀ କମ୍ପାନୀ ପାଓନିୟର ଆଡଭେଞ୍ଚରର ନିବେଶ କର୍କି କହିଛନ୍ତି। ୮,୫୮୬ ମିଟର ଉଚ୍ଚତା ବିଶିଷ୍ଟ କାଞ୍ଚନଜଙ୍ଘାରେ ଆରୋହଣ ଲାଗି ନେପାଳ ସରକାର ୬୮ ବିଦେଶୀଙ୍କୁ ଅନୁମତି ପ୍ରଦାନ କରିଥିଲେ।



ନାରାୟଣନ ଆୟେର

## ଡାକବାଜି ଯନ୍ତ୍ର ବ୍ୟବହାର ମୌଳିକ ଅଧିକାର ନୁହେଁ: ହାଇକୋର୍ଟ

**ପ୍ରୟାଗରାଜ,୬।୫ (ଆଇଏଏନ୍‌ଏସ୍)**

ମସ୍‌ଜିଦରେ ଡାକବାଜି ଯନ୍ତ୍ର ଲଗାଇବା ଲାଗି ଏକ ଆବେଦନକୁ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଡାକବାଜି ଯନ୍ତ୍ର ବ୍ୟବହାର କରିବା ମୌଳିକ ଅଧିକାର ନୁହେଁ ବୋଲି ଅଦାଲତ କହିଛନ୍ତି। ଆଜାନ ପାଇଁ ନୂରୀ ମସ୍‌ଜିଦରେ ଡାକବାଜି ଯନ୍ତ୍ର ସ୍ଥାପନ ଲାଗି ହୋଇଥିବା ଆବେଦନକୁ ୨୦୨୧ ଡିସେମ୍ବର ୩ରେ ବିସୌଲି ଏସ୍‌ଡିଏମ୍ ଖାରଜ କରିଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ଇର୍ଫାନ୍ ନାମକ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ମସ୍‌ଜିଦରେ ଡାକବାଜି ଯନ୍ତ୍ର ବ୍ୟବହାର ସାମ୍ବିଧାନିକ ଅଧିକାର ନୁହେଁ କହି ଜଷ୍ଟିସ ବିବେକ କୁମାର ବିର୍ଲା ଏବଂ ବିକାଶ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

ଧର୍ମୀୟ ସ୍ଥଳରେ ଡାକବାଜି ଯନ୍ତ୍ର ବ୍ୟବହାରକୁ ନେଇ ଏବେ ବିଭିନ୍ନ ରାଜ୍ୟରେ ବିବାଦ ଦେଖାଦେଇଛି। ମହାରାଷ୍ଟ୍ରରେ ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ୍ ଠାକ୍‌ରେ ମସ୍‌ଜିଦରୁ ଡାକବାଜି ଯନ୍ତ୍ର ହଟାଇବା ପାଇଁ ଆହ୍ୱାନ ଦେବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି।

### ଲାଉଡ୍‌ସ୍ପିକର ବିବାଦରୁ ହିଂସା: ଜଣେ ମୃତ

**ଅହମଦାବାଦ,୬।୫ :** ମନ୍ଦିରରେ ଉଚ୍ଚ ଶବ୍ଦରେ ଡାକବାଜି ଯନ୍ତ୍ର ବ୍ୟବହାରକୁ ନେଇ ଗୁଜରାଟରେ ସପ୍ତାହେ ମଧ୍ୟରେ ଦୁଇଟି ହିଂସାକାଣ୍ଡ ଘଟିଲାଣି। ଏଥିରେ ଜଣଙ୍କର ଜୀବନ ଯାଇଛି। ଅହମଦାବାଦର ବାଭଲା ତାଲୁକ ଅନ୍ତର୍ଗତ ମିଠାପୁର ଗ୍ରାମରେ ଗତ ୨ ତାରିଖରେ କେତେଜଣ ଲୋକ ଖଣ୍ଡା ଓ ଲୁହାରଡ଼ରେ ଗୋଟିଏ ପରିବାରର ୯ ଜଣଙ୍କୁ ଆକ୍ରମଣ କରିଥିଲେ। ଉକ୍ତ ପରିବାରର ଦୁଇ ମହିଳା ସଦସ୍ୟାଙ୍କ ଅବସ୍ଥା ଗୁରୁତର ରହିଛି। ସେହିପରି ୪ ତାରିଖରେ ଡାକବାଜି ଯନ୍ତ୍ର ବଜାଇବାକୁ ନେଇ ମେହସାନା ଗ୍ରାମରେ ଜଣେ ୪୨ ବର୍ଷୀୟ ବ୍ୟକ୍ତିଙ୍କୁ ତାଙ୍କ ନିଜ ସମ୍ପ୍ରଦାୟର କେତେଜଣ ଲୋକ ପିଟି ମାରିଦେଇଛନ୍ତି।

## ଡବ୍ଲ୍ୟୁଏଚ୍‌ଓ ରିପୋର୍ଟକୁ ନେଇ ବିବାଦ

# ମୃତ୍ୟୁସଂଖ୍ୟା ସ୍ପଷ୍ଟ ଲାଗି କମିଶନ ବସାଅ

- କେନ୍ଦ୍ରକୁ କଂଗ୍ରେସର ଟାର୍ଗେଟ
- ଭାଜପା କହିଲା ରାଜନୀତି କରୁଛନ୍ତି ରାହୁଲ

**ନୂଆଦିଲ୍ଲୀ,୬।୫**

ଭାରତରେ କୋଭିଡ୍ ମହାମାରୀରେ ୪୭ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ରିପୋର୍ଟ ପ୍ରକାଶ ପାଇବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ମୃତ୍ୟୁସଂଖ୍ୟା ସ୍ପଷ୍ଟ କରିବା ନିମନ୍ତେ ସବୁ ରାଜନୈତିକ ଦଳର ସଦସ୍ୟଙ୍କୁ ନେଇ ଏକ କମିଶନ ଗଠନ ଲାଗି କଂଗ୍ରେସ ଶୁକ୍ରବାର ଦାବି କରିଛି। ଏଥିସହିତ ସମସ୍ତ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇଦେବା ଲାଗି ଦଳ ପକ୍ଷରୁ ଦାବିକୁ ପୁନର୍ବାର ଦୋହରାଯାଇଛି। ସରକାର କୋଭିଡ୍ ମୃତ୍ୟୁସଂଖ୍ୟା ଲୁଚାଇଛନ୍ତି। ମହାମାରୀରେ ଦେଶର ୪୭ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ସରକାର ଏହାକୁ ୫.୨୪ ଲକ୍ଷ ଦର୍ଶାଇ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଛ କହୁଛନ୍ତି, ବିଜ୍ଞାନ କେବେ ମିଛ ହେବ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟ୍ କରିଛନ୍ତି। ଆତ୍ମୀୟଙ୍କୁ ହରାଇଥିବା ପରିବାରଗୁଡ଼ିକୁ ସହାୟତା ସ୍ୱରୂପ ୪ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଅନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।



କୋଭିଡ୍ ମହାମାରୀରେ ସାରା ବିଶ୍ୱରୁ ୧.୪୯ କୋଟି ଲୋକଙ୍କ ମୃତ୍ୟୁ ଘଟିଥିବା ଗୁରୁବାର ଡବ୍ଲ୍ୟୁଏଚ୍‌ଓ ପ୍ରକାଶ କରିଥିବା ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଭାରତରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ସରକାରୀ ଭାବେ ଦର୍ଶାଯାଇଥିବା ସଂଖ୍ୟା ତୁଳନାରେ ୧୦ ଗୁଣ ଅଧିକ। ଏହା ବିଶ୍ୱ ମୃତ୍ୟୁସଂଖ୍ୟାର ପାଖାପାଖି ଏକ-ତୃତୀୟାଂଶ ବୋଲି ଜଣାପଡ଼ିଛି। ମହାମାରୀର ଦ୍ୱିତୀୟ ଲହର ବେଳେ ଅକ୍ସିଜେନ୍, ଔଷଧ ଓ ହସ୍ପିଟାଲରେ ବେଡ୍ ନ ପାଇ ରୋଗୀଙ୍କ ଜୀବନ ଯାଉଥିବାବେଳେ ସରକାର ମୃତ୍ୟୁସଂଖ୍ୟା ଲୁଚାଇବା କାର୍ଯ୍ୟରେ ବ୍ୟସ୍ତ ଥିଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ଦେଶବାସୀ ସତ ଜାଣିବା ଆବଶ୍ୟକ। ମୋଦି ସରକାର ଭାରତକୁ ବିଶ୍ୱ ଦରବାରରେ ପୁଣିଥରେ ନିମ୍ନ ସ୍ତରକୁ ନେଇଯାଇଥିବା କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ ଅଭିଯୋଗ କରିଛନ୍ତି। ମୃତ୍ୟୁ ସମ୍ପର୍କିତ ସତ ପଦାକୁ ଆଣିବା ଲାଗି କମିଶନ ଗଠନ ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଏନେଇ ସରକାରଙ୍କ ନିଦ କେବେ ଭାଙ୍ଗିବ ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର କୋଭିଡ୍ ପରିଚାଳନାରେ ବିଫଳ ହୋଇଥିବା ସଦ୍ୟ ପ୍ରକାଶିତ ଡବ୍ଲ୍ୟୁଏଚ୍‌ଓ ରିପୋର୍ଟରୁ ସ୍ପଷ୍ଟ ହୋଇଯାଇଛି। ଦ୍ୱିତୀୟ ଲହର ସମୟରେ ଗଙ୍ଗାନଦୀରେ ହଜାର ହଜାର ଶବ ଭାସୁଥିବାବେଳେ ସାରା ବିଶ୍ୱ ମୋଦିଙ୍କ ପରିଚାଳନା ଷ୍ଟାଇଲ୍‌କୁ ଦେଖିଥିଲା ବୋଲି କଂଗ୍ରେସ ମୁଖପାତ୍ର କହିଛନ୍ତି।

ଅନ୍ୟପକ୍ଷରେ କୋଭିଡ୍ ମୃତ୍ୟୁକୁ ନେଇ ରାହୁଲ ଗାନ୍ଧୀ ରାଜନୀତି କରୁଥିବା ଭାଜପା ଅଭିଯୋଗ କରିଛି। ଡବ୍ଲ୍ୟୁଏଚ୍‌ଓ ଡାଟା ଏବଂ କଂଗ୍ରେସ ବେଟା (ରାହୁଲ) ଉଭୟ ଭୁଲ୍ ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ଡବ୍ଲ୍ୟୁଏଚ୍‌ଓ ଆକଳନ ତ୍ରୁଟିପୂର୍ଣ୍ଣ

#### ସିସିଏଚ୍‌ଏଫ୍‌ଡବ୍ଲ୍ୟୁରେ ପ୍ରସ୍ତାବ ଗୃହୀତ

**କେଭାଡିଆ,୬।୫ (ପି.ଟି.)**

କୋଭିଡ୍-୧୯ ମହାମାରୀରେ ଭାରତରେ ୪୭ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ଉପରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପରିଷଦ (ସିସିଏଚ୍‌ଏଫ୍‌ଡବ୍ଲ୍ୟୁ) ଦୃଢ଼ ପ୍ରତିବାଦ ଜଣାଇଛି। ଡବ୍ଲ୍ୟୁଏଚ୍‌ଓ ମୃତ୍ୟୁସଂଖ୍ୟା ଆକଳନ ଲାଗି ବ୍ୟବହାର କରିଥିବା ମଡେଲ ତ୍ରୁଟିପୂର୍ଣ୍ଣ ବୋଲି ସିସିଏଚ୍‌ଏଫ୍‌ଡବ୍ଲ୍ୟୁରେ ଗୃହୀତ ହୋଇଥିବା ଏକ ପ୍ରସ୍ତାବରେ କୁହାଯାଇଛି। ଭାରତ ସରକାର ସ୍ୱଚ୍ଛ ଓ ଆଇନଗତ ପ୍ରକ୍ରିୟା ଅନୁସରଣ କରି ବ୍ୟବସ୍ଥିତ ଭାବେ କୋଭିଡ୍ ମୃତ୍ୟୁ ରେକର୍ଡ ପ୍ରସ୍ତୁତ କରିଛି। ତେଣୁ ଡବ୍ଲ୍ୟୁଏଚ୍‌ଓ ଆକଳନ ଗ୍ରହଣୀୟ ନୁହେଁ ବୋଲି ସିସିଏଚ୍‌ଏଫ୍‌ଡବ୍ଲ୍ୟୁ କହିଛି। ଗୁଜରାଟର କେଭାଡିଆଠାରେ ଚାଲିଥିବା ସିସିଏଚ୍‌ଏଫ୍‌ଡବ୍ଲ୍ୟୁ ସମ୍ମିଳନୀର ଦ୍ୱିତୀୟ ଦିନରେ ୨୦ଟି ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟକୁ ଅଗ୍ରାହ୍ୟ କରିବା ସହ ଭାରତର ଅସନ୍ତୋଷ ଡବ୍ଲ୍ୟୁଏଚ୍‌ଓକୁ ଜଣାଇବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ ଅନୁରୋଧ କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୬୧,୦୩,୪୬୬ | ୬୨,୭୩,୦୭୩ | ୪୭,୦୮,୯୬,୩୯୧ |
| ଭାରତ | ୪,୩୦,୯୪,୫୪୮ | ୫,୨୩,୯୭୫ | ୪,୨୫,୪୭,୬୯୯ |
| ଓଡ଼ିଶା | ୧୨,୮୮,୧୧୭ | ୯୧୨୬(+୫୩) | ୧୨,୭୮,୮୩୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଗୀତାଞ୍ଜଳି ଦାଶ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂଆ କୁଳପତି

ଭୁବନେଶ୍ୱର,୬।୫(ବ୍ୟୁରୋ): ପ୍ରଫେସର ଗୀତାଞ୍ଜଳି ଦାଶ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ଶୁକ୍ରବାର ନିଯୁକ୍ତି ପାଇଛନ୍ତି। ରାଜ୍ୟପାଳ ତଥା କୁଳାଧିପତି



ପ୍ରଫେସର ଗଣେଶୀ ଲାଲ୍ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଦାୟିତ୍ୱ ଗ୍ରହଣ ଦିନଠାରୁ ୪ ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଗୀତାଞ୍ଜଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ରହିବେ। ସେ ହେଉଛନ୍ତି ଫକୀରମୋହନ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ଅବସରପ୍ରାପ୍ତ ପ୍ରଫେସର। ଅଧାପନା କ୍ଷେତ୍ରରେ ତାଙ୍କର ୩୬ ବର୍ଷର ଅଭିଜ୍ଞତା ରହିଛି। ସେ ୧୨ ବର୍ଷ ପ୍ରଫେସର ରହିଥିଲେ। ପ୍ରଫେସର ଦାଶ ଏ ପର୍ଯ୍ୟନ୍ତ ୫ଟି ପୁସ୍ତକ ଲେଖିଛନ୍ତି। ୪ ଜଣ ତାଙ୍କ ମାର୍ଗଦର୍ଶନରେ ପିଏଚ୍.ଡି. ହାସଲ କରିଥିବା ବେଳେ ୩୫ଜଣ ଏମ୍.ଫିଲ୍. କରିଛନ୍ତି।

### ବଡ଼ସାହି ତହସିଲଦାର ନିଲମ୍ବିତ

#### ବେଆଇନ ବାଲି ଉତ୍ତୋଳନକୁ ନେଇ କାର୍ଯ୍ୟାନୁଷ୍ଠାନ

**ବାରିପଦା ଅଫିସ,୬।୫:** ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ଆରପଟା ଓ ଡିଙ୍ଗିରା ସଇରାତରୁ ବେଆଇନ ବାଲି ଉତ୍ତୋଳନ ଘଟଣା ଭିନ୍ନମୋଡ଼ ନେଇଛି। ଏନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ଚାଲିଥିବା ବେଳେ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ (ଆଦେଶ ସଂଖ୍ୟା୧୪୫୦୨/୬।୫।୨୦୨୨) ତହସିଲଦାର ମମତାଜ ମହାରଣାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତହସିଲଦାର ମହାରଣାଙ୍କ ନାଁରେ ବଡ଼ସାହି ଥାନାରେ ମାମଲା ମଧ ରୁଜୁ ହୋଇଛି। ଏହି ଘଟଣାରେ ଲିଜଧାରୀ ପ୍ରଦୀପ ବିନ୍ଧାଣୀଙ୍କୁ ଗତ ୨ ତାରିଖରେ କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଉଭୟ ବାଲି ସଇରାତରେ ପ୍ରଶାସନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୪୪ ଧାରା ଜାରି କରାଯାଇଛି।

### ଆଜି ସରିବ ମାଟ୍ରିକ ପରୀକ୍ଷା

#### ସଂସ୍କୃତରେ କପି କରି ଧରାପଡ଼ିଲେ ୩୧ ଛାତ୍ରୀଛାତ୍ର

**କଟକ ଅଫିସ,୬।୫:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା (ସମେଟିଭ ଆସେସମେଣ୍ଟ-୨) ଶନିବାର ଶେଷ ହେଉଛି। ଗତ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷା ରାଜ୍ୟର ୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦେଉଛନ୍ତି। ଶୁକ୍ରବାର ସଂସ୍କୃତ ପରୀକ୍ଷା ହୋଇଥିବାବେଳେ ଏଥିରେ କପି କରି ୩୧ ଜଣ ପରୀକ୍ଷାର୍ଥୀ ଧରାପଡିଥିବା ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ସେହିପରି ଇଂଲିଶ ପରୀକ୍ଷାରେ ୨୩, ଗଣିତରେ ୧୮, ସାଧାରଣ ବିଜ୍ଞାନରେ ୩୨, ଓଡ଼ିଆରେ ୯ ଜଣ ଛାତ୍ରୀଛାତ୍ର ଜଣ କପି କରି ଧରାପଡିଛନ୍ତି। କଟକ ଜିଲାରେ ମୋଟ୍ ୩୦, ୭୦୪ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବାବେଳେ ୨୯, ୨୯୫ ଜଣ ପରୀକ୍ଷା ଦେଇଥିବା କଟକ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

### ଲୋକଙ୍କୁ ନିରବଚ୍ଛିନ୍ନ ବିଜୁଳି ଯୋଗାଅ: ବାଚସ୍ପତି

ଭୁବନେଶ୍ୱର,୬।୫(ବ୍ୟୁରୋ) ବିଧାନସଭା ବିଦ୍ୟୁତ୍ ଓ ଶକ୍ତି ବିଭାଗ ଗୃହ କମିଟିର ପ୍ରଥମ ବୈଠକରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଅଧକ୍ଷତା କରି ଗ୍ରାମାଞ୍ଚଳ ବିଦ୍ୟୁତ୍ ସମସ୍ୟା ସୁଧାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ବିଦ୍ୟୁତ୍ ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିବାରୁ ରାଜ୍ୟବାସୀ ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା ପାଇବା ତାଙ୍କର ନ୍ୟାଯ୍ୟ ଅଧିକାର ବୋଲି ସେ ପ୍ରକାଶ କରିଛନ୍ତି। ବିଗତ ଦିନଗୁଡ଼ିକରେ ବିଭାଗ କ୍ଷତି କରୁଥିଲା, ହେଲେ ଏ ବର୍ଷ ଦକ୍ଷିଣ ଓଡ଼ିଶା ସମେତ ସବୁ ଅଞ୍ଚଳରେ ଲାଭ ହୋଇଛି। ତେଣୁ ଆଗାମୀ ଦିନରେ ବିଦ୍ୟୁତ୍ ଦେୟ ନିଶ୍ଚିତ କମିବ ଏବଂ ରାଜ୍ୟବାସୀ ଉପକୃତ ହେବେ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ସମ୍ପ୍ରତି ୩୩/୧୧ କେଭି କ୍ଷମତାସମ୍ପନ୍ନ ସବ୍‌ଷ୍ଟେଶନଗୁଡ଼ିକର କେନ୍ଦ୍ରୀୟ ତଦାରଖ କରାଯାଉଛି। ତା'ଠାରୁ କମ୍ ଶକ୍ତିସମ୍ପନ୍ନ ସବ୍‌ଷ୍ଟେଶନଗୁଡ଼ିକର କେନ୍ଦ୍ରୀୟ ତଦାରଖ ହୋଇପାରିଲେ ଗ୍ରାମାଞ୍ଚଳ ବିଦ୍ୟୁତ୍ ସମସ୍ୟାର ସମାଧାନ ହୋଇପାରିବ। ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି।




## ଢେଙ୍କାନାଳରୁ ନିର୍ଦ୍ଦେଶିକା ପଲ୍ଲବୀ ଗିରଫ

**୭ କୋଟିର ଚିଟ୍‌ଫଣ୍ଡ ଠକେଇ ମାମଲା**

- ଶେୟାର ମାର୍କେଟରେ ଟଙ୍କା ଲଗାଇ ଅଧିକ ସୁଧ ଦେବାକୁ କହିଥିଲେ
- ପୂର୍ବରୁ ସ୍ୱାମୀଙ୍କୁ ଗିରଫ କରିଥିଲା ଢେଙ୍କାନାଳ ପୋଲିସ
- ବଳିଷ୍ଠ ତଦନ୍ତ ପାଇଁ ନିଜ ଆଡୁ ମାମଲା ରୁଜୁ କରିଥିଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୬।୫(ବ୍ୟୁରୋ)

୭ କୋଟିର ଠକେଇ ମାମଲାରେ ଚିଟ୍‌ଫଣ୍ଡ ସଂସ୍ଥାର ନିର୍ଦ୍ଦେଶିକାଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଢେଙ୍କାନାଳରୁ ଗିରଫ କରିଛି। ସେ ହେଲେ ଚିଟ୍‌ଫଣ୍ଡ ସଂସ୍ଥା 'ପର୍ପଲ କ୍ୱାଲ୍‌ଭସ୍ ଫାଇନାନ୍‌ସିଆଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ'ର ନିର୍ଦ୍ଦେଶିକା ପଲ୍ଲବୀ ମିଶ୍ର। ତାଙ୍କ ଘର ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ବଣିସିଂହ ଗ୍ରାମରେ। ପୂର୍ବରୁ ମାର୍ଚ୍ଚ ୧୧ରେ ଢେଙ୍କାନାଳ ଟାଉନ ଥାନା ପୋଲିସ ଏକ ଠକେଇ ମାମଲା( ନଂ.୧୩୧/୨୦୨୨) ରୁଜୁ କରି ପଲ୍ଲବୀଙ୍କ ସ୍ୱାମୀ ତଥା ନିର୍ଦ୍ଦେଶକ ସତ୍ୟରଞ୍ଜନ ହୋତାଙ୍କୁ ଗିରଫ କରିଥିଲା। ସେ ଏବେ ବିଚାରାଧୀନ କଏଦୀ ଭାବେ ଜେଲରେ ଅଛନ୍ତି। ଏହି ଘଟଣାର ବଳିଷ୍ଠ ତଦନ୍ତ ପାଇଁ ଇଓଡବ୍ଲ୍ୟୁ ଏପ୍ରିଲ ୨୭ରେ ନିଜ ଆଡୁ ଏକ ମାମଲା( ନଂ.୧୦/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗିରଫ ପରେ ଅଭିଯୁକ୍ତା ପଲ୍ଲବୀଙ୍କୁ ଗୁରୁବାର ଇଓଡବ୍ଲ୍ୟୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ସତ୍ୟରଞ୍ଜନ ଭୁବନେଶ୍ୱର ପରିଆସ୍ଥିତ ଡିଏଲ୍ଏଫ୍ ବିଲ୍ଡିଂରେ 'ପର୍ପଲ କ୍ୱାଲ୍‌ଭସ୍ ଫାଇନାନ୍‌ସିଆଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ'ରେ ଏକ ଚିଟ୍‌ଫଣ୍ଡ ସଂସ୍ଥା ଖୋଲିଥିଲେ। ସେ ଓ ତାଙ୍କ ସ୍ତ୍ରୀ ଏହାର ନିର୍ଦ୍ଦେଶକ ଥିଲେ। ଏହି ସଂସ୍ଥା ଦ୍ୱାରା ଉଭୟେ କୋଟି କୋଟି ଟଙ୍କା ହଡ଼ପ କରିବାକୁ ଯୋଜନା କରିଥିଲେ। ତାଙ୍କ କମ୍ପାନୀରେ ଟଙ୍କା ଜମା କଲେ ଏହାକୁ ଶେୟାରରେ ଲଗାଇ ଅଧିକ ସୁଧ ଦେବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ କଥାକୁ ବିଶ୍ୱାସ କରି ୨୦୧୮ରୁ ରାଜ୍ୟର ବିଭିନ୍ନ ଜିଲାର ୪୩ ଜଣ ନିବେଶକ ପ୍ରାୟ ୭ କୋଟି ଟଙ୍କା ତାଙ୍କ କମ୍ପାନୀରେ ନିବେଶ କରିଥିଲେ। ଏପରିକି ଜନସାଧାରଣଙ୍କ ଟଙ୍କା ନେବା ଓ ତାହାକୁ ଶେୟାର ମାର୍କେଟରେ ତାଙ୍କ କମ୍ପାନୀ ଦ୍ୱାରା ନିବେଶ କରିବାକୁ ସେମାନେ 'ଆର୍‌ବିଆଇ' ଓ 'ସେବି' ଠାରୁ ମଧ ଅନୁମତି ଆଣି ନ ଥିଲେ। ପ୍ରଥମେ ବିଶ୍ୱାସ ଜନ୍ମାଇବାକୁ ସେମାନେ କିଛି ପରିମାଣର ସୁଧ ଦେଇଥିଲେ। ହେଲେ ପରବର୍ତ୍ତୀସମୟରେ ନିବେଶକଙ୍କୁ ଆଉ ଟଙ୍କା ଦେଇ ନ ଥିଲେ। ନିବେଶକମାନେ ଟଙ୍କା ମାଗିବାରୁ ଧମକ ଦେବା ସହ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ କିଛି ନିବେଶକ ଢେଙ୍କାନାଳ ଟାଉନ ଥାନାରେ ସ୍ୱାମୀ ଓ ସ୍ତ୍ରୀଙ୍କ ନାମରେ ଅଭିଯୋଗ କରିଥିଲେ। ହେଲେ ଟାଉନ ଥାନା ପୋଲିସ ସେତେବେଳେ କେବଳ ସ୍ୱାମୀ ସତ୍ୟରଞ୍ଜନଙ୍କୁ ଗିରଫ କରିଥିବାବେଳେ ପଲ୍ଲବୀଙ୍କୁ ଥାନାରେ ପଚରାଉଚରା କରି ଛାଡ଼ି ଦେଇଥିଲା।

## ୪୯୩.୬୨ କୋଟିର ୬ ପ୍ରକଳ୍ପକୁ ଅନୁମୋଦନ

**ସିଙ୍ଗଲଓ୍ୱିଣ୍ଡୋ ବୈଠକ**

- ୧,୩୧୭ ଜଣଙ୍କୁ ନିଯୁକ୍ତି ସୁଯୋଗ
- ଚିଲିକା ମାଷ୍ଟରପ୍ଲାନ୍ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୬।୫(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଲକ୍ଷ୍ୟରେ ୪୯୩.୬୨ କୋଟି ଟଙ୍କାର ୬ଟି ନୂତନ ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ ସିଙ୍ଗିଲ୍‌ୱିଣ୍ଡୋ କମିଟି ବୈଠକରେ ଏହାକୁ ଅନୁମୋଦନ ମିଳିଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୧,୩୧୭ ଜଣଙ୍କୁ ନିଯୁକ୍ତ ସୁଯୋଗ ମିଳିପାରିବ। ଏଥିସହିତ ଚିଲିକା ମାଷ୍ଟରପ୍ଲାନ୍ ପ୍ରସ୍ତୁତି ପାଇଁ ମୁଖ୍ୟ ଶାସନ ସଚିବ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁଯାୟୀ ଜଟିଆ ଷ୍ଟିଲ ଲିମିଟେଡ୍ କଳିଙ୍ଗ ନଗରସ୍ଥିତ ଷ୍ଟିଲ୍ ଡାଉନ୍‌ଷ୍ଟ୍ରିମ ଏବଂ ଏମ୍‌ଟି ଓୟାର ରଡ୍ ମିଲ୍ ପାଇଁ ୧୨୫କୋଟି ଟଙ୍କା ପୁଞ୍ଜି ନିବେଶ କରିବ। ଏଥିରେ ୧୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ସରଙ୍ଗୀ ମେଟାଲ ୱାର୍କସ୍ ଇଣ୍ଟରନ୍ୟାଶନାଲ୍ କଳିଙ୍ଗନଗରଠାରେ ୬୫.୩୭ କୋଟି ପୁଞ୍ଜିନିବେଶରେ ଷ୍ଟିଲ ଡାଉନ୍‌ଷ୍ଟ୍ରିମ, ୟୁନିଟ୍ରାଇଭ୍ ଲାଇନ୍ ଟର୍ଗ୍ୟୁ ଟ୍ୟୁବ୍ ଏବଂ ହଟ୍ ଡିପ୍ ଗାଲ୍ଭାନାଇଜ୍ଡ ଷ୍ଟିଲ୍ ପଦାର୍ଥ ନିର୍ମାଣ କରିବ। ଏଥିରେ ୫୬୮ଜଣଙ୍କୁ ନିଯୁକ୍ତି ମିଳିବ, ଜେ.ଆର୍.ଏସ୍. ଭେଞ୍ଚର ୧୨୧ କୋଟି ଟଙ୍କା ବ୍ୟୟରେ ସୋନପୁର ଜିଲାରେ ଇଥାନଲ୍ ପ୍ଲାଣ୍ଟ ଏବଂ କୋ-ଜେନେରେଶନ୍ ପାୱାର୍ ୟୁନିଟ୍ ସ୍ଥାପନ କରିବ। ଏଥିରେ ୧୪୪ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଏସ୍ଏନ୍ଏମ୍ ହୋଟେଲ ଏବଂ ରିସର୍ଟସ୍ ପ୍ରାଇଭେଟ ଲିମିଟେଡ ଗଞ୍ଜାମ ଜିଲାରେ ୮୦.୨୫ କୋଟି ପୁଞ୍ଜି ନିବେଶରେ ହୋଟେଲ ଏବଂ ରିସର୍ଟ ନିର୍ମାଣ କରିବ। ଏଥିରେ ୧୮୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଡାନିଏଲ୍ କୋରସ୍ ରିଫ୍ରାକ୍ଟୋରି ସଲ୍ୟୁଶନ୍ସ ଖୋର୍ଦ୍ଧା ଜିଲାରେ ୫୧ କୋଟି ଟଙ୍କା ପୁଞ୍ଜିନିବେଶ କରି କାର୍ବନ ଗ୍ରାଫାଇଟ୍ ବ୍ଲକ୍ କଟିଂ ମେଶିନ ପ୍ରକଳ୍ପ କରିବ। ଏଥିରେ ୧୫୦ଜଣଙ୍କୁ, ଆଶୀର୍ବାଦ ପାଇପସ୍ ପ୍ରା.ଲି଼ କଟକ ଜିଲାରେ ୫୧ କୋଟି ପୁଞ୍ଜିନିବେଶରେ ଏଚ୍‌ଡିପିଇ ଏବଂ ପିଭିସି ମାନୁଫ୍ୟାକ୍ଚରିଂ ୟୁନିଟ ସ୍ଥାପନ କରିବ। ଯେଉଁଠି ୧୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ପ୍ରକଳ୍ପଗୁଡ଼ିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସମ୍ପର୍କିତ ବିଷୟ ଉପସ୍ଥାପନ କରିଥିଲେ। ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ୍ ଡାଉନ୍‌ଷ୍ଟ୍ରିମ୍ ଏବଂ ମାନୁଫ୍ୟାକ୍ଚରିଂ ସେକ୍ଟର ଅନ୍ତର୍ଭୁକ୍ତ। ପ୍ରକଳ୍ପଗୁଡ଼ିକୁ ନୀତିଗତ ଅନୁମୋଦନ ଦେଇ ସେଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏଥି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ସେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶ୍ୱ ପ୍ରସିଦ୍ଧ ଚିଲିକା ହ୍ରଦରେ ପର୍ଯ୍ୟଟନ ବିକାଶ ନିମନ୍ତେ ଏକ ମାଷ୍ଟର-ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ପର୍ଯ୍ୟଟନ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ଉତ୍ପାଦନ ଆରମ୍ଭ ଉପରେ ଗୁରୁତ୍ୱ ଆରୋପ କରି ଏହା ଉପରେ ଦୃଷ୍ଟି ରଖିବା ପାଇଁ ମୁଖ୍ୟ ଶାସନ ସଚିବ ଇପିକଲକୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଶିଳ୍ପାନୁଷ୍ଠାନରେ ଓଡ଼ିଶାରୁ ଅଧିକ ଯୁବତୀମାନଙ୍କ ନିଯୁକ୍ତି ଉପରେ ବୈଠକରେ ଗୁରତ୍ୱାରୋପ କରାଯାଇଛି। ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ।

## ଓଟିଡିସିର ୨ କର୍ମଚାରୀ ନିଲମ୍ବିତ

**ତେଲ ବିଲ୍‌ରେ ଜାଲିଆତି**

ଭୁବନେଶ୍ୱର,୬।୫(ବ୍ୟୁରୋ)

ଗତ ପଞ୍ଚାୟତ ନିର୍ବାଚନ ସମୟରେ ତେଲ ବିଲ୍‌ରେ ଜାଲିଆତି କରି ଏପ୍ରିଲ ୨୦ରେ ସମ୍ବଲପୁର ଜିଲାର ୩ଜଣ ପୋଲିସ କର୍ମଚାରୀ ନିଲମ୍ବନ ହୋଇଥିଲେ। ଉକ୍ତ ଘଟଣାକୁ ମାସେ ନ ପୂରୁଣୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ନିଜର ୨ ଜଣ କର୍ମଚାରୀଙ୍କୁ ନିଲମ୍ବନ କରିଛି। ଓଟିଡିସିର ପରିବହନ ମ୍ୟାନେଜର ଏବଂ ଜଣେ ଡ୍ରାଇଭରଙ୍କୁ ନିଲମ୍ବନ କରାଯିବା ସହ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବା ନେଇ ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଓଟିଡିସି ଅଧକ୍ଷାଙ୍କ ଗାଡ଼ି ନାଁରେ ମିଛ ତେଲ ବିଲ୍ ନେଇଥିବା ଅଭିଯୋଗରେ ଡ୍ରାଇଭର ଅତୁଲ୍ୟ କୁମାର ମହାନ୍ତି ଓ ଓଟିଡିସି ମ୍ୟାନେଜର ଅକ୍ଷୟ ମହାଳିକଙ୍କୁ ନିଲମ୍ବନ କରାଯାଇଛି। ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ ତଦନ୍ତ ଆରମ୍ଭ କରାଯାଇଛି। ଏହି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ସରକାରୀ ପାଣ୍ଠି ତୋସରପାତ ଅଭିଯୋଗ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇଥିବା ଜଣାପଡ଼ିଛି। ବିଭାଗୀୟ ଯାଞ୍ଚ ସମୟରେ ଏହି ଜାଲିଆତି କଥା ଜଣାପଡ଼ିବା ମାତ୍ରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମଧ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇ ଅର୍ଥ ତୋସରପାତ ସହ ଜଡ଼ିତ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ସେମାନଙ୍କଠାରୁ ଅର୍ଥ ଆଦାୟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏନେଇ ଓଟିଡିସି ଅଧକ୍ଷା ମିଶ୍ରଙ୍କୁ ପଚାରିବାରେ ସେ ଏହି ଘଟଣାକୁ ସ୍ୱୀକାର କରିବା ସହ ଏନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କହିଛନ୍ତି।

## କୋଟିପତି ପ୍ରାଣୀଧନ ନିରୀକ୍ଷକ ଗିରଫ

- ୭ କୋଟିର ଆୟ ବହିର୍ଭୂତ ସମ୍ପତ୍ତି, ଆୟଠୁ ୩୬୫% ଅଧିକ
- ଠାବ ହେଲା ଆଉ ୫ ପ୍ଲଟ୍, ସଂଖ୍ୟା ପହଞ୍ଚିଲା ୯୬ରେ
- ସ୍ତ୍ରୀଙ୍କ ନାମରେ ରୁଜୁ ହେଲା ମାମଲା

ଭୁବନେଶ୍ୱର, ୬।୫(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଥିବା ଭୁବନେଶ୍ୱର କଳାରାହାଙ୍ଗର କୋଟିପତି ପ୍ରାଣୀଧନ ନିରୀକ୍ଷକ (ଲାଇଭ୍ ଷ୍ଟକ୍ ଇନ୍ସପେକ୍ଟର) ଜଗନ୍ନାଥ ରାଉତଙ୍କ ସମ୍ପତ୍ତି ପରିମାଣ ବଢ଼ିଚାଲିଛି। ଗୁରୁବାର ଚଢ଼ାଉବେଳେ ୯୧ ପ୍ଲଟ୍ ଠାବ ହୋଇଥିବାବେଳେ ଶୁକ୍ରବାର ଭୁବନେଶ୍ୱରରେ ଆଉ ୫ ପ୍ଲଟ୍ ମିଳିଛି। ଏଥିସହ ଜବତ ବିପୁଳ ସୁନା, ରୁପା, ହୀରା ଅଳଙ୍କାର, ନଗଦ ଟଙ୍କା ସମେତ ଗାଡ଼ି, ବ୍ୟାଙ୍କ ଓ ଜୀବନ ବୀମା ବାବଦ ଜମାକୁ ହିସାବକୁ ନେବାପରେ ଏହା ତାଙ୍କ ପ୍ରକୃତ ଆୟଠାରୁ ୩୬୫ ପ୍ରତିଶତ ଅଧିକ ହୋଇଛି। କେବଳ ଆୟ ବହିର୍ଭୂତ ସମ୍ପତ୍ତି ପରିମାଣ ୭ କୋଟିରେ ପହଞ୍ଚିଥିବା ଭିଜିଲାନ୍ସ ସୂଚନା ଦେଇଛି। ତେବେ ବେଆଇନ ଭାବେ ଠୁଳ କରିଥିବା ସମ୍ପତ୍ତିକୁ ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଜଗନ୍ନାଥ ଓ ତାଙ୍କ ସ୍ତ୍ରୀଙ୍କ ନାମରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୩୧/୨୦୨୨) ରୁଜୁ ହୋଇଛି। ପରେ ଜଗନ୍ନାଥଙ୍କୁ ଗିରଫ କରାଯାଇ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଓଡ଼ିଶା, ଇଣ୍ଡୋନେସିଆର ନାଁ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ

**ଓଡ଼ିଶାରେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ**

କଟକ ଅଫିସ,୬।୫



୨ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା.ଏଚ୍ କ୍ରିଷ୍ଣମୂର୍ତ୍ତି। ଓଡ଼ିଶା ଓ ଇଣ୍ଡୋନେସିଆ ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ କଟକ ନୌବାଣିଜ୍ୟ ସଂଗ୍ରହାଳୟରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ସଂଗ୍ରହାଳୟରେ ଥିବା ଇଣ୍ଡୋନେସିଆ ଗ୍ୟାଲେରି ବୁଲି ଦେଖିଥିଲେ କ୍ରିଷ୍ଣମୂର୍ତ୍ତି। ୧୯୫୦ ମସିହା ପରଠୁ ଏପର୍ଯ୍ୟନ୍ତ ଆମ୍ବାସାଡର ତାଲିକାରେ ପ୍ରଥମ ମହିଳା ଆମ୍ବାସାଡର ହେଉଛନ୍ତି କ୍ରିଷ୍ଣମୂର୍ତ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ବିଜୁବାବୁଙ୍କ ସମୟରୁ ଇଣ୍ଡୋନେସିଆ ସହ ଯେଉଁ ସମ୍ପର୍କ ରହିଛି ତାହାକୁ ଅଧିକ ମଜଭୁତ କରିବା ପାଇଁ ସମୟ ଆସିଛି। ଇତିହାସରେ ଓଡ଼ିଶା ଓ ଇଣ୍ଡୋନେସିଆର ନାଁ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ରହିଛି। ପୂର୍ବରୁ ଓଡ଼ିଆ ସାଧବ ପୁଅମାନେ ଇଣ୍ଡୋନେସିଆ ଗସ୍ତ କରି ସେଠାରେ ବାଣିଜ୍ୟ କରୁଥିଲେ। ବର୍ତ୍ତମାନ ସମୟରେ ସମ୍ପର୍କର ସେତୁକୁ ବିକାଶ କରିବାର ସମୟ ଆସିଛି। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ଦିଗରେ ଯଥେଷ୍ଟ କାର୍ଯ୍ୟପନ୍ଥା ହାତକୁ ନେଇଛନ୍ତି। ଏହି ଗସ୍ତ ସମ୍ପର୍କକୁ ନିଶ୍ଚୟ ଦୃଢ କରିବ ବୋଲି କ୍ରିଷ୍ଣମୂର୍ତ୍ତି ଆଶା ରଖିଛନ୍ତି। ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ରହିଥିବା ପୁରାତନ ସାଂସ୍କୃତିକ ଓ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ କଳିଙ୍ଗ ଅନ୍ତର୍ଜାତୀୟ ଯୁବ ପ୍ରତିଷ୍ଠାନ ପକ୍ଷରୁ ଏଭଳି ପ୍ରୟାସ କରାଯାଇଛି। ପ୍ରତିଷ୍ଠିତ ସଭାପତି ବିଭୁ ପ୍ରସାଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ୨୦ ଘଣ୍ଟା ପରେ ମିଳିଲା ନିଖୋଜ ବ୍ୟକ୍ତିଙ୍କ ମୃତଦେହ

**ଚିଲିକାରେ ଡଙ୍ଗା ବୁଡ଼ି ଘଟଣା**

ବାଲୁଗାଁ,୬।୫(ଡି.ଏନ୍.ଏ.)



ଚିଲିକାରେ ଡଙ୍ଗା ବୁଡ଼ି ଘଟଣାରେ ନିଖୋଜ ଥିବା ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ଠାବ ହୋଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଲୁଗାଁ ନିକଟ କୋଦପୁର ଗ୍ରାମର ରାଜକିଶୋର ଖୁଣ୍ଟିଆ (୬୦)। ଦୀର୍ଘ ୨୦ ଘଣ୍ଟାର ପରିଶ୍ରମ ପରେ ଉଦ୍ଧାରକାରୀ ଦଳ ଖାରିବନ୍ଧ ଗ୍ରାମ ନିକଟ ଚିଲିକା କୂଳରୁ ମୃତଦେହ ଉଦ୍ଧାର କରିଥିଲା। ବାଲୁଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ସୂଚନାଥାଉ କି, ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳର ୮ଜଣ ପର୍ଯ୍ୟଟକଙ୍କୁ ନେଇ ଏକ ଡଙ୍ଗା ଗୁରୁବାର ଅପରାହ୍ନ ୩ଟାରେ କାଳିଜାଈ ମନ୍ଦିରରୁ ବାଲୁଗାଁ ଅଭିମୁଖେ ବାହାରିଥିଲା। ଚଢ଼େଇଗୁହା ପାହାଡ଼ର ଅନତି ଦୂରରେ ଡଙ୍ଗାଟି ପହଞ୍ଚିଥିବାବେଳେ କାଳବୈଶାଖୀ ଯୋଗୁ ବର୍ଷା ଓ ପବନ ହୋଇଥିଲା। ନାଉରିଆ ଡଙ୍ଗାର ଭାରସାମ୍ୟ ରଖିବାରେ ବିଫଳ ହେବାରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ଫଳରେ ଏଥିରେ ଥିବା ୮ ପର୍ଯ୍ୟଟକ, ୨ ନାଉରିଆ ଓ କାଳିଜାଈ ନିକଟରେ ବ୍ୟବସାୟ କରୁଥିବା ଜଣେ ହୋଟେଲ ମାଲିକ ଓ କର୍ମଚାରୀ ପାଣିରେ ବୁଡ଼ିଯାଇଥିଲେ। ଖବର ପାଇ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ବାଣପୁର ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁ, ଏସ୍ଆଇ ଆର.କେ. ପୁହାଣ, ନାଭାଲ ଫାଣ୍ଡି ଅଧିକାରୀ ଦିଲୀପ ସାହୁ ସଦଳବଳେ ଓଟିଡିସିର ଏକ ବୋଟ୍ ସହାୟତାରେ ପହଞ୍ଚି ୧୧ଜଣଙ୍କୁ ଉଦ୍ଧାର କରିଥିବା ବେଳେ ହୋଟେଲ କର୍ମଚାରୀ ରାଜକିଶୋରଙ୍କ ସନ୍ଧାନ ମିଳିପାରିନଥିଲା। ଶୁକ୍ରବାର ସକାଳେ ବାଲୁଗାଁ ଅଗ୍ନିଶମ କର୍ମଚାରୀ, ନୌସେନା, ପାନ୍ଥନିବାସ କର୍ମଚାରୀ ଓ ଘରୋଇ ବୋଟ୍ ଆସୋସିଏଶନର ସଦସ୍ୟ ଖୋଜାଖୋଜି କରିଥିଲେ। ମଧାହ୍ନ ୧୨ଟାରେ ରାଜକିଶୋରଙ୍କ ମୃତଦେହ ଖାରିବନ୍ଧ ଗ୍ରାମ ନିକଟ ଚିଲିକା କୂଳରେ ଠାବ କରାଯାଇଥିଲା। ତେବେ ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଗୁରୁବାର ଉଦ୍ଧାର ହୋଇଥିବା ୮ ପର୍ଯ୍ୟଟକ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

### ୧୩ ଯାଏ ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ

ଚିଲିକାରେ ଡଙ୍ଗା ବୁଡ଼ିରେ ଜଣଙ୍କର ମୃତ୍ୟୁ ଘଟିବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚିଲିକାରେ ଯାତ୍ରୀବାହୀ ଡଙ୍ଗା ଚଳାଚଳକୁ ବାରଣ କରାଯାଇଛି। ଏନେଇ ବିଭିନ୍ନ ଘରୋଇ ବୋଟ୍ ଆସୋସିଏଶନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ସୂଚନା ଦେଇଛନ୍ତି।

## ତାଳଚେରରେ ନକଲି କୋଲ୍ଡଡ୍ରିଙ୍କ୍‌ସ କମ୍ପାନୀ

- ବିପୁଳ ପରିମାଣର ସାମଗ୍ରୀ ଜବତ
- ସିଲ୍ କଲା ସ୍ୱାସ୍ଥ୍ୟ ବିଭାଗ

ତାଳଚେର, ୬।୫(ଡି.ଏନ୍.ଏ.)

ନାମୀଦାମୀ କମ୍ପାନୀର ଅବିକଳ ଲୋଗୋ ଲଗାଇ ବିକ୍ରି କରାଯାଉଥିଲା କୋଲ୍ଡଡ୍ରିଙ୍କ୍‌ସ୍। ଗ୍ରାହକଙ୍କ ସ୍ୱାସ୍ଥ୍ୟକୁ ଅଣଦେଖା କରି ବଜାରରେ ବିକ୍ରି କରାଯାଉଥିଲା ଏହି ନକଲି ମୃଦୁପାନୀୟ। ଦୀର୍ଘଦିନ ହେଲା ଏହି କାରବାର ଚାଲିଥିବାବେଳେ କାହାରି ନିକଟରେ ନ ଥିଲା ସାମାନ୍ୟ ସୁରାକ୍। ଲୋକେ ଅସଲି ଭାବି କିଣୁଥିଲେ ଏବଂ ପିଉଥିଲେ ମଧ। ଏଭଳି ଏକ ନକଲି କୋଲ୍ଡଡ୍ରିଙ୍କ୍‌ସ କମ୍ପାନୀ ଠାବ ହୋଇଛି ଅନୁଗୋଳ ଜିଲା ତାଳଚେରରୁ। ଜନସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଚଢ଼ାଉ ପରେ ଏହାର ଗୁମର ଖୋଲିଛି।

ତାଳଚେର ସହରର ମୁଖ୍ୟ ବଜାର ହାଟତୋଟା କାଳୀମନ୍ଦିର ନିକଟରେ ଚାଲିଥିଲା ଏହି ନକଲି ମୃଦୁପାନୀୟ କମ୍ପାନୀ। ଏହାର ମାଷ୍ଟରମାଇଣ୍ଡ୍ ହେଉଛନ୍ତି ଜ୍ୟୋତିରଞ୍ଜନ ବିଶ୍ୱାଳ। ଦୀର୍ଘଦିନ ହେଲା ସେ ଏକ ଘରେ ନକଲି ମୃଦୁପାନୀୟ ପ୍ରସ୍ତୁତ କରୁଥିଲେ। ବିଭିନ୍ନ କମ୍ପାନୀର ଲୋଗୋ ଲଗାଇ ସ୍ଥାନୀୟ ବଜାରରେ ବିକ୍ରି କରୁଥିଲେ। ତାଙ୍କ ବ୍ୟବସାୟର ଚେର ଆଖପାଖ ଗ୍ରାମାଞ୍ଚଳକୁ ବ୍ୟାପିଥିଲା। ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏ ସମ୍ପର୍କରେ ସୂଚନା ପାଇ ପୋଲିସ ସହାୟତାରେ ଅତର୍କିତ ଚଢ଼ାଉ କରିଥିଲା।

ତଦନ୍ତରୁ ଜଣାପଡ଼ିଛି, କୋଲ୍ଡଡ୍ରିଙ୍କ୍‌ସ କମ୍ପାନୀ ଚଳାଇବା ଲାଗି ଜ୍ୟୋତିରଞ୍ଜନଙ୍କ ନିକଟରେ କୌଣସି ଲାଇସେନ୍ସ ନାହିଁ। ଉକ୍ତ ଘରୁ ବିପୁଳ





ନକଲି କୋଲ୍ଡଡ୍ରିଙ୍କ୍‌ସ କମ୍ପାନୀ ଚାଲିଥିବା କୋଠା ଏବଂ ଜବତ ସାମଗ୍ରୀ।

ପରିମାଣର କଞ୍ଚାମାଲ, ଠିପି, ପ୍ଲାଷ୍ଟିକ୍ ବୋତଲ, ସିଲ୍ ମେଶିନ ଆଦି ଜବତ କରାଯାଇଛି। ମୃଦୁ ପାନୀୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଚଢ଼ାଉ ସମ୍ପର୍କରେ ସୂଚନା ପାଇ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ତାଳଚେର ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଟିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଜା ଜାଣି ନାତି**
**ମାଛ ଜାଣି କାତି।**

ବଂଶର ଗୁଣ ଅନୁସାରେ ପିଲାର ଗୁଣ ମଧ୍ୟ ପ୍ରସ୍ଫୁଟିତ ହୋଇଥାଏ। ଅଜା ବା ଜେଜେଙ୍କର ଗୁଣ, ସଭା ତଥା ପ୍ରକୃତି ସ୍ଥଳ ବିଶେଷରେ ନାତିଠାରେ ପରିଲକ୍ଷିତ ବା ପ୍ରତିଫଳିତ ହୋଇଥାଏ। ଉତ୍ତରାଧିକାର ସ୍ୱତ୍ୱରେ ନାତିର ଗୁଣଗ୍ରାମ ଅଜା ବା ଜେଜେଙ୍କ ସହ ମେଳ ଖାଇଥାଏ। ସେହିପରି କାତି ଦେଖି ଏହା କେଉଁ ପ୍ରଜାତିର ମାଛ ତାହା ସହଜରେ ଜାଣି ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଘଟ ଘଟା**
**ମଲ୍ଲୀ ଫୁଲଠାରେ ଉଠିଛି କଣ୍ଟା।**

ଗୋଲାପ ଗଛରେ କଣ୍ଟା ଥାଏ ପରନ୍ତୁ ମଲ୍ଲୀ ଗଛରେ କଣ୍ଟା ନ ଥାଏ। ବେଳେବେଳେ କିଛି ଆଚମ୍ବିତ କଲା ଭଳି ଘଟଣା ଘଟିଥାଏ। ଯାହାକି ଆଖିକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଅଘଟଣ ଘଟଣା ଘଟିବା ବା ଉପୁଜିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

## ଏସିଆନ ଗେମ୍ସ ...

**ପ୍ରଥମ ପୃଷ୍ଠାରୁ...**

ଆୟୋଜନ ନେଇ ଅନିଶ୍ଚିତତା ଦେଖା ଦେଇଥିଲା। ଅଲିମ୍ପିକ କାଉନ୍ସିଲ ଅଫ୍ ଏସିଆ (ଓସିଏ)ର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ଶୁକ୍ରବାର ତାସ୍କେଣ୍ଟଠାରେ ବସିଥିଲା। ବର୍ତ୍ତମାନ ପରିସ୍ଥିତିରେ ଗେମ୍ସ ସ୍ଥଗିତ ରଖିବା ସର୍ବୋତ୍ତମ ନିଷ୍ପତ୍ତି ବୋଲି ଏଥିରେ ଅନୁଭବ କରାଯାଇଥିଲା। ଏହା ପୂର୍ବରୁ ଓସିଏ ଚାଇନିଜ ଅଲିମ୍ପିକ କମିଟି (ସିଓସି), ହାଙ୍ଗଝୋ ଏସିଆନ ଗେମ୍ସ ଆୟୋଜକ କମିଟି ସହ ବିଶଦ ଆଲୋଚନା କରିଥିଲା। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସାଧାରଣ ସମ୍ପାଦକ ରାଜୀବ ମେହେଟା କହିଛନ୍ତି, କୌଣସି ବଡ଼ ଇଭେଣ୍ଟ ଅବା ଖେଳ ସ୍ଥଗିତ ରଖିବା ଆଥଲେଟମାନଙ୍କ ପାଇଁ ନୈରାଶ୍ୟଜନକ ବିଷୟ। କାର୍ଯ୍ୟସୂଚୀ ପୁନଃ ନିର୍ଦ୍ଧାରଣ ହେବା ପରେ ସେମାନଙ୍କ ବୟସ କିଛି ମାସ ଅବା ଗୋଟିଏ ବର୍ଷ ବୃଦ୍ଧି ଘଟିଥାଏ। ଏସିଆନ ଗେମ୍ସ ପାଇଁ ଆମର ବହୁ ଆଥଲେଟ ସେମାନଙ୍କର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ତେଣୁ ଆଇଓଏ ପାଇଁ ଏହା ଚିନ୍ତାର କାରଣ ହେବ। ହେଲେ କୋଭିଡ୍ ଯୋଗୁ ଗେମ୍ସ ସ୍ଥଗିତ ରଖାଯିବା ସ୍ୱାଭାବିକ କଥା। କାରଣ ଏହା ଆମ କର୍ତ୍ତୃତ୍ୱ ବାହାରେ। ଭାରତୀୟ ପୁରୁଷ ହକି ଟିମ୍ ଗୋଲକିପର ପି.ଆର୍. ଶ୍ରୀଜେସ୍ କହିଛନ୍ତି, ଗେମ୍ସର ବିଳମ୍ବ ଘଟିବା ନିରାଶାଜନକ, କିନ୍ତୁ ପ୍ରସ୍ତୁତି ପାଇଁ ଆମକୁ ଅଧିକ ସମୟ ମିଳିବ। ସୂଚନାଯୋଗ୍ୟ, ପୁରୁଷ ଓ ମହିଳା ହକି ଇଭେଣ୍ଟର ବିଜେତା ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବେ। ଶ୍ରୀଜେସ୍ କହିଛନ୍ତି, ଗେମ୍ସ ସ୍ଥଗିତ ରଖାଯିବାର ସକାରାତ୍ମକ ଦିଗ ହେଲା ଆମ ଆଗରେ ପଛକୁ ପଛ ବହୁ ଟୁର୍ନାମେଣ୍ଟ ଯଥା ଏସିଆ କପ୍, ବେଲଜିୟମରେ ପ୍ରୋ-ଲିଗ୍ ମ୍ୟାଚ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଆସନ୍ତା ବର୍ଷ ବିଶ୍ୱକପ୍। ଏସିଆନ ଗେମ୍ସର ନୂଆ ତାରିଖ ଘୋଷଣା କରାଯାଇ ନ ଥିବାରୁ ପ୍ରସ୍ତୁତି ପାଇଁ ଆମକୁ ଯଥେଷ୍ଟ ସମୟ ମିଳିଯିବ। ଅନ୍ୟପକ୍ଷରେ ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) କହିଛି ଏହି ନିଷ୍ପତ୍ତି ପ୍ରକୃତରେ ଆମକୁ ସୁହାଇବ। ବର୍ତ୍ତମାନ ଏସିଆନ ଗେମ୍ସ ଓ ନରୱେ ବିପକ୍ଷ ଏସିଆନ ଗେମ୍ସ ଆଉ ପାଖାପାଖି ସମୟରେ ପଡ଼ିବ ନାହିଁ। ବର୍ତ୍ତମାନ ଆମେ ଦୁଇଟି ଇଭେଣ୍ଟକୁ ଶ୍ରେଷ୍ଠ ଦଳ ପଠାଇପାରିବୁ। ଆମେ ପ୍ରଥମେ ଡେଭିସ୍ କପ୍ ଏବଂ ପରେ ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତ ହୋଇପାରିବା ବୋଲି ଆଇଟା ସାଧାରଣ ସମ୍ପାଦକ ଅନିଲ ଧୂପର କହିଛନ୍ତି। ଭାରତ ଦେଶ ବାହାରେ ନରୱେ ବିପକ୍ଷ ଡେଭିସ୍ କପ୍ ମ୍ୟାଚ ସେପ୍ଟେମ୍ବର ୧୬-୧୭ ଅବା ୧୭-୧୮ରେ ଖେଳିବ। ସନ୍ତରଣକାରୀ ସଜନ ପ୍ରକାଶ କହିଛନ୍ତି, ତାଙ୍କୁ ପୁଣି ଡ୍ରଇଂ ବୋର୍ଡକୁ ଫେରିଯିବାକୁ ହେବ। ଆଉ ଏକ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଯେଉଁ ସନ୍ତରଣକାରୀମାନେ ଅଲିମ୍ପିକ୍ସ ପାଇଁ ଯୋଜନା କରିଛନ୍ତି ଠିକ୍ ଅଛି, କିନ୍ତୁ ଯେଉଁମାନେ ଏସିଆନ ଗେମ୍ସ ଲାଗି ଲକ୍ଷ୍ୟ ରଖିଛନ୍ତି ସେମାନଙ୍କୁ ପୁଣି ଆରମ୍ଭ କରିବା କଷ୍ଟକର ହେବ। ୧୯ତମ ଏସିଆନ ଗେମ୍ସର ପ୍ରତୀକ ଅପରିବର୍ତ୍ତିତ ରହିଛି। ସମସ୍ତଙ୍କ ସହଯୋଗରେ ଗେମ୍ସ ସଫଳତାର ସହ ଆୟୋଜନ ହୋଇପାରିବ ବୋଲି ଓସିଏ ଆଶା ପ୍ରକାଶ କରି କହିଛି। ଗେମ୍ସରେ ୬୧ଟି ଖେଳ ଇଭେଣ୍ଟରେ ପ୍ରାୟ ୧୧,୦୦୦ ଆଥଲେଟ ଭାଗ ନେଇଥାନ୍ତେ। ହାଙ୍ଗଝୋ ହେଉଛି ଝିଜିଆଙ୍ଗ୍ ପ୍ରଦେଶର ରାଜଧାନୀ। ଏହା ସଂଘାଇର ଦକ୍ଷିଣପଶ୍ଚିମ ଦିଗ ୧୭୫ କିଲୋମିଟର ଦୂରରେ ଅବସ୍ଥିତ। ସଦ୍ୟତମ ଖବର ଅନୁସାରେ ଝିଜିଆଙ୍ଗ୍‌ରେ କୋଭିଡ୍ ପଜିଟିଭ ସଂଖ୍ୟା ୩୧୨୪ ହୋଇଥିବା ବେଳେ ଜଣେ ପ୍ରାଣ ହରାଇଛନ୍ତି। ପୁନଶ୍ଚ ଡିସେମ୍ବର ୨୦ରୁ ୨୮ ପର୍ଯ୍ୟନ୍ତ ଚାଇନାର ସାଣ୍ଟୋଠାରେ ଅନୁଷ୍ଠିତ ହେବାକୁଥିବା ୩ୟ ଏସିଆନ ୟୁଥ୍ ଗେମ୍ସକୁ ଇତିମଧ୍ୟରେ ବାତିଲ କରାଯାଇଛି। ଫଳରେ ପରବର୍ତ୍ତୀ ଏସିଆନ ୟୁଥ ଗେମ୍ସ ୨୦୨୫ରେ ଉଜ୍‌ବେକିସ୍ତାନର ତାସ୍କେଣ୍ଟରେ ହେବ। ୱେଷ୍ଟର୍ନ ଚାଇନିଜ ସହର ଚେଙ୍ଗଡୁଠାରେ ଜୁନ୍ ୨୬ରୁ ଜୁଲାଇ ୭ ପର୍ଯ୍ୟନ୍ତ ହେବାକୁଥିବା ଅନ୍ୟ ଏକ ମଲ୍ଟି-ସ୍ପୋର୍ଟ ଇଭେଣ୍ଟ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସକୁ ଆୟୋଜକଗଣ ଆସନ୍ତାବର୍ଷକୁ ଘୁଞ୍ଚାଇ ଦେଇଛନ୍ତି।

## ବଗ୍‌ଗାଙ୍କୁ ନେଇ...

ଧମକ ଦେବା ଭଳି ସଙ୍ଗିନ ଅଭିଯୋଗ ତାଙ୍କ ବିରୋଧରେ ରହିଛି। ନିକଟରେ ବିବେକ ଅଗ୍ନିହୋତ୍ରୀଙ୍କ 'କଶ୍ମୀର ଫାଇଲ୍ସ' ଫିଲ୍ମକୁ କେତେକ ଭାଜପା ଶାସିତ ରାଜ୍ୟରେ ଟିକସମୁକ୍ତ କରାଯାଇଥିଲା। କଶ୍ମୀରୀ ପଣ୍ଡିତଙ୍କ ଦୁର୍ଦ୍ଦଶାକୁ ନେଇ ଗତିଶୀଳ ହୋଇଥିବା ଏହି ସିନେମାକୁ ଦିଲ୍ଲୀର ଏଏପି ସରକାର ମଧ୍ୟ ଟ୍ୟାକ୍ସ ଫ୍ରି କରନ୍ତୁ ବୋଲି ଭାଜପା ନେତାମାନେ ଦାବି କରିଥିଲେ। ମାର୍ଚ୍ଚ ୨୪ରେ କେଜ୍‌ରିୱାଲ କହିଥିଲେ, ବିବେକ ଅଗ୍ନିହୋତ୍ରୀ ଫିଲ୍ମକୁ ୟୁଟ୍ୟୁବ୍‌ରେ ଛାଡ଼ିଦିଅନ୍ତୁ। ଟିକସ ମୁକ୍ତ କରିବାକୁ ପଡ଼ିବ ନାହିଁ। କେଜ୍‌ରିୱାଲଙ୍କ ଏହି ମନ୍ତବ୍ୟ ଉପରେ ମାର୍ଚ୍ଚ ୩୦ରେ ବଗ୍‌ଗା ବିବାଦୀୟ ଟୁଇଟ୍ କରିଥିଲେ। ଏପରି କି ସେହିଦିନ କେଜ୍‌ରିୱାଲଙ୍କ ସରକାରୀ ବାସଭବନ ବାହାରେ ଭାରତୀୟ ଜନତା ଯୁବମୋର୍ଚ୍ଚା (ବିଜେୱାଇଏମ୍) ପକ୍ଷରୁ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲେ। ବିଜେୱାଇଏମ୍ କର୍ମକର୍ତ୍ତାମାନେ କେଜ୍‌ରିୱାଲଙ୍କୁ ବଞ୍ଚିବାକୁ ଦେବେ ନାହିଁ ବୋଲି ଗଣମାଧ୍ୟମକୁ ବଗ୍‌ଗା କହିଥିଲେ। ଏସବୁକୁ ନେଇ ଏଏପି ତାଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲା। ବଗ୍‌ଗାଙ୍କୁ ଶୁକ୍ରବାର ସକାଳେ ପଞ୍ଜାବ ପୋଲିସ ଗିରଫ କରି ମୋହାଲିକୁ ନେଉଥିଲା। ହେଲେ ବଗ୍‌ଗାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା ଏତଲା ଦେବା ପରେ ଦିଲ୍ଲୀ ପୋଲିସଠାରୁ ଖବର ପାଇ ହରିୟାଣା ପୋଲିସ ଅଧିକାରୀମାନେ ଉକ୍ତ ଭ୍ୟାନ୍‌କୁ କୁରୁକ୍ଷେତ୍ରର ପିପ୍‌ଲିରେ ଘେରିଯାଇଥିଲେ। ସେମାନେ ବଗ୍‌ଗାଙ୍କୁ ଜାତୀୟ ରାଜପଥଠାରୁ କୁରୁକ୍ଷେତ୍ରର ଏକ ଥାନାକୁ ସୁରକ୍ଷା ଦେଇ ନେଇଯାଇଥିଲେ। ସେଠାରେ ଦିଲ୍ଲୀ ପୋଲିସର ଏକ ଟିମ୍ ପହଞ୍ଚିବା ପରେ ହରିୟାଣା ପୋଲିସ ତାଙ୍କୁ ହସ୍ତାନ୍ତର କରିଥିଲା। ଦିଲ୍ଲୀ ପୋଲିସ ବଗ୍‌ଗାଙ୍କୁ ଦିଲ୍ଲୀକୁ ଫେରାଇ ନେବାବେଳେ ସେ ଭ୍ୟାନ୍ ଭିତରେ ଥାଇ ଦୁଇ ଅଙ୍ଗୁଳିରେ ବିଜୟ ସଙ୍କେତ ଦେଖାଇଥିଲେ। କେବଳ ଏତିକି ନୁହେଁ, ପଞ୍ଜାବ ପୋଲିସ ବିରୋଧରେ ଦିଲ୍ଲୀ ପୋଲିସ ଅପହରଣ ମାମଲା ରୁଜୁ କରିଛି। ଇତିମଧ୍ୟରେ ବଗ୍‌ଗାଙ୍କୁ ହରିୟାଣାରେ ରଖାଯାଉ ବୋଲି ଦାବିକରି ପଞ୍ଜାବ ପୋଲିସ ପକ୍ଷରୁ ଦାଏର ଏକ ପିଟିଶନକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହା ଉପରେ ହରିୟାଣା ସରକାର ହାଇକୋର୍ଟରେ ଶନିବାର ଏକ ସତ୍ୟପାଠ ଦାଖଲ କରିବେ। ଶନିବାର ଏହି ମାମଲାର ଶୁଣାଣି କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟିର କହିବା ହେଲା, ସୋସିଆଲ ମିଡିଆରେ ବଗ୍‌ଗା ଆପତ୍ତିଜନକ, ବିଷାକ୍ତ ଓ ଘୃଣ୍ୟ ଭାଷା ବ୍ୟବହାର କରି ଅନେକ ପୋଷ୍ଟିଂ କରିଥିଲେ। ପଞ୍ଜାବ ପୋଲିସ ତାଙ୍କୁ ୫ ଥର ନୋଟିସ ପଠାଇଥିଲା। ହେଲେ ସେ ତଦନ୍ତରେ ସହଯୋଗ କରି ନ ଥିଲେ। ତେଣୁ ପଞ୍ଜାବ ପୋଲିସ ବିନା କୌଣସି ଭେଦଭାବରେ ବଗ୍‌ଗାଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷେ ଭାଜପାର ଅଭିଯୋଗ ହେଲା, ପଞ୍ଜାବ ପୋଲିସର ଏକ ୫୦ ଜଣିଆ ଟିମ୍ ସକାଳ ପ୍ରାୟ ୮ଟା ୩୦ରେ ବଗ୍‌ଗାଙ୍କ ଦିଲ୍ଲୀ ବାସଭବନକୁ ଆସି ଗିରଫ କରିଥିଲା। ଏପରି କି ସେହି ସମୟରେ ବଗ୍‌ଗା ନିଜ ପଗଡ଼ି ମଧ୍ୟ ଭିଡ଼ି ନ ଥିଲେ। ବଗ୍‌ଗାଙ୍କ ବାପା ପ୍ରୀତ୍ ପାଲ୍ କହିଛନ୍ତି, ପ୍ରାୟ ୧୦-୧୫ ଜଣ ପୋଲିସ କର୍ମଚାରୀ ତାଙ୍କ ପୁଅଙ୍କୁ ଘରୁ ଘୋଷାଡ଼ି ପଞ୍ଜାବକୁ ନେଇଯାଉଥିଲେ। ସେ ଏସବୁର ଭିଡିଓ ରେକର୍ଡିଂ କରୁଥିବାବେଳେ ତାଙ୍କ ମୋବାଇଲକୁ ମଧ୍ୟ ପୋଲିସ ଛଡ଼ାଇନେଇଥିଲା ବୋଲି ପ୍ରୀତ୍ ପାଲ୍ ନିଜ ଏଫ୍ଆଇଆର୍‌ରେ ଅଭିଯୋଗ କରିଛନ୍ତି। ଦିଲ୍ଲୀ ପୋଲିସ କହିଛି ଯେ, ବଗ୍‌ଗାଙ୍କ ଗିରଫଦାରି ନେଇ ପଞ୍ଜାବ ପ୍ରତିପକ୍ଷଙ୍କଠାରୁ କୌଣସି ପ୍ରାକ୍ ସୂଚନା ସେମାନେ ପାଇ ନ ଥିଲେ। ପଞ୍ଜାବ ପୋଲିସ ଏହାକୁ ଖଣ୍ଡନ କରି କହିଛି, ପୂର୍ବରୁ ଦିଲ୍ଲୀ ପୋଲିସକୁ ସୂଚନା ଦିଆଯାଇଥିଲା। ତାଙ୍କ ଟିମ୍ ବୁଧବାର ରାତିରୁ ନୂଆଦିଲ୍ଲୀର ଜନକପୁରୀ ଥାନାରେ ଥିଲେ।

## ୮ରେ ଦାନାବାନ୍ଧିବ ...

ଉନ୍ନୟନ ଓ ପୂର୍ତ୍ତ ବିଭାଗ ଇଞ୍ଜିନିୟରିଂ ଟିମ୍‌କୁ ସଜାଗ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସଂଖ୍ୟକ ଗଛ କଟାଳି ପ୍ରସ୍ତୁତ ରଖିବାକୁ ଜଙ୍ଗଲ ବିଭାଗକୁ କୁହାଯାଇଛି। ଟେଲିକମ୍ ସେବା ଯୋଗାଉଥିବା କମ୍ପାନୀଗୁଡ଼ିକ ସହ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ରାଜ୍ୟ ଆଇଟି ସଚିବଙ୍କ ଉପସ୍ଥିତିରେ ସେମାନଙ୍କୁ ବାତ୍ୟାବେଳେ ନିରବଚ୍ଛିନ୍ନ ସେବା ଜାରି ରଖିବାକୁ ଆବଶ୍ୟକ ପ୍ରସ୍ତୁତି କରିବାକୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜିଲାପାଳମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ମଗାଯାଇଥିବା ତଥ୍ୟ ପହଞ୍ଚିଛି। ରାଜ୍ୟର କୌଣସି ସ୍ଥାନରେ ଶୁଖିଲା ଖାଦ୍ୟର ଅଭାବ ନାହିଁ। ଯଥେଷ୍ଟ ପରିମାଣରେ ଶୁଖିଲା ଖାଦ୍ୟ ଗଚ୍ଛିତ ଥିବା ନେଇ ଜିଲାପାଳମାନେ ରିପୋର୍ଟ ଦେଇଛନ୍ତି। ଦରଦାମ ବୃଦ୍ଧି ଉପରେ ନିୟନ୍ତ୍ରଣ ପାଇଁ ମଧ୍ୟ ଜିଲାପାଳମାନେ ପଦକ୍ଷେପ ନେଉଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ବାତ୍ୟାକୁ ନେଇ ଚିତ୍ର ସ୍ପଷ୍ଟ ହେବା ପରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହେବ ବୋଲି ଏସ୍ଆରସି ସୂଚନା ଦେଇଛନ୍ତି। ୮ତାରିଖ ସକାଳ ସୁଦ୍ଧା ସମସ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରୁ ଫେରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ରରେ ରହିଥିବା ମତ୍ସ୍ୟଜୀବୀଙ୍କୁ ଫେରାଇ ଆଣିବାରେ ସହଯୋଗ କରିବାକୁ ଭାରତୀୟ ନୌସେନା ଓ ତଟରକ୍ଷୀ ବାହିନୀକୁ ରାଜ୍ୟ ସରକାର ଚିଠି ଲେଖିଛନ୍ତି। ୮ ତାରିଖରୁ ଯେଭଳି କୌଣସି ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟକୁ ଯିବେନି ତାହା ନିଶ୍ଚିତ କରିବାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

## ୮୦ଦିନ ଧରି ...

ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ । ପରେ ଶାଶୁ ବୁଝାଇଶୁଝାଇ ମହିଳାଙ୍କୁ ବାପ ଘରକୁ ପଠାଇ ଦେଇଥିଲେ। କିଛି ଦିନ ପରେ ଶାଶୁ ଚାକିରି କରାଇଦେବାର ବାହାନାରେ ବୋହୂଙ୍କୁ ବାପଘରୁ ଡକାଇ ଆଣିଥିଲେ । ପୂର୍ବରୁ ବାଟରେ ପ୍ରସ୍ତୁତ ହୋଇ ରହିଥିବା ତାନ୍ତ୍ରିକଜଣକ ମହିଳା ଓ ତାଙ୍କ ଅଢେଇ ବର୍ଷର ପୁଅକୁ ଅପହରଣ କରିନେଇ ମୋରଡା ଥାନା ବଇଁଆଡିହା ଗ୍ରାମର ଏକ ପରିତ୍ୟକ୍ତ ଘରେ ତାଲା ମାରି ରଖିଥିଲେ। ୮୦ଦିନ ଧରି ତାନ୍ତ୍ରିକ ଜଣକ ସେଠାରେ ମହିଳାଙ୍କୁ ବଳାତ୍କାର କରିଥିଲେ। ଘଟଣା ପ୍ରକାଶ କଲେ ପୁଅକୁ ହତ୍ୟା କରିଦେବାକୁ ତାନ୍ତ୍ରିକ ବାରମ୍ବାର ଧମକ ଦେଉଥିବାରୁ ମହିଳାଜଣକ ବାଧ୍ୟ ହୋଇ ଚୁପ୍ ରହିଥିଲେ। ମାତ୍ର ତାନ୍ତ୍ରିକଜଣକ ଭୁଲକ୍ରମେ ମୋବାଇଲ ଛାଡିଯାଇଥିବାରୁ ମହିଳାଜଣକ ଫୋନ କରି ତାଙ୍କ ବାପ ଘରକୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ମହିଳାଜଣକ ନିଖୋଜ ଥିବା ନେଇ ଲିଖିତ ଅଭିଯୋଗ ବାପଘର ପକ୍ଷରୁ ପୂର୍ବରୁ ଜଳେଶ୍ୱର ଥାନା ଓ ଏସ୍‌ଡିପିଓଙ୍କୁ ଦିଆଯାଇଥିଲା । ମୋରଡା ଥାନା ପୋଲିସ ବନ୍ଦ କୋଠରୀରୁ ମହିଳା ଓ ତାଙ୍କ ପୁଅକୁ ଉଦ୍ଧାର କରି ଜଳେଶ୍ୱର ଥାନାକୁ ପଠାଇଛି । ଜଳେଶ୍ୱର ଥାନାରେ ଏନେଇ ଏକ ମାମଲା(ନଂ.୧୬୯/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଚନ୍ଦ୍ର ସ୍ୱଗୃହରେ ଅବସ୍ଥାନ କରୁଥିବାରୁ ପାରିବାରିକ ଓ କର୍ମକ୍ଷେତ୍ର ସମସ୍ୟା ମୁକ୍ତ ରହିବ। ଯାତ୍ରା, ବ୍ୟବସାୟ, ବାଣିଜ୍ୟ, ପରିବହନ, ସଂଗଠନ, ରାଜନୀତି ପାଇଁ ବହୁତ ଭଲ। ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ, କିନ୍ତୁ ପାରିବେ ନାହିଁ । କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ।

**ବୃଷ** - ଭାଗ୍ୟସ୍ଥାନ ପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ଯୋଗୁ ଯେଉଁଥିରେ ହାତ ଦେବେ ସବୁ କିଛି ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ସାମୂହିକ କାମରେ ବନ୍ଧୁଙ୍କ ପ୍ରଶଂସା ଆପଣଙ୍କୁ ଭାବବିଭୋର କରାଇବ । ରାହୁ ଓ ବୁଧ ବ୍ୟୟଭାବସ୍ଥ କାରଣରୁ ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ। ଅବୁଝା ବ୍ୟକ୍ତିଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବାକୁ ପଡ଼ିପାରେ।

**ମିଥୁନ** - ଅର୍ଥନୈତିକ ଅଭିବୃଦ୍ଧି ସହ ବୈଷୟିକ ସୁଖସମୃଦ୍ଧି ଜୀବନଯାତ୍ରାକୁ ସାବଲୀଳ କରାଇବ। ଟିକିଏ ହସ ମିଶ୍ରିତ ମଧୁର କଥା ସକାଶେ ଲକ୍ଷ୍ୟହୀନ ଭ୍ରମଣ ମଧ କରିପାରନ୍ତି। ଦେବଗୁରୁଙ୍କ କୃପାରୁ ସଭା ସମିତିରେ ବୁଦ୍ଧିଜୀବୀଙ୍କ ଦ୍ୱାରା ସମ୍ମାନିତ ହେବେ। ଦୀର୍ଘ ଦିନର ଶତ୍ରୁତା ବିବାଦର କାରଣ ହୋଇପାରେ ।

**କର୍କଟ** - ସ୍ୱରାଶିସ୍ଥ ଚନ୍ଦ୍ରଙ୍କ ଯୋଗୁ ମାନସିକ ଶାନ୍ତି ପରିସ୍ଥିତି ଅନୁଯାୟୀ ଅନୁଭୂତ ହେବ। କର୍ମକ୍ଷେତ୍ରରେ ସ୍ୱଇଚ୍ଛାରେ ନିଜ ମୁଣ୍ଡ ଉପରକୁ ଦାୟିତ୍ୱ ନେଇ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଦୂରଯାତ୍ରାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି। ଅଶ୍ଳେଷା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାର ସୂଚନା ରହିଛି ।

**ସିଂହ** - ରାହୁଙ୍କ ଦ୍ୱାରା କବଳିତ ରବି ଆପଣଙ୍କ ଦୈହିକ ଅସୁସ୍ଥତା ସାଙ୍ଗକୁ ପଦସ୍ଥବ୍ୟକ୍ତିଙ୍କ ସହ ବିବାଦ ସୃଷ୍ଟି କରିବ। ଶୁକ୍ର ଅଷ୍ଟମ ସ୍ଥାନରେ ଅବସ୍ଥାନ କରୁଥିବାରୁ କାମରେ ମଧ ଉତ୍ସାହିତ ହୋଇପାରିବେ ନାହିଁ । ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଟି ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି।

**କନ୍ୟା** - ଆଜି ବନ୍ଧୁଙ୍କ ଗହଣରେ ସମୟ କଟାଇବେ କିନ୍ତୁ ଶେଷ ପର୍ଯ୍ୟାୟରେ ସମ୍ପର୍କହାନି ଘଟିବ। କର୍ମକ୍ଷେତ୍ରରେ ଚାଲାକ୍ କାମ କରି ନୂତନ ସମସ୍ୟାକୁ ମଧ ସୁଧାରି ନେବେ। ପୁରୁଣା ଗାଡ଼ିଟି ବିକ୍ରି ହୋଇଯିବା ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି । ଅପେକ୍ଷା କରିବାକୁ କହିଥିଲେ ମଧ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ।

**ତୁଳା** - ଅସୁବିଧାକୁ ପ୍ରକାଶ ନ କରି ମନ ଭିତରେ ବାନ୍ଧି ରଖିଲେ ମାନସିକ କଷ୍ଟ ପାଇବେ। ଘର କାମରେ ମନ ଲାଗିବ ନାହିଁ । ଛୋଟ ଛୋଟ କଥାକୁ ନେଇ କଳହ ଲାଗିବ। ଅବଶ୍ୟ ରାଜନୈତିକ ସ୍ଥିତି ଓ ଆନୁଷ୍ଠାନିକ କାମରେ ପ୍ରଗତି ହେତୁ ଖୁସି ରହିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଯିବ କିନ୍ତୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ।

**ବିଛା** - ଭାବାତ୍ମକ ବାତାବରଣର ଚନ୍ଦ୍ର ଚିନ୍ତାଶୀଳ ମାନସିକତା ସାଙ୍ଗକୁ ପ୍ରଗତିର ପଥରୋଧକ ହେବ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜେହିଁ କ୍ଷତିରେ ପଡ଼ିବେ। ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ସାଲିସ କରି ଚଳିବା ଠିକ୍ ହେବ। ପାରିବାରିକ ଜୀବନ ସୁଖରେ କଟିବା ସହ ବୌଦ୍ଧିକ ବିକାଶରୁ ବୁଦ୍ଧିଜୀବୀଙ୍କ ପ୍ରଶଂସାଭାଜନ ହେବେ ।

**ଧନୁ** - ମାନସିକ ଅସ୍ଥିରତା କିମ୍ବା ଅସାବଧାନତା କାରଣରୁ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ତଥାପି ବ୍ୟସ୍ତ ନ ହୋଇ ଆକସ୍ମିକ ପରିସ୍ଥିତିର ମୁକାବିଲା କରିପାରିଲେ, ଅବଶ୍ୟ ଉପକୃତ ହେବେ। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ ହେବ।

**ମକର** - ସପ୍ତମଭାବର ଶୁଭପ୍ରଭାବରୁ ପ୍ରତିବନ୍ଧକକୁ ସାମ୍ନା କରି ଆଶା ପୂରଣରେ ସଫଳ ହେବେ। ସତ୍‌ସଙ୍ଗ, ସଭାସମିତିରେ ବକ୍ତୃତା, ପ୍ରବଚନ, ଆନୁଷ୍ଠାନିକ କାମରେ ସଫଳତା ପାଇବେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ଆଜିର ଯାତ୍ରାରେ ନିକଟ ସମ୍ପର୍କୀୟ କିମ୍ବା ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**କୁମ୍ଭ** - ଶତ୍ରୁତା କରୁଥିବା ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରହିବା ଭଲ ହେବ। ପରିସ୍ଥିତିର ତାଡନାରେ ଜନଗହଳିପୂର୍ଣ୍ଣ ପରିବେଶରେ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ପଡ଼ୋଶୀଙ୍କଠାରୁ ଦୂରାଗତ ବନ୍ଧୁଙ୍କ ମାଧ୍ୟମରେ ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** - ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଆଲୋଚନା ସମାଲୋଚନା, ବିତର୍କ, ପ୍ରଶାସନ, ରାଜନୀତି, ସଂଗଠନ କ୍ଷେତ୍ରରୁ ସୁଫଳ ମିଳିବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇପାରେ। ଘରର ବରାଦ ଅନୁଶାରେ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।


# classifieds Everyday
0674-2580101, 2549302




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱର Hanspal NHରୁ 3k.m. ଦୂରତାରେ duplex ଏବଂ plot କିଣନ୍ତୁ। 6372789556. D-73239

**Very prime location Big Residential, Commercial Land available at Kafla Bazar, Satichaura, near Indira Gandhi Womens College, Cuttack. 7894759542.** D-348

Ready to move 3BHK flat sale (1.8) metrs from Puri Canal Bridge NH. 9692213354. D-71894

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

BBSR Hanspal to 4 K.M. ଘର ଉପଯୋଗୀ plot Price-1450/- ସୁନ୍ଦରପଦା Xavier University (sqft.-250,350,500) ଘରବାଡ଼ି ମିଳୁଛି। 9556393409, 8114994259. D-284

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ BDA yellowzone ପ୍ଲଟ୍ ମିଳୁଛି। 9556368377.** D-73238

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-224

2000sqft. ପ୍ଲଟ୍ 8,00,000/- (15 plot available) ସୁନ୍ଦରପଦାରୁ ଜଟଣୀ ରୋଡ୍ Bhubaneswar. 9439493164. D-73242

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-225

Demarcated plot KEC, Gudiapokhari ପାଖରେ immediate registration, possession ଅଗ୍ରିମ boundarywall, electricity, 30ft. road sqft.750/-ରେ ମିଳୁଛି। 7008045582, 9692003948. D-320

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**Gharabari plot available near Bhubaneswar, Pahal, Hanspal, Balianta, Nakhara and other location- 9338498460.** D-73236

ଭୁବନେଶ୍ୱର ଗଙ୍ଗୋତ୍ରୀନଗର lane-3 ଏବଂ ଧଉଳିରେ ପିଚୁ ରୋଡ୍‌କୁ ଲାଗି ପ୍ଲଟ୍ ବିକ୍ରିହେବ। 7008833643. D-73243

**ଭୁବନେଶ୍ୱର ପୁରୀ ବାଇପାସରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ବର୍ଗଫୁଟକୁ ୧୬୦୦ ଟଙ୍କାରେ ମିଳୁଅଛି। ଯୋଗାଯୋଗ ଫୋନ୍- 9827339640, 6371681832.** D-330

Gharabari plot for sale at Uttampur before Meeras Courtyard Brahmanjharilo Adjacent to Nakhara Niali State Highway Contact: 8658444666, 9937012712. D-73315

2BHK flat sale near SBI Colony Kesura. 9692213354. D-71895

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Prabhakar construction construct your building get quality house. 9437025258, 8984389029. D-315

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342




2BHK flat with parking at Lingipur rent family. Contact: 7894381416. D-71496

2BHK at SBI Lane Oldtown rent Rs. 8000/-. Contact: 9556791383. D-59891




Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71986

**Email ମାଧ୍ୟମରେ**
କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Take wellness relax body massage by experienced lady therapist. 7008773793. D-73601

Newly open full body massage ladies and gents. 8327740003. D-71893

Full body massage in homely atmosphere all therapy. Mob.- 8114881641. D-73401

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Newly open SPA positively health benefit with expert. Contact: 7749976301. D-71987

Newly open full body massage ladies and gents. 7750904837. D-71894

Refreshing your mind and body with the best therapy, 7873794731. D-317

Newly open full body massage expert male/ female therapist. 7008713526. D-71497

Newly open SPA positively health benefits expert therapist, kalpana. 7846814019. D-71500

All types body massage with high profile smart Lady room service available. 9142145769. D-71345

## LOST

One sale deed is lost on 28 April 22 between Hanspal to Pahal. The details of sale deed mentioned below: Mouza: Arada, Police Station: Cuttack Sadar, Tahasil: Cuttack, Khata No.- 1624/630, Plot No.- 620/6062. The person who found this please contact on- 7008434368 (Tapas Kumar Ray). D-354

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

> ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। **-ଶ୍ରୀଅରବିନ୍ଦ**



# ପକ୍ଷପାତ ରାଜନୀତିକୁ ଉପେକ୍ଷା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ କେରଳ ମୁଖ୍ୟ ଶାସନ ସଚିବ ଭି.ପି.ଜୟ ଗୁଜରାଟରେ ଇ-ଗଭର୍ନାନ୍ସ ପାଇଁ ଚାଲିଥିବା ଡାଶ୍‌ବୋର୍ଡ ସିଷ୍ଟମ ଉପରେ ଅନୁଧ୍ୟାନ କରିବା ପାଇଁ ଗାନ୍ଧୀନଗର ଗସ୍ତ କରିଥିଲେ। ଉତ୍ତମ ସରକାର ପାଇଁ ଡାଶ୍‌ବୋର୍ଡ ସିଷ୍ଟମକୁ ଅନ୍ୟ ରାଜ୍ୟଗୁଡ଼ିକ ଗ୍ରହଣ କରିବାର ଏହା ଏକ ପୂର୍ବ ସୂଚନା। ଡାଶ୍‌ବୋର୍ଡ ସଞ୍ଚାଳନ ପଦ୍ଧତି ୨୦୧୯ରେ ବିଜୟ ରୂପାନୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଆରମ୍ଭ ହୋଇଥିଲା। ଜୟ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ସେବା ଯୋଗାଣ ଓ ନାଗରିକଙ୍କ ପ୍ରତିକ୍ରିୟା ସଂଗ୍ରହ କରିବା ଲାଗି ଏହା ଏକ ଭଲ ପଦ୍ଧତି ବୋଲି କହିଲେ। ଏହା ନିଶ୍ଚିତ ଯେ, ଜୟଙ୍କ ଗସ୍ତ ପଛରେ କେରଳର ବାମ ଗଣତାନ୍ତ୍ରିକ ମେଣ୍ଟ(ଏଲ୍‌ଡିଏଫ୍)ର ସମର୍ଥନ ରହିଥିଲା। ଏପରି କି କେରଳରେ ବିରୋଧୀ ଦଳଗୁଡ଼ିକ ଏହି ଗସ୍ତକୁ ରାଜନୀତି ଦୃଷ୍ଟିକୋଣରୁ ବିଚାର କଲେ। କିନ୍ତୁ ଏହା ସ୍ପଷ୍ଟ ଯେ, ଉତ୍ତମ ଶାସନ ସକାଶେ ଇ-ଟେକ୍‌ନୋଲୋଜିକୁ ଆପଣାଇବା ଦ୍ୱାରା ପକ୍ଷପାତପୂର୍ଣ୍ଣ ରାଜନୀତିକୁ ଅତିକ୍ରମ କରିହେବ ଓ ଶାସନ ଲାଗି ଭଲ ହେବ ବୋଲି ପିନାରୟୀ ବିଜୟନ ସରକାର ବିଶ୍ୱାସ କରନ୍ତି । ସୂତ୍ରରୁ ଜଣାପଡ଼ିଛି, ନିକଟରେ ରାଜଧାନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଜୟନଙ୍କ ମଧ୍ୟରେ ବୈଠକ ହେଲା ପରେ ଗୁଜରାଟ ମଡେଲ ଉପରେ ଅନୁଧ୍ୟାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଜୟନ କେରଳ ଫେରିବା ପରେ ଡାଶ୍‌ବୋର୍ଡ ସିଷ୍ଟମ ଉପରେ ଅନୁଧ୍ୟାନ କରିବା ଲାଗି ଜୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌତୂହଳର ବିଷୟ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍‌ଙ୍କ ଦ୍ୱାରା ଏକା ପ୍ରକାର ପରୀକ୍ଷା କରାଯାଇଥିଲା। ସେ ରାଜ୍ୟର ଆଇଏଏସ୍ ଅଧିକାରୀମାନଙ୍କର ଏକ ଟିମ୍‌କୁ ଯେତେବେଳେ ଦିଲ୍ଲୀ ସରକାରଙ୍କ ଠାରୁ ପ୍ରଶିକ୍ଷଣ ନେବା ପାଇଁ ପଠାଇଥିଲେ ସେତେବେଳେ ବିରୋଧୀ ଦଳଗୁଡ଼ିକ ଏହାକୁ ସମାଲୋଚନା କରିଥିଲେ। ଅରବିନ୍ଦ କେଜରିଓ୍ୱାଲ୍‌ଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି ବୋଲି ମାନ୍‌ଙ୍କୁ ଦୋଷାରୋପ କରାଗଲା। ତଥାପି, ଏହି ନୂଆ ଧାରା ଦର୍ଶାଏ ଯେ ରାଜ୍ୟ ସରକାରଗୁଡ଼ିକ ଏବେ ପକ୍ଷପାତପୂର୍ଣ୍ଣ ରାଜନୀତିକୁ ଉପେକ୍ଷା କରି ସହଯୋଗଭିତ୍ତିକ ରାଜନୀତିକୁ ଗ୍ରହଣ କରିବାକୁ ଇଚ୍ଛାପ୍ରକାଶ କରିଛନ୍ତି ଏବଂ ଯେଉଁଠି ସୁବିଧାରେ ମିଳିବ ବିଶେଷଜ୍ଞମାନଙ୍କୁ ସେଠାରୁ ଆଣିବାକୁ ଚାହୁଁଛନ୍ତି।

### ଫୈସଲ ଫେରିଲେ

୨୦୧୯ରେ କଶ୍ମୀରର ଆଇଏଏସ୍ ଅଧିକାରୀ ଶାହା ଫୈସଲ ସିଭିଲ୍ ସର୍ଭିସରୁ ଇସ୍ତଫା ଦେଇଥିଲେ। ଅନେକ ଦିନ ପରେ ସେ ଏବେ ପ୍ରଶାସନିକ ଅମଲାତନ୍ତ୍ରକୁ ଫେରିଛନ୍ତି ଓ ତାଙ୍କ କାର୍ଯ୍ୟକଳାପ ପାଇଁ ନିଜର ତ୍ରୁଟିପୂର୍ଣ୍ଣ ବିଚାରଧାରାକୁ ଦାୟୀ କରିଛନ୍ତି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଇସ୍ତଫା ପ୍ରତ୍ୟାହାର ପାଇଁ ଫୈସଲ କରିଥିବା ଦରଖାସ୍ତକୁ କେନ୍ଦ୍ର ଗ୍ରହଣ କରିଛି ଏବଂ ଗତ ମାସ ପ୍ରାରମ୍ଭରେ ତାଙ୍କୁ ସେବାରେ ଅବସ୍ଥାପିତ କରିଛି। ସିଭିଲ ସର୍ଭିସ ଟପ୍ପର ହେବାରେ ଫୈସଲ ଥିଲେ ପ୍ରଥମ କଶ୍ମୀରୀ ଏବଂ ସେ ରାଜ୍ୟରେ ଶିକ୍ଷା ଓ ଶକ୍ତି ବିକାଶ ବିଭାଗ ସମେତ ବିଭିନ୍ନ ପଦବୀରେ ରହି କାର୍ଯ୍ୟ କରିଛନ୍ତି। ଜମ୍ମୁ କଶ୍ମୀରର ସ୍ୱତନ୍ତ୍ର ପାହ୍ୟା ମାନ୍ୟତା କେନ୍ଦ୍ର ପ୍ରତ୍ୟାହାର କରିବା ପରେ ସେ ତାହାର ପ୍ରତିବାଦରେ ଇସ୍ତଫା ଦେଇଥିଲେ। ଫୈସଲ ଜମ୍ମୁ ଆଣ୍ଡ କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ ନାମକ ରାଜନୈତିକ ଦଳ ଗଢି ବିଫଳ ହେବା ପରେ ଆମେରିକା ଚାଲିଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ଅଟକ ରଖାଯାଇ ଶ୍ରୀନଗର ପଠାଇଦିଆଯାଇଥିଲା। ସେଠାରେ ତାଙ୍କୁ ନିଜରବନ୍ଦୀରେ ରଖାଯାଇ ୪ ମାସ ପରେ ହଟାଇ ନିଆଯାଇଥିଲା। ଇତି ମଧ୍ୟରେ ଫୈସଲ ଅମଲାତନ୍ତ୍ରକୁ ଫେରିବା ଲାଗି ସଙ୍କେତ ଦେଇ ଆସୁଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ତାଙ୍କ ନିବେଦନକୁ ଗ୍ରହଣ କରି ତାଙ୍କୁ ପୁନଃ ଅବସ୍ଥାପିତ କଲା। ତାଙ୍କୁ କେଉଁ ପଦବୀରେ ନିଯୁକ୍ତି ଦିଆଯିବ ତାହା ଖୁବ୍ ଶୀଘ୍ର ଘୋଷଣା କରାଯିବ। କୌତୂହଳର ବିଷୟ, କେରଳର ଅନ୍ୟ ଜଣେ ଆଇଏଏସ୍ ଅଧିକାରୀ କାନନ୍ ଗୋପୀନାଥନ୍ ମଧ୍ୟ କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ କରି ସିଭିଲ ସର୍ଭିସରୁ ଇସ୍ତଫା ଦେଇଥିଲେ। ଏବେ ସେ ଜଣେ ସାମାଜିକ କର୍ମୀ ହୋଇଯାଇଛନ୍ତି।

### ନିଯୁକ୍ତି ଦୌଡ଼ରେ ସଙ୍ଗୀତା ବିଜୟୀ

ସେବାନିବୃତ ପରେ ଜେ.ବି.ମହାପାତ୍ରଙ୍କ ସ୍ଥାନରେ କେନ୍ଦ୍ର ସଙ୍ଗୀତା ସିଂକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍(ସିବିଡିଟି)ର ମଧ୍ୟବର୍ତ୍ତିକାଳୀନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛି। ଜଣେ ନିୟମିତ ଅଧ୍ୟକ୍ଷ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ସିଂଙ୍କୁ ତିନିମାସ ପାଇଁ ଏହି ନିଯୁକ୍ତି ଦିଆଯିବା ଦ୍ୱାରା ଅନିଶ୍ଚିତତା ଶେଷ ହୋଇଛି। କିଛିଦିନ ପରେ ତାଙ୍କୁ ନିୟମିତ କରାଯିବ ବୋଲି ବ୍ୟାପକ ଚର୍ଚ୍ଚା ହେଉଛି। ତେବେ ସରକାର ମହାପାତ୍ରଙ୍କୁ ପୁଣି ଫେରାଇବେ ନା ତାଙ୍କୁ ଅବସର ନେବାକୁ ଦେବେ, ତାକୁ ନେଇ ଦିଲ୍ଲୀର ବାବୁ ପରିସରରେ କଳ୍ପନାଜଳ୍ପନା ଲାଗି ରହିଥିଲା। ଶେଷରେ, ତାଙ୍କୁ ଯିବାକୁ ଦିଆଗଲା। ସିବିଡିଟିର ଦୁଇ ମହିଳା ସଦସ୍ୟଙ୍କ ମଧ୍ୟରୁ ମହାପାତ୍ରଙ୍କ ପଦବୀ ପାଇଁ ସଙ୍ଗୀତା ସିଂ ଥିଲେ ଜଣେ। ଅନ୍ୟ ଜଣେ ହେଉଛନ୍ତି ପ୍ରଗ୍ୟା ସାହେ ସକ୍‌ସେନା ଯିଏ କି ଏବେ ଲେଜିସ୍‌ଲେଶନ ଆଣ୍ଡ୍ ସିଷ୍ଟମ ସଦସ୍ୟା ରହିଛନ୍ତି। ପଦୋନ୍ନତି ପୂର୍ବରୁ ସିଂ ଅଡିଟ୍ ଆଣ୍ଡ୍ ଜୁଡିସିଆଲ ସଦସ୍ୟ ରହିଥିଲେ। ଏପରି କି ସିଂ ଦୁଇଟି ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିବାରୁ ଏହି ନିଯୁକ୍ତି ଦୌଡ଼ରେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ଆଗରେ ରହିଥିଲେ ବୋଲି ଅନେକଙ୍କର ବିଶ୍ୱାସ ଥିଲା। ନୂଆ ଅଧ୍ୟକ୍ଷ ମଧ୍ୟ ଏହି ପଦବୀ ପାଇଁ ଆଶାୟୀ ଅନ୍ୟ ଦୁଇ ବରିଷ୍ଠ ସିବିଡିଟି ସଦସ୍ୟ ଅଞ୍ଜୁ ଷଡଙ୍ଗୀ ଏବଂ ନୀତିନ ଗୁପ୍ତାଙ୍କୁ ନିଯୁକ୍ତି ଦୌଡ଼ରେ ପରାସ୍ତ କରି ଦେଇଛନ୍ତି।

Email: dilipcherian@gmail.com

# ଆତଙ୍କର ବୁଲ୍‌ଡୋଜର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶରେ ଆଜିକାଲି ବୁଲ୍‌ଡୋଜରକୁ ନେଇ ଚର୍ଚ୍ଚା ଚାଲିଛି। ଉତ୍ତର ପ୍ରଦେଶଠାରୁ ଆରମ୍ଭକରି ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି ବୁଲ୍‌ଡୋଜର ଏବେ ରାଜନୀତିର ନୂଆ ପ୍ରତୀକ ଭାବେ ସାମ୍ନାକୁ ଆସିଛି। ବିଶେଷକରି କେନ୍ଦ୍ର ଓ ବିଭିନ୍ନ ରାଜ୍ୟର ଶାସନ କ୍ଷମତାରେ ରହିଥିବା ଭାଜପା ନିଜର ରାଜନୈତିକ ବିଚାରକୁ ଲାଗୁ କରିବାକୁ ଏହାକୁ ନୂଆ ହତିଆରରେ ପରିଣତ କରିବା ଦେଖିବାକୁ ମିଳିଛି।

ନିକଟରେ ଦିଲ୍ଲୀର ଜାହାଙ୍ଗୀରପୁରୀ ଅଞ୍ଚଳରେ ବୁଲ୍‌ଡୋଜରକୁ ନେଇ ଯେଉଁ ଘଟଣା ଘଟିଗଲା, ତାକୁ ସାରା ଦେଶ ଦେଖିଛି। ହନୁମାନ ଜୟନ୍ତୀ ଅବସରରେ ସେ ଅଞ୍ଚଳରେ ହୋଇଥିବା ଏକ ଶୋଭାଯାତ୍ରାରେ ସାମ୍ପ୍ରଦାୟିକ ହିଂସା ଦେଖାଦେଇଥିଲା। ପୋଲିସର ବିନା ଅନୁମତିରେ ଅସ୍ତ୍ରଶସ୍ତ୍ର ଧରି ବାହାରିଥିବା ହିନ୍ଦୁମାନଙ୍କ ଏହି ଶୋଭାଯାତ୍ରା ମୁସଲିମ ବସ୍ତି ଓ ମସ୍‌ଜିଦ୍ ଦେଇ ଯିବା ବେଳେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଝଗଡ଼ା ସୃଷ୍ଟି ହୋଇ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଘଟଣାର ତୁରନ୍ତ ପରଦିନ ଭାଜପା ନେତୃତ୍ୱରେ ରହିଥିବା ଦିଲ୍ଲୀ ପୌର ନିଗମର ଅଧିକାରୀମାନେ ଦିଲ୍ଲୀ ପୋଲିସର ସହାୟତାରେ ଜବରଦଖଲ ଉଚ୍ଛେଦ କରିବା ନାଁରେ ବୁଲ୍‌ଡୋଜର ଧରି ସେଠାରେ ପହଞ୍ଚି ଯାଇଥିଲେ। କୌଣସି ବିଧିବଦ୍ଧ ପ୍ରକ୍ରିୟା ବିନା ସେଠାକାର ବସ୍ତି ଓ ଫୁଟ୍‌ପାଥ୍‌ରେ ଥିବା ଘର ଏବଂ ଦୋକାନଗୁଡ଼ିକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିବା ଆରମ୍ଭ କରି ଦେଇଥିଲେ। ତେବେ ସୁପ୍ରିମ କୋର୍ଟଙ୍କ ସ୍ଥଗିତାଦେଶ ଆସିବା ପରେ ଯାଇ ହିଁ ସେଦିନ ବୁଲ୍‌ଡୋଜରର ଅଭିଯାନ ବନ୍ଦ ହୋଇଥିଲା।

ଭାଜପାର ଏହି ବୁଲ୍‌ଡୋଜର ରାଜନୀତିଟି ମୂଳତଃ ଉତ୍ତର ପ୍ରଦେଶରୁ ଆରମ୍ଭ ହୋଇଛି। ସେଠାକାର ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ବୁଲ୍‌ଡୋଜରକୁ ନେଇ ଏତେ ସମ୍ମୋହନ ରହିଛି ଯେ, ତାଙ୍କ ସମର୍ଥକ ଓ ବିରୋଧୀ ଉଭୟ ତାଙ୍କୁ 'ବୁଲ୍‌ଡୋଜର ବାବା' ବୋଲି କହୁଛନ୍ତି। ନିକଟରେ ନିର୍ବାଚନ ଜିତିବା ପରେ ତାଙ୍କର ଜଣେ ସମର୍ଥକ ତାଙ୍କୁ ରୁପାର ଏକ ବୁଲ୍‌ଡୋଜର ନମୁନାକୁ ଉପହାର ସ୍ୱରୂପ ଦେବା ବେଳେ ସେ ତାକୁ ଖୁସିରେ ଗ୍ରହଣ କରିଥିବା ଜଣାପଡ଼ିଛି। ସାମନ୍ତବାଦୀ ଶାସନକାଳରେ ରାଜା ଓ ସାମନ୍ତମାନେ ନିଜଠାରୁ ଅଧିକ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ଖଣ୍ଡା ଉପହାର ସ୍ୱରୂପ ପ୍ରଦାନ କରୁଥିଲେ। ସେତେବେଳେ ତାହା ଶକ୍ତି ଓ ଆଧିପତ୍ୟର ପ୍ରତୀକ ଥିଲା। ଆଜି କିନ୍ତୁ ବିଧ୍ୱଂସ କରିବାକୁ ସକ୍ଷମ ବୁଲ୍‌ଡୋଜର ସରକାରଙ୍କ ରାଜନୈତିକ ଆଧିପତ୍ୟର ପ୍ରତୀକ ହୋଇଯାଇଛି।

ତେବେ ଆଦିତ୍ୟନାଥଙ୍କ ଏହି ବୁଲ୍‌ଡୋଜର ଅଭିଯାନର ସବୁଠାରୁ ବଡ଼ ଶିକାର ହୋଇଛନ୍ତି ସେଠାକାର ଗରିବ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ। ନିର୍ବାଚନ ରଣନୀତିର ଅଂଶବିଶେଷ ଭାବେ ଭାଜପା ସେଠାରେ ଧାର୍ମିକ ଧ୍ରୁବୀକରଣ କରିବା ପାଇଁ ବୁଲ୍‌ଡୋଜରକୁ ଶାସନର ପ୍ରତୀକ କରିଦେଇଛି। ନିର୍ବାଚନ ପ୍ରଚାର ସମୟରେ ଯେତେବେଳେ ବିରୋଧୀ ଦଳ ବେରୋଜଗାରୀ, ଦରବୃଦ୍ଧି, ବୁଲାପଶୁ ଯୋଗୁ ଫସଲ କ୍ଷତି ଆଦି ସମସ୍ୟା ସମ୍ବଳିତ ପ୍ରସଙ୍ଗ ଉଠାଉଥିଲେ, ସେତେବେଳେ ଆଦିତ୍ୟନାଥ ନିଜର ନିର୍ବାଚନୀ ସଭାଗୁଡ଼ିକରେ ଖୋଲାଖୋଲି ଭାବେ ନିଜର ବୁଲ୍‌ଡୋଜର ଅଭିଯାନର ମହିମା ମଣ୍ଡିତ କରି ସରକାର ଆସିଲେ ପୁଣି ଥରେ ବୁଲ୍‌ଡୋଜର ଚଳାଇ ବିରୋଧୀମାନଙ୍କୁ ଜବତ କରାଯିବ ବୋଲି କହୁଥିଲେ। ତେବେ ଆଦିତ୍ୟନାଥ ନିର୍ବାଚନରେ ସଫଳତା ପାଇବା ପରେ ତାଙ୍କ ବୁଲ୍‌ଡୋଜର ରାଜନୀତି ଅନ୍ୟ ଭାଜପା ଶାସିତ ରାଜ୍ୟର ସରକାରମାନଙ୍କୁ ଏକଦମ୍ ଉତ୍ସାହିତ କରିଛି। ସେମାନଙ୍କୁ ବି ଏହି ବୁଲ୍‌ଡୋଜର ରାଜନୀତିକୁ ଆପଣେଇବାକୁ ପ୍ରୋତ୍ସାହିତ କରିଛି।



ନିକଟରେ ମଧ୍ୟପ୍ରଦେଶର ଖରଗୋନ୍‌ଠାରେ ରାମନବମୀ ଶୋଭାଯାତ୍ରାରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ପରେ ପରେ ସେଠାକାର ଭାଜପା ସରକାର କୌଣସି ବିଧିବଦ୍ଧ ପ୍ରକ୍ରିୟା ବିନା ତତ୍‌କ୍ଷଣାତ୍ ବୁଲ୍‌ଡୋଜର ବ୍ୟବହାର କରିବା ଦେଖିବାକୁ ମିଳିଛି। ଦଙ୍ଗାରେ ଉଭୟ ସମ୍ପ୍ରଦାୟର ଲୋକେ ସାମିଲ ଥିଲେ ମଧ୍ୟ ସରକାରଙ୍କ ବୁଲ୍‌ଡୋଜର କେବଳ ସଂଖ୍ୟାଲଘୁ ସମ୍ପ୍ରଦାୟ ରହୁଥିବା ବସ୍ତି ଓ ଘରକୁ ଟାର୍ଗେଟ୍ କରିଛି। ସେହି ଏକା ପ୍ରକାର ତରିକାକୁ ଦିଲ୍ଲୀର ଜାହାଙ୍ଗୀରପୁରୀ ଓ ଗୁଜରାଟର ହିମ୍ମତନଗରଠାରେ ମଧ୍ୟ ସେଠାକାର ଭାଜପା ସରକାର ବା ପୌରସଭାମାନେ ଆପଣେଇ ଲୋକଙ୍କ ଘର ଓ ଦୋକାନ ଉପରେ ବୁଲ୍‌ଡୋଜର ଚଳାଇଛନ୍ତି। ଦିଲ୍ଲୀରେ ପ୍ରାୟ ୫୦ ଲକ୍ଷ ଲୋକ ୧୭୩୧ଟି ଅବୈଧ କଲୋନୀ ବା ବସ୍ତିରେ ବସବାସ କରୁଥିବା ବେଳେ କେବଳ ସଂଖାଲଘୁ ବହୁଳ ଜାହାଙ୍ଗୀରପୁରୀକୁ ହିଁ ଟାର୍ଗେଟ୍ କରାଯାଇଛି। ସହରର ଫେରିବାଲାଠାରୁ ଆରମ୍ଭକରି ଫୁଟ୍‌ପାଥ୍‌ର ଛୋଟ ବେପାରୀ ପର୍ଯ୍ୟନ୍ତ ସମସ୍ତଙ୍କ ବାସସ୍ଥାନ ହେଉଛି ଏହି ବସ୍ତି। କହିବାକୁ ଗଲେ କେବଳ ଦିଲ୍ଲୀ ନୁହେଁ ବରଂ ଦେଶର ସବୁ ସହରରେ ଏହି ବସ୍ତିର ବାସିନ୍ଦାମାନେ ଶ୍ରମ ଯୋଗାଇ ଥାଆନ୍ତି। ଅତଏବ ନିଜର ରାଜନୈତିକ ସ୍ୱାର୍ଥରେ ସେମାନଙ୍କୁ ବାସହରା କରିବା ବା ରୋଜଗାର ଛଡ଼େଇବାର ଅଧିକାର କୌଣସି ସରକାରର ନାହିଁ। ଏହା କେବଳ ଅମାନବିକ ନୁହେଁ ବରଂ ସମ୍ବିଧାନ ପ୍ରଦତ୍ତ ସେମାନଙ୍କ ବଞ୍ଚିବାର ଅଧିକାରର ଖୋଲା ଉଲ୍ଲଂଘନ। ଯେହେତୁ ଆଶ୍ରୟର ଅଧିକାର ମଧ୍ୟ ବଞ୍ଚିବାର ଅଧିକାରର ଅନ୍ତର୍ଭୁକ୍ତ ଅତଏବ କୌଣସି ବିକଳ୍ପ ଆଶ୍ରୟ ନ ଯୋଗାଇ ରାଷ୍ଟ୍ର କୌଣସି ବ୍ୟକ୍ତିକୁ ଆଶ୍ରୟହୀନ କରି ନ ପାରେ। କିନ୍ତୁ ଦିଲ୍ଲୀର ଜାହାଙ୍ଗୀରପୁରୀରେ ଯେଉଁ ବୁଲ୍‌ଡୋଜର ଚଳାଗଲା ସେଥିରେ କ୍ଷତିଗ୍ରସ୍ତଙ୍କ ମଧ୍ୟରେ କିଛି ହିନ୍ଦୁ ପରିବାର ରହିଥିଲେ ମଧ୍ୟ ଅଧିକାଂଶ ସଂଖ୍ୟାଲଘୁ ସମ୍ପ୍ରଦାୟର ରହିଛନ୍ତି।

ସରକାର ବୁଲ୍‌ଡୋଜର ଲଗାଇ କୌଣସି ସ୍ଥାନରେ ଜବରଦଖଲକୁ ଉଚ୍ଛେଦ କରିବା ନୂଆଁ କଥା ନୁହେଁ। ଦେଶର ବିଭିନ୍ନ ରାଜ୍ୟରେ କ୍ଷମତାରେ ଥିବା ସବୁ ଦଳର ସରକାରମାନେ ରାସ୍ତା ଓ ସରକାରୀ ସମ୍ପତ୍ତିକୁ ଜବରଦଖଲରୁ ମୁକ୍ତ କରିବାକୁ ବୁଲ୍‌ଡୋଜର ବ୍ୟବହାର କରିଥାନ୍ତି। ଏହା ଏକ ସ୍ୱାଭାବିକ ପ୍ରଶାସନିକ ପ୍ରକ୍ରିୟା। କିନ୍ତୁ ଏଥିପାଇଁ ନିୟମ କାନୁନର ଏକ ବିଧିବଦ୍ଧ ପ୍ରକ୍ରିୟାକୁ ଅବଲମ୍ବନ କରାଯାଇଥାଏ। ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ଆଗୁଆ ନୋଟିସ ଦେଇ ତାକୁ ନିଜର ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଥାଏ। ସେଠାରୁ ନିଜର ଜିନିଷପତ୍ର ଖାଲି କରିବାକୁ ସମୟ ବି ଦିଆଯାଇଥାଏ। କିନ୍ତୁ ମଧ୍ୟପ୍ରଦେଶର ଖରଗୋନ୍, ଦିଲ୍ଲୀର ଜାହାଙ୍ଗୀରପୁରୀ ଏବଂ ଗୁଜରାଟର ହିମ୍ମତନଗରଠାରେ ଜବର ଦଖଲ ଉଚ୍ଛେଦ ନାଁରେ ଯେଉଁଭଳି ବୁଲ୍‌ଡୋଜର ଚଳାଗଲା, ତାହା ଆଇନରେ ଉଲ୍ଲେଖିତ ସମସ୍ତ ନିୟମକାନୁନକୁ ଏକଦମ୍ ଅଣଦେଖା କରାଯାଇଛି। ଏକ ପ୍ରତିଶୋଧାତ୍ମକ ମନୋଭାବ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ସାବାଡ କରିବା ଉଦ୍ଦେଶ୍ୟରେ ସେମାନେ ରହୁଥିବା ବସ୍ତି ଓ ଉଠାଦୋକାନ ଉପରେ ବୁଲ୍‌ଡୋଜର ଚଳାଯାଇଛି। ଏହାକୁ ଫାସୀବାଦୀ ଅଭିଯାନ ବ୍ୟତୀତ ଆଉ କ'ଣ ବା କୁହାଯାଇପାରେ ?

ଦେଶରେ ଚାଲିଥିବା ଏହି ବୁଲ୍‌ଡୋଜର ଅଭିଯାନକୁ ବିଚ୍ଛିନ୍ନ ଭାବେ ଦେଖାଯାଇ ନ ପାରେ। ରାଜନୈତିକ ସ୍ୱାର୍ଥ ପାଇଁ ଗତ କିଛି ବର୍ଷ ହେଲା ଦେଶରେ ଯେଉଁ ସାମ୍ପ୍ରଦାୟିକ ଧ୍ରୁବୀକରଣର ରାଜନୀତି ଚାଲିଛି, ତା'ର ଏହା ହେଉଛି ଅଂଶବିଶେଷ। ଏଭଳି ପରିସ୍ଥିତିରେ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ସମାଜର ଗରିବ ଓ ସଂଖ୍ୟାଲଘୁ ଲୋକ ଏବଂ ରାଜନୈତିକ ବିରୋଧୀଙ୍କ ବିରୋଧରେ ବେଆଇନ ବୁଲ୍‌ଡୋଜର ଅଭିଯାନ ସରକାରୀ ନୀତିରେ ପରିଣତ ହେବା ଦେଶର ସମ୍ବିଧାନ ଓ ଆଇନ ବ୍ୟବସ୍ଥା ପ୍ରତି ସିଧାସଳଖ ଆହ୍ୱାନ ସୃଷ୍ଟି କରିଛି।

**ମୋ : ୯୪୩୭୧୬୬୩୯୧**

# ବିଦ୍ୟୁତ୍ ବ୍ୟବହାର: ବିଚାରଣୀୟ ବିଷୟ



ମନୋଜ ପଟ୍ଟନାୟକ

ବିଦ୍ୟୁତ୍ ସେବା ଆମ ଗ୍ରାହକମାନଙ୍କୁ ଶେଷ କିଛି ସପ୍ତାହ ହେଲା ବହୁତ ବ୍ୟତିବ୍ୟସ୍ତ କରିଛି। ଏହି ବ୍ୟାଘାତ ହେତୁ ବିଭିନ୍ନ ମହଲରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁଦ୍ଧିଜୀବୀ କିଛି ମତବ୍ୟକ୍ତ କରିନାହାନ୍ତି ତଥାପି ଅନେକ ଖବର ସରବରାହ ସଂସ୍ଥାରେ ବିଭିନ୍ନ କଥା ପ୍ରକାଶ ପାଇଛି ଯଥା ଅଘୋଷିତ ବିଦ୍ୟୁତ୍ କାଟ, କମ୍ପାନୀର ଲାଭ ପାଇଁ ବିଦ୍ୟୁତ୍ କାଟ, ମନମାନୀ ଇତ୍ୟାଦି ଇତ୍ୟାଦି। ବିଦ୍ୟୁତ୍ ବିତରଣ ସଂସ୍ଥା ମଧ୍ୟ ଏହାକୁ ଅନୁଭବଂ କରିଛନ୍ତି। ଏହା ମୁଖ୍ୟତଃ ଆକସ୍ମିକ ଗ୍ରୀଷ୍ମପ୍ରବାହ ଏବଂ ତଦନୁସାରେ ଅତିମାତ୍ରାରେ ବିଦ୍ୟୁତ୍ ଆବଶ୍ୟକତା ଅନ୍ୟାନ୍ୟ କାରଣ ମଧ୍ୟରୁ ଏକ କାରଣ। ଏଠାରେ କୁହାଯାଇପାରେ ଯେ, ଏହା କେବଳ ପଶ୍ଚିମ ଓଡ଼ିଶା ବା ସାରା ଓଡ଼ିଶାରେ ଏଭଳି ବ୍ୟାଘାତ ଘଟିଛି ତାହା ନୁହେଁ ଏହି ପରିସ୍ଥିତି ସାରା ଭାରତବର୍ଷରେ ବିଗତ କିଛି ସପ୍ତାହ ହେବ ଅନୁଭୂତ ହୋଇଛି। ଆମେ ବିଦ୍ୟୁତ୍ ଆବଶ୍ୟକତା ମେଣ୍ଟାଇବା ପାଇଁ ଜଳ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁ। ବିଦ୍ୟୁତ୍ ବିତରଣ ସଂସ୍ଥା ପାଖକୁ ଏହା ବିଭିନ୍ନ ମାଧ୍ୟମ ଦେଇ ଆସିଥାଏ। ବିତରଣ ଦାୟିତ୍ୱରେ ଥିବା ସଂସ୍ଥା କେବଳ ଗ୍ରାହକମାନଙ୍କୁ ନିଜର ଆବଶ୍ୟକତା ଅନୁସାରେ ବିଦ୍ୟୁତ୍ ବିତରଣ କରେ ଏବଂ ବିଦ୍ୟୁତ୍ ସରଞ୍ଜାମର ରକ୍ଷଣାବେକ୍ଷଣ କରେ। ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ବିଦ୍ୟୁତ୍ ଆବଶ୍ୟକତା ଉପରେ ଯୋଜନା କରାଯାଇଥିଲା। ଗ୍ରୀଷ୍ମଋତୁରେ ଅତ୍ୟଧିକ ଆବଶ୍ୟକତାକୁ ମଧ୍ୟ ଧ୍ୟାନ ଦିଆଯାଇଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ ପାରଦ ଏତେ ମାତ୍ରାରେ ବଢ଼ିଗଲା ଏବଂ ସମୟ ପୂର୍ବରୁ ଗ୍ରୀଷ୍ମ ପ୍ରବାହ ହେଲା ଯେ, ଅତି ଅଳ୍ପ ସମୟ ମଧ୍ୟରେ ଆବଶ୍ୟକତା ମେଣ୍ଟାଇବା ପାଇଁ ସବୁ ପ୍ରକାର ଚେଷ୍ଟା କରିବା ସତ୍ତ୍ୱେ ଉତ୍ପାଦନ କ୍ଷେତ୍ରରେ କିଛି ତ୍ରୁଟି ପରିଲକ୍ଷିତ ହେଲା। ଏହି ପରିପ୍ରେକ୍ଷୀରେ କିଛି ଅସୁବିଧାର ସମ୍ମୁଖୀନ ଯଥା ଅନ୍ତର୍ଜାତୀୟ ପରିବହନ, କଞ୍ଚାମାଲର ଦରଦାମ ବୃଦ୍ଧି ଆଦି କାରଣକୁ ଏଡାଇ ଦିଆଯାଇ ନ ପାରେ।

ଯଦିଓ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଯୁଗୋପଯୋଗୀ ଯନ୍ତ୍ରପାତିର ବ୍ୟବସ୍ଥା ପ୍ରତ୍ୟେକ କ୍ଷେତ୍ର ଯଥା ବିଦ୍ୟୁତ୍ ଉତ୍ପାଦନ, ବିଦ୍ୟୁତ୍ ପରିବହନ ଏବଂ ବିଦ୍ୟୁତ୍ ବିତରଣରେ କରାଯାଇଛି କିନ୍ତୁ ପ୍ରତ୍ୟେକ



ସରଞ୍ଜାମର ଏକ ନିର୍ଦ୍ଧାରିତ କ୍ଷମତା ରହିଛି । ଅତ୍ୟଧିକ ଚାପ ଫଳରେ ଅତି ବିଶିଷ୍ଟ କ୍ଷମତା ସମ୍ପନ୍ନ ଯନ୍ତ୍ରପାତି ମଧ୍ୟ ଅନେକ ସମୟରେ କାର୍ଯ୍ୟକ୍ଷମ ନ ହେବା ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ ପ୍ରକାଶ କରିବା ଆବଶ୍ୟକ ଯେ, ଆମ ଦେଶ ଏବଂ ପୂରା ଏସିଆ ମହାଦେଶ ବିଗତ ୨ ବର୍ଷ ଧରି କରୋନା ମହାମାରୀ ଯୋଗୁ ବନ୍ଦ ପଡିଥିଲା। ଏହାଦ୍ୱାରା ଜୀବନ ଯାତ୍ରା, କାର୍ଯ୍ୟାଳୟ, କଳକାରଖାନା ସମସ୍ତ ଗତି ଶୂନ୍ୟ ହୋଇଯାଇଥିବା କୁହାଗଲେ ଅତ୍ୟୁକ୍ତି ହେବ ନାହିଁ। ୨୦୨୨ ଜାନୁୟାରୀ ପରଠାରୁ ଧୀରେ ଧୀରେ ଏ ସବୁ କ୍ଷେତ୍ରରେ ଅର୍ଥନୈତିକ ବିକାଶ ପରିଲକ୍ଷିତ ହେବା ସହିତ ଗୋଟିଏ ସମୟରେ ପୂରା ଦେଶର ସମସ୍ତ କାର୍ଯ୍ୟାଳୟ, କଳକାରଖାନା ଖୋଲିବା ବିଦ୍ୟୁତ୍ ଆବଶ୍ୟକତାର ଚାହିଦା ବଢ଼ାଇବାର ଏକ କାରଣ।

ଇତିମଧ୍ୟରେ ଆମର ଦୃଷ୍ଟିଗୋଚର ହେଲା ଯେ, ବିତରଣ କମ୍ପାନୀ ବିଦ୍ୟୁତ୍ କାଟ୍ କରିବା ଦ୍ୱାରା ବ୍ୟବସାୟିକ ଲାଭ ଏବଂ ଉନ୍ନତି କରିଥାଏ। ଏହି ପରିପ୍ରେକ୍ଷୀରେ ଏହା ପ୍ରକାଶ କରିବା ଅତ୍ୟନ୍ତ ଆବଶ୍ୟକ ଯେ ବିତରଣ କମ୍ପାନୀର ବିଦ୍ୟୁତ୍ ଯେତେ ପର୍ଯ୍ୟନ୍ତ ଗ୍ରାହକମାନେ ବ୍ୟବହାର କରନ୍ତି ନାହିଁ ଏବଂ ତତ୍‌ଜନିତ ମିଟରରେ ୟୁନିଟ୍‌ର ଅଙ୍କ ଚଳେ ନାହିଁ। ବିଦ୍ୟୁତ୍ ବିତରଣକାରୀ ସଂସ୍ଥାର ରାଜସ୍ୱ ମଧ୍ୟ ଚଳେ ନାହିଁ। ତେଣୁ ଏହିପରି ମତ ବ୍ୟକ୍ତ କରି ଗ୍ରାହକଙ୍କୁ ବିଭ୍ରାନ୍ତି ସୃଷ୍ଟି କରିବା ଛଡା ଆଉ କିଛି ନୁହେଁ। ସରକାର, ଶକ୍ତିବିଭାଗ, ଗ୍ରୀଡ୍‌କୋ ଏବଂ ପ୍ରଶାସନ ଆଗରେ ଆବଶ୍ୟକତା ଏବଂ ତଦନୁସାରେ ଯୋଗାଣ କ୍ଷମତାର ଠିକ୍ ଆକଳନ କରିବା ପାଇଁ ବିଦ୍ୟୁତ୍ ଚୋରି ରୋକିବା, ଅନୈତିକ ପନ୍ଥାରେ ବିଦ୍ୟୁତ୍ ବ୍ୟବହାର କରିବା ଏକ ବିଚାରଣୀୟ ବିଷୟ। ଆଶା, ଏଥିପ୍ରତି ପ୍ରତ୍ୟେକ ଉପଭୋକ୍ତା ଏବଂ ସମାଜ ଆଗାମୀ ଦିନରେ ସଚେତନ ହେବେ। ନିକଟ ଭବିଷ୍ୟତରେ ଏହି ସମାଧାନର ପନ୍ଥା ନିରୂପଣ କରିବା ସକାଶେ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ଅଧିକାରୀ, ମୁଖ୍ୟ ଶାସନ ସଚିବ ଏବଂ ଗ୍ରୀଡ୍‌କୋର ମହାନିର୍ଦ୍ଦେଶକ ପ୍ରତ୍ୟେକ ସଂସ୍ଥା ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ଏବଂ ଏହାକୁ ସାମୟିକ ବୋଲି ବିବେଚନା କରିଛନ୍ତି। ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ଦ୍ୱାରା ପ୍ରତ୍ୟେକ ଦିନ ପରିସ୍ଥିତିର ମୁକାବିଲା ପାଇଁ ପନ୍ଥା ନିରୂପଣ କରାଯାଉଛି। ଏହା ନିଶ୍ଚିତ ରୂପରେ ସାମୟିକ।

**ମୋ: ୯୮୬୧୭୬୬୬୮୮**

## ଏଇ ଭାରତରେ

ଜୀବନ କେମିତି ଗଢ଼ିବାକୁ ହୁଏ, ଜୀବିକା ଲାଗି ସଂଗ୍ରାମ କରି ନିଜେ ବଞ୍ଚି ଅନ୍ୟମାନଙ୍କ ମୁହଁରେ କେମିତି ହସ ଫୁଟାଇବାକୁ ହୁଏ ; ତାହାର ଏକ ଦୃଷ୍ଟାନ୍ତ ହେଉଛନ୍ତି ମଧୁମିତା ଶ । ପିପଲ ଟ୍ରି ସଂସ୍ଥା ମାଧ୍ୟମରେ ହସ୍ତକଳା ବ୍ୟବସାୟ କରି ଏବେ ସେ ବର୍ଷକୁ ୬୦ ଲକ୍ଷ ଟଙ୍କା ରୋଜଗାର କରିବା ସହ ଅନେକ ଶହ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ତାଙ୍କ ବ୍ୟବସାୟ ପଛରେ ଏକ କାହାଣୀ ବି ରହିଛି। ଝାଡ଼ଖଣ୍ଡର ଜାମସେଦପୁର ଘଟଶିଳା ନିବାସୀ ମଧୁମିତା ୨୦୧୨ରେ ବିବାହ କରିବାର ୬ ମାସ ପରେ ଶାଶୁଘର ଲୋକେ ତାଙ୍କ ବାପାଙ୍କଠାରୁ ୧ ଲକ୍ଷ ଟଙ୍କା ଆଣିବା ଲାଗି କହିବାରୁ ସେ ରୋକ୍‌ଠୋକ ମନା କରିଦେଇଥିଲେ। ପରେ ତାଙ୍କୁ ସେଠାରେ ଅଣଦେଖା କରାଗଲା ଓ ଶେଷରେ ଶାଶୁଘର ଛାଡ଼ିବାକୁ ପଡ଼ିଲା। ଏହାପରେ ମଧୁମିତା ଭାଙ୍ଗି ନ ପଡ଼ି ୨୦୧୫ରେ ପ୍ରଥମେ ୩ ଜଣ ଆଦିବାସୀ ମହିଳାଙ୍କୁ ନେଇ ହସ୍ତକଳା ସାମଗ୍ରୀ ବ୍ୟବସାୟ ଆରମ୍ଭ କରିଥିଲେ। ପରେ ପିପଲ ଟ୍ରି ଗଢ଼ି ଅଧିକ ଆଦିବାସୀ ମହିଳାଙ୍କୁ ନିଯୁକ୍ତ କରି ଚାବି ରିଙ୍ଗ, କାଠ ଟ୍ରେ, ପେନ୍ ଷ୍ଟାଣ୍ଡ ଆଦି ୨୦୦ ପ୍ରକାର ସାମଗ୍ରୀ ତିଆରି କରି ବିକ୍ରି କରୁଛନ୍ତି। ଏଥିପାଇଁ ସେ ୨୦୦ ମହିଳାଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି ଓ ସେମାନେ ମାସିକ ୧୫,୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ମେ ୧୯୯୭

- ଜେଏମ୍‌ଏମ୍ ସାଂସଦଙ୍କ ଲାଞ୍ଚ ମାମଲାରେ ସିବିଆଇର କ୍ଷମତାପ୍ରାପ୍ତ ଅଦାଲତ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓଙ୍କ ସମେତ ୨୦ ଜଣଙ୍କ ବିରୁଦ୍ଧରେ ଚାର୍ଜଶିଟ୍ ଦାଖଲ।
- ପୂର୍ବ ଦିଲ୍ଲୀର ଗାନ୍ଧୀନଗର ଥାନା ଅନ୍ତର୍ଗତ ଜନାକୀର୍ଣ୍ଣ କୈଳାସନଗରସ୍ଥିତ ଏକ ତିନିମହଲା ଫ୍ଲାଟରେ ଥିବା କାରଖାନାରେ ଶକ୍ତିଶାଳୀ ବିସ୍ଫୋରଣ ଘଟି ୧୨ ମୃତ।
- ଆଫଗାନିସ୍ତାନର ଉତ୍ତର-ପୂର୍ବାଞ୍ଚଳ କୁନାର ପ୍ରଦେଶର ଶିଗାଲ ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ଗିରିପଥ ନିକଟରେ ତାଲିବାନ ଇସ୍‌ଲାମୀୟ ବାହିନୀ ଏବଂ କ୍ଷମତାଚ୍ୟୁତ ସରକାରୀ ସେନା ବାହିନୀ ମଧ୍ୟରେ ସଂଘର୍ଷ ଘଟି ୧୫ ସୈନ୍ୟ ନିହତ।

## ଚିରନ୍ତନୀ

ସେ ଫୁଲ ଫୁଟଇ କେଉଁ ଦେଶେ ହେ
ଆକୁଳ ଭୁବନ ତା'ର ବେଶେ ଯେ
ସେ କେଉଁ ପ୍ରେୟସୀ ମୋତେ ଲୋଡ଼ଇ
ମିଳନ-ବାସନାରାଶି ବଢ଼ଇ
ଭୁବନେ ଭୁବନେ ହସ ଛାଡ଼ଇ
ଭୁବନେ ଭୁବନେ ଗୀତ ଲେଖେ ହେ !
-(ଫଗୁଣ ଜ୍ୟୋସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | 6 | | 9 | | |
| | 2 | 8 | | | | | | 1 |
| | 9 | | | | 5 | | | |
| 9 | | 3 | | | | 2 | | |
| | 7 | 1 | | | | | | |
| | | | 8 | | 3 | | | |
| 6 | | | | | | | | |
| | 1 | | | 2 | 6 | | | 5 |
| 7 | | | | 9 | | 4 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 5 | 3 | 6 | 9 | 7 | 2 | 4 |
| 2 | 9 | 4 | 8 | 5 | 7 | 1 | 3 | 6 |
| 7 | 6 | 3 | 2 | 1 | 4 | 8 | 9 | 5 |
| 4 | 3 | 8 | 1 | 2 | 6 | 5 | 7 | 9 |
| 5 | 7 | 6 | 9 | 3 | 8 | 4 | 1 | 2 |
| 9 | 1 | 2 | 4 | 7 | 5 | 6 | 8 | 3 |
| 8 | 4 | 1 | 5 | 9 | 2 | 3 | 6 | 7 |
| 3 | 2 | 7 | 6 | 4 | 1 | 9 | 5 | 8 |
| 6 | 5 | 9 | 7 | 8 | 3 | 2 | 4 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନର ନିଦ ଭାଙ୍ଗୁ

ମହାଶୟ,

ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ଦର୍ଶନ ଓ ବେଳାଭୂମିରେ ବାୟୁସେବନ ନିମନ୍ତେ ପ୍ରତ୍ୟହ ହଜାର ହଜାର ଦର୍ଶନାର୍ଥୀ ତଥା ପର୍ଯ୍ୟଟକ ଭିନ୍ନ ଭିନ୍ନ ଯାନବାହନରେ ଆସି ନିକଟ ହୋଟେଲ, ଲଜିଂ ଏବଂ ଧର୍ମଶାଳାରେ ଅବସ୍ଥାନ କରିଥାନ୍ତି। ମାତ୍ର ଦୁଃଖର କଥା ଏମାନଙ୍କୁ ଲୁଟେରାମାନେ ହଇରାଣ କରିବା ସହ ଜିନିଷପତ୍ର, ଅର୍ଥ ଲୁଟ କରିଥାନ୍ତି। ସ୍ଥାନୀୟ ବ୍ୟବସାୟୀ, ପର୍ଯ୍ୟଟକମାନଙ୍କ ଠାରୁ ବଟି ଆଦାୟ କରି ଧମକ ଚମକ ଦେବା ତଥା ମାରଣାସ୍ତ୍ରରେ ଆକ୍ରମଣ କରିବା ଦେଖାଯାଇଥାଏ। ଫଳରେ ପୁରୀକୁ ଆସିବାକୁ କେହି ନିରାପଦ ମନେ କରୁନାହାନ୍ତି। କେତେକ କ୍ଷେତ୍ରରେ ପୋଲିସ ଲୁଟେରାମାନଙ୍କୁ ଧରୁଥିଲେ ମଧ୍ୟ କଠିନ ଦଣ୍ଡ ଦିଆଯାଇ ପାରୁ ନ ଥିବାରୁ ପୁନର୍ବାର ସେମାନେ ଖସିଆସି ଉତ୍ପାତ କରୁଛନ୍ତି। ଏହିସବୁ ଅଭ୍ୟାସଗତ ଅପରାଧୀମାନଙ୍କ ଯୋଗୁ ପୁରୀ ଭଳି ପବିତ୍ର ସ୍ଥାନର ଗୌରବ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି। ପୁରୀବାସୀଙ୍କର ଜୀବନ ଓ ଜୀବିକା, ମନ୍ଦିର ଓ ବେଳାଭୂମି ବି ପ୍ରଭାବିତ ହେଉଛି। ଏଣୁ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଅନୁରୋଧ।

**-ବନମାଳୀ ବେହେରା, ସାକ୍ଷୀଗୋପାଳ, ପୁରୀ**

### ର୍‍ୟାଗିଂ ଏକ କୁତ୍ସିତ ପରମ୍ପରା

କାହିଁ କେଉଁ ଯୁଗରୁ ପାଶ୍ଚାତ୍ୟ ରାଷ୍ଟ୍ରରୁ ର୍‍ୟାଗିଂ ଭଳି କୁତ୍ସିତ ପରମ୍ପରା ଆମ ଦେଶକୁ ଗ୍ରାସିଛି। ବିଶେଷତଃ ଇଞ୍ଜିନିୟରିଂ ଓ ମେଡିକାଲ କଲେଜଗୁଡ଼ିକରେ ଛାତ୍ରଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଏଥିଯୋଗୁ ଅକାଳରେ କେତେ ଯେ ଅମୂଲ୍ୟ ଜୀବନ ଚାଲିଯାଉଛି- ତାହା ଅବର୍ଣ୍ଣନୀୟ। ସମ୍ପ୍ରତି ବଲାଙ୍ଗୀର ମେଡିକାଲ କଲେଜରେ ନୂଆ କରି ଆସିଥିବା ପ୍ରଥମ ବର୍ଷର ଛାତ୍ର ଜଣକ କି ଅକ୍ଷମଣୀୟ ଦୋଷ କରିଥିଲେ ଯେ, ତାଙ୍କୁ ତଳ ମହଲାରୁ ଉପର ମହଲା ପର୍ଯ୍ୟନ୍ତ ଘୋଷାରି ଘୋଷାରି ନେଇ ତଳକୁ ଠେଲି ଦେଲେ। ଏଥିରୁ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାକୁ ଯେତେ ସଫେଇ ଦିଅନ୍ତୁ ନା କାହିଁକି ଏହା ଏକ ଜଘନ୍ୟ ଅପରାଧ। ପିଲାଟି କାହିଁ ସୁଦୂର ହରିୟାଣାରୁ ଆସି ଓଡ଼ିଶାରେ ପଢ଼ି ଚାକିରି କରି ବାପାମା'ଙ୍କ ଆଶା ପୂରଣ କରିଥାନ୍ତା। ହେଲେ ଏହା ଭାଗ୍ୟର ବିଡ଼ମ୍ବନା। ର୍‍ୟାଗିଂକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ। ଏହାସହ ଯେଉଁମାନେ ର୍‍ୟାଗିଂ କରୁଛନ୍ତି ସେମାନଙ୍କୁ କଠୋରରୁ କଠୋର ଦଣ୍ଡର ବ୍ୟବସ୍ଥା ହେଉ, ଯେପରି ଆଉ କେହି ର୍‍ୟାଗିଂ କରିବାକୁ ସାହସ କରିପାରିବେ ନାହିଁ।

**ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମେସ୍କୋ ଜମିକୁ ଦଖଲ କରିପାରୁନି ଇଡ୍‌କୋ

**ଯାଜପୁର ଅଫିସ,୬।୫**


ମେସ୍କୋ ଗେଷ୍ଟ ହାଉସ।

■ ୬ ଥର ପତ୍ରରେ ସୀମିତ ପଦକ୍ଷେପ
■ ଭିତିରିଆ ବୁଝାମଣା ସନ୍ଦେହ

କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରଥମ ଇସ୍ପାତ ପ୍ରକଳ୍ପ ମେସ୍କୋ ଷ୍ଟିଲ୍ କାରଖାନା ପ୍ରାୟ ୫ ବର୍ଷ ହେଲା ବନ୍ଦ ପଡ଼ିଛି। ଏହି କାରଣରୁ ପ୍ରାୟ ୮୦୦ ଜଣ ଶ୍ରମିକ ଓ କର୍ମଚାରୀଙ୍କ ଜୀବିକା ଯାଇଛି। କାରଖାନା ପାଇଁ ଜମି, ଘର ହରାଇଥିବା ୧୭୨ ବିସ୍ଥାପିତ ପରିବାର କାମଧନ୍ଦା ହରାଇ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଏଥିପ୍ରତି ରାଜ୍ୟ ସରକାର ଆଦୌ ଦୃଷ୍ଟି ନ ଦେବା କାରଣରୁ ଯାଜପୁର ଜିଲାରେ ଶିଳ୍ପ କାରଖାନା ପ୍ରତି ଲୋକଙ୍କ ଆସ୍ଥା ତୁଟି ଯାଇଛି। ଏଭଳିସ୍ଥଳେ ୨୦୧୯ ସେପ୍ଟେମ୍ବରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମେସ୍କୋ ମାଲିକାନାରେ ଯଖପୁରାରେ ୧୫ ଏକର ଜମିରେ ଥିବା ଏକ ଆନ୍ତଃ ହୋଟେଲ ଓ ଗେଷ୍ଟହାଉସ୍‌କୁ ଇଡ୍‌କୋ ନିଜ ଦଖଲକୁ ନେଇ ପାରିନାହିଁ। ଏଥିପାଇଁ ଇଡ୍‌କୋ ୨୪।୭।୨୦୨୦ରୁ ଗତ ଫେବୃୟାରୀ ମଧ୍ୟରେ ମେସ୍କୋ କର୍ତ୍ତୃପକ୍ଷ ଏବଂ କଳିଙ୍ଗନଗର ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କୁ ୬ ଥର ପତ୍ର ଲେଖିଥିଲେ ହେଁ କିଛି ସୁଫଳ ମିଳିନାହିଁ। ଏହି କ୍ରମରେ ମେସ୍କୋ ଏବଂ ଇଡ୍‌କୋ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଭିତିରିଆ ବୁଝାମଣା ହୋଇଥିବା ସନ୍ଦେହ କରାଯାଇଛି।

ସାହା କମିଶନଙ୍କ ରିପୋର୍ଟ ଆଧାରରେ ଖଣି ଦୁର୍ନୀତି ମାମଲା ଉପରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (୧୧୪/୨୦୧୪ରେ) ରୁଜୁ ହୋଇଥିଲା। ତାହାର ଶୁଣାଣି କରି ସୁପ୍ରିମକୋର୍ଟ କେତେଜଣ ଖଣି ମାଲିକଙ୍କ ନାମରେ ଜରିମାନା ସହିତ ଖଣି ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଏହି କ୍ରମରେ ମେସ୍କୋ ଷ୍ଟିଲର ଯୋଡ଼ା ଖଣି ମଣ୍ଡଳରେ ଥିବା ଏକ ଲୁହାପଥର ଖଣି ଉପରୁ ପ୍ରାୟ ୯୨୪.୭୫ କୋଟି ଟଙ୍କା ଜରିମାନା ଆଦାୟ କରିବାକୁ ସୁପ୍ରିମକୋର୍ଟ ପକ୍ଷରୁ ରାୟ ପ୍ରକାଶ ପାଇଥିଲା। ତେବେ ମେସ୍କୋ ଷ୍ଟିଲ ଉପରୋକ୍ତ ଜରିମାନା ଦାଖଲ କରି ନ ପାରିବାରୁ ଖଣି ବନ୍ଦ ପଡ଼ିଛି। ଏହାସହ କଳିଙ୍ଗନଗରସ୍ଥିତ ମେସ୍କୋ ଷ୍ଟିଲ କାରଖାନା ମଧ୍ୟ ଅଚଳ ରହିଛି। ଏହାବାଦ ସରକାର ଜରିମାନା ଅର୍ଥ ଆଦାୟ କରିବାକୁ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ସାର୍ଟିଫିକେଟ ମାମଲା ରୁଜୁକରିଥିଲେ। ଏହିମାମଲା ଏବେବି ବିଚାରାଧୀନ ରହିଛି। ୧୯୯୬ରେ ମେସ୍କୋ ଷ୍ଟିଲର ପରିକଳ୍ପନା କରାଯାଇଥିଲା। ଯାଜପୁର ଜିଲା କଳିଙ୍ଗନଗର ଯଖପୁରା ଗ୍ରାମଠାରୁ ରାବଣା ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଜମି ଅଧିଗ୍ରହଣ କରାଯାଇ କାରଖାନାର ଭିତ୍ତିଭୂମି ସ୍ଥାପନ ହୋଇଥିଲା। ଏଥିପାଇଁ ରାଜ୍ୟ ସରକାର ଇଡ୍‌କୋ ଜରିଆରେ ୫୩୦ ଏକର ଜମି ମେସ୍କୋକୁ ଯୋଗାଇ ଦେଇଥିଲେ। କାରଖାନାରୁ ଉତ୍ପାଦନ ଆରମ୍ଭ ପରେ ଯୋଡ଼ା ଖଣି ମଣ୍ଡଳରେ ୨ଟି ଖଣି ମେସ୍କୋକୁ ଦିଆଯାଇଥିଲା। ଇତିମଧ୍ୟରେ ଯଖପୁରା ନିକଟରେ ୧୫ ଏକର ଜମିରେ ମେସ୍କୋ ଏକ ବିଳାସପୂର୍ଣ୍ଣ ହୋଟେଲ ଓ ଗେଷ୍ଟହାଉସ୍ ନିର୍ମାଣ କରିଥିଲା।

ପରବର୍ତ୍ତୀ ଅବସ୍ଥାରେ ଗେଷ୍ଟହାଉସ୍ ଥିବା ଜମି ବାବଦ ଦେୟ ଇଡ୍‌କୋକୁ ପ୍ରଦାନ କରାଯାଇ ନ ଥିଲା। ଇଡ୍‌କୋ କର୍ତ୍ତୃପକ୍ଷ ବାରମ୍ବାର ନୋଟିସ ଜାରି କରିବା ପରେ ମଧ୍ୟ ମେସ୍କୋ ଷ୍ଟିଲ କର୍ତ୍ତୃପକ୍ଷ ଏହାକୁ ଭରଣା କରିବା ପରିବର୍ତ୍ତେ କୋର୍ଟ କଚେରିର ଆଶ୍ରୟ ନେଇଥିଲେ। କୋର୍ଟ ମେସ୍କୋର କାର୍ଯ୍ୟଧାରାକୁ ବେଆଇନ କହିବା ସହ ଉକ୍ତ ଜମିରେ ରହିଥିବା କାରଖାନାର ସମ୍ପତ୍ତିକୁ ଦଖଲରେ ନେବାକୁ ଇଡ୍‌କୋ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ଆଦେଶ ମୁତାବକ, ୨୦୧୯ ସେପ୍ଟେମ୍ବର ୨୪ ସୁଦ୍ଧା ଗେଷ୍ଟହାଉସ୍ ଖାଲି କରିବା ପାଇଁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ସେହି ଦିନଠାରୁ ପରବର୍ତ୍ତୀ ସମୟରେ ମେସ୍କୋ କର୍ତ୍ତୃପକ୍ଷଙ୍କୁ ୨୪।୭।୨୦୨୦, ୪।୮।୨୦୨୦, ୧୨।୧।୨୦୨୧, ୧୯।୨।୨୦୨୧, ୧୫।୭।୨୦୨୧ ଏବଂ ୨୨।୨।୨୦୨୨ରେ ଇଡ୍‌କୋର ଯାଜପୁର ରୋଡ୍ ଡିଭିଜନାଲ ମୁଖ୍ୟ ଏମ୍.ଭି.ଏସ୍. ଗିରି କେବଳ ପତ୍ର ଲେଖିଚାଲିଛନ୍ତି। ତେବେ ଡିଭିଜନାଲ ମୁଖ୍ୟ ଗିରି ୨୮୭/୨୨।୨।୨୦୨୨ ସଂଖ୍ୟାରେ ମେସ୍କୋ କର୍ତ୍ତୃପକ୍ଷଙ୍କୁ ଦେଇଥିବା ପତ୍ରରେ ଏକାଧିକ ଥର ଗେଷ୍ଟହାଉସ ଖାଲି କରିବାକୁ ଅନୁରୋଧ କରାଯାଉଥିଲେ ହେଁ କିଛି ସୁଫଳ ମିଳୁନି ବୋଲି ଦର୍ଶାଇ ୨୮।୨।୨୦୨୨ ସୁଦ୍ଧା ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚେତାବନୀ ଦେଇଥିଲେ। ଯଦି ଏହାର ଅନୁପାଳନ ନ ହୁଏ ତେବେ ଇଡ୍‌କୋ ବାଧ୍ୟହୋଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚେତାଇ ଦେଇଥିଲେ। ତେବେ ଇତିମଧ୍ୟରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଛି। ହେଲେ ଇଡ୍‌କୋ କେଉଁ କାରଣରୁ ନୀରବ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଇଡ୍‌କୋର ଯାଜପୁର ରୋଡ ଡିଭିଜନାଲ ମୁଖ୍ୟ ଗିରିଙ୍କୁ ପଚାରିବାରୁ ସେ କହିଛନ୍ତି, ମେସ୍କୋ ଗେଷ୍ଟହାଉସ୍ ଖାଲି କରିବାକୁ ପଦକ୍ଷେପ ନିଆଯାଉଛି। ଏଥିରେ ଜାଣିଶୁଣି କୌଣସି ଅବହେଳା କରାଯାଉନାହିଁ ବୋଲି ସେ କହିଛନ୍ତି।

# ମହାନଦୀରୁ ବଉଳା କୁମ୍ଭୀର ଉଦ୍ଧାର


ମତ୍ସ୍ୟଜୀବୀମାନେ ଧରିଥିବା ବଉଳା କୁମ୍ଭୀର।

**ତିର୍ତ୍ତୋଲ,୬।୫(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପଛପଟ ମହାନଦୀର ନାହାଙ୍ଗୁରି ନିକଟରୁ ଶୁକ୍ରବାର ପ୍ରାୟ ୫ ଫୁଟ ଲମ୍ବର ଏକ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଏହାକୁ ସ୍ଥାନୀୟ ଲୋକେ ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଛନ୍ତି। ନାହାଙ୍ଗୁରି ନିକଟ ମହାନଦୀକୁ କେତେଜଣ ଯୁବକ ମାଛ ଧରିବା ପାଇଁ ଯାଇଥିଲେ। ଜାଲ ପକାଇବା ସମୟରେ ସେଥିରେ ଏକ ବଉଳା କୁମ୍ଭୀର ଲାଗିଯାଇଥିଲା। ଏହା ଦେଖି ସେଠାରେ ଥିବା ମାଛଧରାଳିମାନେ କୁମ୍ଭୀରଟିକୁ କାବୁ କରିଥିଲେ। ଏନେଇ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ ଅଧିକାରୀ ସେଠାରେ ପହଞ୍ଚି ଉକ୍ତ କୁମ୍ଭୀରକୁ କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ନେଇଯାଇଛନ୍ତି।

# ଗଛ ଉପରୁ ୬୬୫ ଲିଟର ଦେଶୀ ମଦ ଜବତ

**ଆଠଗଡ଼, ୬।୫(ସ୍ୱ.ପ୍ର.)**

## ଲୁଚାଇବା ପାଇଁ ଅଭିନବ ଉପାୟ

ଅବକାରୀ ବିଭାଗର ଘନଘନ ଚଢ଼ାଉରୁ ରକ୍ଷା ପାଇବା ପାଇଁ ମଦ ମାଫିଆମାନେ ଅଭିନବ ଉପାୟ ଆପଣାଉଛନ୍ତି। ପୋଲିସ ଓ ଅବକାରୀ ବିଭାଗର ନଜର ନ ପଡ଼ିବା ପାଇଁ ଏବେ ଗଛ ଉପରେ ଚୋରା ମଦ ଲୁଚାଇ ରଖାଯାଉଛି। ଏହାର ଉଦାହରଣ କଟକ ଜିଲା ଖୁଣ୍ଟୁଣୀର ନାଞ୍ଚଳ ଅନ୍ତର୍ଗତ ଡାଲୁଆ ସଂରକ୍ଷିତ ଜଙ୍ଗଲରେ ଦେଖିବାକୁ ମିଳିଛି। ଏହି ଜଙ୍ଗଲର ଏକ ଗଛ ଉପରୁ ୬୬୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହ ୭୮୦୫ ଲିଟର ପୋଚ ନଷ୍ଟ କରାଯାଇଛି। କୌଣସି ସୂତ୍ରରୁ ଖବରପାଇ ଆଠଗଡ଼, ବାଙ୍କୀ ଓ ନରସିଂହପୁର ଅବକାରୀ ବିଭାଗ ସମେତ ଖୁଣ୍ଟୁଣୀ ଥାନା ପକ୍ଷରୁ ମିଳିତ ଭାବେ ଏହି ଚଢ଼ାଉ କରାଯାଇଥିଲା। ଆଠଗଡ ଅବକାରୀ ନିରୀକ୍ଷକ ଅବିନାଶ ଚୌଧୁରୀ ଏହାର ନେତୃତ୍ୱ ନେଇଥିଲେ।

# ମହୁମାଛି ଆକ୍ରମଣରେ ୪ ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକ ଗୁରୁତର

**ଡେରାବିଶ, ୬।୫(ସ୍ୱ.ପ୍ର.)**

## ନିଳିକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ




କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ ନିଳିକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମହୁମାଛି ଆକ୍ରମଣରେ ୪ ଛାତ୍ରୀଛାତ୍ରଙ୍କ ସମେତ ପ୍ରଧାନ ଶିକ୍ଷକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ବିଡିଓ ଗୋପବନ୍ଧୁ ଭୋସଗାର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିପିନ ବିହାରୀ ସିଂଙ୍କ ସମେତ ଅନ୍ୟ ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଦୀର୍ଘବର୍ଷ ହେବ ବିଦ୍ୟାଳୟ ଛାତରେ ମହୁମାଛି ବସା ହେବା ଓ ଏହି ବସାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ନ ଭାଙ୍ଗିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଏହାକୁ ନେଇ ଅଭିଭାବକ ଓ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ମଲ୍ଲଙ୍କୁ ପଚାରିବାରେ ବିଦ୍ୟାଳୟରେ ମହୁମାଛି ବସା ଆମେ କିପରି ଭାଙ୍ଗିବୁ। ପାଠ ପଢା ଚାଲିଥିବା ବେଳେ କୌଣସି କାରଣରୁ ମହୁମାଛି ଉଡି ଆକ୍ରମଣ କରିଥିଲେ। ପ୍ରତ୍ୟେକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ସୁରକ୍ଷିତ ଥିବାବେଳେ ଏଭଳି ଘଟଣା ଘଟିବା ପୂର୍ବରୁ କାହିଁକି କର୍ତ୍ତୃପକ୍ଷ ଦୃଷ୍ଟି ଦେଲେନି ବୋଲି ପଚାରିବାରୁ ପ୍ରଧାନ ଶିକ୍ଷକ ମଲ୍ଲ କୌଣସି ଉତ୍ତର ଦେଇ ନ ଥିଲେ। ଏ ବିଷୟରେ ସିଆରସିସି କନକଲତା ପୃଷ୍ଟିଙ୍କୁ ପଚାରିବାରେ ମହୁମାଛି ଆକ୍ରମଣରେ ୪ ଜଣ ଛତ୍ରୀଛାତ୍ର ଗୁରୁତର ହୋଇ ଚିକିତ୍ସିତ ହେବା ପରେ ସେମାନଙ୍କ ଘରକୁ ଫେରିଯାଇଥିବା ସେ କହିଛନ୍ତି। ଗୁରୁତର ଛାତ୍ରୀଛାତ୍ରଙ୍କ ନାମ ମାଗିଥିଲେ ମଧ୍ୟ ସେ ବାହାରେ ଅଛନ୍ତି ପରେ ଦେବେ ବୋଲି କହି ଆଉ ଦେଇ ନ ଥିଲେ। ତେବେ ଗୁରୁତର ଛାତ୍ରୀଛାତ୍ର ହେଲେ ଛାତ୍ର ଅରକ୍ଷିତ ସିଂ, ଆଦିତ୍ୟ ସିଂ, ବଦ୍ରି ପ୍ରସାଦ ନାଥ ଓ ଛାତ୍ରୀ କ୍ରିଷ୍ଣାରାଣୀ ଦାସ ବୋଲି ଜଣାପଡିଛି। ଖବରପାଇ ଘଟଣାସ୍ଥଳକୁ ଆସିଥିବା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସିଂଙ୍କୁ ପଚାରିବାରୁ ଏଭଳି ଅଭାବନୀୟ ଘଟଣା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ତେବେ କେବେ ମହୁମାଛି ବସା ଭଙ୍ଗାଯିବ ସେ ବିଷୟରେ କୌଣସି ଉତ୍ତର ସେ ଦେଇ ନ ଥିଲେ। ୫୩ ନଂ. (କ) ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ବିଦ୍ୟାଳୟଟିରେ ଦୀର୍ଘବର୍ଷ ଧରି ମହୁମାଛି ବସା ହେବା ନେଇ ବ୍ଲକ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଜାଣି ପାରିଲେ ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଶନିଶ୍ଚରଙ୍କ ମନ୍ଦିର ପ୍ରତିଷ୍ଠା

**ଚଢ଼େଇଧରା,୬।୫ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଗଡ଼ମଧୁପୁର ଗ୍ରାମରେ ଥିବା ଅଷ୍ଟଶମ୍ଭୁ ମନ୍ଦିର ନିକଟରେ ଶନିଶ୍ଚର ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଯଜ୍ଞ ଅନୁଷ୍ଠିତ ହେଉଛି। ଶୁକ୍ରବାର ଦ୍ୱିତୀୟ ଦିନ ଯଜ୍ଞରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତାରାୟ ଯୋଗଦେଇ ଶନିଦେବଙ୍କ ଦର୍ଶନ କରିଥିଲେ। ଶନିବାର ଯଜ୍ଞ ପୂର୍ଣ୍ଣାହୁତି ହେବ। ଯଜ୍ଞ କାର୍ଯ୍ୟରେ ରାଣୀ ଅପର୍ଣ୍ଣାଧୀର ସିଂହ ଭରଦ୍ୱାଜ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଜିଲା ପରିଷଦ ପ୍ରତିନିଧି ପ୍ରହଲ୍ଲାଦ ଲେଙ୍କା, ପଞ୍ଚାୟତ ସଭାପତି ଜଗଦୀଶ ଜେନମଣି, ଆଶିଷ ବଳ, ଯୋଗୀଶ୍ୱାମ ବିଶ୍ୱାଳ ଓ ଉମେଶ ଚନ୍ଦ୍ର ଧୀର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯଜ୍ଞ ପାଇଁ ୩ ଦିନ ଧରି ଗ୍ରାମରେ ଆମିଷ ବାରଣ କରାଯାଇଛି।

# ଗ୍ୟାସ ଲିକ୍ ବନ୍ଦ କଲା ପୋଲିସ

**ନୟାଗଡ଼ ଅଫିସ,୬।୫**

ନୟାଗଡ଼ ଜିଲା ରଣପୁର ଥାନା ରାଜ ସୁନାଖଳା ଫାଣ୍ଡି ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଡେରିରେ ପହଞ୍ଚି କମ୍ପାନୀ କର୍ମଚାରୀଙ୍କୁ ଡକାଇ ଅଙ୍ଗାରକାମ୍ଳ ଗ୍ୟାସ ଲିକ୍‌କୁ ବନ୍ଦ କରାଇଥିଲା। ପରେ ଶୁକ୍ରବାର ଭୋରୁ ୫୭ ନଂ. ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥରେ ଯାନ ବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ରାଜପଥର ରଣପୁର ଥାନା ବିନୋଦପଡା ଛକରେ ଅଙ୍ଗାରକାମ୍ଳ ଗ୍ୟାସ ବୋଝେଇ ଟ୍ରକ ଦୁର୍ଘଟଣା ହୋଇ ବ୍ୟାପକ ମାତ୍ରାରେ ଗ୍ୟାସ ଲିକ୍ ହେଉଥିଲା। ଅଙ୍ଗାରକାମ୍ଳ ଗ୍ୟାସ ଲିକ୍ ପରେ ସାଧାରଣରେ ଆତଙ୍କ ଖେଳି ଯାଇଥିଲା।

# ମହାନଦୀ ଫେରିଘାଟରେ ବିପଦପୂର୍ଣ୍ଣ ନୌଯାତ୍ରା

**ମହାକାଳପଡ଼ା,୬।୫ (ଡି.ଏନ୍.ଏ.)**

■ ଚିଲିକା ଡଙ୍ଗା ବୁଡ଼ି ପରେ ବି ଚେତୁନି ପ୍ରଶାସନ
■ ୨୦୦୪ ବୋଟ ରୁଲ୍ ଉଲ୍ଲଂଘନ
■ ଯାତ୍ରୀ ପିନ୍ଧୁନାହାନ୍ତି ଲାଇଫ୍ ଜ୍ୟାକେଟ


ମହାକାଳପଡା ବ୍ଲକ ବାହାକୁଦ-ମହାନଦୀ ଫେରିଘାଟରେ ବିପଦପୂର୍ଣ୍ଣ ନୌ ଯାତ୍ରା।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ବହାକୁଦସ୍ଥିତ ମହାନଦୀ ଫେରିଘାଟରେ ବିପଦପୂର୍ଣ୍ଣ ଭାବେ ଡଙ୍ଗାରେ ଯାତ୍ରୀ ପରିବହନ ଚାଲିଛି। ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ଡଙ୍ଗାରେ ନିଆଯାଉଥିବା ବେଳେ କେହି ବି ଲାଇଫ୍ ଜ୍ୟାକେଟ ପିନ୍ଧୁନାହାନ୍ତି। ଜିଲାର ସର୍ବବୃହତ୍ ରାଜସ୍ୱ ଆଦାୟ ହେଉଥିବା ଏହି ଫେରିଘାଟକୁ ନେଇ ଉତ୍କଣ୍ଠା ବଢୁଛି। ଗୁରୁବାର ଅପରାହ୍ନରେ ଚିଲିକାରେ କାଳବୈଶାଖୀ ପ୍ରଭାବରେ ଭାରସାମ୍ୟ ହରାଇ ଯାତ୍ରୀବାହୀ ଡଙ୍ଗାଟି ମଝି ଚିଲିକାରେ ଓଲଟି ପଡ଼ିଥିଲା। ତେବେ ସମ୍ଭବତଃ ଦୁର୍ଘଟଣାଗ୍ରସ୍ତ ଡଙ୍ଗାରେ ଲାଇଫ୍ ଜ୍ୟାକେଟ ପିନ୍ଧିଥିବାରୁ ୧୧ ଜଣ ଯାତ୍ରୀ ବଞ୍ଚି ଯାଇଥିଲେ। ହେଲେ ମହାନଦୀ ଫେରିଘାଟରେ ଅଘଟଣକୁ ଏଡାଇ ଦେଇ ହେବନାହିଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। କାରଣ ଏହି ଫେରିଘାଟରେ ଯାତ୍ରୀମାନଙ୍କ ତୁଳନାରେ ଆବଶ୍ୟକ ଅନୁସାରେ ଲାଇଫ ଜ୍ୟାକେଟ ମହଜୁଦ ନ ଥିବା ଦେଖିବାକୁ ମିଳିଛି। ଏହି ଫେରିଘାଟ ଦେଇ ଦୈନିକ କେନ୍ଦ୍ରାପଡ଼ା ଜିଲାର ଶତାଧିକ ଯାତ୍ରୀ ପାରାଦୀପ ଶିଳ୍ପାଞ୍ଚଳକୁ କାମ କରିବାକୁ ଯାତାୟାତ କରିଥାନ୍ତି। ସେହିପରି ବ୍ଲକର ଜମ୍ବୁ, କାଂଶପାଳ, ଗୋଖାଖଟି, ତେରଗାଁ, ଚଣ୍ଡିଆପଲ୍ଲୀ, ଏକଲପୁର, ଡିଖିରି, ଖରିନାସୀ, ବତୀଘର, ଦକ୍ଷିଣ ବରକୋଳି ଖୋଳା, କରଞ୍ଜ, ଗୋବର୍ଦ୍ଧନପୁର, ଖୁରୁସିଆ ଆଦି ଫେରିଘାଟରେ ଯାତ୍ରୀଙ୍କ ତୁଳନାରେ ଲାଇଫ୍ ଜ୍ୟାକେଟ ମହଜୁଦ ନ ଥିବା ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଫେରିଘାଟଗୁଡ଼ିକୁ ଯାତ୍ରୀଙ୍କ ତୁଳନାରେ ଆବଶ୍ୟକ ଅନୁଯାୟୀ ଲାଇଫ୍ ଜ୍ୟାକେଟ ଯୋଗାଇ ଦେବାର ବିଧି ବ୍ୟବସ୍ଥା ଥିଲେ ମଧ୍ୟ ଦିଆଯାଉନାହିଁ। ପ୍ରଶାସନ ଉକ୍ତ ଫେରିଘାଟଗୁଡ଼ିକୁ ଯାଞ୍ଚ କରି ଅମାନିଆ ଡଙ୍ଗା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଯାତ୍ରୀଙ୍କ ପାଇଁ ଲାଇଫ୍ ଜ୍ୟାକେଟ ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏ ସମ୍ପର୍କରେ ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ଘାଟଗୁଡିକୁ ଲାଇଫ୍ ଜ୍ୟାକେଟ୍ ଯୋଗାଇ ଦିଆଯିବ। ଏହାର ତଦାରଖ କରାଯିବ। ଯେ କେହି ଏହାକୁ ନ ମାନିବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ଦ.ପୂ. ରେଳପଥ ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଓ୍ୱେଷ୍ଟ-୨୨-୨୩-୦୩, ତାରିଖ: ୦୫।୦୫।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର/ଇଏନ୍‌ଜି/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କାର୍ଯ୍ୟର ନାମ: ୦୧ ବର୍ଷ ପାଇଁ ଏଡିଇଏନ/ଆରଓ୍ୱୟୁଙ୍କ କ୍ଷେତ୍ରାଧିକାର ଅଧୀନରେ ବିଏନ୍‌ଡିଏମ୍‌ଠାରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ କୋବାଘାଟ ଇନଟେକ୍ ଓ୍ୱେଲର ରକ୍ଷଣାବେକ୍ଷଣ । (୪ର୍ଥ କଲ୍) । ଟେଣ୍ଡର ମୂଲ୍ୟ: ₹୨୪,୯୯,୮୪୯.୮୯ । ଇଏମ୍‌ଡି: ₹୫୦,୦୦୦.୦୦ । ଟେଣ୍ଡର ଫର୍ମ ମୂଲ୍ୟ: ₹୦.୦ । ଖୋଲାଯିବା ତାରିଖ: ୦୭।୦୬।୨୦୨୨ । ଟେଣ୍ଡର ଓ୍ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ପୂର୍ବରୁ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। PR-96

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୨୭-ଜିଆରସି-ସିଇ-ସି-ଏଚ୍‌କ୍ୟୁ-୧୪-୨୦୨୨, ତାରିଖ: ୦୬।୦୫।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓନ/ଏଚ୍‌କ୍ୟୁ/ଜିଆରସି)ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ଓ୍ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । ସମାପ୍ତି ତାରିଖ: ୩୦।୦୫।୨୦୨୨ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଦ.ପୂ. ରେଳପଥର ନାରାୟଣଗଡ଼-ଭଦ୍ରକ ସେକ୍ସନ ମଧ୍ୟରେ ପ୍ରସ୍ତାବିତ ୩ୟ ଲାଇନ ସଂକ୍ରାନ୍ତରେ ହଳଦିପଡ଼ା ଏବଂ ବାଲେଶ୍ୱର ମଧ୍ୟରେ ବୁଢିବଲଙ୍ଗ ନଦୀଠାରେ ପ୍ରମୁଖ ସେତୁ ନଂ. ୨୬୩ (ସ୍ପାନ: ୪ x ୪୫.୭ ମି) ଓପନ୍ ଓ୍ୱେବ୍ ଗିର୍ଡରର ନିର୍ମାଣ ନିମନ୍ତେ କମ୍ପୋଜିଟ୍ କାର୍ଯ୍ୟ ଯାହା ମଧ୍ୟରେ ଫାଉଣ୍ଡେଶନ୍, ସବ୍‌ଷ୍ଟ୍ରକ୍ଚର, ସୁପରଷ୍ଟ୍ରକ୍ଚର, ଆପ୍ରୋଚ୍ ନିମନ୍ତେ ଫର୍ମେଶନ ତିଆରି ଏବଂ ଅନ୍ୟାନ୍ୟ ତତ୍‌ସମ୍ବନ୍ଧୀୟ କାର୍ଯ୍ୟ ଅନ୍ତର୍ଭୁକ୍ତ । ଆନୁମାନିକ ମୂଲ୍ୟ: ₹୩୭.୯୦ କୋଟି । ଇଏମ୍‌ଡି: ₹୨୦,୪୫,୨୦୦/- । ସମାପ୍ତି ଅବଧି: ୧୮ ମାସ (ଏହା ଏକ କମ୍ପୋଜିଟ୍ ଟେଣ୍ଡର ଅଟେ) । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ଓ୍ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: "ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି" । PR-94

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/22-23/E-Tender/22, ତା.04.05.2022ରିଖ
(1) ଟେଣ୍ଡର ସଂ.e-tender-southkur-62-2022, ତା.28.04.2022ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଇଚ୍ଛାପୁରମ୍-ବରୁଆ ସେକ୍ସନ ମଧ୍ୟରେ ପ୍ୟାଚଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 40.60 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 612.21 ଲକ୍ଷ, EMD (ଟଙ୍କାରେ) : 4,56,100/-
(2) ଟେଣ୍ଡର ସଂ. e-tender-central-kur-59-2022, ତା.27.04.2022ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଜବରଦଖଲକୁ ରୋକିବା ନିମନ୍ତେ ଟ୍ରାକ୍ ଏବଂ ସଂସ୍ଥାପନଗୁଡ଼ିକର ସୁରକ୍ଷା ଉପାୟ ଭାବେ ଷ୍ଟେସନ ଏବଂ ଏହାର ପରିସର ନିକଟରେ ଥିବା ପରିସର ପାଚେରୀଗୁଡ଼ିକର ନିର୍ମାଣ (ଫେଜ୍-I) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 974.68 ଲକ୍ଷ, EMD (ଟଙ୍କାରେ) : 6,37,300/-
ଶେଷ ହେବା ଅବଧି: 18 (ଅଠର) ମାସ (କ୍ରମ ସଂ.1 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ.2 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.05.2022 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ଓ୍ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ୍‌ରମାନେ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ଓ୍ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ) ଖୋର୍ଦ୍ଧା ରୋଡ୍
PR-90/N/22-23

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କାରଖାନା ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଆବଶ୍ୟକ କରୁଛି
1. MARKETING MANAGER : 5 Nos
2. LAB INCHARGE B.Sc (Microbiology) / B.Sc (Chemistry) : 1 No
(ଉପଯୁକ୍ତ ଯୋଗ୍ୟତା ସହିତ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ)
ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲି., ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
Mob : 9853003317, Emial ID : pratichidairyproducts@gmail.com

REQUIRED
HOTEL SERVICE STAFF FOR PURI
FREE ACCOMMODATION & FOODING
CONTACT:9040001764

WANTED
Saikrupa Panchakarma Spa
Bhubaneswar
Requires
Expert Therapist (M/F)
Attractive Salaries,
Interested Candidates
Please Contact-8984068077

WALK-IN-INTERVIEW
ITC
Indian Trading Co. Jagganath Raod, Near Bank of Baroda, Dhenkanal.
A Leading Agriculture equipment dealer(*Kubota* Tractor/ harvester) for Dhenkanal & Angul district requires experienced candidates for the following position:-
1.*Manager(Sales/Service/Admin.)* 2. *Sales/AccountsExecutive,* 3. *Hydra Driver.* Interested candidates may attend the interview along with updated resume at above address or send resume to <hr.indiantrading@gmail.com>Mob-8984453738, 8093355055.
Interview date:- 09-05-2022 & 10-05-2022 @ 10 AM

NATIONAL PROJECTS CONSTRUCTION CORPORATION LIMITED
(A Govt. of India Enterprise)
NPCC
SOUTH EASTERN ZONE, BHUBANESWAR
Plot No.: HIG/166, Sailashree Vihar, Bhubaneswar-751021
Ph.: 0674-2741417, Email-ID: npccbbsr@gmail.com
WALK-IN-INTERVIEW
Advt. No: SEZ/Contract Basis/78 Dated : 02.05.2022
NPCC Limited, a subsidiary of WAPCOS Ltd., a Schedule "B" Premier Public Sector Enterprise, Mini Ratna Category-1 Company invites applications for the post of Sr. Associate (Office Support)- Finance (01 Nos.) on Contract basis.
For details, please visit our Website : www.npcc.gov.in
Zonal Manager

REQUIRED
Wonder World Water Park & Resort

F&B & BANQUET MANAGER - 02 (MALE/FEMALE)
Criteria :
Qualification : Bachelor & Master's Degree in Hospitality Management
Experience : 05 to 15 year (Hotel and service industry )
Age Limit : 30 to 45 year
Language : Odia, English, Hindi (Speaking & Writing)

DIGITAL MEDIA MANAGER - 01 (MALE/FEMALE)
Criteria :
Qualification : BS Degree in Marketing or a related Field
* Demonstrable experience leading and managing SEO/SEM
* Marketing Database Mail, Social Media and display advertising campaigns
Experience : 5 to 7 year (Working experience in digital Marketing)
Age Limit : 25 to 35 year
Language : Odia, English, Hindi (Speaking & Writing)

ADMIN HEAD - 01 (MALE/FEMALE)
Criteria :
Qualification : MBA & PGDCA
Experience : 5 to 15 year (Working experience in Hotel and service industry)
Age Limit : 25 to 35 year
Language : Odia, English, Hindi (Speaking & Writing)

STORE KEEPER - 01 (MALE)
Criteria :
Qualification : B.Com & PGDCA
Experience : 5 to 10 year (Working experience in Hotel and service industry)
Age Limit : 25 to 35 year
Language : Odia, English, Hindi (Speaking & Writing)

ACCOUNTANT - 01 (MALE)
Criteria :
Qualification : B.Com & TALLY ERP
Experience : 5 to 10 year (Working experience in Hotel and service industry)
Age Limit : 25 to 35 year
Language : Odia, English, Hindi (Speaking & Writing)

CONTACT PERSON: 7064563302 / 7327027434
Send Resume on following EMAIL ID:
hr@wonderworldpark.in
Date of Applying: 4th May 2022 to 10th May 2022
Address: NH-203, Balia, Malatipatpur, Puri - 752002, Odisha

## ସଂକ୍ଷେପରେ

### ଅଭିଯୁକ୍ତ ଗିରଫ, ଟ୍ରକ୍ ଜବତ

#### ଟ୍ରକ୍ ଚଢ଼ାଇ ପିଅନଙ୍କୁ ହତ୍ୟା ଘଟଣା



**ଚଣ୍ଡିଖୋଲ,୬।୫(ଡି.ଏନ.ଏ.):** ବଡ଼ଚଣା ଥାନା ରାଧାଦେଇପୁର ପଞ୍ଚାୟତ ଅଧୀନ ବିଲିକଣା ଗ୍ରାମରେ ଟ୍ରକ୍ ଚଢ଼ାଇ ପଞ୍ଚାୟତ ଅଫିସ ପିଅନଙ୍କୁ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହିତ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି। ଗୁରୁବାର ଟ୍ରକ୍ ଚଢ଼ାଇ ରାଧାଦେଇପୁର ପଞ୍ଚାୟତ ପିଅନ ବସନ୍ତ କୁମାର ସାହୁଙ୍କୁ ହତ୍ୟା କରାଯାଇଥିଲା ବୋଲି ବସନ୍ତଙ୍କ ପୁତ୍ର ଶାରଦା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ରାତିରେ ଟ୍ରକ୍ ଚଢ଼ାଇଥିବା ସେହିଗ୍ରାମର ଅଶୋକ ବଳ ବଡ଼ଚଣା ଥାନାରେ ଆତ୍ମ ସମର୍ପଣ କରିଥିଲେ। ପରେ ପୋଲିସ ଅଶୋକ ଚଳାଉଥିବା ଟ୍ରକ୍ ନଂ.ଓଡି-୨୩-ସି-୯୩୮୩କୁ ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗଡିଆ ନିକଟରୁ ଜବତ କରି ଥାନାକୁ ଆଣିଛି। ସୂଚନା ଥାଉକି, ବିଲିକଣା ଗ୍ରାମର ବସନ୍ତ ଓ ଅଶୋକଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ପରକିୟା ପ୍ରୀତିକୁ ନେଇ ଦୁଇ ପରିବାର ମଧ୍ୟରେ ମାରପିଟ ମଧ ହୋଇଥିଲା। ସେହି ଘଟଣାରେ ପ୍ରତିଶୋଧ ପରାୟଣ ହୋଇ ଅଶୋକ ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଗୁରୁବାର ଏହି ଘଟଣା ପରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ବଡ଼ଚଣା-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିବା ସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ।

### କାଳବୈଶାଖୀ ପ୍ରଭାବରେ ୨୭ ଘଣ୍ଟା ବିଦ୍ୟୁତ୍ ସେବା ବିଚ୍ଛିନ୍ନ

**ସିଂହପୁର,୬।୫(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହଠାତ୍ ପବନ ବୋହିବା ସହିତ ମୂଷଳ ଧାରାରେ ଏକଘଣ୍ଟା ବର୍ଷା ହୋଇଥିଲା। ଝଡ଼ବର୍ଷା ସାଙ୍ଗକୁ ବଜ୍ରପାତ ଲୋକଙ୍କ ମନରେ ଭୟ ସଞ୍ଚାର କରିଥିଲା। ତେବେ ଝଡ଼ବର୍ଷା ପ୍ରଭାବରେ ବଡ଼ଧରଣର ଦୁର୍ଘଟଣାର ଖବର ମିଳି ନ ଥିଲେ ମଧ ବିଭିନ୍ନ ସ୍ଥାନରେ ଗଛଡ଼ାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। କେତେକ ସ୍ଥାନରେ ଚାଳ ଛପର ଉଡ଼ିଜିବା ସହ ଗଛଡ଼ାଳ ଭାଙ୍ଗି ଆଂଶିକ କ୍ଷୟକ୍ଷତି ଘଟିଛି। ଝଡ଼ବର୍ଷା ମାଡ଼ରେ ପନିପରିବା ଫସଲ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପକ୍ଷେ ଝଡ଼ବର୍ଷା ଯୋଗୁ ଗୁରୁବାର ଅପରାହ୍ନଠାରୁ ଶୁକ୍ରବାର ରାତି ୮ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ରହିଥିଲା। ଫଳରେ ୨୭ ଘଣ୍ଟା ଧରି ଅଞ୍ଚଳବାସୀ ଅନ୍ଧାରରେ ରହିଥିଲେ। ତେବେ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁ ଦୀର୍ଘ ସମୟ ବିଦ୍ୟୁତ୍ ସେବା ବିଛିନ୍ନ ରହିଥିବା ଲୋକେ ଅଭିଯୋଗ କରିଛନ୍ତି।

## ବେଆଇନ ବାଲି ଉତ୍ତୋଳନ

# ଦୁର୍ବଳ ହେଉଛି ନଦୀବନ୍ଧ

**ରଗଡି,୬।୫(ଡି.ଏନ.ଏନ.)**

ରାଜସ୍ୱ ସମ୍ପତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) ରାଜସ୍ୱ ବିଭାଗକୁ କଡ଼ା ଚେତାବନୀ ଦେଇଛନ୍ତି। ଏହାର ବ୍ୟତିକ୍ରମ କରୁଥିବା ବାଲି ମାଫିଆ ଓ ଅଧିକାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ନଜିର ରହିଛି। ହେଲେ ଯାଜପୁର ଜିଲାରେ ଏହାର ପ୍ରଭାବ ସେତେଟା ପଡୁ ନ ଥିବା ମନେ ହେଉଛି। ବେଆଇନ ଭାବେ ବାଲି, ମାଟି, ମୋରମ୍ ଏବଂ ମାଙ୍କଡା ପଥର ଆଦି ଉତ୍ତୋଳନ ହୋଇ ଚୋରା ଚାଲାଣ ହେଉଛି। ଏହାଦ୍ୱାରା ବିପୁଳ ରାଜସ୍ୱ ହାନି ଘଟୁଛି। ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନରେ ଦିନକୁ ଦିନ ରାଜସ୍ୱ ସମ୍ପତ୍ତିର ଚୋରି ବୃଦ୍ଧି ପାଇବାରେ ଲାଗିଛି। ଏହି ତହସିଲ ଅଧୀନ ବୈତରଣୀ ନଦୀର ସାଆଁଳା-୨ ଏବଂ ମକୁନ୍ଦପୁର-୨ ବାଲି



ବୈତରଣୀ ନଦୀର ବାଲିଘାଟ।

ଘାଟରେ ନିଲାମ ଧାର୍ଯ୍ୟ ପରିମାଣଠାରୁ ଢେର ଅଧିକ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି। ସାଆଁଳା-୨ ବାଲି ଘାଟର ୧୨ ଏକର ଅଞ୍ଚଳରୁ ବାର୍ଷିକ ୨ କୋଟି ୨୨ ଲକ୍ଷ ୭୨ ହଜାର ୯୪୪ ଟଙ୍କାରେ ନିଲାମ ଦିଆଯାଇଛି। ହେଲେ ଲିଜ ଏରିଆ ବାହାରୁ ମନଇଚ୍ଛା ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହୋଇଛି। ଏକାଧିକ ମେଶିନ ଲଗାଇ ଦିନରାତି ବାଲି ଚୋରାଚାଲାଣ ହେଉଥିବା ରଣପୁର ପଞ୍ଚାୟତବାସୀ କହିଛନ୍ତି। ସମାନ ଘଟଣା ମକୁନ୍ଦପୁର-୨ ଘାଟରେ ମଧ ଦେଖିବାକୁ ମିଳୁଛି। ଫଳରେ ବୈତରଣୀ ନଦୀପଠା ସଂଲଗ୍ନ ଗ୍ରାମଗୁଡ଼ିକର ରାସ୍ତା ବିପର୍ଯ୍ୟସ୍ତ ହେବା ସହିତ ନଦୀ ବନ୍ଧ ଦୁର୍ବଳ ହେବା ଘଟଣା ଲୋକଙ୍କୁ ଚିନ୍ତିତ କରିଛି। ବାଲି ମାଫିଆମାନଙ୍କ ବିରୋଧରେ ମୁହଁ ଖୋଲିଲେ ମାଡ଼ ଖାଇବା ସହିତ ହତ୍ୟା ଧମକ ମିଳୁଛି । ସୂଚନା ଅନୁଯାୟୀ ୨୦୨୧ରୁ ୨୦୨୬ ଯାଏ ୫ ବର୍ଷ ପାଇଁ ମୋଟ ୮ ଟି ବାଲିଘାଟକୁ ସରକାରୀ ଭାବେ ଲିଜ୍ ଦିଆଯାଇଛି। ହେଲେ ଆବଶ୍ୟକ ଅନୁଯାୟୀ ରାଜସ୍ୱ ଆଦାୟ

#### ଚିନ୍ତାରେ ଗ୍ରାମବାସୀ, ଆନ୍ଦୋଳନ ପାଇଁ ସଜବାଜ

ହେଉ ନ ଥିବାରୁ ସରକାରଙ୍କ ବିପୁଳ ପରିମାଣରେ ରାଜସ୍ୱ ହାନି ଘଟୁଛି। ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଜିଲା ବାହାରକୁ ଚାଲାଣ କରି ଯେଉଁ ବିପୁଳ ଟଙ୍କା ରୋଜଗାର ହେଉଛି ସେଥିରୁ ସିଂହଭାଗ ଦୁର୍ନୀତିଖୋର ସରକାରୀ କର୍ମଚାରୀମାନଙ୍କ ପକେଟକୁ ଯାଉଛି । ବାରମ୍ବାର ଅଭିଯୋଗ ପରେ ମଧ ରାଜସ୍ୱ ବିଭାଗ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଖୁବଶୀଘ୍ର ଏହାର ସ୍ଥାୟୀ ସମାଧାନ ନ ହେଲେ ନଦୀବନ୍ଧ ପାଇଁ ଆତଙ୍କିତ ଥିବା ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବେଆଇନ ଭତ୍ତା ପ୍ରଦାନ ବନ୍ଦ କଲା ପ୍ରଶାସନ

**ବରୀ,୬।୫(ଡି.ଏନ.ଏ.)**

ବରୀ ବ୍ଲକ୍ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀ ଓ ସ୍ଥାନୀୟ କେତେଜଣ ଦୁର୍ନୀତିଖୋର ରାଜନେତାଙ୍କ ଭିତିରି ଉଦ୍ୟମ ଯୋଗୁ ବହୁ ଅଯୋଗ୍ୟ ହିତାଧିକାରୀ ଭତ୍ତା ହାତାଉଛନ୍ତି। ବିଶେଷକରି ବ୍ଲକ୍ ଅଧୀନ ବାଲିବିଲ ପଞ୍ଚାୟତର କେତେଜଣ ସରକାରୀ କର୍ମଚାରୀ, ପେନସନ୍‌ଭୋଗୀ ଓ ୬୦ ବର୍ଷରୁ କମ୍ ବ୍ୟକ୍ତି ଭତ୍ତା ପାଉଥିବା ନେଇ ଯାଜପୁର ଜିଲାପାଳ ଓ ବରୀ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଗତ ମାସ ୧୨ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ୍ ପ୍ରଶାସନ ତରଫରୁ ପ୍ରାଥମିକସ୍ତରରେ ତଦନ୍ତ କରାଯାଇ ୬୪ ଜଣଙ୍କ ମାସିକ ଭତ୍ତା ବନ୍ଦ କରାଯାଇଥିବା ସୂଚନା ମିଳିଛି। ତେବେ ଅସାଧୁ ଉପାୟରେ ଭତ୍ତା ହାତେଇଥିବା ଉକ୍ତ ବ୍ୟକ୍ତିଙ୍କଠାରୁ ତୁରନ୍ତ ଅର୍ଥ ଫେରସ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ଜାଣିବା ଲାଗି ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଫାଟକ ସମ୍ମୁଖରେ ଲହଡ଼ି ମାରୁଛି ବର୍ଷାଜଳ

**ରସୁଲପୁର,୬।୫(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକ ସମ୍ମୁଖରେ ବର୍ଷାଜଳ ଲହଡ଼ି ଭାଙ୍ଗୁଛି। ସାମାନ୍ୟ ବର୍ଷାରେ ବିଦ୍ୟାଳୟ ସମ୍ମୁଖରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିଶେଷକରି ମାଟ୍ରିକ ପରୀକ୍ଷା ଦେବା ପାଇଁ ଆସୁଥିବା ପରୀକ୍ଷାର୍ଥୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ସରକାରୀ ବିଦ୍ୟାଳୟଟି ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ବିଦ୍ୟାଳୟ ରୂପାନ୍ତର ପରିସରଭୁକ୍ତ ହୋଇଛି। ଏହି ଯୋଜନା ଜରିଆରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରାଯିବା ସହ ବିଦ୍ୟାଳୟକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏହି ଆଳରେ ବିଦ୍ୟାଳୟରେ ପ୍ରାୟ ୧ କୋଟି ଟଙ୍କା ଶୈକ୍ଷିକ ପରିବେଶ ଓ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣରେ ବିନିଯୋଗ କରାଯାଇଛି। ମାତ୍ର ଉକ୍ତ ଅର୍ଥର ଠିକ୍ ବିନିଯୋଗ ହୋଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏଥିସହ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବ୍ଲକ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କ ଢିଲାପଣ ଯୋଗୁ ଏଭଳି ପରିସ୍ଥିତି ହୋଇଛି ବୋଲି କୁହାଯାଉଛି।

#### ୫-ଟି ସ୍କୁଲ୍ ରୂପାନ୍ତର କାର୍ଯ୍ୟ ନିମ୍ନମାନର ଅଭିଯୋଗ



ତେବେ ନିର୍ମାଣ ବେଳେ ଏହି ବିଦ୍ୟାଳୟରେ ହେଉଥିବା ଉନ୍ନୟନ କାର୍ଯ୍ୟ ନିମ୍ନମାନର ହେଉଥିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ ଉଠାଇଥିଲେ। ମାତ୍ର ତାହାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇଥିଲା। ଉଭୟ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ଯୋଗୁ ବିଦ୍ୟାଳୟ ଫାଟକ ସମ୍ମୁଖରେ ପାଣି ଜମିବା ଭଳି ସ୍ଥିତି ଉପୁଜିଲା। ଏଠାରେ ଉପୁଜିଥିବା ସ୍ଥିତି ବିଦ୍ୟାଳୟ ପରିସରରେ ହୋଇଥିବା ସମସ୍ତ ଉନ୍ନୟନ ଗୁଣବତ୍ତାର ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ସୋନାଲି ଧଳଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ବ୍ଲକରେ ସେ ଯୋଗଦେବା ପୂର୍ବରୁ ଏହି ବିଦ୍ୟାଳୟ କାର୍ଯ୍ୟ ହୋଇସାରିଥିଲା। ତେବେ କାମରେ କେଉଁଠି କ'ଣ ତ୍ରୁଟି ହୋଇଛି ତା'ର ସ୍ଥିତି ପରଖିବା ସହ ସେଥିରେ ସୁଧାର ଆଣିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ମତ ରଖିଛନ୍ତି।

## ବାତ୍ୟା ଆଶଙ୍କାରେ ଖାଉଟି ସାମଗ୍ରୀର କଳାବଜାର

**ଧର୍ମଶାଳା,୬।୫(ଡି.ଏନ.ଏ.)**

ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକେ ଭୟଭୀତ ହୋଇ ପଡ଼ିଲେଣି। ବାତ୍ୟାର ପ୍ରଭାବ କିପରି ରହିବ ତାହାକୁ ନେଇ ସମସ୍ତଙ୍କ ଚିନ୍ତା ବଢ଼ିଲାଣି। ତେବେ ଏହାର ସୁଯୋଗରେ ଧର୍ମଶାଳା ବ୍ଲକ୍ ଅଞ୍ଚଳରେ କେତେଜଣ ଅସାଧୁ ବ୍ୟବସାୟୀ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବା ସହ କଳାବଜାର ଆରମ୍ଭ କରିଦେଇଛନ୍ତି। ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ଡିପଡିପ୍ରେଶନରେ ପରିଣତ ହୋଇ ପରବର୍ତ୍ତୀ ସମୟରେ ଏହା ବାତ୍ୟା ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ଏହି ବାତ୍ୟାର ରୂପରେଖ କ'ଣ ରହିବ ଏବଂ ଏହା କେଉଁଠାରେ ସ୍ଥଳଭାଗ ଛୁଇଁବ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ ଓଡ଼ିଶା ଓ ଆନ୍ଧ୍ର ଉପକୂଳରେ ବାତ୍ୟା ଲ୍ୟାଣ୍ଡଫଲ କରିବା ନେଇ ଅନୁମାନ କରାଯାଉଛି। ସେହିପରି କେତେ ବେଗରେ ପବନ ବହିବ ଏବଂ ଲ୍ୟାଣ୍ଡଫଲ ସମୟରେ ଏହାର ପ୍ରଭାବ କିପରି ରହିବ ଏସବୁ ଏବେ ଅସ୍ପଷ୍ଟ ରହିଛି। ତେବେ ଗଣମାଧ୍ୟମରେ ବାତ୍ୟା ଆଶଙ୍କା ନେଇ ପ୍ରଚାର ଜୋରଧରିଥିବାରୁ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦୋକାନ ଗୁଡ଼ିକରେ ଭିଡ଼ ଜମାଉଛନ୍ତି। ଲୋକଙ୍କ ଚାହିଦାକୁ ଦେଖି ବ୍ୟବସାୟୀ ବିଭିନ୍ନ ସାମଗ୍ରୀରେ କଳାବଜାର ଆରମ୍ଭ କରିଦେଇଛନ୍ତି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ କଳାବଜାର ଯୋଗୁ ଅହେତୁକ ମୂଲ୍ୟ ବୃଦ୍ଧି ହେଉଛି, ଯାହାକୁ ନେଇ ଖାଉଟି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ କଳାବଜାର ରୋକିବା ଲାଗି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ତାହା ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ ବୋଲି ଅଭିଯୋଗ ହୋଇଛି। ତେଣୁ କଳାବଜାର ରୋକିବା ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଧର୍ମଶାଳା ବ୍ଲକ ପ୍ରଶାସନ ପ୍ରସ୍ତୁତ ରହିଥିବା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।

## ଆଖି ବୁଜିଲା ଚିକିତ୍ସାଧୀନ ମାଈ ହାତୀ

**ନରସିଂହପୁର,୬।୫(ସ୍ୱ.ପ୍ର.)**

କଟକ ଜିଲା ନରସିଂହପୁର ପଶ୍ଚିମାଞ୍ଚଳ ବନ ବିଭାଗ ଅନ୍ତର୍ଗତ ବାଲିକିଆରୀ ରିଜର୍ଭ ଜଙ୍ଗଲର କମ୍ପାର୍ଟମେଣ୍ଟ ୭ରେ ୩ ଦିନ ଧରି ଚିକିତ୍ସାଧୀନ ଥିବା ଏକ ମାଈ ହାତୀର ଶୁକ୍ରବାର ମୃତ୍ୟୁ ଘଟିଛି। ଉକ୍ତ ସ୍ଥାନରେ ବୁଧବାର ହାତୀଟି ଅସୁସ୍ଥ ହୋଇ ବୁଲୁଥିବାବେଳେ ବନ ବିଭାଗ କର୍ମଚାରୀ ଦେଖିଥିଲେ। ପରେ ସେମାନେ ରେଞ୍ଜର ପ୍ରଫୁଲ୍ଲ କୁମାର ହେମ୍ବ୍ରମଙ୍କୁ ଜଣାଇଥିଲେ। ହେମ୍ବ୍ରମ ଘଟଣାସ୍ଥଳକୁ ଯାଇ ହାତୀ ଅବସ୍ଥା ଦେଖି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ । ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକ ବିଜୟ କୁମାର ସେନାପତି ପହଞ୍ଚି ହାତୀର ଚିକିତ୍ସା କରାଇଥିଲେ। ଅତ୍ୟଧିକ ଗ୍ରୀଷ୍ମ ଓ ଜଳାଭାବ କାରଣରୁ ହାତୀଟି ଅସୁସ୍ଥ ହୋଇପଡିଥିବା ସେନାପତି କହିଛନ୍ତି। ତେବେ ସମସ୍ତ ଉଦ୍ୟମ ସତ୍ତ୍ୱେ ହାତୀର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ଆସି ନ ଥିଲା। ମୃତ ହାତୀ ୧୨ରୁ ୧୩ ବର୍ଷର ହେବ ବୋଲି ବନ ବିଭାଗ ତରଫରୁ କୁହାଯାଇଛି। ତା'ର ମୃତଦେହ ବ୍ୟବଚ୍ଛେଦ ପରେ ରିଜର୍ଭ ଜଙ୍ଗଲ ମଧ୍ୟରେ ପୋତି ଦିଆଯାଇଛି।

## ମିଶନ ଶକ୍ତି ବିଭାଗ ପକ୍ଷରୁ କର୍ମଶାଳା

**ବରୀ,୬।୫(ଡି.ଏନ.ଏ.)**

ବରୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ମିଶନ ଶକ୍ତି ବିଭାଗ ପକ୍ଷରୁ ଜନପ୍ରତିନିଧିମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ସଭାପତିତ୍ୱ କରିଥିଲେ। ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ ଯୋଗଦେଇ ମିଶନ ଶକ୍ତି ବିଭାଗ ପକ୍ଷରୁ ଆସୁଥିବା ବିଭିନ୍ନ ଯୋଜନା ପରିଚାଳନା ଉପରେ ଲୋକ ପ୍ରତିନିଧିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବେ। ତେଣୁ ସେମାନଙ୍କୁ ପ୍ରଥମେ ସଚେତନ କରିବା ଆବଶ୍ୟକ ବୋଲି ମତ ରଖିଥିଲେ। ଆଗାମୀ ଦିନରେ ମିଶନ ଶକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ସମେତ ବିଭିନ୍ନ ବିଭାଗ କାର୍ଯ୍ୟକ୍ରମକୁ ତଦାରଖ କରିବା କ୍ଷେତ୍ରରେ ଲୋକପ୍ରତିନିଧି ସହଯୋଗ କଲେ ସରକାରଙ୍କ ଲକ୍ଷ୍ୟପୂରଣ ହୋଇପାରିବ ବୋଲି କର୍ମଶାଳାରେ ଉପସ୍ଥିତ ବ୍ଲକ୍‌ସ୍ତରୀୟ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ମହିଳା ଓ ଶିଶୁ ବିକାଶ ଅଧିକାରୀ ପ୍ରାଣେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ବ୍ଲକ୍‌ପ୍ରକଳ୍ପ ପରିଚାଳନା ଅଧିକାରୀ ଅନିରୁଦ୍ଧ ସାହୁ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଯୋଗ ଦେଇଥିବା ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

## ବୈତରଣୀରେ ଭାସିଗଲେ ଶ୍ରମିକ

**ଯାଜପୁର ଟାଉନ,୬।୫(ଡି.ଏନ.ଏ.)**

ଯାଜପୁର ସହରର ଦଶାଶ୍ୱମେଧ ଘାଟ ନିକଟ ବୈତରଣୀ ନଦୀରେ ଏକ ବ୍ୟାରେଜ ନିର୍ମାଣ ଚାଲିଛି। ତେବେ ଏହି କାର୍ଯ୍ୟରେ ନିୟୋଜିତ ଜଣେ ଶ୍ରମିକଙ୍କ ଶୁକ୍ରବାର ଉକ୍ତ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲାର ସୋମନାଥ ପଟେଲ(୪୫)। ସୋମନାଥ କାର୍ଯ୍ୟସାରି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ନଦୀରେ ଗାଧୋଉଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀରେ ଭାସି ଯାଇଥିଲେ। ତେବେ ବ୍ୟାରେଜ୍ କାର୍ଯ୍ୟ ଯୋଗୁ ସେଠାରେ ନଦୀର ଗଭୀର ଅଧିକ ରହିଥିବାରୁ ଘଟଣାସ୍ଥଳରେ ସୋମନାଥ ନିଖୋଜ ହୋଇ ଯାଇଥିଲେ। ଖବର ପ୍ରଚାରିତ ହେବାପରେ ସେଠାରେ ବହୁ ଜନ ସମାଗମ ହୋଇଥିଲା। ବ୍ୟାରେଜରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ପହଞ୍ଚି



ଦମକଳ ବାହିନୀ କର୍ମଚାରୀ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲ ନେଉଛନ୍ତି।

ସ୍ଥାନୀୟ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ପହଞ୍ଚି ପ୍ରାୟ ୨ ଘଣ୍ଟା ପରେ ସୋମନାଥଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ପରେ ତାଙ୍କ ମୃତଦେହ ଯାଜପୁର ଟାଉନ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଜଳ ନିଷ୍କାସନ ପାଇଁ ହଟିଲା ଜବରଦଖଲ

**ଯାଜପୁର ଟାଉନ,୬।୫(ଡି.ଏନ.ଏ.)**

ଯାଜପୁର ପୌରାଞ୍ଚଳ ଅଧୀନ ୬ନଂ. ୱାର୍ଡର ସନ୍ଥମାଧବ ଛକଠାରୁ ସପନପୁର ଛକ ଓ ସପନପୁର ଛକଠାରୁ ଘୁଷୁରିଆସାହି ପୋଲ ପର୍ଯ୍ୟନ୍ତ ଥିବା ଚାଷଜମି ଗୁଡ଼ିକରେ କେତେଜଣ ଜମି ଦଲାଲ ମାଟି ପକାଇ ଉଚ୍ଚ କରିବା ସହ ଏହି ପ୍ଲଟଗୁଡ଼ିକୁ ଚଢ଼ା ଦରରେ ବିକ୍ରି କରିବା ନିମନ୍ତେ କରିଥିବା ମସୁଧା ଫସର ଫାଟିଛି। ସ୍ଥାନୀୟ କାଉନସିଲର ମାନଗୋବିନ୍ଦ ପତିଙ୍କ ଅଭିଯୋଗକ୍ରମେ ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଜୋଷୀ, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଓ ଥାନା ଅଧିକାରୀ ଅଜୟ ଜେନା ପ୍ରମୁଖ ସଦଳବଳ ଉପରୋକ୍ତ ସ୍ଥାନରେ ପହଞ୍ଚି ଯାଜପୁର ସହରର ଜଳନିଷ୍କାସନ ପଥକୁ ଅବରୋଧ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଜବରଦଖଲକୁ ଉଚ୍ଛେଦ କରିଛନ୍ତି।



ଜବରଦଖଲ ଉଚ୍ଛେଦ କରାଯାଉଛି।



ସୂଚନା ଫଳକ ଲଗାଯାଇଛି।

ପ୍ରକାଶଥାଉକି, ଜମି ଦଲାଲମାନେ ରାତାରାତି ମାଟି ପକାଇ ଖାଲୁଆ ଜମିଗୁଡ଼ିକୁ ପୋତିବା ସହ ବେଆଇନ ନିର୍ମାଣ କାର୍ଯ୍ୟ କରୁଥିଲେ। ସରକାରଙ୍କ ନିଷେଧାଜ୍ଞା ସତ୍ତ୍ୱେ ଏତାଦୃଶ୍ୟ କାର୍ଯ୍ୟ ଚାଲୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଘୋର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଫଳରେ ଶହଶହ ଲୋକ ମିଳିତ ହୋଇ ପୌର ପ୍ରଶାସନ, ତହସିଲ ଓ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଜଳ ନିଷ୍କାସନକୁ ବାଧାପ୍ରାପ୍ତ କରି ବେଆଇନ ନିର୍ମାଣ ହୋଇଥିଲେ ସମଗ୍ର ଯାଜପୁର ସହର ବର୍ଷାଋତୁରେ ଜଳାର୍ଣ୍ଣବ ହେବା ଆଶଙ୍କା ସୃଷ୍ଟି ହୋଇଥିଲା। ତହସିଲ ପକ୍ଷରୁ ସେହି ସ୍ଥାନରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ସୂଚନାଫଳକ ଲଗାଯାଇଛି। କୌଣସି ପ୍ରକାର ନିର୍ମାଣ ଓ ପ୍ରାକୃତିକ ଜଳ ନିଷ୍କାସନ ସ୍ଥାନକୁ ବାଲି, ମାଟି ପକାଇ ଜମିର ସ୍ଥିତି ପରିବର୍ତ୍ତନ କରିବା ଉପରେ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

## ଲୋକଙ୍କୁ ସେବା ଯୋଗାଇ ଦିଅ: ପ୍ରଣବ

**ଚଣ୍ଡିଖୋଲ,୬।୫(ଡି.ଏନ.ଏ.)**

ସାଧାରଣ ଭୋଟର ହେଲେ ଆମର ମାଲିକ। ସେମାନଙ୍କୁ ସେବା ଯୋଗାଇବା ସହ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ନିକଟରେ ପହଞ୍ଚିବା ବିଜେଡି କର୍ମୀଙ୍କ ପ୍ରାଥମିକତା ହେବା ଉଚିତ। ବଡ଼ଚଣା ବିଜେଡି ପକ୍ଷରୁ ବାଲିଚନ୍ଦ୍ରପୁରସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ବିଜେଡି ସଙ୍ଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏଥିସହିତ ସେ କହିଛନ୍ତି, ବିଜେଡିର ନେତା ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତେଣୁ କୌଣସି ନିର୍ବାଚିତ ପ୍ରତିନିଧି ନିଜକୁ ନେତା ନ ଭାବି ଦଳର ଜଣେ ସଚ୍ଚା କର୍ମୀ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ କରିଥିଲେ। ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବଡ଼ଚଣା ନିର୍ବାଚନମଣ୍ଡଳୀର ସମସ୍ତ ଜିଲା ପରିଷଦ ସଭ୍ୟ, ନିର୍ବାଚିତ ଜନପ୍ରତିନିଧି ଓ ୪୩

#### ବିଜେଡିର ପ୍ରଶିକ୍ଷଣ ଶିବିର

ପଞ୍ଚାୟତରୁ ଅନେକ ଛାମୁଆ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ଫନୀନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ୨ ବିଧାୟକଙ୍କ ସମେତ ଅନ୍ୟମାନେ।

## ପ୍ରଶାନ୍ତ କିଶୋରଙ୍କ ଟିପ୍ପଣୀକୁ ନୀତୀଶଙ୍କ ଅଗ୍ରାହ୍ୟ

# ମନ୍ତବ୍ୟ ନୁହେଁ, ସତ୍ୟ ଗୁରୁତ୍ୱପୂର୍ଣ୍ଣ

ପାଟନା,୬ା୫



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର

ବିହାର ପଛୁଆ ରାଜ୍ୟ ହେବା ପାଇଁ ନୀତୀଶ କୁମାରଙ୍କ ୧୫ ବର୍ଷର ଶାସନ ଦାୟୀ ବୋଲି ଗୁରୁବାର ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ସମାଲୋଚନା କରିଥିଲେ। ନୂଆ ଚିନ୍ତାଧାରା ଓ ଉଦ୍ୟମରେ ରାଜ୍ୟରେ ବିକାଶ ଆଣିବା ଲାଗି ସେ ଏକ ମିଶନ ଘୋଷଣା କରିଥିଲେ। ତେବେ ପ୍ରଶାନ୍ତଙ୍କ ମନ୍ତବ୍ୟକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅଗ୍ରାହ୍ୟ କରିଛନ୍ତି। କ'ଣ ସତ ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ, ପ୍ରଶାନ୍ତ କିଶୋରଙ୍କ ମନ୍ତବ୍ୟ ନୁହେଁ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ବିହାର ପାଇଁ ତାଙ୍କ ସରକାର କ'ଣ ଭଲ କାମ କରିଛି କି ନାହିଁ ତାହା ଜନସାଧାରଣ ଭଲ ଭାବେ ଜାଣନ୍ତି। ତେଣୁ ରାଜ୍ୟବାସୀ ଏହାର ଜବାବ ଦେବା ଲାଗି ସେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଲାଲୁ ଯାଦବ ଏବଂ ନୀତୀଶ କୁମାରଙ୍କ ୩୦ ବର୍ଷର ଶାସନରେ ବିହାର ଦେଶର ସବୁଠୁ ପଛୁଆ ଓ ଗରିବ ରାଜ୍ୟରେ ପରିଣତ ହୋଇଥିବା ନିର୍ବାଚନ ରଣନୀତିକାର ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ୨୦୧୫ରେ ପ୍ରଶାନ୍ତ କିଶୋର ଓ ତାଙ୍କ ସଂଗଠନ ଆଇ-ପିଏସି ବିହାର ବିଧାନସଭା ନିର୍ବାଚନରେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ଲାଗି କାର୍ଯ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ନୀତୀଶ ନିର୍ବାଚନ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ଲାଗି ଯୋଜନା ଓ କାର୍ଯ୍ୟକ୍ରମ ରୂପାୟନ ନିମନ୍ତେ ପ୍ରଶାନ୍ତଙ୍କୁ ତାଙ୍କ ଉପଦେଷ୍ଟା ନିଯୁକ୍ତ କରିଥିଲେ।

# କିଶୋର ପଟେଲ କଂଗ୍ରେସ ପ୍ରାର୍ଥୀ



ଚୟନ କମିଟି ବୈଠକରେ ଅନ୍ୟ ସଦସ୍ୟଙ୍କ ସହ କିଶୋର ପଟେଲ(ବାମରୁ ଦ୍ୱିତୀୟ)।

## ବ୍ରଜରାଜନଗର ଉପନିର୍ବାଚନ

ଝାରସୁଗୁଡ଼ା ଅଫିସ,୬ା୫

ବ୍ରଜରାଜନଗର ଉପନିର୍ବାଚନରେ କଂଗ୍ରେସ ଦଳର ଆଶାୟୀ ପ୍ରାର୍ଥୀଙ୍କୁ ନେଇ ଦଳରେ ଚର୍ଚ୍ଚା ଜୋର୍ ଧରିଥିଲା। ଏହାର ଅବସାନ ଘଟିଛି। ରାଜ୍ୟସ୍ତରୀୟ ଚୟନ କମିଟି ଶୁକ୍ରବାର ଦଳର ବରିଷ୍ଠନେତା ତଥା ପୂର୍ବତନ ବାଚସ୍ପତି କିଶୋର ପଟେଲଙ୍କ ନାମ ଘୋଷଣା କରିଛି। ଏହାକୁ ଜିଲା କଂଗ୍ରେସ କମିଟି, ଟାଉନ କଂଗ୍ରେସ କମିଟି ଓ ବ୍ଲକ୍ କଂଗ୍ରେସ କମିଟି ସ୍ୱାଗତ କରିଛି। ପ୍ରାର୍ଥୀ ଚୟନକୁ ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ୫ଜଣିଆ କମିଟି ଝାରସୁଗୁଡା ଜିଲା ଗସ୍ତରେ ଆସିଥିଲା। ଏହି କମିଟିର ଅଧ୍ୟକ୍ଷ ଭାବେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ, ଝାରସୁଗୁଡ଼ା ଜିଲା ସଭାପତି ଭରତ ଅବସ୍ତି, ସମ୍ବଲପୁର ଜିଲା ସଭାପତି ଅଶ୍ୱିନୀ ଗୁରୁ, ସୁନ୍ଦରଗଡ ଜିଲା ସଭାପତି ରାଧାମାଧବ ତ୍ରିପାଠୀ, ବରଗଡ ଏମ୍ପି ପ୍ରାର୍ଥୀ ପ୍ରଦୀପ ଦେବତା ରହିଥିଲେ। ଏହି ପରିପ୍ରେକ୍ଷୀରେ କମିଟି ଅଧ୍ୟକ୍ଷ ବାବୁଙ୍କ ଅଧ୍ୟକ୍ଷତାରେ ବେଲପାହାଡ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବାଚସ୍ପତି କିଶୋର ପଟେଲ, ଜିଲା ଓବିସି ସେଲ୍ ଅଧ୍ୟକ୍ଷ ସୁବ୍ରତ ପ୍ରଧାନ, ବେଲପାହାଡ ଟାଉନ ସଭାପତି ଭାସ୍କର ପଟେଲ, ବ୍ରଜରାଜନଗର ଟାଉନ ସଭାପତି ପ୍ରଫୁଲ୍ଲ ପଣ୍ଡା, ଲଖନପୁର ବ୍ଲକ୍ ସଭାପତି ଲିଙ୍ଗରାଜ ବଢେଇ, ବ୍ରଜରାଜନଗର ଯୁବ ସଭାପତି ଦେବେଶ ପଣ୍ଡା, ବେଲପାହାଡ ଯୁବ ସଭାପତି ହେମସାଗର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆଲୋଚନା ହୋଇ କିଶୋର ପଟେଲଙ୍କ ନାମ ଆଗତ ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ଦଳର ପ୍ରାର୍ଥୀ ଭାବେ ପଟେଲଙ୍କ ନାମ ଘୋଷଣା କରାଯାଇଥିଲା।

# ସବୁ ଏସ୍‌ପି ଅଫିସ ଘେରିଲା ଭାଜପା

ଭୁବନେଶ୍ୱର,୬ା୫(ବ୍ୟୁରୋ)

ବିଜେଡି ଶାସନରେ ଦୁଇଟି ଆଇନ। ଶାସକ ବିଜେଡି ସଭାପତିଙ୍କ ଇଙ୍ଗିତରେ ଆଇନ କାର୍ଯ୍ୟକାରୀ ହେଉଛି। ବିଜେଡି ସପକ୍ଷବାଦୀଙ୍କ ପାଇଁ ଗୋଟେ ପ୍ରକାର ଏବଂ ବିପକ୍ଷବାଦୀଙ୍କ ଲାଗି ଆଉ ଗୋଟେ ପ୍ରକାର। ରାଜନୈତିକ ହିଂସାପରାୟଣ, ହୀନ ରାଜନୈତିକ ସ୍ୱାର୍ଥ, ବିରୋଧୀଙ୍କ କଣ୍ଠରୋଧ ଉଦ୍ଦେଶ୍ୟରେ ନବୀନ ସରକାର ସରକାରୀ କଳ ଓ ବଳକୁ ଅପବ୍ୟବହାରକରି ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଏହାସହ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ଗିରଫଦାରିକୁ ବିରୋଧକରି ରାଜ୍ୟର ସବୁ ଏସ୍‌ପି ଅଫିସ୍ ଘେରାଉ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦଳ ଦାବିପତ୍ର ଦେଇଛି।

ଭାଜପା ପକ୍ଷରୁ କୁହାଯାଇଛି, ବିଭିନ୍ନ ଆପରାଧିକ କାର୍ଯ୍ୟ ଓ ଦୁର୍ନୀତିରେ ଲିପ୍ତଥିବା ବିଜେଡି ମନ୍ତ୍ରୀ ଓ ନେତାଙ୍କୁ ସୁରକ୍ଷା ବଳୟ ଭିତରେ ରଖୁଥିବା ନବୀନ ସରକାର ବିରୋଧୀଙ୍କ ପ୍ରତି ଆକ୍ରୋଶମୂଳକ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ସେମାନଙ୍କୁ ଅଯଥାରେ ମିଛ କେସ୍ ଜରିଆରେ ବଦନାମ କରିବାର ପ୍ରୟାସ ଜାରି ରଖିଛନ୍ତି। ଏହା ଅତ୍ୟନ୍ତ ଅଶୋଭନୀୟ ଏବଂ ସୁସ୍ଥ ଗଣତନ୍ତ୍ର ପ୍ରତି କୁଠାରାଘାତ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଦେବଗଡ଼ର ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ମିଛ ମାମଲାରେ ଗିରଫକରି ବଦନାମ କରିବାର ହୀନ ପ୍ରୟାସ। ବିଧାୟକ ପାଣିଗ୍ରାହୀ ପ୍ରଥମେ ଏତଲା ରୁଜୁ କରିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ତିଲେଇବଣି ବିଡିଓଙ୍କ କାଉଣ୍ଟର ଏତଲା ଆଧାରରେ ବିଧାୟକଙ୍କୁ ଗିରଫ କରାଯିବା ସମ୍ପୂର୍ଣ୍ଣ ଆଇନ ବିରୋଧୀ। ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ବିଡିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଆହୁରି ଚିନ୍ତାଜନକ। ସେହିପରି ଝରିଗାଁ ବିଧାୟକ ପ୍ରକାଶ ମାଝିଙ୍କ ବିରୋଧରେ ଜଣେ ମହିଳା ଯୌନ ନିର୍ଯାତନାର ଅଭିଯୋଗ କରିବା ସତ୍ତ୍ୱେ ଶାସକ ଦଳ ଚାପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ବିଜେଡିର ଦୋମୁହାଁ ନୀତିକୁ ପୁଣିଥରେ ପଦାରେ ପକାଇଛି ବୋଲି ଦଳ ଅଭିଯୋଗ କରିଛି।

# ନଦୀ ସୁରକ୍ଷା ପାଇଁ ରାଜ୍ୟପାଳଙ୍କୁ ଫେରାଦ



ରାଜ୍ୟପାଳଙ୍କୁ ଦାବିପତ୍ର ଦେଇ ଫେରିବା ପରେ ଭାଜପା ନେତୃବୃନ୍ଦ।

ଓଡ଼ିଶାରେ ପ୍ରାୟ ୪.୫ କୋଟିରୁ ଅଧିକ ଲୋକଙ୍କ ଜୀବନଧାରଣ ନଦୀଗୁଡ଼ିକ ଉପରେ ନିର୍ଭର। ଓଡ଼ିଶାରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ୍ ଭଳି ନଦୀ ପ୍ରବାହିତ। କିନ୍ତୁ ରାଜ୍ୟ ସରକାରଙ୍କ ବେପରୁଆ ମନୋଭାବ ଯୋଗୁ ରାଜ୍ୟରେ ଜଳ ସଙ୍କଟ ଦେଖାଦେବା ସହ ଲୋକେ ଦୂଷିତ ପାଣି ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନଦୀଜଳ ପରିଚାଳନା ପାଇଁ ନଦୀଗୁଡ଼ିକ ଶୁଷ୍କ ହୋଇପଡ଼ିଛି। କଳକାରଖାନା ଓ ଶିଳ୍ପ ପାଇଁ ଯେତିକି ପାଣି ଆବଶ୍ୟକ ତା'ଠୁ ଅଧିକ ବ୍ୟବହାର କରି ଦୂଷିତ ପାଣି ନଦୀକୁ ଛଡ଼ାଯାଉଛି। କେନ୍ଦ୍ର ସରକାର ଓଡ଼ିଶାରେ ସ୍ୱଚ୍ଛ ପାନୀୟ ଜଳ ପାଇଁ ବିଭିନ୍ନ ଯୋଜନା ଜରିଆରେ ପ୍ରଚୁର ଆର୍ଥିକ ଅନୁଦାନ ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ତାହା କାର୍ଯ୍ୟକାରୀ ହୋଇ ନ ପାରି କେନ୍ଦ୍ରକୁ ଫେରିଯାଉଛି। ମାଫିଆଙ୍କ ଜରିଆରେ ରାଜ୍ୟ ସରକାର ନଦୀ ଜଳ ଓ ବାଲିକୁ ବ୍ୟାପକ ଭାବେ ହରିଲୁଟ କରୁଛନ୍ତି। ଶୁକ୍ରବାର ଭାଜପା ନଦୀ ସୁରକ୍ଷା ସମିତି(ନମାମି ଗଙ୍ଗେ) ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରି ରାଜ୍ୟରେ ପ୍ରବାହିତ ନଦୀଗୁଡ଼ିକର ସୁରକ୍ଷା ଲାଗି ନିବେଦନ କରିଛନ୍ତି।

# 'ବାଘ ଇଲାକାରେ ଭାଲୁ ଦାଦାଗିରିକୁ ବରଦାସ୍ତ କରାଯିବ ନାହିଁ'

## ତାରା ବାହିନୀପତିଙ୍କୁ ବିଜେଡିର ଟାର୍ଗେଟ

ପାପଡ଼ାହାଣ୍ଡି, ୬ା୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବିଡିଓଙ୍କୁ କୋରାପୁଟ ଜିଲା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଦୁର୍ବ୍ୟବହାର କରିଥିବା ନେଇ ବିଜେଡି ଅଭିଯୋଗ କରିଛି। ଏଥିନେଇ ନବରଙ୍ଗପୁର ଜିଲା ବିଜେଡି ପକ୍ଷରୁ ଶୁକ୍ରବାର ଏକ ପ୍ରତିବାଦ ସଭା କରାଯାଇଛି। ଶତାଧିକ ବିଜେଡି କର୍ମୀ ବ୍ଲକ କାର୍ଯ୍ୟାଳୟ ଆଗରେ ଏକାଠି ହୋଇ ପ୍ରତିବାଦ କରିଥିଲେ। ଏହାପରେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ବାହିନୀପତିଙ୍କୁ ଟାର୍ଗେଟକରି 'ବାଘର ଇଲାକାରେ ଭାଲୁର ଦାଦାଗିରିକୁ ବରଦାସ୍ତ କରାଯିବ ନାହିଁ ' ବୋଲି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଉକ୍ତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜଣେ ମହିଳା ଅଧିକାରୀଙ୍କୁ ଘେରି କଂଗ୍ରେସ ନେତା ଓ କର୍ମୀ ଦୁର୍ବ୍ୟବହାର କରିଛନ୍ତି। ବିଧାୟକ ତାଙ୍କୁ ଜାତିଆଣ ଆକ୍ଷେପ କରି ଦୁର୍ନୀତିଗ୍ରସ୍ତ ବୋଲି କହିଥିଲେ। ଏହାକୁ ବିଜେଡି ବରଦାସ୍ତ କରିବ ନାହିଁ ବୋଲି ବିଧାୟକ ରନ୍ଧାରୀ କହିଛନ୍ତି। ଆମ ଅଞ୍ଚଳର ସମସ୍ୟା ବୁଝିବାକୁ ଆମେ ଅଛୁ। ସେ ତାଙ୍କ ଅଞ୍ଚଳର ସମସ୍ୟା ବୁଝନ୍ତୁ ବୋଲି କହି ବିଧାୟକ ରନ୍ଧାରୀ ଖବରଦାତା ସମ୍ମିଳନୀରେ ବାହିନୀପତିଙ୍କ ଉପରେ ବର୍ଷିଥିଲେ। କଂଗ୍ରେସର ଏପରି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟ ଯଶବନ୍ତ ନାୟକ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଶୋଇ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲିକ, ଜିଲା ବିଜେଡି ମିଡିଆ ସଂଯୋଜକ ପରେଶ ଜେନା, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ତୁଳସା ଭତରା, ବିଜେଡି ମୈଦଲପୁର ଜୋନ୍ ସଭାପତି ଯୁଗଳ ବିଶୋଇ, ବ୍ଲକ ଯୁବ ବିଜେଡି ସଭାପତି ତ୍ରିନାଥ ଲେଙ୍କା, ସୋମନାଥ ବିଷୋୟୀ କହିଛନ୍ତି।

ସୂଚନାନୁଯାୟୀ, ବିଭିନ୍ନ ଦାବି ନେଇ ବୁଧବାରଠାରୁ ପାପଡ଼ାହାଣ୍ଡି ବ୍ଲକ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ଗୁରୁବାର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଧାରଣାସ୍ଥଳକୁ ଯାଇଥିଲେ। ସେଠାରେ ସେ ପାପଡ଼ାହାଣ୍ଡି ବିଡିଓ ରଞ୍ଜିତା ମଲ୍ଲିକଙ୍କୁ ଦୁର୍ନୀତିଗ୍ରସ୍ତ ଅଧିକାରୀ ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ବିଧାୟକ ବାହିନୀପତି ବିଡିଓଙ୍କୁ ଦଳିତ ଏବଂ ଦୁର୍ନୀତିଗ୍ରସ୍ତ ବୋଲି କହିଥିବା ବିଡିଓ ଅଭିଯୋଗ କରିଛନ୍ତି। ଖବରପାଇ ନବରଙ୍ଗପୁର ଏଡିଏମ୍ ଭାସ୍କର ରଇତ, ପାପଡ଼ାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଯଥାଶୀଘ୍ର ଦାବି ପୂରଣ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ କଂଗ୍ରେସର ଧାରଣା ହଟିଥିଲା।

# ଶାସକ ଦଳର ନେତାଙ୍କ ପାଇଁ ଆଇନ ଅବାଟରେ ଯାଉଛି : କଂଗ୍ରେସ

ଭୁବନେଶ୍ୱର,୬ା୫(ବ୍ୟୁରୋ): ଶାସକ ବିଜୁ ଜନତା ଦଳର ନେତା ଓ ମନ୍ତ୍ରୀଙ୍କ ଯୋଗୁ ରାଜ୍ୟରେ ଆଇନ ଅବାଟରେ ଯାଉଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡି ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି କଂଗ୍ରେସ। ଦଳର ମୁଖପାତ୍ର ମନୋରଞ୍ଜନ ଦାସ ଓ ଅମିୟ ପାଣ୍ଡବ କହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁବେଳେ ଆଇନ ତା' ବାଟରେ ଯିବ ବୋଲି କୁହନ୍ତି। କିନ୍ତୁ ଗୋଟିଏ ପରେ ଗୋଟିଏ ଅପରାଧରେ ଶାସକ ଦଳର ନେତା, ମନ୍ତ୍ରୀଙ୍କର ସମ୍ପୃକ୍ତି ଥିବା ଦେଖିବାକୁ ମିଳୁଛି। ଅପରାଧ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ପୋଲିସ ପ୍ରଶାସନ ଏହି ଶାସକ ଦଳ ସମର୍ଥିତ ଗୁଣ୍ଡାଙ୍କ ସମର୍ଥକ ଓ ସୁରକ୍ଷା ଦାତା ସାଜିଛି। ରାଜ୍ୟରେ ବଳାତ୍କାର, ହତ୍ୟା, ମହିଳା ଓ ଶିଶୁ ନିର୍ଯ୍ୟାତନା, ଅପହରଣ ମାମଲାରେ ପୋଲିସ ଜାଣିଶୁଣି ଅଭିଯୋଗଗୁଡ଼ିକର ପଞ୍ଜୀକରଣ କରୁନାହିଁ। ବର୍ତ୍ତମାନ 'ବିଜେଡି ସେ ବେଟି ବଚାଓ' ଭଳି ସ୍ଲୋଗାନ ଆରମ୍ଭ ହୋଇଗଲାଣି ବୋଲି ସେମାନେ କହିଛନ୍ତି।

# ଫେରାର ପୂର୍ବତନ ସରପଞ୍ଚ ଗିରଫ

## ପଞ୍ଚାୟତ ନିର୍ବାଚନରେ ବୁଥ୍ ରିଗିଂ ଘଟଣା

ଧାମନଗର,୬ା୫(ଡି.ଏନ୍.ଏ.): ପଞ୍ଚାୟତ ନିର୍ବାଚନ ସମୟରେ ବୁଥ୍ ରିଗିଂ ଅଭିଯୋଗରେ ଭଦ୍ରକ ଜିଲା ଧାମନଗର ଥାନା ପୋଲିସ ଫେରାର ଥିବା ପଧାନୀ ପଞ୍ଚାୟତର ପୂର୍ବତନ ସରପଞ୍ଚ କ୍ଷୀରୋଦ କୁମାର ଜେନାଙ୍କୁ ଶୁକ୍ରବାର ଗିରଫ କରିଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକମାନେ ପଧାନୀ ପଞ୍ଚାୟତ ଦାସପାରି ବୁଥ୍‌ରେ ପଶି ମନଇଚ୍ଛା ଭୋଟ୍ ଦେଇଥିବାର ଭିଡିଓ ସେହି ସମୟରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ବୁଥ୍‌ରେ ସାନି ମତଦାନ କରାଯାଇଥିଲା। ବୁଥ୍ ରିଗିଂ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ କ୍ଷୀରୋଦଙ୍କ ସମେତ ୫ ଜଣଙ୍କ ନାଁରେ ମାମଲା (ନଂ.୮୧/୨୨) ରୁଜୁ କରିଥିଲା। ଗିରଫ କ୍ଷୀରୋଦଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
Tender Notice No. TPWODL/RB/O/SU/ 035 Date : 7.5.2022

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

**RC for Supply of GPRS-4G/2G Compatible GPRS Modem for Data Communication from Energy Meter.**

Interested bidders to submit Tender Participation Fee and Authorization Letter through email on or before **20th May 2022, 18:00Hrs,** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

**idco** ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWER, BHUBANESWAR**
No. CAD-434
Tender Call Notice No. File No. IDCO/HO-P&C/0-3155/04/2022/V-1 11168 Dated: 05.05.2022
**NOTICE INVITING TENDER THROUGH e-Procurement**
Name of the Work : Extension of 33kv UG line 3 way RMU & construction of 2 run 33kv 3 Core × 185 sum cable with RCC Cable trench approximately length of 1230 mtr from existing 2 × 8 mva E-SubStation to Bagchi - Sri Sankar Cancer Hospital at Infocity - II, janla, Khordha.
Period of Completion : 6 (Six) Calendar Months

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-14/2022-23 | 17.00 hours of Dt.13.05.2022 | 17.00 hours of Dt.06.06.2022 |

Further details can be seen from the e-Procurement Portal: **www.Tendersodisha.gov.in.** and Corrigendum if any will be published in Newspapers and can only be seen in the e-Procurement portal as well as in IDCO website.
OIPR-14003/11/0039/2223 Sd./- Chief General Manager (P&C), IDCO, Bhubaneswar

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswsar - 751001, Visit us at: http://www.bda.gov.in
No. CAD-427
Bid Identification No. 407 **INVITATIONS FOR BIDS (IFB)** Dated: 05.05.2022
1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Electrical Contractors having valid H.T. Licence registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of Work | Estimated Cost (In Rs.) | EMD (In Rs.) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Construction of 11KV line and installation of 63KVA, 11/0.4KV Sub-station to effect power supply to 44KW GPS load at 11KV supply with LT individually metering to the Neighbourhood shopping complex at K-VI, Subudhipur, Bhubaneswar | 6,06,081.00 | Submission of Bid Security Declaration in Schedule - K | 4000.00 + 12% GST | 15 (Fifteen Days) |
| 2. | Construction of 11KV line and installation of 63KVA, 11/0.4KV Sub-station to effect power supply to 30KW GPS load at 11KV supply with LT individually metering to the Neighbourhood shopping complex at K-VIII, Ghatakia, Bhubaneswar | 7,34,508.00 | Submission of Bid Security Declaration in Schedule - K | 4000.00 + 12% GST | 15 (Fifteen Days) |

2. The Bid documents will be available in the website: **https://tendersodisha.gov.in** from **10.05.2022**. Any addendum/ Corrigendum/Cancellation of tender can also be seen in the said website.
3. Bids shall be received only "Online" on or before **20.05.2022 upto 17.00 hours.** The bidder must possess compatible Digital Signature Certificate (DSC) of Class-II or Class-III.
4. Other details can be seen in the bidding documents.
5. The authority reserves the right to cancel any or all bids without assigning any reason.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

OIPR-13033/11/0054/2223 Sd./- Executive Engineer, Division-IV, BDA, BBSR

**ODISHA HYDRO POWER CORPORATION LTD.**
OHPC **OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
At/P.O. : BARINIPUT; DIST.: KORAPUT -764006
PHONE: - (06854) 242001 FAX: - (06854) 242038
e-mail: sgmel.ukhep@gmail.com
**1ST CORRIGENDUM TO TENDER CALL NOTICE NO. 01/2022-23**
**DATED: 05.04.2022**
**No.CAD-436:**The last date of Sale, Receipt and Opening of Tender Paper against this office Tender Call Notice No. 01/2022-23 Date 05.04.2022 are hereby extended with following addendum and re-scheduled as follows:- .
(1) Last Date & Time of Sale of Tender Paper : From 12.05.2022 of 11.00 hrs Upto 12.00 hrs. of dated 20.05.2022
(2) Last Date & Time of Receipt of Tender Paper : Up to 12.00 hrs. of dated 20.05.2022
(3) Date & Time of Opening of Tender : At 12.30 hrs. of dated 20.05.2022
**ADDENDUM:- EMD 1% AGAINST THE TENDER (QUOTED VALUE) OR BID SECURITY DECLARATION FORM WHICHEVER IS ACCEPTABLE.**
All other terms & conditions of the Tender remain unchanged.
For details of the Tender documents, Terms & Conditions and downloading please refer our Website: www.ohpcltd.com.
Sd./- C & P Head, Upper Kolab HEP, OHPC Limited, Bariniput
OIPR-04002/11/0013/2223

**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR , ROURKELA**
**No.B-150:** email id – eepwdrkl@gmail.com
**Government of Orissa "e" Procurement Notice**
**Bid Identification No.: 08/ 2022-23 Dated: 30.04.2022**
1. Number of works: Total 1(One) number of Work
2. Estimated cost: Rs. 58.30 Lakhs
3. Period of completion: Four(04) calendar months
4. Date & Time of availability of bid document in the portal: 11.05.2022 at 11.00 A.M.
5. Last date/ Time for receipt of bids in the portal: 20.05.2022 up to 5.00 P.M.
6. Date of opening of Bid: 23.05.2022 at 11.30 A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela, Uditnagar.

Further details can be seen from the e-procurement portal **"http// tendersodisha.gov.in"**
Sd./- Superintending Engineer
Rourkela (R & B) Division
OIPR-34068/11/0010/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MALKANGIRI (R&B) DIVISION, MALKANGIRI**
**E-Procurement Notice**
**Bid Identification No. S.E (R&B)- MLK-01/2022-23**
No.B-154: No. Date. 29.04.2022
1. Name of the work: Building Work
2. Total No. of Works: 02 Nos.
3. Estimated cost: Rs.16.95 lakhs to Rs.40.92 Lakhs
4. Period of completion: 03(Three) to 04 (Four) months
5. Date & time of availability of bid document in the portal: From 11.00 hrs. of 09.05.2022 to 16.00 hrs. of 17.05.2022
6. Last date / Time for receipt of bids in the Portal; 16.00 hours of 17.05.2022
7. Date of opening of Tender; 11.00 hours of 18.05.2022
8. Name and address of the Officer Inviting Bid: Superintending Engineer, Malkangiri(R&B) Division

Further details can be seen from the e-procurement portal
https://tendersorissa.gov.in
Superintending Engineer, Malkangiri(R&B) Division
OIPR-34063/11/0002/2223

**GOVERNMENT OF ODISHA** No. B-148
**OFFICE OF THE SUPERINTENDING ENGINEER, KALAHANDI (R&B) DIVISION, BHAWANIPATNA**
E-mail: eekalahandi@gmail.com, Fax No.: 06670-230512, Cell No. 9437050413
**E-Procurement Notice**
**Bid Identification No. BC KLD-07/2022-23**
No. 3635 Dated: 02.05.2022

| | | |
|---|---|---|
| 1. | Name of the work: S/R to Non Residential Buildings | 73 (Seventy Three) numbers of Building works (Repair) |
| 2. | Estimated Cost | Rs.0.5 lakhs to Rs.10.00 lakhs |
| 3. | Period of Completion | 01 (One) to 02 (Two) Calendar Months |
| 4. | Date and time of availability of bid document in the portal | 11.00 hours 15.05.2022 to 17.00 hours of 31.05.2022 |
| 5. | Last date/time for receipt of bid in the portal | 17.00 hours of 31.05.2022 |
| 6. | Name and address of the Officer Inviting Bid | Superintending Engineer, Kalahandi (R&B) Division, Bhawanipatna |
| 7. | Date & Venue of Opening of the Single Cover Bid and Technical Bid (Cover 1) of Double Cover Bid | On 01.06.2022 at 11.00 A.M. in the Office of the Superintending Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal **https:// tendersodisha.gov.in**.
Sd./- (Er. A.K. Babu)
Superintending Engineer
Kalahandi (R&B) Division
OIPR-34017/11/0004/2223

**OFFICE OF THE SUPERINTENDING ENGINEER PARALAKHEMUNDI (R&B) DIVISION, PARALAKHEMUNDI**
E-mail ID:- eerbparala@yahoo.com
Tel :-06815 222542
No.1214 Dtd.06.05.2022
**GOVERNMENT OF ODISHA**
**NOTICE INVITING QUOTATION CALL NOTICE**
**BUDGETARY QUOTATION CALL NOTICE No.02, Dt 06.05.2022**
**No.B-160:** In pursuance of decision to revise the Schedule of Rates - 2014, Sealed budgetary Quotation are invited from the Transporter/ Labour Supplier and other Stakeholders in their letter head as applicable dealing with for respective items having registration/Labour license with valid GSTIN of conveyance of materials (Available in the Office of the Superintending Engineer, Paralakhemundi (R&B) Division as well as in the website of Works Department)for inclusion in the revised Scheduled of Rates in Government of Odisha to be used in different Civil construction / infrastructure works and repair works. The interested party i.e. the bidder shall quote his price in the format available in the official website Government in Works Department.

The different item of conveyance for materials and the unit for which rate to be quoted will be available in the Official website of Works Department, Government of Odisha w.e.f. 12.05.2022.

The sealed quotations with all supporting documents complete in all respects will be received from 10.00 AM of dt.14.05.2022 to 5.00 PM of dt.23.05.2022 in the quotation box available in the office of the Superintending Engineer, Paralakhemundi (R&B) Division, Paralakhemundi and will be opened on Dt.24.05.2022 at 12.30 P.M. in presence of the quotationer or their authorized representatives who desire to be present. This quotation is invited to ascertain and assess the Rate different item of conveyance for Materials at par with lowest market rate for revision of Schedule of Rates 2014. The quotation shall be considered only if applied in Letter Head of Transporter/Labour Supplier and other Stakeholders mentioning registration/Labour license with valid GSTIN, failing which quotation shall be rejected.

The undersigned reserves the right to accept or reject / cancel any or all quotations without assigning any reason thereof.
Sd./- Superintending Engineer
Paralakhemundi (R&B) Division
OIPR-34065/11/0003/2223

See Career Appointment on every Wednesday & Saturday

## ୟୁରୋପୀୟ ସଂଘ ସହ ଚୁକ୍ତି କରିବ ଭାରତ

**ନୂଆଦିଲ୍ଲୀ:** ଆସନ୍ତା ବର୍ଷ ସୁଦ୍ଧା ଭାରତ ୟୁରୋପୀୟ ସଂଘ ସହ ଏକ ମୁକ୍ତ ବ୍ୟବସାୟିକ ବୁଝାମଣା(ଏଫ୍‌ଟିଏ) କରିବ ବୋଲି ଶୁକ୍ରବାର କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି। ଆଇଏମ୍‌ସି ଚାମ୍ବର ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଗୋୟଲ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ୟୁଏଇ ଏବଂ ଅଷ୍ଟ୍ରେଲିଆ ସହ ଭାରତ ପୂର୍ବରୁ ଏ ସମ୍ପର୍କିତ ଚୁକ୍ତି କରିସାରିଥିବା ବେଳେ ୟୁରୋପୀୟ ୟୁନିୟନ (ଇୟୁ), ବ୍ରିଟେନ୍, କାନାଡା ଏବଂ ଗଲ୍ଫ କୋ-ଅପରେଶନ କାଉନ୍‌ସିଲ୍ (ଜିସିସି) ସହିତ ଏନେଇ ଆଲୋଚନା ଚାଲିଥିବା ସେ ଏହି ଅବସରରେ ସୂଚନା ଦେଇଥିଲେ। ଏହାଛଡ଼ା ବ୍ରିଟେନ୍ ସହ ଏଫ୍‌ଟିଏ ସମ୍ପର୍କିତ ୩ ରାଉଣ୍ଡ ବୁଝାମଣା ସରିଛି। ଚଳିତ ମାସ ସୁଦ୍ଧା ୪ର୍ଥ ପର୍ଯ୍ୟାୟ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି।

### ସଂକ୍ଷେପରେ

## ବୃହତ୍ ହ୍ରାସ ସହ ବଜାର ବନ୍ଦ

**ନୂଆଦିଲ୍ଲୀ,୬।୫:** ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ଶେୟାର ବଜାର ଭାରି ହ୍ରାସ ସହିତ ବନ୍ଦ ହୋଇଛି। ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସରେ ୮୬୬.୬୫ ପଏଣ୍ଟ (୧.୫୬%) ଏବଂ ନିଫ୍ଟିରେ ୨୭୧.୪୦ ଅଙ୍କ (୧.୬୩%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୮୩୫.୫୮ ଏବଂ ୧୬,୪୧୧.୪୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୮୩୭ଟି ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ୨,୪୪୪ଟି ଶେୟାରରେ ହ୍ରାସ ପରିଲକ୍ଷିତ ହୋଇଛି। ଶୁକ୍ରବାରର ଟପ୍ ଲୁଜର୍ସମାନଙ୍କ ତାଲିକାରେ ଡିଭିସ୍ ଲାବ୍, ବଜାଜ୍ ଫାଇନାନ୍ସ, ଶ୍ରୀ ସିମେଣ୍ଟସ୍, ୟୁପିଏଲ୍ ଏବଂ ଟାଟା ମୋଟର୍ସ ରହିଥିବା ବେଳେ ଟପ୍ ଗେନର୍ସ ତାଲିକାରେ ହିରୋ ମୋଟୋକର୍ପ, ଟେକ୍ ମହିନ୍ଦ୍ରା, ପାୱାର ଗ୍ରୀଡ୍ କର୍ପ, ଆଇଟିସି ଏବଂ ଓଏନ୍‌ଜିସି ରହିଛନ୍ତି।

## ଅଗଷ୍ଟରେ ଡିବିୟୁ ଲଞ୍ଚ କରିବେ ମୋଦି

**ନୂଆଦିଲ୍ଲୀ,୬।୫:** ଆସନ୍ତା ଅଗଷ୍ଟ ୧୫ ତାରିଖରେ ଅର୍ଥାତ୍ ଆଗାମୀ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ୭୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍‌ସ (ଡିବିୟୁ) ଲଞ୍ଚ୍ କରିପାରନ୍ତି। ଏହି ଡିବିୟୁଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ପେପରଲେସ୍ ରହିବ ଏବଂ ଗ୍ରାହକଙ୍କ ପାଇଁ ଡିଜିଟାଲ ଫାଇନାନ୍ସ ଲିଟେରାସି ସେଣ୍ଟର ଭାବରେ କାର୍ଯ୍ୟ କରିବ। ଗତ ଏପ୍ରିଲରେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ଡିବିୟୁଗୁଡ଼ିକର ପରିଚାଳନାକୁ ସହଜ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହା ପୂର୍ବରୁ ଦେଶର ୭୫ ଜିଲାରେ ୭୫ ଡିବିୟୁ ପ୍ରତିଷ୍ଠା କରାଯିବା ସମ୍ପର୍କରେ ବଜେଟ ୨୦୨୨-୨୩ରେ ଘୋଷଣା କରାଯାଇଥିଲା। ଏ ସମ୍ପର୍କରେ ଅବଗତ ଥିବା ଜଣେ ଏକ୍‌ଜିକ୍ୟୁଟିଭ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ସ୍ୱତନ୍ତ୍ର ୟୁନିଟ୍ ତିଆରି ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବା ଏବଂ ମାନବଶକ୍ତି ପାଇଁ ସମସ୍ତ ୭୫ ଜିଲା ମନୋନୀତ କରାଯାଇଛି। ଆସନ୍ତା ଜୁଲାଇ ସୁଦ୍ଧା ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହେବ।

# ବିଦ୍ୟୁତ୍ ସଙ୍କଟ ପରିଚାଳନା ପାଇଁ କେନ୍ଦ୍ରର ପଦକ୍ଷେପ

ନୂଆଦିଲ୍ଲୀ,୬।୫

ଦେଶରେ ବଢୁଥିବା ବିଦ୍ୟୁତ୍ ସଙ୍କଟର ପରିଚାଳନା ପାଇଁ କେନ୍ଦ୍ର ସରକାର ବିଦ୍ୟୁତ୍ ଆକ୍ଟର ଧାରା ୧୧ ଲାଗୁ କରିଥିବା ଗଣମାଧ୍ୟମ ପକ୍ଷରୁ ସୂଚନା ମିଳିଛି। ଏହି ଅନୁସାରେ ସରକାର ଅସାଧାରଣ ପରିସ୍ଥିତିରେ, ଯେକୌଣସି ଉତ୍ପାଦନକାରୀ କମ୍ପାନୀକୁ ସରକାରୀ ନିର୍ଦ୍ଦେଶନାମା ଅନୁସାରେ କୌଣସି ଷ୍ଟେଶନ ପରିଚାଳନା ପାଇଁ କହିପାରନ୍ତି। ଗୁରୁବାର ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁସାରେ ଚଳିତ ଗ୍ରୀଷ୍ମର ଆଗାମୀ ମାସଗୁଡ଼ିକରେ ବିଦ୍ୟୁତ୍ ଚାହିଦା ୨୨୦ ଗିଗାୱାଟ୍ ସ୍ତରରେ ରହିବ। ସରକାରଙ୍କର ଏହି ନିର୍ଦ୍ଦେଶନାମା ଅନୁସାରେ ଗୁଜରାଟ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଭଳି ରାଜ୍ୟରେ ଏସାର୍ ପାୱାର ପକ୍ଷରୁ ଅତି କମ୍‌ରେ ୭ ଗିଗାୱାଟ୍‌ର ବିଦ୍ୟୁତ୍ ପ୍ଲାଣ୍ଟ ଚାଲୁ କରାଯିବ ଏବଂ ଜାତୀୟ କମ୍ପାନୀ ଲ’ ଟ୍ରିବୁନାଲ ଅନୁସାରେ ଏହି ପ୍ଲାଣ୍ଟଗୁଡ଼ିକ ଚାଲୁହେବ। ଗଣମାଧ୍ୟମ ସୂଚନା ଅନୁସାରେ ବର୍ତ୍ତମାନ ଦେଶରେ



ଥିବା ୧୭,୫୦୦ ମେଗାୱାଟ୍ ଇମ୍ପୋର୍ଟେଡ୍ କୋଇଲା ପ୍ଲାଣ୍ଟଗୁଡ଼ିକ ମଧ୍ୟରୁ କେବଳ ୧୦,୦୦୦ ମେଗାୱାଟ୍ ହିଁ କାମ କରୁଛି। ତେବେ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଚାଲିବାକୁ ଥିବା ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକ ପ୍ରଥମେ ବିଦ୍ୟୁତ୍ କ୍ରୟ କରିଥିବା ଚୁକ୍ତିଭିତ୍ତିକ ଧାରକମାନଙ୍କର ବିଦ୍ୟୁତ୍ ଚାହିଦା ପୂର୍ଣ୍ଣ କରିବା ଦିଗରେ ଗୁରୁତ୍ୱ ଦେବେ। ଏହାଛଡ଼ା ଅତିରିକ୍ତ ବିଦ୍ୟୁତ୍ ଶକ୍ତିକୁ ପାୱାର୍ ଏକ୍ସଚେଞ୍ଜ୍‌ରେ ବିକ୍ରି କରାଯିବ। ରାଜ୍ୟଗୁଡ଼ିକ ଏହି ଏକ୍ସଚେଞ୍ଜଗୁଡ଼ିକଠାରୁ ବିଦ୍ୟୁତ୍ ଶକ୍ତି କ୍ରୟ କରିପାରିବେ। ଏ ସମ୍ପର୍କରେ ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି, ସରକାରଙ୍କ ଏହି ନିୟମ ଅନୁସାରେ ଗୁଜରାଟ ଏବଂ ରାଜସ୍ଥାନ

### ଆସନ୍ତା ମାସରେ ବିଦ୍ୟୁତ୍ ଚାହିଦା ୨୨୦ ଗିଗାୱାଟ୍‌ରେ ପହଞ୍ଚିବ

ସମେତ ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ଏକ୍ସଚେଞ୍ଜଗୁଡ଼ିକଠାରୁ ବିଦ୍ୟୁତ୍ କ୍ରୟ କରିପାରିବେ। ପରବର୍ତ୍ତୀ ସମୟରେ ବ୍ୟବସାୟିକ ସମସ୍ୟାଗୁଡ଼ିକର ସମାଧାନ କରାଯିବ। ଏହା ଦେଶରେ ବିଦ୍ୟୁତ୍ ଉପଲବ୍ଧତା ବୃଦ୍ଧି କରି ଅଭାବ ପୂରଣ ଦିଗରେ ସହାୟକ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି। ଉଚ୍ଚମୂଲ୍ୟରେ ଆମଦାନୀ ହୋଇଥିବା କୋଇଲା ଦ୍ୱାରା ପରିଚାଳିତ ପ୍ରକଳ୍ପଗୁଡ଼ିକ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ଏବଂ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ ଦ୍ୱାରା ଗଠିତ ଏକ କମିଟି ଦ୍ୱାରା ପରିଚାଳିତ ହେବ। ପିପିଏଧାରକମାନେ ମ୍ୟୁଚୁଆଲ ଶୁଳ୍କ କିମ୍ବା କମିଟି ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ଅନୁସାରେ ବିଦ୍ୟୁତ୍ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକୁ ଦେୟ ପ୍ରଦାନ କରିପାରିବେ।

## ଆର୍‌ଜେଆଇଏଲ୍‌ର ଲାଭରେ ୨୪% ବୃଦ୍ଧି

ନୂଆଦିଲ୍ଲୀ,୬।୫

ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍(ଆର୍‌ଜେଆଇଏଲ୍) ପକ୍ଷରୁ ଶୁକ୍ରବାର ୨୦୨୧-୨୨ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସର ଫଳାଫଳ ଘୋଷଣା କରାଯାଇଛି। ୨୦୨୨ ଜାନୁୟାରୀ-ମାର୍ଚ୍ଚ ପର୍ଯ୍ୟନ୍ତ ରହିଥିବା ଏହି ତ୍ରୈମାସରେ କମ୍ପାନୀର ଟିକସ ପରବର୍ତ୍ତୀ ଏକକ ଲାଭରେ ୨୪% ବୃଦ୍ଧି ସହିତ ୪,୧୭୩ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୦-୨୧ର ସମାନ ଅବଧି ମଧ୍ୟରେ ରିଲାଏନ୍ସ ଜିଓର ଟିକସ ପରବର୍ତ୍ତୀ ଲାଭ ୩,୩୬୦ କୋଟି ଟଙ୍କା ରହିଥିଲା। ପୂର୍ବବର୍ଷ ଜାନୁୟାରୀ-ମାର୍ଚ୍ଚ ତୁଳନାରେ ୨୦୨୧-୨୨ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସରେ କମ୍ପାନୀର ଏକକ ରାଜସ୍ୱ ୨୦% ବୃଦ୍ଧି ସହିତ ୨୦,୯୦୧ କୋଟି ଟଙ୍କାରେ ପହଞ୍ଚିଥିବା କମ୍ପାନୀ ତଥ୍ୟରୁ ଜଣାଯାଇଛି। ସେହିଭଳି ୨୦୨୨ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ କମ୍ପାନୀର ଟିକସ ପରବର୍ତ୍ତୀ ମୋଟ୍ ଲାଭରେ ୨୩% ବୃଦ୍ଧି ଘଟି ୧୪,୮୧୭ କୋଟି ଟଙ୍କା ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ୧୨,୦୧୫ କୋଟି ଟଙ୍କା ରହିଥିଲା । ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ପରିଚାଳନାଗତ ବାର୍ଷିକ ରାଜସ୍ୱ ୧୦.୩% ବୃଦ୍ଧି ସହିତ ୨୦୨୧-୨୨ ଆର୍ଥିକ ବର୍ଷରେ ତାହା ୭୬,୯୭୭ କୋଟି ଟଙ୍କାରେ ପହଞ୍ଚିଥିବ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିବା ଆର୍ଥିକ ଫଳାଫଳରୁ ସୂଚନା ମିଳିଛି।

## ଏଲ୍‌ଟିଆଇ ଏବଂ ମାଇଣ୍ଡଟ୍ରି ମିଶ୍ରଣ ଘୋଷଣା




ନୂଆଦିଲ୍ଲୀ,୬।୫

ମୁମ୍ବାଇର ଇଞ୍ଜିନିୟରିଂ କମ୍ପାନୀ ଏଲ୍ ଆଣ୍ଡ୍ ଟି ନିଜର ଦୁଇ ସଫ୍ଟୱେର୍ ୟୁନିଟ୍‌ର ମିଶ୍ରଣ ସମ୍ପର୍କରେ ଶୁକ୍ରବାର ଘୋଷଣା କରିଛି। ଲାର୍ସେନ୍ ଆଣ୍ଡ ଟୁବ୍ରୋ ଇନ୍‌ଫୋଟେକ୍ (ଏଲ୍ ଟି ଆଇ) ଏବଂ ମାଇଣ୍ଡଟ୍ରିର ମିଶ୍ରଣ ହେବାକୁ ଯାଉଛି। ଗତ କିଛି ଦିନ ହେବ ଏହି ଦୁଇ କମ୍ପାନୀର ବିଲୟ ସମ୍ପର୍କରେ ଚର୍ଚ୍ଚା ହୋଇ ଆସୁଥିଲା। ତେବେ ଚଳିତ ସପ୍ତାହରେ ଉଭୟ କମ୍ପାନୀର ବୋର୍ଡ ପକ୍ଷରୁ ଆୟୋଜିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହି ବିଲୟ ଦ୍ୱାରା ଏଲ୍‌ଟିଆଇର ୧ଟଙ୍କାର ୭୩ ଶେୟାର ବଦଳରେ ୧୦ଟଙ୍କାର ୧୦୦ଟି ପେଡ୍ ଅପ୍ ଇକ୍ୱିଟି ଶେୟାର ମିଳିବ। ମାଇଣ୍ଡଟ୍ରିରେ ଏଲ୍‌ଟିଆଇର ୬୦% ଅଂଶଧନ ରହିଛି। ଏଲ୍‌ଟିଆଇର ମାର୍କେଟ୍ କ୍ୟାପ୍ ୧.୦୩ ଲକ୍ଷ କୋଟି ଟଙ୍କା ଥିବା ବେଳେ ମାଇଣ୍ଡ ଟ୍ରିର ମାର୍କେଟ୍ କ୍ୟାପ୍ ୬୫,୨୮୫ କୋଟି ଟଙ୍କା ରହିଛି। ସେହିପରି ଏହି ଦୁଇ କମ୍ପାନୀର ମୋଟ୍ ବ୍ୟବସାୟ ପ୍ରାୟ ୩.୫ ବିଲିୟନ ଡଲାର ରହିଛି। ମିଶ୍ରଣ ପରେ ଏଲ୍‌ଟିଆଇ ଟେକ୍‌ମହିନ୍ଦ୍ରାକୁ ପଛରେ ଛାଡ଼ି ୫ମ ସର୍ବବୃହତ୍ ଆଇଟି ସର୍ଭିସ୍ ପ୍ରୋଭାଇଡର କମ୍ପାନୀରେ ପରିଗଣିତ ହୋଇଛି। ମାଇଣ୍ଡଟ୍ରି ସିଇଓ ଏବଂ ଏମ୍‌ଡି ଦେବାଶିଷ ଚାଟାର୍ଜୀ ଏହି ମିଶ୍ରିତ ନୂଆ କମ୍ପାନୀର ଦେଖାଶୁଣା କରିବେ। ତେବେ ଏଲ୍‌ଟିଆଇ ସିଇଓ ଏବଂ ଏମ୍‌ଡି ସଞ୍ଜୟ ଜଲୋନାଙ୍କୁ କମ୍ପାନୀରେ ସ୍ଥାନ ମିଳିନାହିଁ।

## ଏଲ୍‌ଆଇସି ଆଇପିଓକୁ ୧.୩୩ ଗୁଣା ସବ୍‌ସ୍କ୍ରିପ୍‌ଶନ

ନୂଆଦିଲ୍ଲୀ,୬।୫

ପ୍ରଥମ ୨ଦିନ ଭଳି ତୃତୀୟ ଦିନ ମଧ୍ୟ ଦେଶର ସର୍ବବୃହତ୍ ବୀମା କମ୍ପାନୀ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ପ୍ରାରମ୍ଭିକ ସର୍ବସାଧାରଣ ଅଫର (ଆଇପିଓ)ରେ ପ୍ରତି ନିବେଶକଙ୍କର ଆଗ୍ରହ ଦେଖିବାକୁ ମିଳିଛି। ୩ୟ ଦିନ ସୁଦ୍ଧା ଆଇପିଓକୁ ୧.୩୩ ଗୁଣା ଅଧିକ ନିବେଶକ ସବ୍‌ସ୍କ୍ରାଇବ୍ କରିଛନ୍ତି। ଏଲ୍‌ଆଇସି ଆଇପିଓରେ ନିବେଶ ପାଇଁ ୧୬.୨ କୋଟି ଶେୟାର ରହିଛି। ତେବେ ୨ୟ ଦିନ ସୁଦ୍ଧା ୨୧.୫୧ କୋଟି ଶେୟାର ପାଇଁ ସବ୍‌ସ୍କ୍ରିପ୍‌ଶନ ସରିଛି। ୩ୟ ଦିନ ସୁଦ୍ଧା ପଲିସିହୋଲ୍ଡରଙ୍କ ପାଇଁ ସଂରକ୍ଷିତ ସେଗ୍‌ମେଣ୍ଟରେ ୩.୮୯ ଗୁଣା ଏବଂ ଏଲ୍‌ଆଇସି କର୍ମଚାରୀ ବିଭାଗରେ




୨.୯୬ ଗୁଣା ଅଧିକ ସବ୍‌ସ୍କ୍ରିପ୍‌ଶନ ଦେଖିବାକୁ ମିଳିଛି। ଏହାଛଡ଼ା ଖୁଚୁରା ନିବେଶକଙ୍କ ଅଂଶରେ ୧.୧୯ ଗୁଣା ଅଧିକ ଶେୟାର କ୍ରୟ କରାଯାଇଛି। ତେବେ ନନ୍ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର୍ସ (ଏନ୍‌ଆଇଆଇ) ଏବଂ କ୍ୱାଲିଫାଏଡ୍ ଇନ୍‌ଷ୍ଟିଚ୍ୟୁଶନାଲ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ସଂରକ୍ଷିତ କୋଟା ବର୍ତ୍ତମାନ ସୁଦ୍ଧା ପୂରଣ ହୋଇପାରି ନାହିଁ। ଶୁକ୍ରବାର ସୁଦ୍ଧା ଏନ୍‌ଆଇଆଇ ଏବଂ କ୍ୟୁଆଇବି ସଂରକ୍ଷଣ ଯଥାକ୍ରମେ ୬୮% ଏବଂ ୫୫% ପୂରଣ ହୋଇପାରିଛି। ସାଧାରଣତଃ ଏନ୍‌ଆଇଆଇ ଏବଂ କ୍ୟୁଆଇବିମାନେ ଆଇପିଓର ଶେଷ ଦିନରେ ଅଧିକ ମାତ୍ରାରେ ନିବେଶ କରୁଥିବା ଦେଖାଯାଇଛି। ବୁଧବାରଠାରୁ ଗ୍ରାହକଙ୍କ ପାଇଁ ଖୋଲା ଯାଇଥିବା ଏହି ଆଇପିଓକୁ ପ୍ରଥମ ଦିନରେ ୬୬% ସବ୍‌ସ୍କ୍ରିପ୍‌ଶନ ମିଳିଥିବା ବେଳେ ୨ୟ ଦିନରେ ଏହା ସମ୍ପୂର୍ଣ୍ଣ ପୂରଣ ହୋଇ ଏଥିରେ ୧.୦୩ ଗୁଣା ଅଧିକ ନିବେଶ ହୋଇଥିଲା। ସୂଚନାଯୋଗ୍ୟ, ଏହି ଆଇପିଓ ନିବେଶକଙ୍କ ପାଇଁ ମେ’ ୯ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ତେବେ ଏହା ଖୁଚୁରା ନିବେଶକାରୀଙ୍କ ପାଇଁ ଶନିବାର ମଧ୍ୟ ଖୋଲା ରହିବ ବୋଲି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ୍ ପକ୍ଷରୁ କୁହାଯାଇଛି।

## ଡେଲିଭରି ପାର୍ଟନର ପିଲାଙ୍କୁ ଶିକ୍ଷା ଯୋଗାଇବ ଜୋମାଟୋ

ନୂଆଦିଲ୍ଲୀ,୬।୫

ଦେଶର ଅଗ୍ରଣୀ ଖାଦ୍ୟ ଡେଲିଭରି କମ୍ପାନୀ ଜୋମାଟୋ ପକ୍ଷରୁ ଏହାର ଡେଲିଭରି ପାର୍ଟନରଙ୍କ ପିଲାମାନଙ୍କ ଶିକ୍ଷା ପାଇଁ ୭୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଘୋଷଣା କରାଯାଇଛି। ସମସ୍ତ ଡେଲିଭରି ପାର୍ଟନରଙ୍କ ଦୁଇଜଣ ପିଲାଙ୍କ ଶିକ୍ଷା ପାଇଁ ଜୋମାଟୋ ଫ୍ୟୁଚର ଫାଉଣ୍ଡେଶନ ପକ୍ଷରୁ ବାର୍ଷିକ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ। ୫ବର୍ଷରୁ ଅଧିକ ସମୟ ଧରି କମ୍ପାନୀ ପାଇଁ କାର୍ଯ୍ୟ କରୁଥିବା ଡେଲିଭରି ପାର୍ଟନରଙ୍କୁ ଏବଂ କମ୍ପାନୀ ସହିତ ୧୦ ବର୍ଷ ପୂରଣ କରିଥିବା ପାର୍ଟନରଙ୍କ ପିଲାଙ୍କ ପାଇଁ କମ୍ପାନୀ ବାର୍ଷିକ ୧ଲକ୍ଷ ଟଙ୍କା ପ୍ରଦାନ କରିବ। କମ୍ପାନୀ ପ୍ରତିଷ୍ଠାତା ତଥା ସିଇଓ ଦୀପିନ୍ଦର ଗୋୟେଲ ଏ ସମ୍ପର୍କରେ ଶୁକ୍ରବାର ଘୋଷଣା କରିଛନ୍ତି।

### ଫୁର୍‌ସତ୍




## ରୋଲ୍ ଲାଗି ଟ୍ରୋଲ୍

**ମୁମ୍ବାଇ:** ଟ୍ରୋଲର ଶିକାର ହେଉଛନ୍ତି ବଲିଉଡ୍ ଅଭିନେତ୍ରୀ ନୁଶରତ ଭାରୁଚା। ତାଙ୍କର ଆଗାମୀ ଫିଲ୍ମ ‘ଜନହିତ ମେ ଜାରି’ ଫିଲ୍ମରେ ସେ ସେଲ୍ସ ଗାର୍ଲ ଭୂମିକାରେ ଅଭିନୟ କରିବାକୁଯାଉଛନ୍ତି। ରିଲିଜ ହୋଇଥିବା ମୁଭିର ପୋଷ୍ଟର ଓ ଟିଜରରେ ସେ ରାସ୍ତାଘାଟରେ ଲୋକଙ୍କୁ କଣ୍ଡୋମ ବିକିବା ସହ ସଚେତନ କରୁଥିବା ଦେଖିବାକୁ ମିଳିଥିଲା। ଯାହାପାଇଁ ସେ ଏବେ ଚର୍ଚ୍ଚାରେ। ନୁଶରତ ସୋସିଆଲ ମିଡିଆରେ ପିନ୍ଧିଥିବା ଏକ ଜିନ୍ସର ପଛପାଖ ପକେଟରେ କଣ୍ଡୋମ ରଖି ଫଟୋ ଶେୟାର କରିଥିଲେ। ଫ୍ୟାନ୍ସମାନେ ଏହାକୁ ଦେଖିବା ପରେ ସୋସିଆଲ ମିଡିଆରେ ନୁଶରତଙ୍କୁ ଟ୍ରୋଲ୍ କରିବାରେ ଲାଗିଛନ୍ତି। ଶେୟାର କରିଥିବା ଏହି ପୋଷ୍ଟରେ କିଏ ଏହାକୁ ଡି ଗ୍ରେଡ ମୁଭି ବୋଲି କହିଛି ତ ଆଉ କିଏ ବଲିଉଡ ଏବେ ମେଡିକାଲ ଷ୍ଟୋରରେ ପରିଣତ ହୋଇଗଲାଣି ବୋଲି ମତ ଦେଇଛନ୍ତି। ଅନେକ କହିଛନ୍ତି ଏହା ଏକ ବାସ୍ତବଧର୍ମୀ ଫିଲ୍ମ ନୁହେଁ। କାରଣ ଆଜିଯାଏଁ କୌଣସି ଝିଅ ମାର୍କେଟରେ କଣ୍ଡୋମ ବିକୁଥିବା ଦେଖିବାକୁ ମିଳିନାହିଁ। ତେବେ ନୁଶରତ ଏହାର ଜବାବରେ କହିଛନ୍ତି, ମୋତେ ଏହି ଚିନ୍ତାଧାରା ବଦଳାଇବାର ଅଛି। ଏହା ହିଁ ମୁଁ କରୁଛି। ଆପଣ କମେଣ୍ଟ କରନ୍ତୁ, ମୁଁ ସ୍ୱର ଉଠାଉଛି ବୋଲି କହିଛନ୍ତି। ଜୁନ୍ ୧୦ରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର ଟ୍ରେଲର ଶୁକ୍ରବାର ରିଲିଜ୍ ହୋଇଛି। ଜନହିତରେ ଜାରି ଥିବା ଏହି ଫିଲ୍ମ, ବୋଲ୍ଡ ବିଷୟବସ୍ତୁ ଓ କମେଡି ଉପରେ ଆଧାରିତ ଥିବାରୁ ହିଟ୍ ହେବ ବୋଲି ଆଶା କରାଯାଉଛି। ଫିଲ୍ମର କାହାଣୀ ମଜାଦାର ଥିବାବେଳେ କଣ୍ଡୋମ ବ୍ୟବହାରକୁ ନେଇ ଥିବା ରକ୍ଷଣଶୀଳ ଚିନ୍ତାଧାରା ଉପରେ ଏହାର କାହାଣୀ ଆଧାରିତ।

# ଫିଟ୍‌ନେସ୍ ପାଇଁ କ୍ରୀଡ଼ା ଜରୁରୀ

କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ ଭଲ ଥିଲେ ଦୁନିଆର ଅନ୍ୟ କୌଣସି ସମ୍ପତ୍ତିର ଆବଶ୍ୟକତା ନ ଥାଏ। ତେଣୁ ଫିଟ୍‌ନେସ୍‌କୁ ସଭିଏଁ ଗୁରୁତ୍ୱ ଦେଇଥାନ୍ତି। ଏଥିପାଇଁ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସ୍କୁଲଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଏବଂ ବେସରକାରୀ ଅଫିସରେ କ୍ରୀଡ଼ାକୁ ପ୍ରାଧାନ୍ୟ ପ୍ରଦାନ କରାଯାଇଥାଏ। ଅବସର ସମୟରେ କ୍ରୀଡ଼ାର ଆୟୋଜନ କରାଯାଇଥାଏ। ସ୍କୁଲରେ ପିଲାଙ୍କ ଫିଟ୍‌ନେସ୍ ବଜାୟ ରଖିବା ପାଇଁ ଖେଳ ପିରିୟଡ଼ ରହିଥାଏ। ସୁସ୍ୱାସ୍ଥ୍ୟ ଏବଂ ଏଥିପାଇଁ କ୍ରୀଡ଼ାର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ



ମେ’ ୭ରେ ବିଶ୍ୱ ଆଥଲେଟିକ୍ସ ଦିବସ ପାଳନ କରାଯାଇଥାଏ। ୧୯୯୬ରେ ଅନ୍ତର୍ଜାତୀୟ ଆଟେଣ୍ଡାଣ୍ଟ ଆଥଲେଟିକ ଫେଡେରେଶନ (ଆଥଏଏଏଫ୍) ପକ୍ଷରୁ ଏକ ସାମାଜିକ ଦାୟିତ୍ୱ ଭାବେ ଏହି ଦିନଟିକୁ ପାଳନ କରିବା ଲାଗି ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଶିଶୁ, ଯୁବକଙ୍କ ସମେତ ଅନ୍ୟ ସମସ୍ତ ବର୍ଗଙ୍କ ମଧ୍ୟରେ

### ବିଶ୍ୱ ଆଥ୍‌ଲେଟିକ୍ସ ଦିବସ

ଫିଟ୍‌ନେସ୍‌ର ଗୁରୁତ୍ୱ ଏବଂ ସୁସ୍ଥ ରହିବା ପାଇଁ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିନଟି ବିଶ୍ୱବ୍ୟାପୀ ପାଳନ କରାଯାଏ। ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ପାଳନ ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ ଆୟୋଜନ କରାଯାଇ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ କରାଯାଇଥାଏ।

## ଚନ୍ଦ୍ର ମାଟିରୁ ଅମ୍ଳଜାନ,ଇନ୍ଧନ



**ବେଜିଂ:** ବାୟୁମଣ୍ଡଳରେ ପ୍ରଦୂଷଣ ମାତ୍ରାବୃଦ୍ଧି କାରଣରୁ ଆମାଗୀ ଦିନରେ ଅମ୍ଳଜାନର ଘୋର ଅଭାବ ଆଶଙ୍କା କରାଯାଉଛି। ଏ ପ୍ରକାର ସଙ୍କଟଜନକ ସ୍ଥିତି ଭିତରେ ଚାଇନା ବୈଜ୍ଞାନିକମାନେ ଏକ ଆଶ୍ୱସ୍ତି କଲାଭଳି ସୂଚନା ଦେଇଛନ୍ତି। ବର୍ତ୍ତମାନ ଚନ୍ଦ୍ର ପୃଷ୍ଠକୁ ନେଇ ବୈଜ୍ଞାନିକମାନଙ୍କ ତର୍ଜମା ଜାରିଥିବାବେଳେ ଏହାର ମାଟିରୁ ଅମ୍ଳଜାନ ଏବଂ ଇନ୍ଧନ ତିଆରି କରାଯାଇପାରିବ ବୋଲି ଚାଇନାର ବୈଜ୍ଞାନିକ ସୂଚନା ଦେଇଛନ୍ତି। ଚାଇନାର ନାନଜିଙ୍ଗ ୟୁନିଭର୍ସିଟି ପକ୍ଷରୁ ଜାରିଥିବା ଗବେଷଣା ଅନୁସାରେ ଚନ୍ଦ୍ର ପୃଷ୍ଠରେ ଥିବା ମାଟିରେ ଆଇରନ୍ ଏବଂ ଟାଇଟାନିୟମ ପ୍ରଚୁର ପରିମାଣରେ ରହିଛି, ଯାହା ସୂର୍ଯ୍ୟାଲୋକ ଏବଂ ଅଙ୍ଗାରକାମ୍ଳରେ ଅମ୍ଳଜାନ ବାହାର କରିବାରେ ସହାୟକ ହେବ। ଲୁନାର ସଏଲ ଚନ୍ଦ୍ର ପୃଷ୍ଠରେ ଥିବା ଜଳକୁ ଇଲେକ୍ଟ୍ରୋଲାଇଜ୍ କରିବା ସନ୍‌ଲାଇଟରୁ ଅମ୍ଳଜାନ ଓ ହାଇଡ୍ରୋଜେନ ବାହାର କରିବାରେ ସାହାୟକ ହୋଇଥାଏ, ଯାହା ମହାକାଶଚାରୀଙ୍କ ଶ୍ୱାସକ୍ରିୟାରେ ସାହାଯ୍ୟ କରିଥାଏ। ୱାଟର ଇଲେକ୍ଟ୍ରୋଲିସିଶ୍‌ରୁ ହାଇଡ୍ରୋଜେନେଶନ ପ୍ରଣାଳୀରେ ଚନ୍ଦ୍ରରେ ଅଙ୍ଗାରକାମ୍ଳ ସୃଷ୍ଟି ହେଉଥିବା ବୈଜ୍ଞାନିକ ଦାବି କରିଛନ୍ତି। ହାଇଡ୍ରୋକାର୍ବନ, ମିଥେନ ଆଦି ଇନ୍ଧନ ତିଆରିରେ ବ୍ୟବହୃତ ହେଉଥିବେଳେ ଚନ୍ଦ୍ର ପୃଷ୍ଠରେ ପଡୁଥିବା ସୂର୍ଯ୍ୟକିରଣରୁ ଜଳ, ଅମ୍ଳଜାନ ଓ ଇନ୍ଧନ ତିଆରି କରିବାରେ ସହାୟକ ହେବ। ଏ ନେଇ ଅଧ୍ୟୟନ କରୁଥିବା ବୈଜ୍ଞାନିକ ଟିମ୍ ମୁଖ୍ୟ ୟାଓ କହିଛନ୍ତି ଯେ, ମନୁଷ୍ୟ କିଭଳି ଭାବେ ଚନ୍ଦ୍ର ପୃଷ୍ଠରେ ବସବାସ କରିବାକୁ ସକ୍ଷମ ହେବ।

## ୧.୪୫ ଲକ୍ଷର ଗହଣା ଗିଳିଦେଲେ ଯୁବକ

**ଚେନ୍ନାଇ:** ଚେନ୍ନାଇରେ ଜଣେ ଯୁବକ ବିରିୟାନି ଖାଇବା ବେଳେ ଗିଳିଦେଇଛନ୍ତି ୧.୪୫ ଲକ୍ଷ ଟଙ୍କାର ଗହଣା। ଇଦ୍ ପାର୍ଟି ପାଇଁ ବନ୍ଧୁଙ୍କ ଦ୍ୱାରା ଆମନ୍ତ୍ରୀତ ହୋଇଥିବା ଜଣେ ୩୨ ବର୍ଷୀୟ ଯୁବକ ଏହି କାଣ୍ଡ କରିଛନ୍ତି। ଗତ ୩ ତାରିଖରେ ଇଦ୍ ଅବସରରେ ଜଣେବ୍ୟକ୍ତି ତାଙ୍କର କିଛି ଖାସ୍ ବନ୍ଧୁମାନଙ୍କୁ ଡାକି ପାର୍ଟି ଦେଇଥିଲେ। ତେବେ ପାର୍ଟି ହୋଷ୍ଟ କରିଥିବା ବ୍ୟକ୍ତି ତାଙ୍କ ମହିଳା ବାନ୍ଧବୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ। ପାର୍ଟି ସାରି ଯେତେବେଳେ ଅତିଥି ସବୁ ଫେରିଗଲେ ସେ ସମୟରେ ପାର୍ଟି ହୋଷ୍ଟ କରିଥିବା ବ୍ୟକ୍ତି ତାଙ୍କର କିଛି ଗହଣା ଯଥା, ଡାଇମଣ୍ଡ ନେକ୍‌ଲେସ୍, ସୁନା ଚେନ୍ ଓ ଡାଇମଣ୍ଡ ଲକେଟ ଆଉ ମିଳି ନ ଥିଲା, ଯାହାପରେ ସେ ଭିରୁଗାମ୍ବକ୍କାମ ପୋଲିସ ଷ୍ଟେଶନରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ତାଙ୍କର ସନ୍ଦେହ ହୋଇଥିଲା। ପୋଲିସ ଉକ୍ତ ଯୁବକଙ୍କୁ ଥାନା ଡକାଇ ପଚରାଉଚରା କରିଥିଲା। ପରବର୍ତ୍ତୀ ସମୟରେ ପୋଲିସ ଉକ୍ତ ବ୍ୟକ୍ତିଙ୍କ ବଡ଼ି ସ୍କାନ୍ କରିଥିଲେ, ଯେଉଁଥିରେ ତାଙ୍କ ପେଟରେ ସବୁ ଗହଣା ଥିବା ଦେଖିବାକୁ ମିଳିଥିଲା। ନିଶାସକ୍ତ ଅବସ୍ଥାରେ ବ୍ୟକ୍ତିଜଣକ ଏହି ଅଘଟଣ କରିଥିବା ପୋଲିସ କହିଛି।

## ଚପଲ ଚୋରିରୁ ଏଫ୍‌ଆଇଆର୍

**ଭୋପାଳ:** ବଲିଉଡ୍ ସୁପରଷ୍ଟାର ଆମିର ଖାନଙ୍କ ଦ୍ୱାରା ଅଭିନୀତ ଫିଲ୍ମ ପିକେ ଭଳି ଏକ ସତ ଘଟଣା ମଧ୍ୟ ପ୍ରଦେଶର ଉଜ୍ଜୈନରେ ଦେଖିବାକୁ ମିଳିଛି। ପିକେରେ ଆମିରଙ୍କ ଲକେଟ ଚୋରି ହେବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଉଜ୍ଜୈନରେ ଜିତେନ୍ଦ୍ର ନାମରେ ଜଣେ ବ୍ୟକ୍ତି ତାଙ୍କ ଚପଲ ଚାରି ହେବାକୁ ନେଇ ଖାଚରୋଡ ପୋଲିସ ଷ୍ଟେଶନରେ ଏଫ୍‌ଆଇଆର୍ କରିଛନ୍ତି। ସେ ଘରେ ଥିବା ଅବସ୍ଥାରେ କେହିଜଣେ ତାଙ୍କ ଚପଲ ଚୋରି କରି ନେଇଥିବାବେଳେ ଯଦି କେହି ଚପଲର ଦୁର୍ବ୍ୟବହାର କରନ୍ତି ତେବେ ତା’ ପାଇଁ ସେ ଦାୟି ରହିବେ ନାହିଁ ବୋଲି ଉକ୍ତ ଏଫ୍‌ଆଇଆର୍‌ରେ ସେ ଉଲ୍ଲେଖ କରିଛନ୍ତି। ଖାଲି ସେତିକି ନୁହେଁ ଚପଲର ରଙ୍ଗ, ଓ କମ୍ପାନୀ ନାମ ମଧ୍ୟ ସେ ଅଭିଯୋଗରେ ଲେଖିଛନ୍ତି। କିଛିମାସ ପୂର୍ବରୁ ଜିତେନ୍ଦ୍ର ୧୮୦ ଟଙ୍କା ଦେଇ ଏହି ଚପଲ କିଣିଥିଲେ। ଚପଲ ଚୋରି କରିଥିବା ବ୍ୟକ୍ତି ଯଦି ଆଉ କୌଣସି ଅପରାଧିକ କାର୍ଯ୍ୟ କରନ୍ତି ସେନେଇ ଜିତେନ୍ଦ୍ରଙ୍କୁ ଦାୟି କରାଯିବା ଆଶଙ୍କା କରି ସେ ଥାନାରେ ଅଭିଯୋଗ କରିଛନ୍ତି।

## ଘେରିରେ କାର୍ଯ୍ୟରତ ଶ୍ରମିକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ

ରାଜନଗର(ଡି.ଏନ.ଏ.) : ରାଜନଗର ବ୍ଲକ ଶିକାରପାହି ଗାଁର ଦେବାଶିଷ ବେରାଙ୍କ ବେଆଇନ ଚିଙ୍ଗୁଡ଼ି ଘେରି ରାଧାମାଳିପୁରରେ ରହିଛି। ଏଥିରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣନଗର ପଞ୍ଚାୟତ ବାଘୁଆ ଗାଁର ସୁକୁମାର ଜେନାଙ୍କ ପୁଅ ବିଜୟ (୨୪)। ଗୁରୁବାର ବର୍ଷା ଯୋଗୁ ବିଦ୍ୟୁତ୍ ନ ଥିଲା। ରାତିରେ ଘେରିରେ ଥିବା ଜେନେରେଟର ଷ୍ଟାର୍ଟ କରୁଥିବାବେଳେ ବିଦ୍ୟୁତ୍ ଆଘାତ ବିଜୟଙ୍କୁ ଲାଗିଥିଲା। ବିଦ୍ୟୁତ୍ ଆଘାତ ପରେ ବିଜୟଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ୩୦ ଲିଟର ମଦ ଜବତ, ଅଭିଯୁକ୍ତ ଗିରଫ

ବାଲିକୁଦା,୬।୫(ସ୍ୱ.ପ୍ର.): ବାଲିକୁଦା-ମାଛଗାଁ ମୁଖ୍ୟ ରାସ୍ତାର କଣିଆ ନିକଟରେ ପୋଲିସ ଚଢ଼ାଉ କରି ୩୦ ଲିଟର ଦେଶୀ ମଦ ଓ ବାଇକ୍ ଜବତ କରିଛି। ଏହି ଅଭିଯୋଗରେ ଜଣେ ଅଭିଯୁକ୍ତ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ବାଲିକୁଦା ଥାନା ଅନ୍ତର୍ଗତ ଅଳାବୋଳ ଗାଁର କାହ୍ନୁଚରଣ ବାରିକ(୩୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ (ଆଲିପିଙ୍ଗଳ ଉପକାରାଗାର)କୁ ପଠାଇ ଦିଆଯାଇଛି। କଣିଆ ନିକଟରେ ପାଟ୍ରୋଲିଂ ସମୟରେ ବାରିକଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଅବକାରୀ ଆଇନ ଅନୁଯାୟୀ, ମାମଲା (ନଂ.୧୯୦/୨୨) ରୁଜୁ ହୋଇଥିବା ପୋଲିସ କହିଛି।

### ବିଜୟଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

ମହାକାଳପଡ଼ା,୬।୫(ଡି.ଏନ୍.ଏ.): ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଗୋବରୀ ମଣ୍ଡଳ ଜୋନ୍-୧ ବିଜୟ ନଗର ପଞ୍ଚାୟତ ସାହବାଜପୁର ଗାଁରେ ସ୍ୱର୍ଗତ ବିଜୟ ପ୍ରଧାନଙ୍କ ସ୍ମୃତିରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ଭାଜପା ରାଜ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ ଯୋଗଦେଇ ଦିବଂଗତ ବିଜୟଙ୍କ ରାଜନୈତିକ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କର ସାଙ୍ଗଠନିକ ଦକ୍ଷତା, ତୃଣମୂଳ ସ୍ତରରେ କର୍ମୀମାନଙ୍କ ମନୋବଳକୁ ଏକଜୁଟ କରିବା ପାଇଁ ବିଜୟଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ ଦାସ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ବନ୍ଦନାରାଣୀ ରାଉତରାୟ, ମଣ୍ଡଳ ସାଧାରଣ ସମ୍ପାଦକ ରୁଦ୍ର ନାରାୟଣ ମୁଦୁଲି, ମଣ୍ଡଳ ଉପସଭାପତି ସରୋଜକାନ୍ତ ରାଉତ, ନଳିନୀକାନ୍ତ ପଲାଇ, ଶିବ କୁମାର ସ୍ୱାଇଁ, ବିରଞ୍ଚି ନାରାୟଣ ଦାସଙ୍କ ସମେତ ବହୁ ବିଜୟଙ୍କ ଅନୁଗାମୀ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଜନଗର,୬।୫(ଡି.ଏନ.ଏ.): ରାଜନଗରସ୍ଥିତ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋପୀନାଥ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ କନକଲତା ମିଶ୍ର ଏବଂ ଶତଧନୁ ସେଠୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଆରସିସି ଅଜିତ କୁମାର ବାରିକ, କିରାଣି ହିମାଂଶୁ ଶେଖର ବେହୁରା, ସ୍କୁଲ ପରିଚାଳନା କମିଟିର ସଭାପତି ସୋମନାଥ ବାରିକ, ଶିକ୍ଷକ ପ୍ରେମାନନ୍ଦ ସେଠୀ, ବିଶ୍ୱରଞ୍ଜନ ନାୟକ, ଅନ୍ନପୂର୍ଣ୍ଣା ବେହୁରା, ଦେବସ୍ମିତା ମହାନ୍ତି, ମନୋଜାବାସିନୀ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ସିଆରସିସି ମଧୁସୂଦନ ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ମଞ୍ଜୁଲତା ସେଠୀ, ତନୁଜା ସେଠୀ, ସଞ୍ଜୟ ମଳିକ, ପ୍ରବୀର ସେଠୀ, ପ୍ରଭାତ ମଳିକ, ଇତିଶ୍ରୀ ମଳିକ ପ୍ରମୁଖ ପରିଚାଳନା କରିଥିଲେ।

# ସମ୍ଭାବ୍ୟ ବାତ୍ୟା, ଫସଲ ନଷ୍ଟ ଆଶଙ୍କାରେ ଚାଷୀ

କେନ୍ଦ୍ରାପଡ଼ା ଅଫିସ, ୬।୫


ବାତ୍ୟା ଭୟରେ ଚାଷୀ ତରତର ହୋଇ କଞ୍ଚା ଡାଲୁଅ ଧାନକୁ କାଟି ନେଉଛନ୍ତି।

- କ୍ଷେତରେ ଡାଲୁଅ ଧାନ ସମ୍ପୂର୍ଣ୍ଣ ପାଚିନାହିଁ
- ବାସଗୃହ ଅପେକ୍ଷାରେ ଜିଲାର ୩୨,୪୦୨ ଆଶାୟୀ
- କଇଁଛ ସୁରକ୍ଷାକୁ ନେଇ ପରିବେଶବିତ୍‌ଙ୍କ ଉଦ୍‌ବେଗ

ସମ୍ଭାବ୍ୟ ବାତ୍ୟା କେନ୍ଦ୍ରାପଡ଼ା ଜିଲାବାସୀଙ୍କ ମନରେ ଭୟ ସଞ୍ଚାର କରିଛି। କାରଣ ଗତ ବର୍ଷ ୟାସ୍ ବାତ୍ୟା ପରେ ଜିଲାରେ ଅଦିନିଆ ବର୍ଷାରେ ବିଭିନ୍ନ ଫସଲ ଉଜୁଡ଼ି ଯାଇଥିଲା। ଚାଷୀମାନଙ୍କ ଏହି କ୍ଷତି ଭରଣା ହୋଇ ନ ଥିବା ବେଳେ ପୁଣି ଯଦି ବତ୍ୟା ହେଲା ତେବେ ବିଭିନ୍ନ ବିପଦ ସାଙ୍ଗକୁ ଫସଲ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଦରପାଚିଲା ଡାଲୁଅ ଧାନ ଏବେ କ୍ଷେତରେ ଅଛି। ହାର୍ଭେଷ୍ଟର ଓ ମୂଲିଆଙ୍କ ଅଭାବ ଲାଗି ରହିଛି। ଶୀଘ୍ର ଅମଳକୁ ନେଇ ଚାଷୀ ଆଶଙ୍କାରେ ରହିଛନ୍ତି। ସେହିପରି ଭେଣ୍ଡି, ପୋଟଳ, ବାଇଗଣ, କାକୁଡ଼ି, ତରଭୁଜ ଆଦି ପନିପରିବା ଅମଳ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କଚାଘରେ ରହୁଥିବା ପରିବାର ସାମୁଦ୍ରିକ ବାତ୍ୟାକୁ ନେଇ ଆତଙ୍କିତ ହୋଇପଡିଛନ୍ତି। ଏବେ ସୁଦ୍ଧା ଜିଲାରେ ୩୨,୪୦୨ ପରିବାର ଆବାସ ଯୋଜନାରେ ସାମିଲ ହେବା ଆଶାରେ ଅଛନ୍ତି। ଗହୀରମଥାରେ ସାମୁଦ୍ରିକ ଜୀବ ବିରଳ ଅଲିଭ ରିଡଲେ କଇଁଛଙ୍କ ଅଣ୍ଡା ଫୁଟିବା ସମୟ। ସମ୍ଭାବ୍ୟ ବାତ୍ୟା ଏହାର ବ୍ୟାପକ କ୍ଷତି କରିବ ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ନିକିରାଇର ରମାକାନ୍ତ ଜେନା କହିଛନ୍ତି, ଗଣମାଧ୍ୟମରୁ ସାମୁଦ୍ରିକ ଝଡ଼ ଖବର ପାଇବା ପରେ ଗତ ୨ ଦିନ ମଧ୍ୟରେ ପ୍ରାୟ ୪ ଏକର ଦରପାଚିଲା ଧାନ କଟାଯାଇଛି। ସେଗୁଡ଼ିକୁ ଖଳାକୁ ଆଣି ରଖିବା ଏବେ କଷ୍ଟକର ହୋଇପଡିଛି। କୃଷି ଶ୍ରମିକ ମିଳୁନାହାନ୍ତି। ଏହି ଧାନ ବିଡାକୁ ଗଦା ମାରି ପଲିଥିନ ଘୋଡାଇବାକୁ ଅର୍ଥର ଅଭାବ ରହିଛି। ଋଣ କରି ଚାଷ କରିଥିବା ବେଳେ ବର୍ଷା ଯୋଗୁ ଧାନ ନଷ୍ଟ ହେଲେ ଋଣ ଶୁଝିବା ଚିନ୍ତାରେ ଥିବା ସେ କହିଛନ୍ତି। ଭରତପୁର ଗାଁର ଭାଗଚାଷୀ ସନତ କୁମାର ଦାସ କହିଛନ୍ତି, ଦରପାଚିଲା ଧାନ କାଟି ଆଣିଲେ ପୋକ ଲାଗିବା ଭୟ ଅଛି। ସେହିପରି ଉପଯୁକ୍ତ ପରିମାଣରେ ଫସଲ ଆଦାୟ ହୋଇପାରିବ ନାହିଁ। ଲଗାତର ଦୁଇଦିନ ବର୍ଷା ହେଲେ ଧାନ ଗଜା ହୋଇଯିବ। ଜିଲାରେ କୃଷି ଶ୍ରମିକ ମିଳୁ ନ ଥିବା ବେଳେ ହାର୍ଭେଷ୍ଟର ନାହିଁ। ଅଳ୍ପ ସମୟରେ ଧାନ ଅମଳରେ ଏହା ବାଧା ସୃଷ୍ଟି କରିଛି। ଚଳିତବର୍ଷ ପ୍ରାୟ ୫ ଏକର ଜମିରେ ସେ ଡାଲୁଅ ଧାନ ଚାଷ କରିଛନ୍ତି। ଏଥିସହ ପ୍ରାୟ ୧୦ ଏକର କ୍ଷେତରେ ବିଭିନ୍ନ ପନିପରିବା ଲଗାଇଥିବା ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ କହିଛନ୍ତି, ଗତ ଦୁଇଦିନ ପୂର୍ବେ ଜିଲାର 'ଦିଶା' ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ଆବାସ ଯୋଜନାକୁ ସମୀକ୍ଷା କରାଯାଇଥିଲା। ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୧୨,୬୯୨ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ଅଦ୍ୟାବଧି ମାତ୍ର ୩୦୬୯ଟି କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ତେବେ ଜିଲାର ୩୨,୪୦୨ ଜଣ ଆଶାୟୀ ହିତାଧିକାରୀ କଚାଘରେ ରହୁଛନ୍ତି। ସାମୁଦ୍ରିକ ଝଡ଼ ହେଲେ ଏହି ପରିବାର ବର୍ଗଙ୍କ ଧନ ଜୀବନ ନଷ୍ଟ ହେବା ଅସମ୍ଭବ ନୁହେଁ। ଗହୀରମଥା କଇଁଛ ସଂରକ୍ଷଣ ସମିତି ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି, ମାତ୍ର ଗୋଟିଏରୁ ଦୁଇ ସପ୍ତାହ ମଧ୍ୟରେ ଅଲିଭ ରିଡଲେ କଇଁଛର ଅଣ୍ଡାରୁ ଶାବକ ଜନ୍ମ ନେବ। ସାମୁଦ୍ରିକ ଝଡ ଏଥିରେ ବାଧା ସୃଷ୍ଟି କରିବ। ଲକ୍ଷାଧିକ ଅଣ୍ଡା ନଷ୍ଟ ହେବା ସହ ଶାବକଙ୍କ ଜୀବନ ଯିବ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର କହିଛନ୍ତି, ଅନ୍ୟୁନ ୮୫ ପ୍ରତିଶତ ପାଚିଥିବା ଧାନକୁ କାଟି ସଂରକ୍ଷଣ କରିବା ଆବଶ୍ୟକ। ଅଧିକ ବର୍ଷା ହେଲେ ପନିପରିବା ଚାଷ ଥିବା ଜମିର ପାଣି ନିଷ୍କାସନ କରିବା ଜରୁରୀ। ପନିପରିବା ଚାଷୀ କୀଟନାଶକ ସିଞ୍ଚନ ବନ୍ଦ କରିବା ସହ ବର୍ଷା ପୂର୍ବରୁ ଅମଳ ଯୋଗ୍ୟ ପୋଟଳ, ବାଇଗଣ, ତରଭୁଜ ଆଦିକୁ ତୋଳି ଅଣାଯିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଏଟିଏମ୍ କାଉଣ୍ଟରରୁ ବ୍ୟାଟେରି ଲୁଟି ନେଲେ ଦୁର୍ବୃତ୍ତ




ରାଜକନିକା,୬।୫(ଡି.ଏନ.ଏ.)

ରାଜକନିକା ବ୍ଲକର କଣ୍ଡିଆହାଟରୁ ଗୁରୁବାର ମଧ୍ୟରାତ୍ରରେ ଦୁର୍ବୃତ୍ତମାନେ ଟାଟା ଇଣ୍ଡିକ୍ୟାସର ଏଟିଏମ୍‌କୁ ତାଡ଼ି ବ୍ୟାଟେରି ଲୁଟି ନେଇଥିବା ଅଭିଯୋଗ ହୋଇଛି। ସେହିପରି କଣ୍ଡିଆହାଟ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ର ମେଶିନ ରୁମ୍‌ରୁ ତାଲା ଭାଙ୍ଗିଛନ୍ତି। ଅପରପକ୍ଷରେ ଏହି ଏଟିଏମ୍ ତାଡ଼ିବା ସମୟରେ ସାଇରନ ବାଜିବାରୁ ଭୟରେ ଦୁର୍ବୃତ୍ତମାନେ ଛାଡି ପଳାଇଥିବା କୁହାଯାଉଛି। ତେବେ ଏହି ଏଟିଏମ୍ ଦାୟିତ୍ୱରେ କେହି ଜଗୁଆଳି ନ ଥିବାରୁ ଏହି ଅବସ୍ଥା ସୃଷ୍ଟି ହୋଇଛି ବୋଲି କୁହାଯାଉଛି।

## ବିପଦସଙ୍କୁଳ ଟ୍ରାନ୍ସଫର୍ମର: ଗ୍ରାମବାସୀ ଭୟଭୀତ

ଆଳି,୬।୫(ଡି.ଏନ.ଏ.)



କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ କେତୁଆପାଳଠାରେ ଥିବା ଏକ ବିପଦ ସଙ୍କୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହାର ପ୍ରତିକାର ନେଇ ଶୁକ୍ରବାର ଗ୍ରାମବାସୀ ଆଳି ବିଦ୍ୟୁତ ବିଭାଗର ଦ୍ୱାରସ୍ଥ ହୋଇଛନ୍ତି। କେତୁଆପାଳ, ହିଞ୍ଜଳ ଗ୍ରାମର ଅଧିବାସୀ ଅଭିଯୋଗ କରିଛନ୍ତି ଯେ, ଦୀର୍ଘଦିନ ହେବ କେତୁଆପାଳ ଗାଁ ମଧ୍ୟରେ ଥିବା ଟ୍ରାନ୍ସଫର୍ମରଟି ମାଟି ପାଖାପାଖି ଲାଗି ଥିବାବେଳେ ୧୧ କେଭି ତାର ଲୋକଙ୍କ ଘର ଉପରେ ରହିଛି। ଏଥିସହ ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ତାର ନିକଟରେ ପ୍ରାୟ ୭୦ ପରିବାର ବସବାସ କରୁଛନ୍ତି। ଏହି ଟ୍ରାନ୍ସଫର୍ମର ପାଖ ଦେଇ ଶତାଧିକ ଲୋକ ଯାତାୟାତ କରିବା ସହ ଗୃହପାଳିତ ପଶୁ ମଧ ବୁଲିଥାନ୍ତି। କିଛିବର୍ଷ ପୂର୍ବେ ଟ୍ରାନ୍ସଫର୍ମର ତାର ସଂସ୍ପର୍ଶରେ ଆସି ଗ୍ରାମର ଜଣେ ନବ ବିବାହିତ ଯୁବକ ମୃତ୍ୟୁ ଘଟିଥିଲାବେଳେ ଅନେକ ଗୃହପାଳିତ ପଶୁଙ୍କ ଜୀବନ ଯାଉଛି। ଏପରି କି ସୁଶାନ୍ତ ସେଠୀଙ୍କ ଘର ଉପରେ ୧୧ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ସେ ପାଇଥିବା ଆବାସ ଘରର ଛାତ ପକାଇ ପାରୁନାହାନ୍ତି। ଏ ନେଇ ଗ୍ରାମବାସୀ ୧୨ବର୍ଷ ହେବା ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହେଉଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଯଦି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ଆଗାମୀ ୨୦ ତାରିଖରେ ଆଳି ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏ ନେଇ କେତୁଆପାଳର ପୂର୍ବତନ ସରପଞ୍ଚ ରଶ୍ମିତା ଜେନା, ଗଜେନ୍ଦ୍ର ଜେନା, ସରୋଜ ଜେନା, ରମେଶ ଜେନା, ନିରୋଦ ଜେନା, ପୂର୍ଣ୍ଣଚନ୍ଦ୍ର ପତି, ସୁରେନ୍ଦ୍ର ସାମଲଙ୍କ ସମେତ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଜଗତ୍‌ସିଂହପୁର ଅଫିସ,୬।୫

**ଦେବଗଡ଼ ବିଧାୟକଙ୍କୁ ଗିରଫର ପ୍ରତିବାଦ**

ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ଗତ ୧ ତାରିଖରେ ଗିରଫ କରାଯାଇଥିଲା। ପ୍ରତିବାଦରେ ଭାଜପା ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଶୁକ୍ରବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦେବଗଡ଼ ତିଲେଇବଣି ବିଡିଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଭାଜପା ପକ୍ଷରୁ କୁହାଯାଇଛି, ଦେବଗଡ଼ ବିଧାୟକ ଓ ତିଲେଇବଣି ବିଡିଓଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଡିଓ ବିଶୃଙ୍ଖଳିତ ଆଚରଣ ସହ ବିଧାୟକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ବିଧାୟକ ପ୍ରଥମେ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ତାଙ୍କ ଅଭିଯୋଗର ତଦନ୍ତ କରା ନ ଯାଇ ବିଡିଓଙ୍କ ଅଭିଯୋଗକୁ ଭିତ୍ତିକରି ପାଣିଗ୍ରାହୀଙ୍କୁ ଗିରଫ କରାଯାଇଥିଲା। ସରକାରୀ ଅଧିକାରୀମାନେ ବ୍ଲକ ସର୍କୁଲାର ୪୭ର ଖୋଲାଖୋଲି ଉଲ୍ଲଙ୍ଘନ କରୁଛନ୍ତି। ଏହା ସତ୍ତ୍ୱେ ସରକାର ଜାଣିଶୁଣି ଅଣଦେଖା କରୁଛନ୍ତି। ଏନେଇ ଆନ୍ଦୋଳନ କରାଯାଇଛି। ଏଥିରେ ବିଭୁପ୍ରସାଦ ତରାଇ, ଉପେନ୍ଦ୍ର ବିଶ୍ୱାଳ, ସମ୍ପଦ ସ୍ୱାଇଁ, ସତ୍ୟବ୍ରତ ମହାପାତ୍ର, ଶିବବ୍ରତ ଦାସ, ରାଜକିଶୋର ବେହେରା, ଗଣେଶ ପ୍ରସାଦ ମହାନ୍ତି, ସୁବୋଧ କୁମାର ବାରିକ, ରାଜେନ୍ଦ୍ର କୁମାର ବିଶୋଇ, ସମୀର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅକ୍ଷୟ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

## ସାମାଜିକକର୍ମୀ ବସନ୍ତ ମଲ୍ଲିକଙ୍କୁ ବ୍ରେନ୍‌ଷ୍ଟ୍ରୋକ୍

ପଟ୍ଟାମୁଣ୍ଡାଇ, ୬।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅନ୍ୟତମ ବିଶିଷ୍ଟ ସାମାଜିକ କର୍ମୀ ରାଜନେତା ବସନ୍ତ କୁମାର ମଲ୍ଲିକଙ୍କୁ ବ୍ରେନଷ୍ଟ୍ରୋକ ହେବାରୁ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ କଟକ ବଡ ମେଡିକାଲ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେବା ପରେ ତାଙ୍କୁ ମେଡିକାଲରୁ ଅଣରାସ୍ଥିତ ବାସଭବନକୁ ଅଣାଯାଇଛି। କେନ୍ଦ୍ରାପଡାର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ଏ ସମ୍ପର୍କରେ ଖବରପାଇ ମଲ୍ଲିକଙ୍କ ବାସଭବନକୁ ଆସି ସାକ୍ଷାତ କରିଛନ୍ତି। ମଲ୍ଲିକ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ସହ ଜଡ଼ିତ। ଶାସକ ଦଳର ଧୋୟାଞ୍ଚଳର ଜଣେ ତୁଙ୍ଗ ଓ ବୟୋଜ୍ୟେଷ୍ଠ ନେତା ଭାବେ ପରିଚିତ। ତାଙ୍କ ଅସୁସ୍ଥ ହେବାର ଖବରପାଇ ବହୁ ବିଶିଷ୍ଟବ୍ୟକ୍ତି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ପାନୀୟ ଜଳ ସମସ୍ୟାର ହେବ ତୁରନ୍ତ ସମାଧାନ


ବୈଠକରେ ଯୋଗଦେଇଥିବା ଲୋକ ପ୍ରତିନିଧି ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଅଫିସ, ୬।୫

**କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି ବୈଠକ**

କେନ୍ଦ୍ରାପଡ଼ା ପଞ୍ଚାୟତ ସମିତିର ବୈଠକ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ରଶ୍ମିତା ସେଠୀ ଅଧ୍ୟକ୍ଷତା କରିଥିଲେ। ନବନିର୍ବାଚିତ ଲୋକ ପ୍ରତିନିଧିମାନେ ପାନୀୟ ଜଳ ସମସ୍ୟାକୁ ଗୁରୁତ୍ୱ ଦେଇଥିଲେ। ଏହାର ତୁରନ୍ତ ସମାଧାନକୁ ସଭ୍ୟମାନେ କହିଥିଲେ। ଏଥିସହ କର୍ମ ନିଯୁକ୍ତିକୁ ଗୁରୁତ୍ୱ ଦେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅଧିକ କର୍ମ ଦିବସ ସୃଷ୍ଟି କରିବା, ଶ୍ରମିକଙ୍କୁ ଏହି ଯୋଜନାର ବକେୟା ଅର୍ଥ ପ୍ରଦାନ କରିବା, ପ୍ରତି ଗାଁରେ ପାନୀୟ ଜଳ ସମସ୍ୟାକୁ ଦୂର କରିବା, କ୍ଷେତକୁ ଜଳ ପରିଚାଳନା, ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟାନ କୃଷି ଆଦି ସମସ୍ୟାର ନିରାକରଣ ପାଇଁ ଆଲୋଚନା ହୋଇଥିଲା। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ବୈଠକରେ ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ସଭ୍ୟା ମଧୁଛନ୍ଦା, ମହାନ୍ତି, ବିଡିଓ ବନ୍ଦନା ଖଟୁଆ ପ୍ରମୁଖ ଯୋଗଦେଇ ବ୍ଲକ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ। ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନିର୍ବାଚନ ପରବର୍ତ୍ତୀ ବୈଠକକୁ ନେଇ ଉଠିଲା ପ୍ରଶ୍ନ

ରଘୁନାଥପୁର,୬।୫(ଡି.ଏନ୍.ଏ.)

**ରଘୁନାଥପୁର ପଞ୍ଚାୟତ ସମିତିର ତୃତୀୟ ବୈଠକ**


ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଲୋକପ୍ରତିନିଧି ଓ ଅଧିକାରୀମାନେ।

ରଘୁନାଥପୁର ପଞ୍ଚାୟତ ସମିତି ନିର୍ବାଚନ ପରେ ବୈଠକକୁ ନେଇ ପ୍ରଶ୍ନ ଉଠିଛି। ଏଠାରେ ଶୁକ୍ରବାର ସମିତିର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପରେ ଏହା ପ୍ରଥମ ବୈଠକ ହୋଇଥିବାବେଳେ ଚିଠିରେ ତୃତୀୟ ବୈଠକ ବୋଲି ଲେଖାଯାଇଥିଲା। ଏନେଇ ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠୀ ପ୍ରଶ୍ନ କରିଥିଲେ। ଏସମ୍ପର୍କରେ ବିଡିଓ ଜିତେନ୍ଦ୍ର କୁମାର ନାୟକ କହିଥିଲେ। ରଘୁନାଥପୁରରେ ଅଧ୍ୟକ୍ଷ ପଦବୀ ନିର୍ବାଚନ ସମୟରେ ପ୍ରଥମ ବୈଠକ ଓ ଉପାଧ୍ୟକ୍ଷ ପଦ ନିର୍ବାଚନ ସମୟରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ପଞ୍ଚାୟତ ଜନପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ତଥ୍ୟ ରଖିଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଭତ୍ତା, ପକ୍କାଗୃହ, ଜଳସେଚନ, ଏମ୍‌ଜିନ୍‌ଆର୍‌ଇଜିଏସ୍, ରାସ୍ତାଘାଟ ଆଦି ସମ୍ପର୍କରେ ଆଲୋଚନା ହେବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ଏହାର ଉତ୍ତର ରଖିଥିଲେ। ଅପରାହ୍ନ ସାଢେ ତିନିଟାରେ ବୈଠକ ଶେଷ ହୋଇଥିଲା। ଏଥିରେ ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଅଧ୍ୟକ୍ଷତା କରିଥିବାବେଳେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ଜିଲା ପରିଷଦ ୧ନଂ. ଜୋନ୍ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ୨ ନଂ. ଜୋନ୍ ସଭ୍ୟା ରୀନାରାଣୀ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଏବିଡିଓ ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ।

## ଆଇନଜୀବୀ ସଂଘର କୋର୍ଟ ବନ୍ଦ ଆନ୍ଦୋଳନ ସ୍ଥଗିତ

କୁଜଙ୍ଗ,୬।୫ (ଡି.ଏନ୍.ଏ.)


ବୈଠକରେ ଯୋଗଦେଇଥିବା ଓକିଲ ସଂଘର ସଦସ୍ୟମାନେ।

କୁଜଙ୍ଗରେ ପରିବାର ଓ ପୋକ୍‌ସୋ ଅଦାଲତ ପ୍ରତିଷ୍ଠା ଦାବିରେ ଆଇନଜୀବୀ ସଂଘ ପକ୍ଷରୁ ଚାଲିଥିବା କୋର୍ଟ ବନ୍ଦ ଆନ୍ଦୋଳନ ଶୁକ୍ରବାରଠାରୁ ସ୍ଥଗିତ ରଖାଯାଇଛି। ଏନେଇ ଆଇନଜୀବୀ ସଂଘ କାର୍ଯ୍ୟାଳୟ ସଭାପତି ସୁଶାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଭ୍ୟମାନଙ୍କ ମତାମତ ନେବାପରେ ଏହି ନିଷ୍ପତ୍ତି ହୋଇଛି । ଏ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟର ପ୍ରଶାସନିକ ବିଚାରପତି ଚିତ୍ତରଞ୍ଜନ ଦାଶ, ରେଜିଷ୍ଟ୍ରାର ଉଚ୍ଚନ୍ୟାୟାଳୟ, ଜିଲା ଦୌରାଜଜ୍, ଅତିରିକ୍ତ ଜିଲା ଦୌରାଜଜ୍ କୁଜଙ୍ଗ ଓ ତହସିଲଦାରଙ୍କୁ ଅବଗତ କରାଯାଇଛି ।

ଜିଲା ଦୌରାଜଜ୍ ଅନୁପ କୁମାର ଚନ୍ଦନ ଓ ଅତିରିକ୍ତ ଜିଲା ଦୌରାଜଜ୍ ପାର୍ଥସାରଥି ପଟ୍ଟନାୟକ କୁଜଙ୍ଗ ପହଞ୍ଚି ଏସମ୍ପର୍କରେ ଆଇନଜୀବୀ ସଂଘ ସହ ଆଲୋଚନା କରିଥିଲେ। ଏହି ଅବସରରେ ପୋକ୍‌ସୋ ସର୍କିଟ କୋର୍ଟ ଚାଲିବା ପାଇଁ ସ୍ଥିର କରାଯାଇଥିଲା । ଅନ୍ୟପକ୍ଷରେ ପରିବାର ଅଦାଲତ ପ୍ରତିଷ୍ଠା ନିମନ୍ତେ ହାଇକୋର୍ଟର ପୂର୍ଣ୍ଣକାଳୀନ ବେଞ୍ଚ ବସି ନିଷ୍ପତ୍ତି ନିଆଯିବ ବୋଲି ଜିଲାଜଜ୍ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ପୋକ୍‌ସୋ ଅଦାଲତ ପାଇଁ ଅନୁମତି ମିଳିଥିବାରୁ ଜନସାଧାରଣଙ୍କ ହିତଦୃଷ୍ଟିରୁ କୋର୍ଟ ବନ୍ଦ ଆନ୍ଦୋଳନକୁ ପ୍ରତ୍ୟାହାର କରାନଯାଇ ସାମୟିକଭାବେ ସ୍ଥଗିତ ରଖାଯାଇଛି ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି । ଏହି ବୈଠକରେ ପୂର୍ବତନ ସଭାପତି ଅମୃତ ଦାସ, ରମେଶ ଚନ୍ଦ୍ର ଦାସ, ଏ.ଏନ.ଡି ଯାଦବ, କାର୍ତ୍ତିକ ରାଉତ, ସତ୍ୟଶଙ୍କର ମିଶ୍ର, ମାନତା ସାହାଜି, କୈଳାସ ଚନ୍ଦ୍ର ପରିଡା, ନମିତା ମହାନ୍ତି, ନୃସିଂହ ପ୍ରଧାନ ପ୍ରମୁଖ ଭାଗନେଇଥିଲେ। ଶେଷରେ ସମ୍ପାଦକ ଦାମୋଦର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ଲୁଇସ ସଫେଇ କରିବାକୁ ଚାଷୀଙ୍କ ଦାବି

ରାଜକନିକା, ୬।୫(ଡି.ଏନ.ଏ.)

**ବୈତରଣୀର ଛୋଟ ନାଳ ଯୋଗୁ ପାଣି ଆସୁନାହିଁ**


ବୈତରଣୀ ଛୋଟ ନାଳରେ ଥିବା ସ୍ଲୁଇସ୍ ଗେଟ।

କେନ୍ଦ୍ରାପଡ଼ା ଜିଲା ରାଜକନିକା ଜଳସମ୍ପଦ ବିଭାଗ ପକ୍ଷରୁ ବୈତରଣୀର ଛୋଟ ନାଳ, ସ୍ଲୁଇସ୍‌କୁ ସଫେଇ କରାଯାଉ ନଥିବାରୁ ପାଣି ଆସୁନାହିଁ। ତେଣୁ ତୁରନ୍ତ ସ୍ଲୁଇସ୍‌କୁ ସଫେଇ କରିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ ୨୦୧୩ରେ ଆଳିର ବିଧାୟକ ପ୍ରତାପ କେଶରୀ ଦେବ ଥିବାବେଳେ ୧୨ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟରେ ଅହମ୍ମଦପୁରରୁ ବଟରପଡା କନପୁର ଘେରି ବନ୍ଧ ବହୁ କଷ୍ଟରେ ନିର୍ମାଣ ହୋଇଥିଲା। ବଟରପଡା ପେଟାନାଳ, ଗୌଉଡୁଣି ମାହାରା, ବାଙ୍କି ନାଳ, ତେଲିଡିହା ସମେତ କୋଟିଏ ଟଙ୍କାରେ କଲଭର୍ଟ ନିର୍ମାଣ ହୋଇଥିଲା। ହେଲେ ତତ୍‌କାଳୀନ ହାଟସାହି ସରପଞ୍ଚ ଅଭୟ ବେଉରିଆ ରାଜ୍ୟ ମୁଖ୍ୟମନ୍ତ୍ରୀ ଗୋପାଳ ପଟ୍ଟନାୟକଙ୍କୁ କନିକାରେ ସାକ୍ଷାତ କରିବାରୁ ସେ ତତ୍‌କାଳୀନ ନିର୍ବାହୀଯନ୍ତ୍ରୀଙ୍କୁ ତୁରନ୍ତ ପେଟାନାଳ ସ୍ଲୁଇସରେ କବାଟ ଲଗାଇ ଥିଲେ। ତେବେ କାଳକ୍ରମେ ମରାମତି ନ ହେବାରୁ ବର୍ତ୍ତମାନ ସ୍ଲୁଇସ ପୋତି ହୋଇଗଲାଣି । ଏହାକୁ ସଫେଇ ନ କଲେ ବୈତରଣୀରୁ ପାଣି ଆସି ପାରୁନାହିଁ। ତେବେ ହାଟସାହି, ବଟରପଡା, ଅବଦୁଲପୁର, ଭାମଣ୍ଡା ଓ ସିହୋପଡା ଅଞ୍ଚଳରେ ଖରସ୍ରୋତା ଓ ବୈତରଣୀର ଜଳ ମାଡି ଯିବାରୁ ଖରିଫ ଫସଲ ଉଜୁଡିଯାଉଛି। ତେଣୁ ଡାଲୁଅ ଫସଲ ଉପରେ ଚାଷୀମାନେ ନିର୍ଭର କରୁଛନ୍ତି। ଚାଷୀମାନେ ଡାଲୁଅ ଧାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ଏହି କଲଭର୍ଟ ସ୍ଲୁଇସକୁ ସଫେଇ କରିବାକୁ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ ନିକଟରେ ହାଟସାହି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅଭୟ କୁମାର ବେଉରିଆ, ପୂର୍ବତନ ସରପଞ୍ଚ ସନ୍ତୋଷ ବେଉରିଆ, ବଟରପଡା ଗ୍ରାମର ଶ୍ରୀକାନ୍ତ ବେଉରିଆ, ବନମାଳି ବେଉରିଆ, ଅଜିତ ବେଉରିଆ, ନିମାଇଁ ବେଉରିଆ ଓ କୈଳାସ ବେଉରିଆ ପ୍ରମୁଖ ଚାଷୀ ଦାବି କରିଛନ୍ତି।



କଟକରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ମୁକାବିଲା।

## ସୌରଭ ଘୋଷାଲ ସେମିଫାଇନାଲରେ

**ନ୍ୟୁୟର୍କ, ୬।୫ (ପି.ଟି.):** ଭାରତର ଷ୍ଟାର ସ୍କାଶ ଖେଳାଳି ସୌରଭ ଘୋଷାଲ ଟୁର୍ନାମେଣ୍ଟ ଅଫ୍ ଚାମ୍ପିୟନ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତିନି ବର୍ଷରେ ପ୍ରଫେସନାଲ ଟୁର୍‌ରେ ଘୋଷାଲଙ୍କର ଏହା ହେଉଛି ବଡ଼ ସେମିଫାଇନାଲ। ସ୍ଥାନୀୟ ଆଇକନିକ୍ ଗ୍ରାଣ୍ଡ ସେଣ୍ଟ୍ରାଲ ଟର୍ମିନାଲରେ ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ସେ ତାଙ୍କଠାରୁ ଉଚ୍ଚ ର‌୍ୟାଙ୍କିଙ୍ଗପ୍ରାପ୍ତ ଇଜିପ୍ଟର ୟୁସେଫ୍ ଇବ୍ରାହିମ୍‌ଙ୍କୁ ୧୧-୮, ୭-୧୧, ୯-୧୧, ୧୧-୬, ୧୧-୯ରେ ପରାସ୍ତ କରିଛନ୍ତି। ବିଶ୍ୱର ୧୭ ନମ୍ବର ର‌୍ୟାଙ୍କିଙ୍ଗପ୍ରାପ୍ତ ଭାରତୀୟ ଖେଳାଳି ତାଙ୍କଠାରୁ ବୟସରେ ବହୁ ସାନ ଇବ୍ରାହିମ୍‌ଙ୍କ ବିପକ୍ଷରେ ତାଙ୍କର ସମସ୍ତ ଅଭିଜ୍ଞତା ଖଟାଇ ବିଜୟ ହାସଲ କରିଥିଲେ। ସେମିଫାଇନାଲରେ ସେ ପେରୁର ଡିଏଗୋ ଏଲିଆସ୍‌ଙ୍କୁ ଭେଟିବେ।

# କଳାହାଣ୍ଡି କପ୍: ସୁପରଲିଗ୍‌ରେ ବାଲେଶ୍ୱର

**ଭୁବନେଶ୍ୱର, ୬।୫ (କ୍ରୀଡ଼ା ପ୍ରତିନିଧି)**

ଘରୋଇ କ୍ରିକେଟର ମର୍ଯ୍ୟାଦାଜନକ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ବିଭିନ୍ନ ଭେନ୍ୟୁରେ ମୋଟ ୯୯ଟି ଲିଗ୍ ମ୍ୟାଚ ସଫଳତାର ସହ ସମ୍ପନ୍ନ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସହ ଅନୁବନ୍ଧିତ ୩୭ଟି ଅନୁବନ୍ଧିତ ୟୁନିଟର ଖେଳାଳିମାନେ ଲିଗ୍ ପର୍ଯ୍ୟାୟରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଥିଲେ। ଶେଷ ଦଳଭାବେ ବାଲେଶ୍ୱର ସୁପରଲିଗ୍‌ରେ ପ୍ରବେଶ କରିଛି। ପୂର୍ବରୁ ଭୁବନେଶ୍ୱର-ଏ, ଇଷ୍ଟକୋଷ୍ଟ ରେଲୱେ, କଟକ-ଏ, ଝାରସୁଗୁଡ଼ା ଓ ଭଦ୍ରକ ଏହି ପର୍ଯ୍ୟାୟରେ ପ୍ରବେଶ କରିଥିଲେ। ମୋଟ ୬ଟି ଦଳକୁ ନେଇ ସୁପରଲିଗ୍ ଏକାଧିକ ଫର୍ମାଟରେ ଅନୁଷ୍ଠିତ ହେବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ସିଲ୍‌ଭର ଗ୍ରୁପ୍ ଚାମ୍ପିୟନ ପୁରୀ ଏବଂ ଗୋଲ୍ଡ ଗ୍ରୁପ୍‌ର ଦ୍ୱିତୀୟ ଦଳ ବାଲେଶ୍ୱର ମଧ୍ୟରେ ଶୁକ୍ରବାର ଏଲିମିନେଟର ଗେମ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ୭ ଉଇକେଟରେ ପୁରୀକୁ ହରାଇ ସୁପରଲିଗ୍‌ରେ ପହଞ୍ଚିଛି। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ବ୍ୟାଟିଂ ବିପର୍ଯ୍ୟୟ ସମ୍ମୁଖୀନ ହୋଇ ୨୯.୨ ଓଭରରେ ୧୧୬ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ସନତ ସିଂଦେଓ ସର୍ବାଧିକ ୪୭ ରନ କରିଥିବାବେଳେ ବିପକ୍ଷ ଦଳର ସର୍ବେଶ୍ୱର ମହାନ୍ତି ଓ ଶେଖର ମାଝି ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାଲେଶ୍ୱର ୨୧.୨ ଓଭରରେ ୩ ଉଇକେଟ ହରାଇ ୧୨୧ ରନ ସଂଗ୍ରହ କରି ନେଇଥିଲା। ବ୍ୟାଟର ନିର୍ଭିଶଙ୍କର ବାରିକ ୩୩ ବଲ୍‌ରୁ ୫୭ ରନକରି ଦଳର ବିଜୟକୁ ସହଜ କରି ଦେଇଥିଲେ।



ମ୍ୟାଚ ଜିତିବାପରେ ବାଲେଶ୍ୱର ଦଳର ଖେଳାଳି।

# ମହିଳା ଟି୨୦ ଚ୍ୟାଲେଞ୍ଜରେ ୧୨ ବିଦେଶୀ ଖେଳାଳି

**ନୂଆଦିଲ୍ଲୀ, ୬।୫ (ପି.ଟି.):** ଆସନ୍ତା ମେ’ ୨୩ରୁ ପୁଣେରେ ଆରମ୍ଭ ହେବାକୁଥିବା ମହିଳା ଟି୨୦ ଚ୍ୟାଲେଞ୍ଜରେ ଇଂଲଣ୍ଡ ଅଧିନାୟିକା ହିଥର ନାଇଟ୍, ବିଶ୍ୱର ନମ୍ବର ୱାନ ବୋଲର ସୋଫି ଏକ୍ଲେଷ୍ଟୋନ୍ ଏବଂ ଅଷ୍ଟ୍ରେଲିଆ ଲେଗ୍ ସ୍ପିନର ଅଲାନା କିଙ୍ଗ୍ ସମେତ ୧୨ଜଣ ବିଦେଶୀ ଖେଳାଳି ଅଂଶଗ୍ରହଣ କରିବେ। । ଅଲାନା ନିକଟରେ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀ ଇଭେଣ୍ଟ ପାଇଁ ସେ ଅଷ୍ଟ୍ରେଲିଆର ଏକମାତ୍ର ଖେଳାଳି ଭାବେ ଉପଲବ୍ଧ। ଇଭେଣ୍ଟରେ ତିନୋଟି ଦଳକୁ ନେଇ ଚାରୋଟି ମ୍ୟାଚ ଖେଳାଯିବ। ନାଇଟ୍ ଓ ଏକ୍ଲେଷ୍ଟୋନ୍‌ଙ୍କ ବ୍ୟତୀତ ପ୍ରତିଯୋଗିତା ପାଇଁ ଚୁକ୍ତି କରିଥିବା ଅନ୍ୟ ଦୁଇ ଖେଳାଳି ହେଲେ ସୋଫିଆ ଡଙ୍କ୍‌ଲେ ଓ ଡାନି ୟାଟ୍। ଦକ୍ଷିଣ ଆଫ୍ରିକାର ଷ୍ଟାର ଓପନର ଲାଉରା ଓଭାରଡଟ୍ ଓ ମାରିଜେନ୍ କାପ୍ ୱେଷ୍ଟଇଣ୍ଡିଜର ଡିଣ୍ଡ୍ରା ଡଟିନ୍ ଓ ହେଲି ମାଥ୍ୟୁସଙ୍କ ସହ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଗତବର୍ଷ ମହିଳା ଟି୨୦ ଚ୍ୟାଲେଞ୍ଜ ଖେଳାଯାଇ ନ ଥିଲା। ଏଥର ଶେଷ ଥର ପାଇଁ ଏହା ଅନୁଷ୍ଠିତ ହେବାକୁ ଯାଉଛି। କାରଣ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଆସନ୍ତାବର୍ଷ ଏକ ପୂର୍ଣ୍ଣାଙ୍ଗ ଆଇପିଏଲ୍ ଆୟୋଜନ ଯୋଜନାରେ ଅଛି। ଇଭେଣ୍ଟ ପାଇଁ ଭାରତୀୟ ଖେଳାଳିଙ୍କୁ ଖୁବ୍ ଶୀଘ୍ର ମନୋନୟନ କରାଯିବ। ନିକଟରେ ଶେଷ ହୋଇଥିବା ଘରୋଇ ଟି୨୦ ଇଭେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନିଆଯିବ। ପ୍ରତିଯୋଗିତାରେ କେ. ପି. ନବଗିରେ ସର୍ବାଧିକ ୫୨୫ ରନ କରିଥିଲେ। ତାଙ୍କ ପଛକୁ ପଛ ରହିଛନ୍ତି ଭାରତୀୟ ବ୍ୟାଟର ୟାସ୍ତିକା ଭାଟିଆ ଓ ଶେଫାଳି ବର୍ମା।

# ଓଡ଼ିଶା ପୋଲିସ ବିଜୟୀ

**ଭୁବନେଶ୍ୱର, ୬।୫ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ଓମେନ୍ସ ଲିଗ୍‌ର ଶୁକ୍ରବାର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୨-୧ ଗୋଲରେ ସିର୍ଭୋଡେମ ସ୍ପୋର୍ଟ୍ସ କ୍ଲବକୁ ପରାସ୍ତ କରିଛି। ମ୍ୟାଚର ୧୮ତମ ମିନିଟରେ ଏକ ଗୋଲ ଦେଇ ସରୋଜିନୀ ତିର୍କୀ ଓଡ଼ିଶା ପୋଲିସକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧଶେଷ ବେଳକୁ ଓଡ଼ିଶା ପୋଲିସ ୧-୦ରେ ଅଗ୍ରଣୀ ରହିଥିଲା। ବଲ୍ ପୋଜେଶନ କ୍ଷେତ୍ରରେ ଓଡ଼ିଶା ପୋଲିସର ପ୍ରଦର୍ଶନ ବହୁତ ଭଲ ରହିଥିଲା। ୭୫ତମ ମିନିଟରେ ବଦଳ ଖେଳାଳି ସସ୍ମିତା ଏକ୍କା ଆଉ ଏକ ଗୋଲ ଦେଇ ଘରୋଇ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ସିର୍ଭୋଡେମ ପକ୍ଷରୁ ଡିଫେଣ୍ଡର ଫେମିନା ରାଜ ଭାଲାପ୍ପିଲ ୮୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ମ୍ୟାଚରୁ ଓଡ଼ିଶା ପୋଲିସ ମ୍ୟାଚରୁ ପୂରା ୩ ପଏଣ୍ଟ ପାଇଥିଲା।



ଓଡ଼ିଶା ପୋଲିସ ଓ ସିର୍ଭୋଡେମ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ରାଜ୍ୟ ର‌୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୫ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ଆନୁକୂଲ୍ୟରେ ସବ୍-ଜୁନିୟର (୧୫ ଓ ୧୭ ବର୍ଷରୁ କମ୍) ବାଳିକା ଓ ବାଳକ ବ୍ୟାଡ୍‌ମିଣ୍ଟନ ର‌୍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଏହା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୬୦ ବାଳିକା ଓ ୮୦ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଆୟୋଜକ ଆସୋସିଏଶନ ସଭାପତି ରୋହିତ ପୂଜାରୀ, କାର୍ଯ୍ୟକାରୀ ସଭାପତି ମିହିର ରାୟ, ସମ୍ପାଦକ ନିଲେନ କୁମାର ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମ୍ୟାଚ ଗୁଡ଼ିକ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ୩ ବିଭାଗରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସରେ ମୋଟ ୯୦ଟି ମ୍ୟାଚ ଖେଳାଯାଇଥିବା ସୂଚନା ମିଳିଛି।




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

## ରାଜ୍ୟ ଖବର

# କ୍ରାଇମବ୍ରାଞ୍ଚ ଏଡିଜି ଦାୟିତ୍ୱ ନେଲେ ଅରୁଣ ବୋଥ୍ରା



ଅରୁଣ ବୋଥ୍ରା (ଡାହାଣ) ଦାୟିତ୍ୱ ଗ୍ରହଣ କରୁଛନ୍ତି।

**କଟକ ଅଫିସ, ୬।୫:** କ୍ରାଇମବ୍ରାଞ୍ଚ ଏଡିଜି ଭାବେ ୧୯୯୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅରୁଣ ବୋଥ୍ରା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କଟକସ୍ଥିତ କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟରେ ଏଡିଜି ସଞ୍ଜୀବ ପଣ୍ଡା ତାଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ବୋଥ୍ରା କହିଛନ୍ତି, ରାଜ୍ୟରେ ଅପରାଧର ସ୍ଥିତି ନିୟନ୍ତ୍ରଣରେ ରହିଛି। ପଡି ରହିଥିବା ପୁରୁଣା ମାମଲାର ତଦନ୍ତ କରାଯିବ। ଏଥିସହ ଆପରାଧିକ ମାମଲାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟରେ ଦୋଷୀ ସାବସ୍ତ୍ୟ କରାଇବା ମୋର ପ୍ରଥମ କର୍ତ୍ତବ୍ୟ। ଏଥିସହ ନୂଆ ଦାୟିତ୍ୱ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ପୂର୍ବରୁ ବୋଥ୍ରା ପରିବହନ କମିଶନର ଭାବେ ଦାୟିତ୍ୱ ତୁଲାଉଥିଲେ।

# ଓଡ଼ିଶା ସରକାର, ୟୁଏନ୍‌ଏଫ୍‌ପିଏ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

**ଭୁବନେଶ୍ୱର, ୬।୫ (ବ୍ୟୁରୋ):** ଓଡ଼ିଶାରେ ମହିଳାମାନଙ୍କ ପ୍ରଗତିକୁ ତ୍ୱରାନ୍ୱିତ କରିବା ତଥା ଲିଙ୍ଗଗତ, ଆର୍ଥିକ ଓ ସାମାଜିକ ଅସମାନତାକୁ ଦୂର କରିବା ଦିଗରେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟରେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ମହିଳାଙ୍କୁ ସଶକ୍ତ କରିବା ପାଇଁ ଶୁକ୍ରବାର ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଏବଂ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ) ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ ସହିତ ଡିଜିଟାଲ ଏବଂ ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏହି ଚୁକ୍ତିର ଲକ୍ଷ୍ୟ। ଡିଜିଟାଲ ସାକ୍ଷର ମହିଳାମାନଙ୍କୁ ଅଧିକ ସଂଯୋଜିତ, ସୂଚିତ ଏବଂ ବାହ୍ୟ ଜଗତ ସହିତ ଜଡ଼ିତ ଓ ଯୋଗାଯୋଗ ରକ୍ଷା କରିବାରେ ସହାୟତା କରାଯିବ। ଏହି କାର୍ଯ୍ୟକ୍ରମ ମହିଳାମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ନୂତନ ମାର୍ଗ ଖୋଜିବା ସହ ଅନ୍‌ଲାଇନରେ ଉପଲବ୍ଧ ବିଭିନ୍ନ ସେବା ଏବଂ କଲ୍ୟାଣକାରୀ ଯୋଜନା ବିଷୟରେ ଅଧିକ ତଥ୍ୟ ଓ ସୂଚନା ଯୋଗାଇବାରେ ସହାୟକ ହେବ । ଆର୍ଥିକ ସାକ୍ଷରତା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଉପଯୁକ୍ତ ଜ୍ଞାନକୌଶଳର ବ୍ୟବହାର ମାଧ୍ୟମରେ ଟଙ୍କା ପଇସାର କୁଶଳ ପରିଚାଳନା କରିବାରେ ସାହାଯ୍ୟ କରିବ। ୟୁଏନ୍‌ଏଫ୍‌ପିଏ ସହିତ ସ୍ୱାକ୍ଷରିତ ଏହି ଚୁକ୍ତିନାମାରେ ପ୍ରାୟ ୬ ଲକ୍ଷ ମହିଳାଙ୍କୁ ବିଭିନ୍ନ ଡିଜିଟାଲ ଏବଂ ଆର୍ଥିକ କୌଶଳ(ଯେପରି କି ଅନ୍‌ଲାଇନ ଜନସେବା, ବ୍ୟାଙ୍କିଙ୍ଗ୍ ସେବା ଏବଂ ସୋସିଆଲ ମିଡିଆ ଆଦିର ବ୍ୟବହାର)ରେ ଦକ୍ଷ କରାଯିବ। ମିଶନ ଶକ୍ତି ବିଭାଗ ସଚିବ ସୁଜାତା ଆର୍.କାର୍ତ୍ତିକେୟନ କହିଛନ୍ତି ଯେ ଆମର ଅଭିଜ୍ଞତାରୁ ଜଣାଯାଏ, ମହିଳାମାନଙ୍କର ସାମାଜିକ ଏବଂ ଆର୍ଥିକ ସଶକ୍ତୀକରଣରେ ସାମାଜିକ ପ୍ରଗତି, ସ୍ଥାନୀୟ ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶକୁ ବିପୁଳ ଲାଭ ମିଳିଥାଏ । ୟୁଏନ୍‌ଏଫ୍‌ପିଏ ଇଣ୍ଡିଆର ପ୍ରତିନିଧି ଆଣ୍ଡ୍ରେୟା ଏମ୍ ୱୋଜନାର୍ କହିଛନ୍ତି ଯେ ମିଶନ ଶକ୍ତି ପ୍ରକଳ୍ପ ସହିତ ୬୦ ଲକ୍ଷରୁ ଅଧିକ ମହିଳା ଡିଜିଟାଲ ଏବଂ ଆର୍ଥିକ ଦକ୍ଷତା ହାସଲ କରିବାରେ ସମର୍ଥ ହେବେ।

# ‘ଅସୁବିଧାରୁ ପରୀକ୍ଷା ଦେଇନାହାନ୍ତି’

**ମାଟ୍ରିକ୍ ପରୀକ୍ଷାରେ ଛାତ୍ରୀଛାତ୍ର ଅନୁପସ୍ଥିତ ପ୍ରସଙ୍ଗ**

**ଭୁବନେଶ୍ୱର,୬।୫(ବ୍ୟୁରୋ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବଡ଼ ଧରଣର ତ୍ରୁଟି ଦେଖିବାକୁ ମିଳିଛି। ଫର୍ମ ଫିଲପ୍ କରିଥିବା ସତ୍ତ୍ୱେ ପରୀକ୍ଷାରେ ଅନେକ ପିଲା ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଯାହାକୁ ନେଇ ରାଜ୍ୟ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଶୁକ୍ରବାର ଏସମ୍ପର୍କରେ ବିଭାଗୀୟ ପ୍ରମୁଖ ସଚିବ ନିଜର ମତ ରଖିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ହାଇସ୍କୁଲର ବହୁମୁଖୀ ହଲ୍‌ର ଭୂମି ପୂଜନ ଉତ୍ସବରେ ଯୋଗ ଦେବା ଅବସରରେ ଗଣମାଧ୍ୟମକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, ଚଳିତ ବର୍ଷ ଦଶମଶ୍ରେଣୀ ପରୀକ୍ଷା ଫର୍ମ ଫିଲପ୍ ପାଇଁ କୌଣସି ଫି’ ନ ଥିଲା। ସେଥିଲାଗି ବହୁ ସଂଖ୍ୟାରେ ପିଲା ଫର୍ମ ପୂରଣ କରିଥିଲେ। କରୋନା ପାଇଁ ଶିକ୍ଷା ବ୍ୟବସ୍ଥା ଅସୁବିଧାର ସମ୍ମୁଖୀନ ହୋଇଛି। ତେଣୁ କୌଣସି ପିଲା ଅନୁପସ୍ଥିତ ନୁହେଁ ବରଂ ଅନ୍ୟାନ୍ୟ ଅସୁବିଧା ପାଇଁ ପରୀକ୍ଷା ଦେଇନାହାନ୍ତି। ପିଲାମାନେ ଜାଲିଆତି କରିଛନ୍ତି ବୋଲି ଭାବିବାର କିଛି କାରଣ ନାହିଁ। ତଥାପି ଏସମ୍ପର୍କରେ ସମୀକ୍ଷା କରାଯିବ ବୋଲି ସେଠୀ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୨ ମାଟ୍ରିକ ପରୀକ୍ଷାରେ ୪୬ ହଜାରରୁ ଊର୍ଦ୍ଧ୍ୱ ପିଲା ଅନୁପସ୍ଥିତ ରହିବା ଘଟଣା ଜଣାପଡ଼ିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

# ବାଘଛାଲ ଜବତ, ଶିକାରୀ ଗିରଫ

**ଭୁବନେଶ୍ୱର/ସଇଁତଲା,୬।୫ (ବ୍ୟୁରୋ /ଡି.ଏନ.ଏ)**

ରାଜ୍ୟରେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ବେଧଡ଼କ ଚାଲିଛି। ଏବେ ବଲାଙ୍ଗୀର ଜିଲାରେ ଏହି ର‌୍ୟାକେଟ ବେଶ୍ ସକ୍ରିୟ ରହିଛି। ଗୁରୁବାର ବଲାଙ୍ଗୀର ଜିଲା ମାଲପଡା ଗ୍ରାମରେ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ବନ ବିଭାଗ ଚଢ଼ାଉ କର ୬ଟି ହାତୀ ଦାନ୍ତ ଜବତ କରିବା ସହ ନୁରେନ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରିଥିଲା। ଶୁକ୍ରବାର ପୁଣି ଟିକ୍ରାପଡ଼ା ସଇଁତଳାରୁ କଲରାପତିଆ ବାଘ ଛାଲ ଜବତ କରିଛି ମିଳିତ ଟିମ୍। ଏଥିସହ ଟିକ୍ରାପଡ଼ା ନିକଟ ଡୁକେଲଚରଚରାରୁ ଅଭିଯୁକ୍ତ ଆଦିକନ୍ଦ ଘିୱାଲଙ୍କୁ ଗିରଫ କରିଛି।

**ଜନ୍ମଦିନ ଶୁଭେଚ୍ଛା**



**ଶ୍ରେୟାଶ୍ରୀ (ଟିକି)**
ନୀଳାଦ୍ରି ବିହାର, ଭୁବନେଶ୍ୱର
ତୋର ୨ୟ ଜନ୍ମବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତୋର ଜୀବନ ଦୀର୍ଘାୟୁ ହେଉ, ମଙ୍ଗଳମୟ ହେଉ।
**ଶୁଭେଚ୍ଛା ସହ:** ବାବା, ମାମା, ମା, ଦାଦା, ଦିଦି ଓ ବଡ଼ବାପା, ବୋଉ ।
ଧ-୩୫୫

# କନିଷ୍ଠ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ବଲାଙ୍ଗୀର ଅଫିସ୍/ପାଟଣାଗଡ଼, ୬।୫(ଡି.ଏନ୍.ଏ.)**

- ପାଟଣାଗଡ଼ ବ୍ଲକରେ ଥିଲେ କାର୍ଯ୍ୟରତ
- କପା କିଆରିରୁ ମୃତଦେହ ଜବତ
- ହତ୍ୟା କରାଯାଇଥିବା ସନ୍ଦେହ
- ଏସ୍‌ଡିପିଓ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁ (୫୫)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶୁକ୍ରବାର ପାଟଣାଗଡ଼ଠାରୁ ୧୨ କିଲୋମିଟର ଦୂର ବନକାବିରା ଗାଁ ନିକଟସ୍ଥ ଏକ କପା କିଆରିରୁ ଯନ୍ତ୍ରୀ ସାହୁଙ୍କ ମୃତଦେହକୁ ପାଟଣାଗଡ଼ ଥାନା ପୋଲିସ ଜବତ କରିଛି। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପାଟଣାଗଡ଼ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା, ପାଟଣାଗଡ଼ ଥାନା ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହକୁ ସେଠାରୁ ଉଦ୍ଧାର କରି ପାଟଣାଗଡ଼ ଉପଖଣ୍ଡ ହସ୍ପିଟାଲ ଶବାଗାରରେ ରଖାଯାଇଛି। ମୃତ କନିଷ୍ଠ ଯନ୍ତ୍ରୀଙ୍କ ଘର କଟକ ଜିଲା ଗୋବିନ୍ଦପୁର ଥାନା ଗୋପାଳପୁର ଗ୍ରାମରେ ବୋଲି କୁହାଯାଇଛି। ମୃତଦେହ ପାଖରେ ତାଙ୍କ ଟିଭିଏସ୍ ଏକ୍ସେଲ ମୋପେଡ୍ ବାଇକ୍ ପଡ଼ିଥିବା ଦେଖାଯାଇଛି। ସେ ପ୍ରାୟ ଅଢ଼େଇବର୍ଷ ହେଲା ପାଟଣାଗଡ଼ ବ୍ଲକରେ କାର୍ଯ୍ୟରତ ଥିଲେ। ପାଟଣାଗଡ଼ ବ୍ରହ୍ମପୁରାଠାରେ ଏକ ଭଡ଼ାଘରେ ଏକାକୀ ରହୁଥିଲେ। ମୃତଦେହ ଫୁଲିଯାଇଥିବା ଏବଂ ତାଙ୍କ ମୁଣ୍ଡ ଓ ନାକରୁ ରକ୍ତ ବାହାରୁଥିବା ଦେଖାଯାଇଛି। ଗତ ରାତିରେ କନିଷ୍ଠ ଯନ୍ତ୍ରୀ ସାହୁ ସୋଲବନ୍ଧ ପଞ୍ଚାୟତ ପଟକୁ କ୍ଷେତ୍ର ପରିଦର୍ଶନରେ ଯାଇ ଫେରିଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ତାଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ଏସ୍‌ଡିପିଓ ଭୁକ୍ତାଙ୍କୁ ପଚରାଯିବାରୁ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଯନ୍ତ୍ରୀଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସେମାନେ ପହଞ୍ଚିବା ପରେ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ସକାଳେ କପା କିଆରିରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ସାହୁ ଜଣେ ଶାନ୍ତଶିଷ୍ଟ ଓ ମେଳାପି ବ୍ୟକ୍ତି ହୋଇଥିବାରୁ ତାଙ୍କ ସନ୍ଦେହଜନକ ମୃତ୍ୟୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ନିୟତୀ ମହାନ୍ତି**
ଆବିର୍ଭାବ: ୨୫।୦୨।୧୯୮୧
ତିରୋଧାନ: ୧୮।୦୫।୨୦୨୧
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆଜିବି ବିଶ୍ୱାସ କରି ହେଉନି ତୁମେ ହଠାତ୍ ଆମ ସମସ୍ତଙ୍କୁ ଅସମୟରେ ଛାଡ଼ି ଆରପାରିକୁ ଚାଲିଗଲ। ତୁମ ଅନୁପସ୍ଥିତି ଆମେ ସମସ୍ତେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା।
**ଶୋକସନ୍ତପ୍ତ:** ସ୍ୱାମୀ: ସଞ୍ଜିତ୍, ଝିଅ: ଗୁନ୍‌ଗୁନ୍, ବନ୍ଧୁ ଏବଂ ସ୍ୱାଇଁ ପରିବାରବର୍ଗ ।
ଧ-୩୪୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ରେଣୁବାଳା ବେହେରା**
ବଡ଼ଗଡ଼ ନୂଆସାହି, ଭୁବନେଶ୍ୱର
ଆବିର୍ଭାବ: ୦୧.୦୯.୧୯୬୩
ତିରୋଧାନ: ୧୮.୦୫.୨୦୨୧
ତୁମର ସରଳ ହୃଦୟ, ସ୍ନେହ, ଶ୍ରଦ୍ଧା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମର ଅମର ଓ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:** ସ୍ୱାମୀ: ପ୍ରଦୀପ ବେହେରା, ପୁତ୍ର: ଶ୍ରୀମନ୍ତ, ବୁବୁ, ପୁତ୍ରବଧୂ: ସ୍ନେହା, ନେହା, ନାତି: ଶୁଭ, ସ୍ୱୟଂ, ରିଶି।
ଧ-୭୩୩୧୬

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ
ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡ଼ାଏରୀ ପ୍ରଡ଼କ୍ଟ ପ୍ରା.ଲିଃ.
ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରଜାପତି

ଗଳ୍ପ

ହିମାଂଶୁ ଆଚାରୀ

ପ୍ରଜାପତିକୁ ଛୁଇଁବା କି ତା' ପଛରେ ଦୌଡ଼ିଦୌଡ଼ି ଏକ ଅପୂର୍ବ ଉଲ୍ଲାସକୁ ସାଉଁଟି ନେବାର ଯେଉଁ ନିର୍ଦ୍ଦିଷ୍ଟ ବୟସ ଥାଏ, ତାକୁ ଅତିକ୍ରାନ୍ତ କରି ଖୁବ୍ ଆଗକୁ ଚାଲିଆସିଥାଏ ଅଭିଷେକ। ତଥାପି ଏବେ ବି କେଉଁଠି ପ୍ରଜାପତିଟେ ଦେଖିଲେ ଦୌଡ଼ିଯିବାକୁ ତା' ଗୋଡ଼ଆଡ଼କୁ ବଢ଼େ, ତା' ମନ ଉନ୍ମାଦିତ ହୁଏ ; କିନ୍ତୁ କେହି ଜଣେ ତା' ଭିତରେ ଥାଇ ଆକଟ କରେ ଓ ତା' ପାଦ ଅଟକିଯାଏ।

ସଂସାରଯାକର ବୋଝକୁ ମୁଣ୍ଡରେ ଲଦି ବାଟ ଚାଲିଲା ବେଳେ ନିଜ ଥକାପଣକୁ ଥୋଇ କିଛିକ୍ଷଣ ନିଜକୁ ହାଲୁକା କରେ। ଖୋଜେ, ଯାହା ହଜେଇ ଦେଇଛି ସିଏ ସମୟ ସ୍ରୋତରେ। ପହଁରି ପହଁରି ଯାଏ କିଛି ବାଟ। ସେଇ ଜଳର ଉତ୍ତାଳ ତରଙ୍ଗ ଓ ଗଭୀରତା ଭିତରେ ପେଷି ହେଇ ଫେରି ଆସିଲା ପରେ ପୁଣି ତା' ବୋଝକୁ ମୁଣ୍ଡାଏ। ଅଣନିଃଶ୍ୱାସୀ ହୁଏ।

ରାତିଅଧରେ ବାପାଙ୍କର କାଶ ତା' କଅଁଳ ନିଦକୁ ଭାଙ୍ଗିଦିଏ। ଯେତେସବୁ ସ୍ୱପ୍ନ ସେ ଏବେ ଗୋଟେଇଥିଲା ତାକୁ ଛାଡ଼ିଦେଇ ଦୌଡ଼େ ବାପାଙ୍କ ପାଖକୁ। ତାଙ୍କ ଶେଯ ପାଖରେ ଥିବା ଆସ୍ଥାଲିନ ଇନ୍‌ହେଲରକୁ ଧରି ଖୁବ୍ ଜୋର୍‌ରେ ହଲେଇ ବାପାଙ୍କ ପାଟି ପାଖକୁ ନେଇ ପୁସ୍ କରେ। ବାପା ଧଇଁସଇଁରୁ ଟିକେ ମୁକୁଳି ଆସନ୍ତି ଓ ସେ ଆଶ୍ୱସ୍ତ ହୁଏ। ଆଉ ନିଦ ହୁଏନି ଅଭିଷେକକୁ। ବାଟ ହୁଡ଼ି ଘରେ ପଶି ଯାଉଥିବା ପ୍ରଜାପତିଟିଏ କେବେ କେମିତି କାନ୍ଥରେ ଲଟକିଥାଏ ସକାଳଯାଏ। ତା' ରଙ୍ଗ ଅଭିଷେକକୁ ଢେର୍ କାଳ ଆଚ୍ଛନ୍ନ କରେ।

ତରୁଣ ବୟସରେ ମାଆକୁ ହରେଇଲା ପରେ ସେ ଏକ ଭିନ୍ନ ମଣିଷଟିଏ ପାଲଟିଯାଏ ଆପେ ଆପେ। ଗୋଟିଏ ଖାଁ ଖାଁ ନୀରବତା ଓ ଏକାକୀତ୍ୱକୁ ସାଥିରେ ନେଇ ବାଟ ସବୁ ଅତିକ୍ରାନ୍ତ କରୁକରୁ ତା' ଯୌବନ ବି କେତେବେଳେ ପଛରେ ରହିଯାଏ ଜାଣିପାରେନାହିଁ। ପଛକୁ ଚାହେଁ ଖୁବ୍ ବିକଳରେ। ଅନିଶା ବି ବେଶ୍ ପଛରେ ରହିଯାଇଥାଏ। ଦୌଡ଼େ ପଛମୁହାଁ ହେଇ। ଖୁବ୍ ଜୋର୍‌ରେ। ଅନିଶାକୁ ଅନେକ ଖାଜେ। କିନ୍ତୁ ତା' ଜାଗାରେ ପ୍ରଜାପତିଟିଏ କେବଳ ଡେଣା ଝାଡ଼ି ଉଡୁଥିବାର ଦୃଶ୍ୟ ତାକୁ ବିବଶ କରେ। ସେ ଫେରିଆସେ। ପୁଣି ନିଜ ଛାଇ ସହ ଚୁକ୍ତିକରେ ସାରାଜୀବନ ସାଥୀ ହେଇ ବଞ୍ଚିବା ପାଇଁ।



ଆଗଭଳି ବାପା ଆଉ ଖବର କି ନଜର ରଖିପାରନ୍ତିନି ଅଭିଷେକର। ସତୁରି ଛୁଇଁଲା ପରେ ଆଉ ଘରୁ ବାହାରିବା କଷ୍ଟକର ହୁଏ। ନାହିଁ ନ ଥିବା ରୋଗ ଓ ଔଷଧ ଭିତରେ ବି ସେ ଏବେ ବଞ୍ଚିବାର ମୋହରେ ଆସକ୍ତ। ଅନ୍ତତଃ ଅଭିଷେକର ବାହାଘରଟା ସରିବା ଯାଏଁ ସେ ତାଙ୍କ ନିଃଶ୍ୱାସଟିକୁ ସଯତ୍ନେ ସାଇତିବାକୁ ପ୍ରୟାସ କରୁଥା'ନ୍ତି। ସେ ଦାୟିତ୍ୱ ବି ଅଭିଷେକ ମୁଣ୍ଡରେ ଲଦି ଦେଇ ଆକୁଳ ମନରେ ଚାହିଁଥା'ନ୍ତି।

– ଅନିଶା, ମୋତେ ବିବାହ କରିବ ? ଖୁବ୍ ଦମ୍ଭର ସହ ଦିନେ ପଚାରିଦିଏ ଅଭିଷେକ। କିଛି କହେନି ଅନିଶା। ହସିଦିଏ କେବଳ। ସେ ହସ ଭିତରେ ସମ୍ଭାବନାର ମହକ ଥାଏ ବୋଲି ଅଭିଷେକ ବିଶ୍ୱାସ କରେ। ବାରମ୍ବାର ତା' ପ୍ରଶ୍ନକୁ ଦୋହରାଏ। ଅନିଶା ଫିକ୍‌କିନା ହସି ଦୌଡ଼ି ଚାଲିଗଲା ବେଳେ ତାକୁ ଲାଗେ ପ୍ରଜାପତିଟିଏ ଏଇ ଏବେ ଥିଲା ଆଉ ଏବେ ହିଁ ଉଡ଼ିଗଲା। ସେ ହସଟି ତାକୁ ନିଜର ଲାଗେ। ବିଭୋର ହୁଏ। ସ୍ୱପ୍ନ ସାଉଁଟେ।

ଦିନେ ଖବର ଆସିଲା ଅନିଶା କୁଆଡ଼େ ଚାଲିଯାଇଛି ତା' ପ୍ରେମିକ ସହ। ରେଜିଷ୍ଟ୍ରି ମ୍ୟାରେଜ ସରିଛି। କିଛି ବୁଝିପାରେନି ଅଭିଷେକ। ଅନିଶାର ପ୍ରେମିକଟିଏ ଥିଲା ଅଥଚ ସେ କାହିଁକି ଏତେ ସ୍ୱପ୍ନମୟ ହେଇ ଉଠୁଥିଲା। ତା' ହସରେ କାହିଁକି ସେ ସମ୍ଭାବନାଟିଏ ଖୋଜୁଥିଲା। ସେ ଛାଡ଼ିଆସିଥିବା ଯୌବନର ସମୟ ଭିତରେ ଅନିଶାକୁ କାହିଁକି ଥରେ ବି କହି ପାରିଲାନି ତା' ମନକଥା। ଏଥିରେ ଅନିଶାକୁ ବା କେମିତି ଦୋଷୀ ବୋଲି ଧରିନେଇ ହେବ !

ଚାରିଦିନ ଛୁଟି ନେଇଛି ଚମ୍ପାନାନୀ। ଘର ଝାଡୁଠାରୁ ଆରମ୍ଭ କରି ରୋଷେଇଯାଏ ସବୁ କରି ବି ଥକିପାରେନି ଏବେ ଆଉ ଅଭିଷେକ। ବାପାଙ୍କୁ ଠିକ୍ ସମୟରେ ଖାଇବାକୁ ଦେଇ ଔଷଧ ଦେଇଦେଲେ ଅଭିଷେକକୁ ଗଡ଼ ଜିତିଲା ଭଳି ଅନୁଭୂତ ହୁଏ। ସବୁ କାମ ସୁରୁଖୁରୁରେ ଶେଷ ହେଲା ପରେ ଆତ୍ମତୃପ୍ତିର ଦୀର୍ଘଶ୍ୱାସଟିଏ ବାହାରି ଆସେ ଆପେ ଆପେ। କୋଭିଡ୍‌ର ଭୟାବହତା ପାଇଁ ସେ ଆଉ ବାହାରକୁ ବି ଯାଇପାରେ ନାହିଁ। ଘରର ଯାବତୀୟ କାମରେ ଲିପ୍ତ ହେଉ ହେଉ ସମୟ ସରିଯାଏ ତା'ର।

ଅଗଣାରେ ଫୁଟିଥିବା ଫୁଲ ବଗିଚାରେ ପାଣି ଦେଲାବେଳେ ପ୍ରଜାପତିଟି ଘୂରି ବୁଲୁଥାଏ ତା' ଆଖପାଖରେ। ଏବେ ଆଗଭଳି ଆଉ ଆନମନା ହୁଏନି ଅଭିଷେକ। ପ୍ରଜାପତିକୁ ଦେଖିଲେ ଉନ୍ମାଦନାର ଯେଉଁ ତରଙ୍ଗଟିଏ ମନ ଭିତରେ ସଞ୍ଚରି ଯାଉଥିଲା ତାହାଠୁ ଏବେ ଢେର୍ ଘୁଞ୍ଚି ଆସିଲାଣି ସେ।

ବାଲ୍ୟବନ୍ଧୁ ପ୍ରକାଶ ଯେଉଁ ଖବରଟି ଆଣି ଦେଲା ତାକୁ ଶୁଣିଲା ପରେ କିଛିକ୍ଷଣ ସ୍ତବ୍ଧ ହେଇଗଲା ଅଭିଷେକ।

– ଅନିଶାର ସ୍ୱାମୀ ଆଉ ନାହିଁ। କରୋନା ଆକ୍ରାନ୍ତ ହେବା ପରେ ବାର ଦିନ ହସ୍‌ପିଟାଲ୍‌ରେ ଜୀବନ ସହ ସଂଗ୍ରାମ କରିକରି ହାରିଗଲା। ଆହା ବିଚାରୀ ଅନିଶା !!

– ଆଉ ଅନିଶା ? ସେ କୋଉଠି ଏବେ ? ଅଭିଷେକର ଜିଜ୍ଞାସା।

– ସେ ବି ପଜିଟିଭ୍। ଏବେ ତା' ବାପଘରେ ଆସି ରହୁଛି। ହୋମ୍ କ୍ୱାରାଣ୍ଟାଇନ୍। ପ୍ରକାଶ କହିଲା।

ଜୀବନ ଏବେ ନିହାତି ମୂଲ୍ୟହୀନ ଲାଗୁଥିଲା ଅଭିଷେକକୁ। ଏଇ କରୋନାରୂପୀ ଭୂତାଣୁ ଅନେକ ଘର ଯେ ଶ୍ରୀହୀନ କଲାଣି। ପ୍ରତି ପାଦରେ ଭୟର ଏକ ଛାଇ। ଠିକ୍ ମୃତ୍ୟୁ ପରି।

ରାତ୍ରିଭୋଜନ ପରେ ବାପାଙ୍କୁ ଔଷଧ ଦେଇ ତା' ରୁମ୍‌କୁ ଚାଲିଆସିଲା ଅଭିଷେକ।

ଖୁବ୍ ତରତର ହେଇ ଫେରୁଥିବା ଅନିଶା ସହ ସେଇ ବଜାର ଛକରେ ହିଁ ଭେଟ ହେଇଗଲା ଅଭିଷେକର। ବାଟ ଭାଙ୍ଗି ଚାଲି ଯାଉଥିବା ଅନିଶା ହାତରେ କିଛି ଔଷଧ ଓ ଫଳ। ଅଟକାଇଲା ତାକୁ ଏବଂ ପଚାରିଲା–

– କେମିତି ଏସବୁ ଘଟିଗଲା ଅନିଶା। ସବୁ ତ ସେଇ ଈଶ୍ୱରଙ୍କ ଇଚ୍ଛା। ମନକୁ ଦୃଢ଼ କର। ଜୀବନକୁ ପୁଣି ଥରେ ଜିଇବାକୁ ହେବ ତୁମକୁ।

କିଛି କହିପାରିଲାନି ଅନିଶା। କେବଳ କେଇଟୋପା ଲୁହରେ ତା' ଆଖିଦ୍ୱୟ ଭର୍ତ୍ତି ହେଇଗଲା। ଇଚ୍ଛା ହେଉଥିଲା ହାତ ବଢ଼େଇ ତା' ଲୁହତକ ପୋଛି ଦେବାକୁ। କିନ୍ତୁ ସେମିତି କିଛି କଲାନି ଅଭିଷେକ।

– ଗୋଟିଏ କଥା କହିବି ?

ଅନିଶା ଏଥର ମୁହଁ ଟେକି ଚାହିଁଲା। ଅଭିଷେକର ଆଖିରେ ବି ଲୁହର ଛିଟା।

– ମୋତେ ବିବାହ କରିବ ? ଅଭିଷେକ ପଚାରିଲା। ଏତିକିବେଳେ ପ୍ରଜାପତିଟିଏ କୋଉଠି ଥିଲା କେଜାଣି ତା' ଡାହାଣ ହାତରେ ବସି ପଡ଼ିବାର ଅନୁଭବ ହେଉହେଉ ଅଭିଷେକର ଛାଇ ନିଦଟି ଭାଙ୍ଗିଗଲା।

ବାପା କାଶୁଥିଲେ ସେତିକି ବେଳେ। ଇଏ ବି କେମିତି ଏକ ସ୍ୱପ୍ନ ! ଅଭିଷେକର ଦେହସାରା ଝାଳ ଭର୍ତ୍ତି।

ସକାଳେ ଚମ୍ପାନାନୀ କବାଟ ବାଡ଼େଇବାରୁ ଅଭିଷେକର ନିଦ ଭାଙ୍ଗିଲା। ଗତ ରାତିର ସ୍ୱପ୍ନ ତାକୁ ଏବେ ବି ବ୍ୟଥିତ କରୁଥାଏ। ଘର ଝାଡୁ କରୁକରୁ ଚମ୍ପାନାନୀ କହୁଥିଲା –

– ଶୁଣିଲ ସାନବାବୁ, ତଳ ସାହିର ଅନିଶା ବୋଲି ଝିଅଟି ଏଇ ମାସେ ହେଲା କୋଉ ପିଲା ସହ ଚାଲି ଯାଇଥିଲା। ତା' ସ୍ୱାମୀ କରୋନାରେ ଚାଲିଗଲା ପରେ ଘରେ ଆସି ରହିଥିଲା। ସେ ବି କାଲି ରାତିରେ ମରିଗଲା। ଏ ନିଆଁଲଗା କରୋନା କେବେ ଯିବ କେଜାଣି !

ଅଭିଷେକ ଲଥ୍ କରି ବସି ପଡ଼ିଲା ଚୌକିରେ। ପ୍ରଜାପତିଟିଏ ଘରସାରା ଘୂରି ବୁଲୁଥିଲା ସେତିକିବେଳେ।

ଶିବାଜୀ ନଗର,
ଉମରକୋଟ, ନବରଙ୍ଗପୁର

# କବିତା

## ଫୁର୍‌ସତ୍

ଇପ୍ସିତା ମହାନ୍ତି

ଫୁର୍‌ସତ୍... !
ଫୁର୍‌ସତ୍ ପାଇଲେ ତ...
ବସିବି କି କିଛି ଗପିବି ?
ସାକ୍ଷାତାଲୋଚନା କିମ୍ବା
ବିଚ୍ଛେଦ ଘଟିଲା ଭଳି
କିଛି ଆଚରଣ ବି କରିବି।

ହେଲେ, ଫୁର୍‌ସତ୍... !
ଫୁର୍‌ସତ୍ କାହିଁ ଯେ ?
ସେହି ସନ୍ଧ୍ୟା ପରେ ତ
ପୁଣି ସେହି ସକାଳ !
ସେହି ଏକାଧରଣର
ଜୀବନଚର୍ଯ୍ୟା...,
ତୁମର ଆଉ ମୋର।

ନିତି...
ସେହି ଏକା ପ୍ରକାରର
ଆଗମନ ସହ ଏକରକମର
ଶ୍ୱାସକ୍ରିୟାର ବି ଆତଯାତ !

କିଛି ସମୟ ପାଇଁ ଯଦି
ମୁଁ କ୍ରୋଧିତ ହେବାକୁ ଚାହିଁବି,
ତେବେ ନିଶ୍ଚିତ ରୂପେ
ନିବେଦନ କରିବି...
ସେହି ସ୍ୱପ୍ନର କ୍ଷତଗୁଡ଼ିକୁ।
ସର୍ବଶେଷରେ, ଚିନ୍ତା କରିବି
କ'ଣ ନେବି ଆଉ କ'ଣ ଦେବି ?

ବୋଝର ଦିନ ଅବା ଅଳସୁଆ ରାତି,
ଗୋଟିଏ ସତ୍ୟ,
ନା ହଜାରେ ମିଛକଥା।
ଛଦ୍ମବେଶରେ କେବଳ
ନିଜେ ହିଁ ନିଜର
ମୁଁ ପ୍ରତିକାର କରିବି...।

କିଛି ବଢ଼ି ଚାଲିଥିବା ଚିନ୍ତା...
କିଛି ଉଦାସପଣ,
କିଛି ସମାଧାନ, କିଛି ସନ୍ଦେହ,
କିଛି ନୂଆ ଆଉ ପୁରୁଣା ବନ୍ଧୁ,
କିଛି ଆପଣାର ଅପମାନ...

କହିଲେ !
ସମାଧାନ ଚାହିଁ
ମୁଁ କାହାର ନିମନ୍ତ୍ରଣ ରକ୍ଷା କରିବି ?
ହେଲେ ଫୁର୍‌ସତ୍... !
ଫୁର୍‌ସତ୍ କାହିଁ ଯେ ?
ଫୁର୍‌ସତ୍ ପାଇଲେ ତ...
ବସି କିଛି ଗପିବି !
ଅବା କାହାର ନିମନ୍ତ୍ରଣ
ମୁଁ ରକ୍ଷା କରିବି।

ମୋ: ୬୩୭୦୬୭୯୪୦୫

## ଦୁଇଟି ମିନି କବିତା

ଶିବ ମିଶ୍ର

**॥ ତମେ କହିଦିଅ ॥**

ତମ ନାଁ ମନେପଡ଼ିଗଲେ
ଲହରେଇ ଯାଉଛି–
ମୋ' ଅଗଣା ପବନର ସୁଅ
ଫୁଟିଯାଉଛି ମଲ୍ଲୀ ମାଳତୀ
ରଜନୀଗନ୍ଧାର ଚହଟୁଛି
ବାସ ମହମହ।
ଧିମେଇଯାଉଛି–
ମୋ' ଚଲାବାଟର ସମୟ
ତମକୁ ଦେଖିଦେଲେ
ଆଉ କ'ଣ ସବୁ ହେବ
ତମେ କହିଦିଅ।

**॥ କଥା ମାନ ॥**

ଦିନର ଆଲୁଅରେ
ମୋତେ ଦେଖି ଚିତ୍ରଆଙ୍କନି
ମୋ' କଥା ମାନ।
ରାତିର ଅନ୍ଧାରରେ
ମୋତେ ନେଇ ସ୍ୱପ୍ନ ସଜାଅନି
ମୋ' କଥା ମାନ।
କିଏ ଜାଣେ କେତେବେଳେ
ଗାଁ ସାରା ବିଛାଡ଼ି ପଡ଼ିବ
ଆମ ମୁଦାଘର ଗୁପତ କାହାଣୀ
ଆଲୁଅକୁ ଅନ୍ଧାରକୁ
ବିଶ୍ୱାସ କରନି
ମୋ' କଥା ମାନ।

ମୋ: ୯୮୫୩୦୭୦୦୧୮

ଗୀତି–କବିତା

## ପତଙ୍ଗ ମାନେନା...

ହଂସନାଥ ମୁଦୁଲି

ପତଙ୍ଗ ମାନେନା ଅନଳର ଧାସ
ନିମିଷକେ ଦେବ ଜାଳି
ଭଲପାଇବାର ପାଗଳପଣେ ସେ
ପଡ଼ିଲେ ପଡ଼ିବ ବଳି। (୦)

କମଳ ବୁଝେନା ଶିଶିରର ଛୁଆଁ
ମରଣ ଆଣିବ ଟାଣି
ଭଲପାଇବାର ଆନନ୍ଦ ଟିକକ
ସିଏ ଯେ ପାରିଛି ଜାଣି
ସୂରୁଯ ଆଲୋକ ପୁଲକ ଲଭି ସେ
ଗଲେ ପଛେ ଯାଉ ଜଳି
ପଡ଼ିଲେ ପଡ଼ିବ ବଳି। (୧)

ଭଅଁର ଜାଣେନା ଫୁଲ ପାଖୁଡ଼ାରେ
ଦିନେ ଯିବ ବନ୍ଦୀ ହୋଇ
ଭଲପାଇବାର ମିଠା ମହକରେ
ତା' ପାଖକୁ ଯାଏ ଧାଇଁ
ମରଣ ବି ହେବ ଜୀବନଠୁ ପ୍ରିୟ
ଏଇ କଥା ଭାଳି ଭାଳି
ପଡ଼ିଲେ ପଡ଼ିବ ବଳି । (୨)

ମୋ: ୯୭୭୭୯୬୮୭୧୯

# ପୁସ୍ତକ ପରିଚୟ

## ସ୍ୱର୍ଣ୍ଣ ଭାଷାମର୍ମ

**ଲେଖକ:** ପ୍ର. ସଦାନନ୍ଦ ନାୟକ
**ପ୍ରକାଶକ:** ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୨୦୦/–




ଓଡ଼ିଆ ଭାଷା ସମ୍ପର୍କରେ ରଚିତ ଏହି ତଥ୍ୟନିଷ୍ଠ ଆଲୋଚନା ଗ୍ରନ୍ଥରେ ଅଛି ମୋଟ ୧୮ଟି ପର୍ବ ଏବଂ ସେହି ପର୍ବମାନଙ୍କରେ ଓଡ଼ିଆ ଲିପି, ବର୍ଣ୍ଣ, କରଣି ଲିପି, ଓଡ଼ିଆ ଶବ୍ଦ, ବର୍ଣ୍ଣମାଳା, ରେଫ୍ ପ୍ରୟୋଗ, ପାରିବାରିକ ସମ୍ବୋଧନ ସମ୍ପର୍କିତ ଶବ୍ଦ, ଓଡ଼ିଆ ଦୀର୍ଘସ୍ୱର, ଦ୍ୱିସ୍ୱର ଏବଂ ଓଡ଼ିଆ ଅବ୍ୟୟ ପଦ ଆଦିର ପୁଙ୍ଖାନୁପୁଙ୍ଖ ବିଚାର କରାଯାଇଛି। ନିବନ୍ଧଗୁଡ଼ିକରେ ସଦାନନ୍ଦ ଓଡ଼ିଆ ଭାଷା ସମ୍ପର୍କରେ ପୂର୍ବସୂରୀ ଭାଷାବିଜ୍ଞାନୀମାନେ ଯେଉଁ ନିର୍ଣ୍ଣୟମାନ ଦେଇଛନ୍ତି, ତା'ର ପୁନରାବୃତ୍ତି କରିନାହାନ୍ତି। ନିଜର ସୁଚିନ୍ତିତ ଯୁକ୍ତିନିଷ୍ଠତା ଦେଇ ସେ ନୂଆ କଥା କହିବାକୁ ଚେଷ୍ଟା କରିଛନ୍ତି। ଉଦାହରଣ ସ୍ୱରୂପ ଗ୍ରନ୍ଥର ତ୍ରୟୋଦଶ ପର୍ବର ବିଷୟବସ୍ତୁ ରହିଛି 'ଓଡ଼ିଆ ବର୍ଣ୍ଣ ସଂଖ୍ୟା: ଏକ ଆକଳନ'। ଓଡ଼ିଆରେ ସ୍ୱରବର୍ଣ୍ଣ ସଂଖ୍ୟା ନଦିଆ ଚାନ୍ଦ ଦେଙ୍କ ମତରେ ୧୪, ଶ୍ରୀଧର ଦାସଙ୍କ ମତରେ ୧୩, ମଧୁସୂଦନ ରାଓଙ୍କ ମତରେ ୧୨, ବିଜୟ ପ୍ରସାଦ ମହାପାତ୍ରଙ୍କ ମତରେ ୧୧ ଓ ଗୋପୀନାଥ ନନ୍ଦଶର୍ମାଙ୍କ ମତରେ ୭ ସ୍ଥିର ହୋଇଥିବା ବେଳେ ସଦାନନ୍ଦ ଏହି ସଂଖ୍ୟାକୁ ୧୦ ବୋଲି ମତ ଦେଇଛନ୍ତି। ସେହିପରି ଓଡ଼ିଆରେ ବ୍ୟଞ୍ଜନବର୍ଣ୍ଣ ସଂଖ୍ୟା ନଦିୟାଚାନ୍ଦଙ୍କ ମତରେ ୪୧, ରାଧାନାଥ ରାୟଙ୍କ ମତରେ ୩୬, ମଧୁସୂଦନ ରାଓଙ୍କ ମତରେ ୪୦ ଓ ଧନେଶ୍ୱର ମହାପାତ୍ରଙ୍କ ମତରେ ୩୮ ହୋଇଥିବା ବେଳେ ସଦାନନ୍ଦ ଏହି ସଂଖ୍ୟାକୁ ୩୪ ବୋଲି ନିର୍ଣ୍ଣୟ ନେଇଛନ୍ତି। 'ପ୍ରଶାସନିକ' ଓ 'ପ୍ରାଶାସନିକ' – ଏଇ ଦୁଇଟି ମଧ୍ୟରୁ କେଉଁଟିର ପ୍ରୟୋଗ ଠିକ୍ ଏ ନେଇ ସଦାନନ୍ଦ ୨୦୧୯ ଫେବୃୟାରୀ ୧୫ରେ 'ଧରିତ୍ରୀ'ରେ ଏକ ଲେଖା ଲେଖିଥିଲେ ଓ ପ୍ରମାଣ କରିଥିଲେ ଯେ, 'ପ୍ରାଶାସନିକ' ହିଁ ଠିକ୍। ଆଲୋଚ୍ୟ ଗ୍ରନ୍ଥର ୧୫ଶ ପର୍ବରେ ଏହି ଲେଖାଟି ସ୍ଥାନିତ। ବହିଟି ଲେଖକଙ୍କ ଅଧ୍ୟବସାୟ ପ୍ରସୂତ ଓ ଓଡ଼ିଆ ଭାଷା ଆଲୋଚନା କ୍ଷେତ୍ରରେ ଏକ ଅନନ୍ୟ ଗ୍ରନ୍ଥ।

## କଲମ କାନ୍ଦୁଛି କାହାଣୀ ଲେଖି

**ଲେଖକ:** ରମେଶ ଚନ୍ଦ୍ର ଜେନା
**ପ୍ରକାଶକ:** ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/–




ରମେଶ ଚନ୍ଦ୍ର ଜେନାଙ୍କର ଏକ ଅନୁଭୂତିମୂଳକ ଉପନ୍ୟାସ 'ମାନୁଷ୍‌ମାରାର ଗାଡ଼ି' ୨୦୧୯ରେ ପ୍ରକାଶ ପାଇଥିଲା ଓ ଆଲୋଚ୍ୟ 'ଉପନ୍ୟାସିକା' 'କଲମ କାନ୍ଦୁଛି କାହାଣୀ ଲେଖି' ହେଉଛି ତାଙ୍କର ଏକ ସଦ୍ୟତମ ରଚନା। ଏଥିରେ ମୋଟ ୪ଟି ବଡ଼ କାହାଣୀ ବା କ୍ଷୁଦ୍ର ଉପନ୍ୟାସିକା ସ୍ଥାନିତ। ଲେଖକ 'ମୋ କଥା'ରେ ଲେଖିଛନ୍ତି: ''କରୋନା କାଳରେ ଗୃହବନ୍ଦୀ ଅବସ୍ଥାରେ ଥାଇ କିଛି ନା କିଛି ଲେଖିବାକୁ ମନ ବଳାଇ ଏହି ଉପନ୍ୟାସିକା ଖଣ୍ଡି ଲେଖିଛି।'' 'କଲମ କାନ୍ଦୁଛି କାହାଣୀ ଲେଖି'କୁ ବାଦ୍ ଦେଲେ ଏଥିରେ ଅନ୍ୟ ଯେଉଁ ତିନିଟି ଉପନ୍ୟାସିକା ରହିଛି, ସେଗୁଡ଼ିକ ହେଲା– 'ମିଠୁ', 'ଭାର୍ଯ୍ୟାଳୟ' ଓ 'ବାପା ବାହାଘରେ ପୁଅ ମଧ୍ୟସ୍ଥି'। ଚାରୋଟିଯାକ 'ଉପନ୍ୟାସିକା'ରେ ଲେଖକ ତାଙ୍କ ନିଜ ଜୀବନାନୁଭୂତିକୁ କାହାଣୀର ରଙ୍ଗ ଦେଇ ରୂପାୟିତ କରିଛନ୍ତି। ବୃତ୍ତି ଜୀବନରେ ରମେଶ ରେଳ କର୍ମଚାରୀ ହୋଇଥିବାରୁ ବୃତ୍ତିଗତ ଜୀବନର ବହୁ ପ୍ରତ୍ୟକ୍ଷ ଘଟଣାବଳୀ ତାଙ୍କ ରଚନାଗୁଡ଼ିକୁ ପ୍ରଭାବିତ କରିଥିବା ଲକ୍ଷ୍ୟ କରାଯାଏ। ସେ ଲେଖିଥିବା କାହାଣୀ ବା ଉପନ୍ୟାସର ଶୀର୍ଷକଗୁଡ଼ିକରେ ପାଠକ–ପ୍ରଲୋଭନକାରୀ କିମିଆଁ ଭରିରହିଥିବାରୁ ଏହା କେବେକେବେ ଅପେରାସୁଲଭ ମନେହୁଏ, କିନ୍ତୁ ଆବେଦନରେ କଳ୍ପିତ ବିଷୟବସ୍ତୁ ପାଠକଙ୍କୁ ଖୁବ୍ ଗଭୀରରେ ଛୁଇଁ ସମ୍ବେଦନାରେ ଭରିଦିଏ। ଆଲୋଚ୍ୟ ଗ୍ରନ୍ଥଟି ପାଠକାଦୃତି ଲାଭ କରିବ ବୋଲି ଆଶା।

# ଶିକ୍ଷା

ଲଘୁ ଗଳ୍ପ

ଅଲେଖ ଚନ୍ଦ୍ର ମିଶ୍ର

କୁସଙ୍ଗରେ ପଡ଼ି ନଷ୍ଟ ହୋଇ ଯାଉଥିବା ପୁଅକୁ ସୁଧାରିବା ପାଇଁ ସବୁ ଚେଷ୍ଟା ବିଫଳ ହେଲା ପରେ ହତାଶ ହୋଇ କହିଲେ ପିତାମାତା, 'ଯାହା ଇଚ୍ଛା କରୁଛୁ କର। ଯେତେ ତ କହିଲୁ କିଛି ଶୁଣିଲୁନି, ଯେତେ ବୁଝେଇଲୁ ବୁଝିଲୁନି। ଆମ ଅନ୍ତେ ବୁଝିବୁ।' ସବୁଦିନ ପରି ତାଙ୍କ କଥାକୁ ହେୟଜ୍ଞାନ କରି ଚାଲିଯାଉଥିଲା ପୁଅ। ହଠାତ୍ ଅଟକି ଯାଇ ପଛକୁ ଚାହିଁଲା। ଅଟ୍ଟହାସ ସ୍ୱରରେ ହସୁଥିଲା ଘରର ଚାକରଟି। ସେ ହସରେ ଏକ ତାଚ୍ଛଲ୍ୟର ସଂକେତ ଥିଲା ପରି ଲାଗୁଥିଲା। ଏଇ ପ୍ରଥମଥର ପାଇଁ ତା'ର ହସ ସେ ଦେଖିଲା। ଲୋକଟିର ସ୍ୱଭାବ ଅଦ୍ଭୁତ। ଯିଏ ଯାହା କହିଲେ ବି କିଛି ମନେକରେନା। ଯେତେ ଅଡୁଆ ଓ ଅଖାଡୁଆ କାମ ହେଲେ ବି ଆଗ୍ରହରେ କରେ। ଯାହା କରେ, ଖୁବ୍ ମନ ଦେଇ କରେ। ଯିଏ ଯେତେ ଗାଳିଗୁଲଜ କଲେ କିଛି ଶୁଣେନା। ଏପରିକି ସେ ତାକୁ ବିନା କାରଣରେ ମାରଧର କଲେ ବି ଚୁପ୍ ରହେ। ତା'ର ଶାରୀରିକ ଗଠନ ଏତେ ମଜଭୁତ ଯେ, ତାଙ୍କ ଭଳି ଦି'ଜଣଙ୍କୁ ସେ କାଖରେ ଜାକିଦେବ। ତଥାପି ସେ ମୁଣ୍ଡପାତି ସବୁ ସହିଯାଏ। ଯେମିତି ମେଶିନ୍‌ଟିଏ। ଅଥଚ ଆଜି... ତା' ପାଖକୁ ଆସି କୋବଲେଇଲା ପୁଅ, 'ତୁ କାହିଁକି ହସିଲୁ କହ। ନ ହେଲେ ତୋ' ପିଠିରୁ ଛାଲ ଉତାରି ଦେବି'।

ତଳେ ବସିପଡ଼ି ଛଳଛଳ ଆଖିରେ କହିବାକୁ ଲାଗିଲା ଲୋକଟି– ''ମୋର ମାଆବାପା ମତେ ଠିକ୍ ଏହି କଥା କହୁଥିଲେ। ଆଉ ମୁଁ ଠିକ୍ ଏହିଭଳି ତାଙ୍କୁ ବେଖାତିର କରୁଥିଲି। ସେମାନେ ମୋ' ପାଇଁ କ'ଣ ବା କରି ନ ଥିଲେ ! ଭଲ ସ୍କୁଲ୍‌ରେ ନାମ ଲେଖେଇ ତିନି ତିନିଟି ଟିଉସନ୍ ମାଷ୍ଟର ଖଞ୍ଜି ଦେଇଥିଲେ, ତଥାପି ମୁଁ ପାଠ ଛାଡ଼ିଦେଲି। ବ୍ୟବସାୟ କରିବା ପାଇଁ ମୋତେ ଲକ୍ଷ ଲକ୍ଷ ଟଙ୍କା ଦେଲେ। ହେଲେ ସେ ସବୁକୁ ମୁଁ ମଉଜମଜଲିସରେ ଉଡ଼େଇଦେଲି। ବହୁ କଷ୍ଟ କରି ତିନିତିନିଟା ସରକାରୀ ଚାକିରି କରେଇଦେଲେ। ହେଲେ କୌଣସି ନା କୌଣସି ଆଳରେ ସେ ସବୁକୁ ଛାଡ଼ିଦେଲି। ମୋତେ ଗାଁକୁ ନେଇ ଚାଷ କାମରେ ଲଗାଇଲେ ; କିନ୍ତୁ ପାଣି କାଦୁଅକୁ ଘୃଣାକରି ତାକୁ ଛାଡ଼ିଆସିଲି। ହତାଶ ହୋଇ ଶେଷରେ ମତେ ଏଇଆ ହିଁ କହିଥିଲେ। ତାକୁ ବି ଶୁଣିଲିନି। ସେମାନେ ଚାଲିଯିବା ପରେ ତାଙ୍କର ସମସ୍ତ ସମ୍ପତ୍ତିବାଡ଼ିର ମୁଁ ଏକମାତ୍ର ଅଧିକାରୀ ହୋଇ ବେପରୁଆ ଭାବରେ ସବୁ ଉଡ଼େଇଦେଲି। ଆଜି ମୁଁ ନିଃସ୍ୱ, ଅସହାୟ। ଚାରିଟି ପିଲାର ବାପ, ଛ' ପ୍ରାଣୀ କୁଟୁମ୍ବ କେମିତି ଚଳିବୁ ? କିଛି କାମ ତ ଜାଣିନି, କପାଳ ଆଦରି... ସେଇକଥା ମନେପଡ଼ିଗଲା ତ...।''

ହଠାତ୍ ପୁଅର ମୁଣ୍ଡ ବୁଲେଇଦେଲା। ସେ ତଳେ ପଡ଼ିଗଲା। ପୁଅର ଅବସ୍ଥା ଦେଖି ତା' ନିକଟକୁ ଦୌଡ଼ିଆସିଲା ଚାକରଟି। ସେତେବେଳକୁ ସେ ସଂଜ୍ଞାହୀନ ହୋଇ ପଡ଼ିଥିଲା। ସମସ୍ତେ ମିଶି ତା'ର ଶୁଶ୍ରୂଷା କଲା ପରେ ସେ ଆଖି ଖୋଲିଲା। ଏ ଯେମିତି ଚାକରର ନୁହେଁ ତା' ନିଜର ଜୀବନ କାହାଣୀ। ଚାକରଟିର ହାତକୁ ଧରି ଅନୁତାପ କରୁଥିଲା ସେ, ''ଭାଇ ମୋତେ କ୍ଷମାକର, ଆଜିଠୁ ତୁମେ ଏ ଘରର ଚାକର ନୁହଁ ମୋର ବଡ଼ଭାଇ। ଆମ ବ୍ୟବସାୟର ଅଂଶୀଦାର। ତୁମର ନିଷ୍ଠା ଓ ଆମର ଧନ ଏକାଠି ହୋଇଗଲେ ଆମର କିଛି ଅସାଧ୍ୟ ରହିବ ନାହିଁ। କୁହନା, ବୁଡ଼ିଯାଉଥିବା ଏ ଅପଦାର୍ଥଟାକୁ ଉଦ୍ଧାର କରିବ ତ ?'' ନୀରବରେ ତାକୁ ଚାହିଁ ରହିଥିଲା ଲୋକଟି। ସମ୍ମତିସୂଚକ ଆନନ୍ଦାଶ୍ରୁରେ ବିଭୋର ହୋଇ ଉଠୁଥିଲେ ମାତାପିତା।

ମୋ: ୯୪୩୮୬୭୩୮୯୮

# କାଳକାଳକୁ

**''ପ୍ରେମ–ନାରୀ ଚାହେଁ ଉପନ୍ୟାସଟିଏ ହେବାକୁ, ଆଉ ପୁରୁଷ ଚାହେଁ ହେବାକୁ ଗଳ୍ପଟିଏ।''**
**– ଡାଫ୍‌ନି ଡୁ ମରିୟର୍**



**ଡାଫ୍‌ନି ଡୁ ମରିୟର୍‌ଙ୍କ** ଜନ୍ମ ୧୩ ମେ ୧୯୦୭ରେ, ଲଣ୍ଡନରେ ଓ ମୃତ୍ୟୁ ବି ସେଇଠି ୧୯ ଏପ୍ରିଲ ୧୯୮୯ରେ। ଏକାଧାରରେ ସେ ଥିଲେ ଔପନ୍ୟାସିକା, ଜୀବନୀଲେଖିକା ଓ ନାଟ୍ୟକାର। ତାଙ୍କ ଲେଖା ଏତେ ଲୋକପ୍ରିୟ ଥିଲା ଯେ ଅନ୍ୟ ଚାରିଜଣ ମହିଳାଙ୍କ ସହ ତାଙ୍କୁ ୧୯୯୬ରେ 'Women of Achievement' ଭାବେ ବ୍ରିଟିଶ୍ ଷ୍ଟାମ୍ପରେ ସ୍ଥାନିତ କରାଯାଇଥିଲା। ତାଙ୍କର କେତେକ ବହୁବିଦିତ ବହି ହେଉଛି– Rebecca, Frenchman's Creck, The Scapegoat, The Birds, Jamica Inn ଓ My Cousin Rachel. ଇଂଲିଶ୍ ସାହିତ୍ୟକୁ ନିଜର ସ୍ମରଣୀୟ ଅବଦାନ ପାଇଁ ତାଙ୍କୁ ମିଳିଥିଲା ଆମେରିକାର 'National Book Award'. ମରିୟର୍ କହନ୍ତି: ''ଲେଖକଙ୍କୁ ପଢ଼ାଯିବା ଉଚିତ, ଦେଖାଯିବା କି ଶୁଣାଯିବା ନୁହେଁ।''

# ଗାମୁଛା

କ୍ଷୁଦ୍ର ଗଳ୍ପ

ଦେବାଶିଷ ପାତ୍ର

ସଦାନନ୍ଦ ଛିଡ଼ା ହେଇଥିଲା ତା' ବାପାଙ୍କ ଶୋଇବା ଘରେ। ଖଟବାଡ଼ରେ ପଡ଼ିଥିବା ଗାମୁଛାଟାକୁ ସେ ନବ କି ନ ନବ ଭାବୁଥିଲା। ଗାମୁଛା ଆଡ଼େ ଅପଲକ ଆଖିରେ ଅନେଇଚି ତ ହଠାତ୍ ପଛପଟୁ କିଏ ଜଣେ ଆସି ଝାମ୍ପିନେଲା ସେ ଗାମୁଛାଟିକୁ। ଆଉ ଗଲାବେଳେ ସେ ଗାଳି କରିଗଲା ସଦାନନ୍ଦକୁ, ସେତେବେଳଠୁ ଛିଣ୍ଡାକନା ଖଣ୍ଡେ ଆଣିବାକୁ ଆସିଛୁ ଯେ ଦାରୁଭୂତ ପରିକା ଠିଆହେଇଛୁ ସେ ଗାମୁଛାଟାକୁ ଅନେଇ।

ସଦାନନ୍ଦ ବୁଲିପଡ଼ିଲା ଦର୍ଜା ଆଡ଼େ। ବୁଲିଲା ବେଳେ ତା' ବୋଉର ମୁହଁକୁ ଅନେଇଲା। ବୋଉ କରୁଣଭରା ଆଖିନେଇ ଅନେଇଥିଲା ଖଟବାଡ଼କୁ। ବରଂ ବେଶି ବିକଳ ଦିଶୁଥିଲା, ଆଉ ସଦାନନ୍ଦକୁ କିଛି କହିପାରୁ ନ ଥିଲା।

ସଦାନନ୍ଦ ତା' ବୋଉ ମୁହଁର ଭାଷା ପଢ଼ିନେଲା, ଆଉ ଆଲଣାରେ ପଡ଼ିଥିବା ତା' ବୋଉର ଛିଣ୍ଡା ଲୁଗାଟା ଧରି ତତ୍‌କ୍ଷଣାତ୍ ବାହାରକୁ ଆସି ଗାମୁଛା ନେଇଥିବା ଲୋକଟାକୁ ଡାକ ମାରିଲା। ଆରେ, ରହିଯା, ବୋଉର ଛିଣ୍ଡା ଲୁଗାଟା ଆଣିଛି, ସେଇ ଗାମୁଛାଟା ମୋତେ ଦେଇ ଏଇଟା ନେଇଯା'।

ସେଇ ଗାମୁଛାଟା ଥିଲା ବାପାଙ୍କର। କେଇଦିନ ଆଗରୁ ଚିରି ଯାଇଥିବା ଗାମୁଛାଟିକୁ ସେ ସିଲେଇ କରୁଥିଲା ବେଳେ ବୋଉ କହିଲା, ''ଗାମୁଛା କେହି କ'ଣ ସିଲେଇ କରି ପିନ୍ଧନ୍ତି, ପୁଣି ସେଇଟା ତ ଦରଦରା ହେଇଗଲାଣି, ବଜାରରୁ ଆଉ ଖଣ୍ଡେ ଆଣି ହବନି ଯେ ସେ ରଙ୍ଗଛଡ଼ା ଚିରା ଗାମୁଛାକୁ ସିଲେଇ କରୁଚ।''

ବାପାଙ୍କ ମୁହଁ ଲାଲ ହେଇ ଯାଇଥିଲା। ମୁଣ୍ଡ ଉପରକୁ ଟେକି କ୍ଷୋଭରେ କହିଲେ, ''ବାପା ମାଆ ଯଦି ବୁଢ଼ା ହେଇଯିବେ ତା' ହେଲେ କ'ଣ ସେମାନଙ୍କୁ ଅଦରକାରୀ ଭାବି ଘର ପଛଆଡ଼େ ଫିଙ୍ଗି ଦେଇ ଆସିବି। ଏ ଗାମୁଛା ସହିତ ମୋର କେତେ ଭାବଗତ ସମ୍ପର୍କ, ଚିରିଗଲା ବୋଲି ସିନା ପିନ୍ଧି ହବନି, ତେବେ ସିଲେଇ କରିଦେଲେ କେତେବେଳେ ଗୋଡ଼ହାତ ତ ପୋଛିହେବ। ମୋ' ଗାମୁଛାରେ କେହିବି ହାତ ଦବନି, ସଦାନନ୍ଦକୁ ବି ମନା କରିବ। ସେ ରଙ୍ଗଛଡ଼ା ଆଉ ଚିରା ହେଲେ ବି ମୋ' ଗାମୁଛା।''

ଗାମୁଛାଟା ବାପା ଯେମିତି ଚାରିଚଉତା କରି ଖଟବାଡ଼ରେ ପକେଇଥିଲେ ସେଇଟା ସେମିତି ଥିଲା, ଅଥଚ ବାପା ନ ଥିଲେ। ବୋଉ ସେ ଗାମୁଛାଟିକୁ ଏଇ କେତେଦିନ ଧରି ଦେଖୁଥିଲା ଆଉ ଆଖିରୁ ଲୁହ ଗଡ଼ଉଥିଲା।

ସଦାନନ୍ଦ ଆଖିରୁ ଲୁହପୋଛି ପାଦ ଜୋର୍‌ରେ ବଢ଼ାଇଲା। ସାହିଭାଇ ଭୋଜିଭାତ ପାଇଁ ଲାଗିଛନ୍ତି। ଖନ୍ଦାଶାଳରେ ରୋଷେଇ ଚାଲିଛି। ରୋଷେଇ କରୁଥିବା ଦିନାଭାଇ ତାକୁ ପଠାଇଥିଲା, ଯା' ଚିରାଲୁଗା ନେଇଆସିବୁ ଏତେ ବଡ଼ବଡ଼ କଡ଼େଇକୁ କପଡ଼ାରେ ଧରି ଚୁଲିରୁ ଟେକିବାଟା ସୁବିଧା ହବ। ଅଥଚ ସେ ଚିରାଲୁଗା ଆଣିବା ଆଗରୁ ଦିନାଭାଇ ଯାଇ ବାପାଙ୍କ ଗାମୁଛାଟା ନେଇଆସିଛି।

ଦିନାଭାଇ, ମୁଁ ଚିରା ଲୁଗା ଆଣିଛି। ଏତିକି ସଦାନନ୍ଦର ପାଟିରୁ ବାହାରିଛି କି ନାହିଁ ପର୍‌ପର୍ କରି ଚିରିଗଲା ତା' ବାପାଙ୍କ ଗାମୁଛା। ଦି'ଫାଳ ହେଇଥିବା ଗାମୁଛାଟାକୁ ଧରି ହାଣ୍ଡିର ଫନ୍ଦକୁ ଧରି ଦି'ଜଣ ହାଣ୍ଡିକୁ ଚୁଲାରୁ ଓହ୍ଲାଇ ଆଣିଲେ।

କଳା ପଡ଼ିଥିବା ଗାମୁଛାଟି ମଇଳା ଚିରାକନା ପରି ତଳେ ପଡ଼ିଲା। ସଦାନନ୍ଦ ବିକଳ ଦୃଷ୍ଟି ନେଇ ତାକୁ ଉଠେଇବାକୁ ଯାଉଛି ତ' ଦେଖିଲା ତା' ଉପରେ ଜଣେ କିଏ ମାଡ଼ି ଛିଡ଼ାହେଲାଣି। ଅସ୍ପଷ୍ଟ କଇଁଛା ସ୍ୱର ଲହରେଇ ଆସିଲା– 'ବାପାଙ୍କ ଗା–ମୁ–ଛା।'

ସଦାନନ୍ଦ ଗୋଟେ ଧୂଆଁଳିଆ ଭାବ ନେଇ ସେ ଚିରାଗାମୁଛା ଧରି ଖନ୍ଦାଶାଳରୁ ବାହାରି ଆସିଲା। ସିଧା ଚାଲିଲା ମଶାଣିପଦା ଆଡ଼େ, ଯେଉଁଠି ସେ ଏଗାର ଦିନ ତଳେ ପୋଡ଼ି ଦେଇଯାଇଛି ବାପାଙ୍କୁ। ମୁଣ୍ଡରେ ଗାମୁଛାଟାକୁ ଛୁଆଁଇଲା ଆଉ ପକେଇଦେଲା ପାଉଁଶ ଓ ଅଙ୍ଗାର ପଡ଼ିଥିବା ଜାଗାରେ। 'ବାପା ତ' ନାହିଁ, ଗାମୁଛାଟା ଥିଲେ ଆଉ କ'ଣ ହେଇଥା'ନ୍ତା !' ଘରକୁ ଫେରୁଥିଲା ସଦାନନ୍ଦ।

ମୋ: ୭୯୭୮୯୦୩୩୪୫



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମେ ୭/୨୦୨୨ Bhubaneswar, Saturday, May 7/ 2022

# ମୁମ୍ବାଇର ଅବିଶ୍ୱସନୀୟ ବିଜୟ

ମୁମ୍ବାଇ, ୬।୫

ଶେଷ ଓଭରରେ ୯ ରନ କରିପାରିଲାନି ଗୁଜରାଟ ଟାଇଟାନ୍ସ। ଡେଥ୍ ଓଭରରେ ଡାନିଏଲ୍ ସାମ୍ସ ଚମତ୍କାର ବୋଲିଂ କରି ମାତ୍ର ୩ ରନ ବ୍ୟୟ କରି ମୁମ୍ବାଇ ଇଣ୍ଡିଆନ୍ସକୁ ଅବିଶ୍ୱସନୀୟ ବିଜୟ ଭେଟିଦେଲେ। ଫଳରେ ୧୯ତମ ଓଭର ପର୍ଯ୍ୟନ୍ତ ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିବା ଗୁଜରାଟକୁ ମୁମ୍ବାଇ ୫ ରନରେ ପରାସ୍ତ କରିବାକୁ ସକ୍ଷମ ହେଲା। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୧୦ ମ୍ୟାଚରୁ ମୁମ୍ବାଇଲା ଏହା ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ଗୁଜରାଟ ବିଜୟ ଦ୍ୱାରରେ ପହଞ୍ଚିଥିଲେ ହେଁ ପରାଜୟ ସ୍ୱାଦ ଚାଖିଲା। ଶୁକ୍ରବାର ମ୍ୟାଚରେ ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୭୭ ରନ କରିଥିବାବେଳେ ଗୁଜରାଟ ୨୦ ଓଭରରେ ୫ ଉଇକେଟ ହରାଇ ୧୭୨ ରନରେ ସୀମିତ ରହିଥିଲା।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ମୁମ୍ବାଇ ଅଧିନାୟକ ରୋହିତ ଶର୍ମା ଓ ଇଶାନ କିଶନ ବିସ୍ଫୋରକ ବ୍ୟାଟିଂ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁହେଁ ୪୫ ବଲ୍‌ରୁ ଓପନିଂ ଯୋଡ଼ିରେ ଦ୍ରୁତ ୭୪ ରନ ସଂଗ୍ରହ କରିଥିଲେ। ୮ମ ଓଭରର ତୃତୀୟ ବଲ୍‌ରେ ରୋହିତଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ଗୁଜରାଟକୁ ବ୍ରେକ୍ ଥ୍ରୁ ଦେଇଥିଲେ ତାରକା ସ୍ପିନର ରଶିଦ ଖାଁ। ଅମ୍ପାୟର ନଟ୍‌ଆଉଟ ଦେଇଥିଲେ ହେଁ ରଶିଦ ରିଭ୍ୟୁ ନେଇ ସଫଳତା ପାଇଥିଲେ। ରୋହିତ ୨୮ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୪୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ନିର୍ଭରଯୋଗ୍ୟ ସୂର୍ଯ୍ୟକୁମାର ଯାଦବ ୧୧ ବଲ୍‌ରୁ ମାତ୍ର ୧୩ (୧ ଛକା) ରନକରି ଆଉଟ ହେବା ମୁମ୍ବାଇକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। କିଶନ ୨୯ ବଲ୍‌ରୁ ୪୫ (୫ ଚେସକା, ୧ ଛକା) ରନ କରିଥିବାବେଳେ ଆଲଜାରି ଜୋସେଫଙ୍କ ବଲ୍‌ରେ ରଶିଦ ଖାଁଙ୍କୁ କ୍ୟାଚ ଦେଇଥିଲେ। ଭେଟେରାନ କିରନ ପୋଲାର୍ଡଙ୍କ ଖରାପ ବ୍ୟାଟିଂ ଜାରି ରହିଥିଲା ଏବଂ ସେ ୧୪ ବଲ୍‌ରୁ ମାତ୍ର ୪ ରନକରି ଆଉଟ ହୋଇଥିଲେ। ତିଳକ ବର୍ମା ୨୧ ଏବଂ ଡାନିଏଲ୍ ସାମ୍ସ ଖାତା ଖୋଲିପାରି ନ ଥିବାବେଳେ ଶେଷ ଭାଗରେ ଟିମ୍ ଡାଭିଡ କେତେକ ଦର୍ଶନୀୟ ଶଟ୍ ଖେଳିବାରୁ ମୁମ୍ବାଇ ସ୍କୋର ୧୭୭ରେ ପହଞ୍ଚି ପାରିଥିଲା। ୨୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡାଭିଡ ୨ ଚୌକା ଓ ୪ ଛକା ସହାୟତାରେ ୪୪ ରନକରି ଅପରାଜିତ ରହିଥିଲେ। ଗୁଜରାଟ ଓପନିଂ ଯୋଡ଼ିରେ ୭୩ ବଲ୍‌ରୁ ୧୦୬ ରନ କରି ବିଜୟ ଦିଗରେ ଅଗ୍ରସର ହୋଇଥିଲା। ୧୩ତମ ଓଭରରେ ମୁମ୍ବାଇ ସ୍ପିନର ମୁରୁଗାନ ଅଶ୍ୱିନ ଗୁଜରାଟର ଦୁଇ ଓପନର ଋଦ୍ଧିମାନ ଶାହା ଓ ଶୁବମନ ଗିଲ୍‌ଙ୍କୁ ଆଉଟ କରିଥିଲେ। ଶୁବମନ ୩୬ ବଲ୍‌ରୁ ୫୨ (୬ ଚୌକା, ୨ ଛକା) ଓ ଋଦ୍ଧିମାନ ୪୦ ବଲ୍‌ରୁ ୫୫ (୬ ଚୌକା, ୨ ଛକା) ରନ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୧୪ ବଲ୍‌ରୁ ୨୪ ରନକରି ରନ୍‌ଆଉଟ ହୋଇ ଯାଇଥିଲେ। ତେବେ ଶେଷ ଓଭରର ନାଟକୀୟ ଘଟଣାକ୍ରମ ଦଳକୁ ପରାଜୟ ମଧ୍ୟକୁ ଠେଲି ଦେଇଥିଲା।



ଉଇକେଟ ନେବାପରେ ଉଲ୍ଲସିତ ଗୁଜରାଟ ଟାଇଟାନ୍ସର ରଶିଦ ଖାଁ।

### ଆଇପିଏଲ୍-୧୫

**ଆଜିର ମ୍ୟାଚ**

**ପଞ୍ଜାବ କିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା ୩୦

**ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ କୋଲକାତା ନାଇଟ ରାଇଡର୍ସ**
ସ୍ଥାନ: ପୁଣେ
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୭/୬ (ଇଶାନ କିଶନ-୪୫, ଟିମ୍ ଡାଭିଡ-୪୪*, ରୋହିତ ଶର୍ମା-୪୩, ତିଳକ ବର୍ମା-୨୧, ରଶିଦ ଖାଁ-୨/୨୪, ଆଲଜାରି ଜୋସେଫ-୧/୪୧, ପ୍ରଦୀପ ସଙ୍ଗୱାନ-୧/୨୩, ଲୋକି ଫର୍ଗୁସନ-୧/୩୪)। ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୧୭୨/୫ (ଋଦ୍ଧିମାନ ଶାହା-୫୫, ଶୁବମନ ଗିଲ୍-୫୨, ମୁରୁଗାନ ଅଶ୍ୱିନ-୨/୨୯, କିରନ ପୋଲାର୍ଡ-୧/୧୩)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୧ | ୮ | ୩ | ୧୬ | +୦.୧୨୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୦ | ୭ | ୩ | ୧୪ | +୦.୩୯୭ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୧୨ | +୦.୩୪୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୬ | ୫ | ୧୨ | -୦.୪୪୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୫ | ୫ | ୧୦ | +୦.୬୪୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୫ | ୫ | ୧୦ | +୦.୩୨୫ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୨୨୯ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | +୦.୦୬୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୩ | ୭ | ୬ | -୦.୪୩୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୨ | ୮ | ୪ | -୦.୭୨୫ |

# ୱାର୍ନରଙ୍କ କଥା ମାନିଥିଲେ ପାୱେଲ

**ମୁମ୍ବାଇ, ୬।୫ (ପି.ଟି.):** ଦିଲ୍ଲୀ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ରୋଭମାନ ପାୱେଲ ଶେଷରେ ବ୍ୟାଟିଂ ଅର୍ଡରରେ ନିଜ ମନ ପସନ୍ଦ ସ୍ଥାନକୁ ଫେରିଛନ୍ତି। ଗୁରୁବାର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ ମ୍ୟାଚରେ ସେ ୫ମ ସ୍ଥାନରେ ବ୍ୟାଟିଂ କରି ସଫଳ ମଧ୍ୟ ହୋଇଛନ୍ତି। ଗୁରୁବାର ମ୍ୟାଚରେ ପାୱେଲ ୩୫ ବଲ୍‌ରୁ ୬୭ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ତାଙ୍କ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ୨୧ରନରେ ବିଜୟ ଲାଭ କରିଥିଲା। ୨୦ତମ ଓଭରରେ ଶତକ ନିକଟତର ହୋଇଥିବା ଡେଭିଡ୍ ୱାର୍ନରଙ୍କ ସହିତ ତାଙ୍କର ହୋଇଥିବା ବାର୍ତ୍ତାଳାପ ସମ୍ପର୍କରେ ମଧ୍ୟ ସେ ବ୍ରଡକାଷ୍ଟର ଷ୍ଟାର ସ୍ପୋର୍ଟ୍ସକୁ ଏକ ସାକ୍ଷାତ୍‌କାରରେ କହିଛନ୍ତି। ୫ ନମ୍ବର ସ୍ଥାନରେ ମୋତେ ଭରସା କରାଯାଉ ବୋଲି ମୁଁ ପନ୍ତଙ୍କୁ କହିଥିଲି। ଆଇପିଏଲ୍-୧୫ରେ ୨୮ ବର୍ଷୀୟ ପାୱେଲ ପ୍ରଥମେ ୬ ନମ୍ବର, ପରେ ୫ନମ୍ବର ଏବଂ ପୁଣି ୬ନମ୍ବର ଏପରିକି ଗୋଟିଏ ମ୍ୟାଚରେ ତାଙ୍କୁ ୮ ନମ୍ବର ସ୍ଥାନରେ ବ୍ୟାଟିଂ ପାଇଁ କୁହାଯାଇଥିଲା, ଯାହାକି ନୈରାଶ୍ୟଜନକ ଥିଲା। ଗୁରୁବାର ମ୍ୟାଚରେ ପାୱେଲ ବଡ଼ ଶଟ୍ ଖେଳିବାରୁ ୯୨ ରନ କରିଥିବା ୱାର୍ନର ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଦଳ ଇନିଂସର ଅନ୍ତିମ ଓଭରରେ ୱାର୍ନରଙ୍କ ସହିତ ପାୱେଲ କଥା ହୋଇଥିଲେ। ସେ ଶତକ ହାସଲ କରିବାକୁ ଚାହୁଁଛନ୍ତି କି ନା ତାଙ୍କୁ ପଚାରିଥିଲେ। ଯଦି ହଁ ତେବେ ସେ ସିଙ୍ଗଲ୍ସ ନେବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ଜବାବରେ ୱାର୍ନର କହିଥିଲେ କ୍ରିକେଟ ଏପରି ଖେଳାଯାଏ ନାହିଁ। ବର୍ତ୍ତମାନ ଦଳ ପାଇଁ ଯେତେଦୂର ସମ୍ଭବ ଅଧିକ ରନ ସଂଗ୍ରହ ଜରୁରୀ। ପାୱେଲ ତାଙ୍କ କଥା ଗ୍ରହଣ କରିଥିଲେ ଏବଂ କାର୍ଯ୍ୟକାରୀ କରିଥିଲେ।



ରୋଭମାନ ପାୱେଲ

# ଗୋଲ ବର୍ଷା ସହ ଓଡ଼ିଶାର ଅଭିଯାନ


ସପୋର୍ଟ ଷ୍ଟାଫ୍‌ଙ୍କ ସହ ଓଡ଼ିଶା ସିନିୟର ମହିଳା ହକ ଦଳର ଖେଳାଳି।

**ଜାତୀୟ ସିନିୟର ମହିଳା ହକି**

**ଭୋପାଳ, ୬।୫:** ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍‌ର ୧୨ତମ ସଂସ୍କରଣ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା ଗୋଲ ବର୍ଷା କରି ୧୪-୦ ଗୋଲରେ ତେଲେଙ୍ଗାନାକୁ ପରାସ୍ତ କରିଛି। ଘରୋଇ ହକିକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଲିମ୍ପିଆନ ସୁନୀତା ଲାକ୍ରା ଓ ଲିଲିମା ମିଞ୍ଜ ମଧ୍ୟ ଗୋଲ ସ୍କୋର କରିଛନ୍ତି। ଦଳ ପକ୍ଷରୁ ନେହା ଲାକ୍ରା ୭ ଓ ୨୨, ପୁନମ ବାର୍ଲା ୩୫ ଓ ୫୩, ଲିଲିମା ମିଞ୍ଜ ୨୭ ଓ ୫୦ ଏବଂ ବିମଳା ବାରୱା ୪୪ ଓ ୪୫ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀତା ଲାକ୍ରା ୪ର୍ଥ, ରୋଜିତା କୁଜୁର ୧୪, ଜାହ୍ନବୀ ପ୍ରଧାନ ୨୭, ଖୁସ୍‌ବୁ କୁଜୁର ୪୭, ପ୍ରେମାଞ୍ଜଳି ଟପ୍ପୋ ୪୮ ଓ ଦୀପ୍ତି ଲାକ୍ରା ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପୂରା ମ୍ୟାଚରେ ଓଡ଼ିଶା ଆଧିପତ୍ୟ ବିସ୍ତାର କରି ଖେଳିଥିବାବେଳେ ତେଲେଙ୍ଗାନା ଖେଳାଳିମାନେ ଗୋଟିଏ ହେଲେ ଗୋଲ ପରିଶୋଧ କରିପାରି ନ ଥିଲେ।

ଅନ୍ୟପକ୍ଷରେ ପୁଲ୍ 'ଏଫ୍' ମ୍ୟାଚରେ କର୍ନାଟକ ୧୦-୦ ଗୋଲରେ ଅରୁଣାଚଳ ପ୍ରଦେଶକୁ ହରାଇ ଦେଇଛି। ଏହି ପୁଲ୍‌ର ତାମିଲନାଡୁ ବିପକ୍ଷ ମ୍ୟାଚରୁ ଆଣ୍ଡାମାନ ଆଣ୍ଡ ନିକୋବର ଓହରି ଯାଇଛି। ଫଳରେ ନିୟମ ଅନୁସାରେ ତାମିଲନାଡୁକୁ ୫-୦ରେ ବିଜୟୀ ଘୋଷଣା କରାଯାଇଛି। ପୁଲ୍ 'ଜି'ରେ ଉତ୍ତର ପ୍ରଦେଶ ୮-୦ ଗୋଲରେ ଗୋଆକୁ ଏବଂ ଦିଲ୍ଲୀ ୧୩-୦ ଗୋଲରେ ଗୁଜରାଟକୁ ପରାସ୍ତ କରିଛି।

# ଆନ୍ଧ୍ର ପ୍ରଦେଶକୁ ୧୮-୦ରେ ହରାଇଲା ଓଡ଼ିଶା


ଓଡ଼ିଶା ସବ୍‌ଜୁନିୟର ପୁରୁଷ ହକି ଦଳ।

**ଜାତୀୟ ସବ୍‌ଜୁନିୟର ପୁରୁଷ ହକି**

■ ୟୋଜିନ ମିଞ୍ଜ ଓ ରୋହିତ ସିଂଙ୍କ ୫ ଏବଂ ଆର୍ଯ୍ୟନ ଖେସ୍‌ଙ୍କ ୪ ଗୋଲ

ଭୁବନେଶ୍ୱର, ୬।୫ (କ୍ରୀଡ଼ା ପ୍ରତିନିଧି)

ଗୋଆରେ ଚାଲିଥିବା ୧୨ତମ ଜାତୀୟ ସବ୍‌ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ୧୮-୦ ଗୋଲରେ ଆନ୍ଧ୍ର ପ୍ରଦେଶକୁ ହରାଇ ଦ୍ୱିତୀୟ ବୃହତ୍ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଏହି ଦଳ ୧୪-୦ ଗୋଲରେ କେରଳକୁ ପରାସ୍ତ କରିଥିଲା। ଶୁକ୍ରବାର ଅନୁଷ୍ଠିତ ପୁଲ୍ 'ଇ' ମ୍ୟାଚ ସମ୍ପୂର୍ଣ୍ଣଭାବେ ଓଡ଼ିଶା ନିୟନ୍ତ୍ରଣରେ ରହିଥିଲା। ଦଳ ପକ୍ଷରୁ ୟୋଜିନ୍ ମିଞ୍ଜ୍ ୮, ୧୮, ୨୯, ୪୬, ୫୭ ଏବଂ ଇରେଙ୍ଗବାମ୍ ରୋହିତ ସିଂ ୧୧, ୧୪, ୨୪(ଲଗାତର ୨ଟି) ଓ ୫୩ତମ ମିନିଟରେ ଏହିପରି ୫ଟି ଲେଖାଏ ଗୋଲ ଦେଇଥିଲେ। ସେହିପରି ଆର୍ଯ୍ୟନ ଖେସ୍ ୧୭, ୩୧, ୩୨ ଓ ୩୬ତମ ମିନିଟରେ ୪ଟି ଗୋଲ ଦେଇଥିଲେ। ଅଧିନାୟକ ଅର୍ବିନ ଟପ୍ପୋ ୭ ଓ ୨୨ତମ ମିନିଟରେ ୨ଟି ଏବଂ ବିଲକାନ ଓରାମ ୨୪ ଓ ଦେଓନାଥ ନାନୱାର ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଟୁର୍ନାମେଣ୍ଟରେ ଓଡ଼ିଶାର ଏହାଥିଲା ଦ୍ୱିତୀୟ ବିଜୟ। ପୁଲ୍ 'ଏ'ର ଏକ ମ୍ୟାଚରେ ଝାଡ଼ଖଣ୍ଡ ୫-୧ ଗୋଲରେ ଉତ୍ତରାଖଣ୍ଡ, ପୁଲ୍ 'ବି'ରେ ହରିୟାଣା ୪-୦ରେ ଛତିଶଗଡ଼ ଏବଂ ପୁଲ୍ 'ସି' ମ୍ୟାଚରେ ଉତ୍ତର ପ୍ରଦେଶ ୬-୧ ଗୋଲରେ ବେଙ୍ଗଲ୍‌କୁ ପରାସ୍ତ କରିଛି।

# ବଧିର ଅଲିମ୍ପିକ୍ସ: ବେଦିକାଙ୍କୁ ବ୍ରୋଞ୍ଜ ପଦକ

**ନୂଆଦିଲ୍ଲୀ, ୬।୫ (ପି.ଟି.):** ବ୍ରାଜିଲର କାକ୍ସିଆସ ଡୁ ସୁଲ୍‌ଠାରେ ଚାଲିଥିବା ୨୪ତମ ବଧିର ଅଲିମ୍ପିକ୍ସ ଶୁଟିଂରେ ଭାରତ ଏହାର ତୃତୀୟ ପଦକ ହାସଲ କରିଛି। ବେଦିକା ଶର୍ମା ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବେଦିକା ଫାଇନାଲରେ ଚାଇନିଜ୍ ତାଇପେର କାଓ ୟା-ଜୁଙ୍କ ପଛକୁ ୨୦୭.୨ ସ୍କୋର କରିଥିଲେ। ୟା-ଜୁ ୨୩୨ ସ୍କୋର କରି ରୌପ୍ୟ ଜିତିଥିଲେ। ୮ଜଣ ମହିଳା ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ୟୁକ୍ରେନ୍‌ର ଇନ୍ନା ଆଫନଚେଙ୍କୋ (୨୩୬.୩) ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ପୂର୍ବରୁ ବଧିର ଅଲିମ୍ପିକ୍ସର ତୃତୀୟ ଦିବସରେ ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ଭାରତର ଧନୁଷ୍ ଶ୍ରୀକାନ୍ତ ସ୍ୱର୍ଣ୍ଣ ଏବଂ ସୌର୍ଯ୍ୟ ସଇନି ବ୍ରୋଞ୍ଜ ପଦକ ଲାଭ କରିଥିଲେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବିପଦ ସାଜିଛି ଶୁଖିଲା ଗଛ



**ଖଣ୍ଡପଡ଼ା,୬।୫(ସ୍ୱ.ପ୍ର.):** ଖଣ୍ଡପଡ଼ାସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳ ପରିସରରେ ଥିବା ଏକ ଶୁଖିଲା ଶାଳ ଗଛ ଏବେ ବିପଦର କାରଣ ପାଲଟିଛି। ଉକ୍ତ ଶୁଖିଲା ଗଛ ନିକଟରେ ଏକ କୋଠାଘର ଥିବା ବେଳେ ପରିବାର ଗୁଜୁରାଣ ମେଣ୍ଟାଇବା ନିମନ୍ତେ କେତେଜଣ ଉଠାଦୋକାନୀ ଉକ୍ତ ଗଛ ତଳେ ଅସ୍ଥାୟୀ ଭାବେ ଦୋକାନ ଗୃହ ନିର୍ମାଣ କରି ବେପାର କରୁଛନ୍ତି। ଏହି ଶୁଖିଲା ଗଛଟି ଉଠା ଦୋକାନୀ, ପଥଚାରୀ ଓ ଦୈନିକ ପର୍ଯ୍ୟଟନସ୍ଥଳକୁ ପରିଦର୍ଶନରେ ଆସୁଥିବା ଜନସାଧାରଣ ଓ ପର୍ଯ୍ୟଟକଙ୍କ ପାଇଁ ବିପଦର କାରଣ ପାଲଟିଛି। ତେଣୁ ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଶୁଖିଲା ଶାଳ ଗଛଟିକୁ ଉକ୍ତ ସ୍ଥାନରୁ କାଟି ଦେବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଓ ବନାଞ୍ଚଳ ଅଧିକାରୀ ଏଥିପ୍ରତି ଦୃଷ୍ଟି

# ବିଜୁ ସ୍ୱାସ୍ଥ୍ୟ କାର୍ଡ ଥାଇ ବି ମିଳୁନି ସେବା

**ନୟାଗଡ଼ ଅଫିସ,୬।୫**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ ପଞ୍ଚାୟତ ସୁଦୁରୁକୁମ୍ପା ଗାଁର କାନ୍ଦରା ଭୋଇ (୪୦) ପେଟ ରୋଗରେ ଆକ୍ରାନ୍ତ ହେବା ପରେ ପରିବାରର ସଦସ୍ୟ ହଇରାଣ ହେଉଛନ୍ତି। ଗୋଟିଏ ପଟେ ରୋଗ ଓ ଅନ୍ୟପକ୍ଷେ ଦାରିଦ୍ର୍ୟ ଦାଉ ସାଧୁଛି। ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ପାଇଥିବା ବ୍ୟକ୍ତି ସମସ୍ତ ସ୍ୱାସ୍ଥ୍ୟସେବା ପାଇବେ ବୋଲି କହୁଛନ୍ତି। ହେଲେ କାନ୍ଦରାଙ୍କ ସ୍ତ୍ରୀଙ୍କ ନାମରେ ସ୍ମାର୍ଟ କାର୍ଡ ଥାଇ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି। ଶେଷରେ ନିରୁପାୟ ହୋଇ କାନ୍ଦରା ଘର ବନ୍ଧା ପକାଇ ଓ ଧାରକରଜ କରି ଚିକିତ୍ସିତ ହେଲା ପରେ ବି ରୋଗ ଭଲ ହେଉନାହିଁ। ଦାରିଦ୍ର୍ୟ ଯୋଗୁ ସେ ନିଜର ଦୁଇ ଝିଅଙ୍କ ପାଠପଢ଼ା ବନ୍ଦ କରି ଦେଇଛନ୍ତି। ଏବେ ପରିବାର ଲୋକେ ଦୁଇଓଳି ଖାଇବାକୁ ଗଣ୍ଡେ ପାଉନାହାନ୍ତି। ଘରର ରୋଜଗାରିଆ ବା ମୁରବି ରୋଗଗ୍ରସ୍ତ ପରେ ପରିବାର ଚଳାଇବା ଯେ କେତେ କାଠିକର ପାଠ ତାହା କାନ୍ଦରାଙ୍କ କ୍ଷେତ୍ରରୁ ଜଣାପଡିଛି।

କାନ୍ଦରାଙ୍କ ପରିବାର କହିଲେ ୨ ଝିଅ ଓ ସ୍ତ୍ରୀକୁ ବୁଝାଏ। କାନ୍ଦରା ପରର କାମଧନ୍ଦା କରି ଗୁଜୁରାଣ ମେଣ୍ଟାଉଥିଲେ। ରୋଜଗାର ଭଲ ନ ଥିଲେ ହେଁ କଷ୍ଟେମଷ୍ଟେ ପରିବାର ଚଳାଇ ନେଉଥିଲେ। ଦୁଇ ଝିଅକୁ ପାଠ ପଢ଼ାଉ ଥିଲେ। ପ୍ରାୟ ବର୍ଷେ ତଳେ ସେ ପେଟ ରୋଗରେ ଆକ୍ରାନ୍ତ ହେଲେ। ରୋଗ ଭଲ ପାଇଁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର, ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ଭୁବନେଶ୍ବରର



ପରିବାର ସହ କାନ୍ଦରା ଭୋଇ।





ସ୍ତ୍ରୀ ରମଣୀ ଭୋଇଙ୍କୁ ମିଳିଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡ।

- ଘର ବନ୍ଧାପକାଇ ଚିକିତ୍ସା: ଭଲ ହେଉନି ପେଟ ରୋଗ
- ରୋଗ ଓ ଦାରିଦ୍ର୍ୟ ଦାଉ ସାଧୁଛି
- ଅଭିଶପ୍ତ ଜୀବନ ବିତାଉଛନ୍ତି କାନ୍ଦରାଙ୍କ ପରିବାର
- ଦୁଇ ଝିଅ ପାଠପଢ଼ି ପାରିଲେନି

ବିଭିନ୍ନ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଛନ୍ତି। ହେଲେ ରୋଗ ଭଲ ହେଲାନାହିଁ। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗ ଭଲ ହୋଇଗଲା କହି ଡାକ୍ତର ଫେରାଇ ଦେଇଥିଲେ। ହେଲେ ରୋଗ ଭଲ ହେବା ପରିବର୍ତ୍ତେ ଏବେ ଯନ୍ତ୍ରଣା ଦ୍ୱିଗୁଣିତ ହେବାରେ ଲାଗିଛି। ଝିଅଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଛି। ସେ ପେଟ ରୋଗରେ ଆକ୍ରାନ୍ତ ହେବା ପରେ ପ୍ରଥମେ ଧାରକରଜ କରି ଚିକିତ୍ସିତ ହୋଇଥିଲେ। ପରେ ନିଜ ଘରକୁ ୧୦ ହଜାର ଟଙ୍କାରେ ବନ୍ଧା ପକାଇ ଚିକିତ୍ସିତ ହୋଇଛନ୍ତି। ହେଲେ କିଛି ବି ସୁଫଳ ମିଳିଲା ନାହିଁ। ଏ ନେଇ ସ୍ତ୍ରୀ ରମଣୀ ଭୋଇ କୁହନ୍ତି, ସ୍ୱାମୀଙ୍କ ପେଟ ରୋଗ ବାହାରିବା ପରେ ଭଲ ହେଲା ନାହିଁ, ହେଲେ ଆମେ ବାସହରା ହୋଇଗଲୁ। ଏବେ କାନ୍ଦରାଙ୍କ ଦାଦାଙ୍କ ଘରେ ଆଶ୍ରୟ ନେଇ ରହିଛୁ। ତେବେ ଦାଦାଙ୍କ ସହାୟତାରେ କେତେଦିନ ବଞ୍ଚିବୁ। ମୁଣ୍ଡ ଉପରେ ୧୩ ଓ ୧୫ ବର୍ଷର ଦୁଇ ଝିଅଙ୍କ ବୋଝ ସହ ସ୍ୱାମୀଙ୍କ ଚିକିତ୍ସା ଚିନ୍ତା ଘାରିଛି। ପୁଣି ଧାରକରଜର ବୋଝ ବଢ଼ି ଚାଲିଛି। ପରିବାରରେ କେହି ରୋଜଗାରିଆ ନାହାନ୍ତି। ଏଣୁ ମୋତେ ରୋଜଗାର ପାଇଁ କାମଧନ୍ଦା କରିବାକୁ ପଡୁଛି। ସ୍ୱାମୀ କାନ୍ଦରା ୪୦ ବର୍ଷର ଯୁବକ, କିନ୍ତୁ ଏବେ ବୁଢ଼ା ପରି ଦିଶିଲେଣି। ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ଥାଇ ବି ଆମେ କିଛି ସୁଫଳ ପାଇଲୁ ନାହିଁ। ତେବେ ଏ ଯୋଜନାରେ ମୋ ସ୍ୱାମୀଙ୍କର ମାଗଣା ଅପରେଶନ ମଧ୍ୟ କରାଯାଇ ପାରୁନି। ଅନ୍ୟପକ୍ଷେ ସରକାରଙ୍କ ଅନ୍ୟ ସବୁ ଯୋଜନା ଆମ ପାଇଁ ସାତସପନ ପାଲଟିଛି। ସରକାରୀ କଥା ଛାଡ, ବେସରକାରୀ ସହାୟତା ମଧ୍ୟ ମିଳୁନି। ଆମ ଦୁଃଖକୁ କେହି ବୁଝୁନାହାନ୍ତି କି ଶୁଣୁନାହାନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସିଡିଏମ୍ଓ ମକରନ୍ଦ ବେଉରାଙ୍କୁ ପଚାରିବାରେ ଆମେ ସୁଦୁରୁକୁମ୍ପା ଗାଁର କାନ୍ଦରା ଭୋଇଙ୍କୁ ଚିକିତ୍ସା ପାଇଁ ବ୍ୟବସ୍ଥା କରିବୁ। ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ଥିଲେ ପଦକ୍ଷେପ ନିଆଯିବ। ଏ ନେଇ ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସରଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଦଶପଲ୍ଲା ତହସିଲଦାର ଅର୍ଜୁନ ପ୍ରଧାନଙ୍କୁ ପଚାରିବାରେ କିଛି କରି ହେବନି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

## ପ୍ରଣବଙ୍କ ବଲାଙ୍ଗୀ ପାର୍କ ପରିଦର୍ଶନ

**ନୟାଗଡ଼ ଅଫିସ,୬।୫**

ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ କୁମାର ଦାସ ଶୁକ୍ରବାର ବଲାଙ୍ଗୀ ପାର୍କ ଓ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଖେଳ ପଡିଆ ବୁଲି ଦେଖିଛନ୍ତି। ନୟାଗଡ଼ ବିଧାୟକ ତଥା କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ଜିଲାପାଳ ପୋମା ଟୁଡୁ, ଓଡଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସର୍ବନିମ୍ନ ମଜୁରି ପାଇଁ ସ୍ୱଚ୍ଛସାଥୀ ସଂଘର ଦାବିପତ୍ର

**ନୟାଗଡ଼ ଅଫିସ,୬।୫**

ନୟାଗଡ଼ ପୌର ପରିଷଦ ଅଧୀନରେ ଦୀର୍ଘବର୍ଷ ଧରି ମହିଳା ସ୍ୱଚ୍ଛ ସାଥୀମାନେ କାର୍ଯ୍ୟ କରିଆସୁଛନ୍ତି। ରାଜ୍ୟ ସରକାର ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ସ୍ୱଚ୍ଛ ସାଥୀମାନଙ୍କୁ ନିଯୁକ୍ତି ଦେଇଥିବା ସଂଘ ପ୍ରକାଶ କରିଛି। ସମ୍ପ୍ରତି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପାଇଥିବାବେଳେ ସ୍ୱଚ୍ଛ ସାଥୀମାନେ କମ୍ ଦରମା ପାଉଥିବା ଅଭିଯୋଗ କରିଛନ୍ତି। ସରକାର ସେମାନଙ୍କୁ ଶ୍ରମ ଆଇନ ମୁତାବକ ସର୍ବନିମ୍ନ ମଜୁରି ଲାଗୁ କରିବା ପାଇଁ ସଂଘ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗ୍ରାମାଞ୍ଚଳ ଶ୍ରମ ନିରୀକ୍ଷକ ଅବଦୁଲ୍ କାଦିରଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ୱଚ୍ଛ ସାଥୀ ସଂଘର କର୍ମକର୍ତ୍ତା କବିତା ସେଠୀ, ସାହିନ୍ ପରବିନ୍, ରୁକ୍ମିଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱଚ୍ଛସାଥୀ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ଶ୍ରମ ନିରୀକ୍ଷକଙ୍କୁ ଦାବିପତ୍ର ଦିଆଯାଉଛି।

**ଦ.ପୂ. ରେଳପଥ ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ୱେଷ୍ଟ-୨୨-୨୩-୦୩, ତାରିଖ: ୦୫।୦୫।୨୦୨୨** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର/ଇଏନ୍‌ଜିଜି/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୦୧ ବର୍ଷ ପାଇଁ ଏଡିଇଏନ୍/ଆରଓୟୁଙ୍କ କ୍ଷେତ୍ରାଧିକାର ଅଧୀନରେ ବିଏନ୍‌ଡିଏମ୍‌ଠାରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ଜୋବାଘାଟ ଇନ୍‌ଟେକ୍ ୱେଲର ରକ୍ଷଣାବେକ୍ଷଣ । (୪ର୍ଥ କଲ୍) । **ଟେଣ୍ଡର ମୂଲ୍ୟ:** ₹୨୪,୯୯,୮୪୯.୮୯ । **ଇଏମ୍‌ଡି:** ₹୫୦,୦୦୦.୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦.୦ । **ଖୋଲାଯିବା ତାରିଖ:** ୦୭।୦୬।୨୦୨୨ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ପୂର୍ବରୁ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । PR-96

**ଦ.ପୂ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୨୭-ଜିଆରସି-ସିଇ-ସି-ଏଚ୍‌କ୍ୟୁ-୧୪-୨୦୨୨, ତାରିଖ: ୦୬।୦୫।୨୦୨୨** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଏନ୍/ଏଚ୍‌କ୍ୟୁ/ଜିଆରସିଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ କରାଯାଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । ସମାପ୍ତି ତାରିଖ: ୩୦।୦୫।୨୦୨୨ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦ.ପୂ. ରେଳପଥର ନାରାୟଣଗଡ଼-ଭଦ୍ରକ ସେକ୍ସନ ମଧ୍ୟରେ ପ୍ରସ୍ତାବିତ ୩ୟ ଲାଇନ୍ ସଂକ୍ରାନ୍ତରେ ହଳଦିପଡ଼ା ଏବଂ ବାଲେଶ୍ୱର ମଧ୍ୟରେ ବୁଢ଼ିବଳଙ୍ଗ ନଦୀଠାରେ ପ୍ରମୁଖ ସେତୁ ନଂ. ୨୬୩ (ସ୍ପାନ୍: ୪ x ୪୫.୭ ମି) ଓପନ୍ ୱେବ୍ ଗିର୍ଡରର ନିର୍ମାଣ ନିମନ୍ତେ କମ୍ପୋଜିଟ୍ କାର୍ଯ୍ୟ ଯାହା ମଧ୍ୟରେ ଫାଉଣ୍ଡେଶନ୍, ସବ୍‌ଷ୍ଟ୍ରକ୍ଚର, ସୁପରଷ୍ଟ୍ରକ୍ଚର, ଆପ୍ରୋଚ୍ ନିମନ୍ତେ ଫର୍ମେଶନ ତିଆରି ଏବଂ ଅନ୍ୟାନ୍ୟ ତତ୍‌ସମ୍ବନ୍ଧୀୟ କାର୍ଯ୍ୟ ଅନ୍ତର୍ଭୁକ୍ତ । **ଆନୁମାନିକ ମୂଲ୍ୟ:** ₹୩୭.୯୦ କୋଟି । **ଇଏମ୍‌ଡି:** ₹୨୦,୪୫,୨୦୦/- । **ସମାପ୍ତି ଅବଧି:** ୧୮ ମାସ (ଏହା ଏକ କମ୍ପୋଜିଟ୍ ଟେଣ୍ଡର ଅଟେ) । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** "ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି" । PR-94

# ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଦାବି

**ଖଣ୍ଡପଡ଼ା,୬।୫(ସ୍ୱ.ପ୍ର.)**

କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଗୁରୁବାର ଖଣ୍ଡପଡ଼ା ବିକାଶ ମଞ୍ଚ ପକ୍ଷରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ଖୁବ୍‌ଶୀଘ୍ର ଜଣେ ଡ଼ାକ୍ତର ପଦବୀ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଡିଏମ୍ଓ ସୂଚନା ଦେଇଥିବା ଜଣାଯାଇଛି। ପ୍ରକାଶ ଯେ, ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଧୀନ ୭ଟି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ଅପରପକ୍ଷରେ ବ୍ଲକ ଅଧୀନରେ ଥିବା ବିଭିନ୍ନ ଅଞ୍ଚଳରେ କୀଡନି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅପଗ୍ରେଡେଶନର ଆବଶ୍ୟକତା ରହିଛି। ସେହିପରି ସରକାରୀ ନିୟମାନୁସାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମାସିକ ୨୦ଜଣ ମହିଳାଙ୍କ ପ୍ରସୂତୀ ହେଉଥିବାରୁ ଏଠାରେ ୨ଜଣ ଡାକ୍ତର ରହିବାର ଆବଶ୍ୟକତା ରହିଛି। ମାତ୍ର ଦୀର୍ଘ ବର୍ଷେ ହେଲା ଏଠାରେ ସ୍ଥାୟୀ ଡାକ୍ତର ପଦବୀ ଖାଲି ପଡିଥିବାରୁ ଅନେକ ସମୟରେ ମହିଳାମାନେ ପ୍ରସୂତୀ ପାଇଁ ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ତଥା ଦୁର୍ଘଟଣାଗ୍ରସ୍ତ ରୋଗୀମାନେ ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟ, କଟକ ଓ ଭୁବନେଶ୍ୱରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏହି ସମସ୍ୟାର ସମାଧାନ ନିମନ୍ତେ ବିଶେଷ କରି କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଖଣ୍ଡପଡ଼ା ବିକାଶ ମଞ୍ଚର ଆବାହକ ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ଆବାହକ ପଣ୍ଡାଙ୍କ ସମେତ ନୀଳମାଧବ ପଣ୍ଡା, ପରମେଶ୍ୱର ମହାନ୍ତ, ଦିବେଶ କୁମାର ବେହେରା, ଇତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ। ସପ୍ତାହକ ମଧ୍ୟରେ ଯଦି ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆ ନ ଯାଏ ତେବେ ମଞ୍ଚ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଖଣ୍ଡପଡ଼ା ବିକାଶ ମଞ୍ଚ ପକ୍ଷରୁ ସିଡିଏମ୍ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ର**

## ଖଣ୍ଡପଡ଼ା, ଫତେଗଡ଼ ଥାନା ପରିଦର୍ଶନ କଲେ ଏସ୍‌ପି

**ଖଣ୍ଡପଡା,୬।୫ (ସ୍ୱ.ପ୍ର)**

ନୂତନ କରି ଦାୟିତ୍ୱ ଗ୍ରହଣ କରିବା ପରେ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ଶୁକ୍ରବାର ପ୍ରଥମ କରି ଖଣ୍ଡପଡ଼ା ଓ ଫତେଗଡ ଥାନାକୁ ପରିଦର୍ଶନରେ ଆସି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ। ଏସ୍‌ପି ପହି ଖଣ୍ଡପଡ଼ା ଥାନାରେ ପହଞ୍ଚିବା ପରେ ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ସମେତ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଖଣ୍ଡପଡା ଥାନା ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଏସ୍‌ପି ପଚାରି ବୁଝିଥିଲେ। ପରେ ଏସ୍‌ପି ଗଡିଆସାହି, କୋସକା ଓ କଣ୍ଟିଲୋ ଫାଣ୍ଡି ପରିଦର୍ଶନ କରିବା ଅବସରରେ ଆଇନ୍ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ। ସନ୍ଧ୍ୟା ୬ଟାରେ ଏସ୍‌ପି ପହି କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ମନ୍ଦିର ପରିଦର୍ଶନ କରିବା ସହ ଜୀଉଙ୍କୁ ଦର୍ଶନ କରିଥିଲେ।

## ମଦ, ବାଇକ୍ ଜବତ, ୨ ଗିରଫ

**ଖଣ୍ଡପଡ଼ା,୬।୫ (ସ୍ୱ.ପ୍ର)**

ଖଣ୍ଡପଡ଼ା ଥାନା ଅଧୀନ ଗଡିଆସାହିରୁ ବେଣାଗାଡିଆ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କାଦୁଆ ଗାଁ ନିକଟରୁ ପୋଲିସ ୧୨ ଲିଟର ଦେଶୀ ମଦ ସହ ବାଇକ୍‌କୁ ଜବତ କରିଛି। ଦୀର୍ଘବର୍ଷ ଧରି ଚୋରା ଦେଶୀ ମଦ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ବେଣାଗାଡିଆ ଗାଁର ରବି ସାସମଲ(୨୨) ଓ ସୁବଳ ଚନ୍ଦ୍ର ସ୍ୱାଇଁ(୬୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## କାଳବୈଶାଖୀର ୨ଦିନ: ୧୪ ଗାଁ ଅନ୍ଧାରରେ

**ନୟାଗଡ ଅଫିସ,୬।୫**

ଗୁରୁବାର ଅପରାହ୍ନରେ ହୋଇଥିବା କାଳବୈଶାଖିରେ ନୟାଗଡ଼ ଓ ନୂଆଗାଁ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କାଳବୈଶାଖି ଯିବାର ୩୦ ଘଣ୍ଟା ପରେ ୨ ବ୍ଲକର ୧୪ ଟି ଗାଁ ଅନ୍ଧାରରେ ରହିଛି। କେଉଁ ଗାଁରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି ତ ଆଉ କେଉଁଠି ବିଦ୍ୟୁତ୍ ତାର ଛିଣ୍ଡି ଯାଇଛି। ଚଣ୍ଡିବସ୍ତରେ ୩ ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି। ହେଲେ ଏହାର ମରାମତି କାମ ଶେଷ ହୋଇପାରିନି। ଏଣୁ ନୟାଗଡ଼ ଜିଲା ସଦର ମହକୁମା ପାଖରେ ଥାଇ ବି ନୟାଗଡ଼ ବ୍ଲକର ମାଙ୍କପଲ୍ଲୀ, ତୁଳସୀପୁର, କ୍ଷତିବରପୁର, ଝୁମ୍ପୁରୀ, ଜୟପୁର, ଭାଟସାହି, ଚଣ୍ଡିବସ୍ତ, ମଙ୍ଗରାଜପୁର, ବିଶେଶ୍ୱରପୁର, ବାଲିପାଟଣା, ଖମାରସାହି ଓ ହାଟଦ୍ୱାର, ନୂଆଗାଁ ବ୍ଲକର ଗୋଳାଗୋଳା, ଶିମଳିସାହି ଗାଁ ଅନ୍ଧାରରେ ରହିଛି।

# କାଳବୈଶାଖୀରେ ନୂଆଗାଁ ବ୍ଲକରେ କ୍ଷୟକ୍ଷତି

**ନୂଆଗାଁ, ୬।୫ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଗୁରୁବାର କାଳବୈଶାଖୀ ଫଳରେ ବହୁ କ୍ଷୟକ୍ଷତି ହୋଇଛି। ଏହି ଖବର ପାଇ ଶୁକ୍ରବାର ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଓ ବ୍ଲକ ଉପାଧ୍ୟକ୍ଷ ବିଭିନ୍ନ ପଞ୍ଚାୟତ ବୁଲିବା ସହ କାଳବୈଶାଖୀରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଭେଟିବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସରକାର ଲୋକମାନଙ୍କୁ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେଉଥିଲେ ମଧ୍ୟ ନୂଆଗାଁ ବ୍ଲକରେ କଚା ଏବଂ ଚାଳ ଛପର ଘରେ ଏବେବି ଅନେକ ଗରିବ ଲୋକ ରହୁଛନ୍ତି। ସେହି ଲୋକମାନଙ୍କ ଉପରେ ଦାଉ ସାଜିଛି କାଳବୈଶାଖୀ। ବ୍ଲକର ୨୨ ଟି ପଞ୍ଚାୟତ ମଧ୍ୟରୁ ଚାହାଳି, ଢେଙ୍କେଣା ଓ ମାଳିସାହି ପଞ୍ଚାୟତରେ କାଳବୈଶାଖୀର ଅଧିକ ତାଣ୍ଡବ ଦେଖିବାକୁ ମିଳିଛି। ଫଳରେ ଲୋକମାନଙ୍କର ଚାଳ ଛପର, ଟାଇଲ ଓ ଆଜବେଷ୍ଟସ ଆଦି ଉଡେଇ ନେବା ସହ ଘର ଦ୍ୱାର ଭାଙ୍ଗି ଦେଇଛି। ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ଓ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ଚାହାଳି, ଢେଙ୍କେଣା ପଞ୍ଚାୟତରେ ପହଞ୍ଚି ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କୁ ସାଙ୍ଗରେ ନେଇ କାଳବୈଶାଖୀ ପ୍ରଭାବରେ ପ୍ରଭାବିତ ଲୋକମାନଙ୍କୁ ଭେଟିବା ସହ ସେମାନଙ୍କ ଘର ବୁଲି ଦେଖିଥିଲେ। ସେମାନଙ୍କୁ ତୁରନ୍ତ ଜରିପାଲ ଯୋଗାଇ ଦେବାକୁ ମହୀପୁର ଆର୍‌ଆଇ ଅଶୋକ କୁମାର ପଡିଆରୀଙ୍କୁ କହିଥିଲେ। କଚା ଓ ଚାଳ ଛପର ଘରେ ରହି ଦୁର୍ଦ୍ଦଶା ଭୋଗୁଥିବା ଲୋକମାନେ କିଭଳି ଶୀଘ୍ର ଆବାସ ଯୋଜନାରେ ସାମିଲ ହେବେ ସେ ବିଷୟରେ ଯଥା ସମ୍ଭବ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଢେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ , ଚାହାଳି ସରପଞ୍ଚ ସୁବାସ ବେହେରା, ଚାହାଳି ସମିତିସଭ୍ୟଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ମିଶ୍ର ଯୋଗଦେଇ ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ।



କ୍ଷତିଗ୍ରସ୍ତ ଲୋକଙ୍କ ସହ ଅଧ୍ୟକ୍ଷଙ୍କ ପ୍ରତିନିଧି ଓ ଉପାଧ୍ୟକ୍ଷ ଆଲୋଚନା କରୁଛନ୍ତି।

- ପୀଡିତଙ୍କୁ ଭେଟିଲେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି, ଉପାଧ୍ୟକ୍ଷ
- କ୍ଷୟକ୍ଷତି ଦେଖିବା ସହ ଶୁଖିଲା ଖାଦ୍ୟ ବାଣ୍ଟିଲେ

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/22-23/E-Tender/22, ତା.04.05.2022ରିଖ

(1) ଟେଣ୍ଡର ସଂ.e-tender-southkur-62-2022, ତା.28.04.2022ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଇଚ୍ଛାପୁରମ୍-ବରୁଆ ସେକ୍ସନ ମଧ୍ୟରେ ପ୍ୟାଚ୍‌ଗୁଡ଼ିକରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ 40.60 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 612.21 ଲକ୍ଷ,** EMD (ଟଙ୍କାରେ) : 4,56,100/-

(2) ଟେଣ୍ଡର ସଂ. e-tender-central-kur-59-2022, ତା.27.04.2022ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଜବରଦଖଲକୁ ରୋକିବା ନିମନ୍ତେ ଟ୍ରାକ୍ ଏବଂ ସଂସ୍ଥାପନଗୁଡ଼ିକର ସୁରକ୍ଷା ଉପାୟ ଭାବେ ଷ୍ଟେସନ ଏବଂ ଏହାର ପରିସର ନିକଟରେ ଥିବା ପରିସର ପାଚେରୀଗୁଡ଼ିକର ନିର୍ମାଣ (ଫେଜ୍-I) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 974.68 ଲକ୍ଷ,** EMD (ଟଙ୍କାରେ) : 6,37,300/-

ଶେଷ ହେବା ଅବଧି: 18 (ଅଠର) ମାସ (କ୍ରମ ସଂ.1 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ.2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.05.2022** ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ) ଖୋର୍ଦ୍ଧା ରୋଡ୍

PR-90/N/22-23

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କାରଖାନା ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଆବଶ୍ୟକ କରୁଛି
1. MARKETING MANAGER : 5 Nos
2. LAB INCHARGE B.Sc (Microbiology) / B.Sc (Chemistry) : 1 No
(ଉପଯୁକ୍ତ ଯୋଗ୍ୟତା ସହିତ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ)
ପ୍ରତିଚୀ ଡାଏରୀ ପ୍ରଡ୍‌କ୍ଟ ପ୍ରା.ଲି., ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
Mob : 9853003317, Emial ID : pratichidairyproducts@gmail.com

**REQUIRED**
HOTEL SERVICE STAFF FOR PURI
FREE ACCOMMODATION & FOODING
CONTACT:9040001764

**WANTED**
Saikrupa Panchakarma Spa
Bhubaneswar
Requires
Expert Therapist (M/F)
Attractive Salaries,
Interested Candidates
Please Contact-8984068077

**WALK-IN-INTERVIEW**
Indian Trading Co. Jagganath Raod, Near Bank of Baroda, Dhenkanal.
A Leading Agriculture equipment dealer(*Kubota* Tractor/harvester) for Dhenkanal & Angul district requires experienced candidates for the following position:-
1.*Manager(Sales/Service/Admin.)* 2. *Sales/AccountsExecutive,* 3. *Hydra Driver.* Interested candidates may attend the interview along with updated resume at above address or send resume to <hr.indiantrading@gmail.com>Mob-8984453738, 8093355055.
Interview date:- 09-05-2022 & 10-05-2022 @ 10 AM

**NATIONAL PROJECTS CONSTRUCTION CORPORATION LIMITED**
(A Govt. of India Enterprise)
NPCC
SOUTH EASTERN ZONE, BHUBANESWAR
Plot No.: HIG/166, Sailashree Vihar, Bhubaneswar-751021
Ph.: 0674-2741417, Email-ID: npccbbsr@gmail.com
**WALK-IN-INTERVIEW**
Advt. No: SEZ/Contract Basis/78 Dated : 02.05.2022
NPCC Limited, a subsidiary of WAPCOS Ltd., a Schedule "B" Premier Public Sector Enterprise, Mini Ratna Category-1 Company invites applications for the post of Sr. Associate (Office Support)- Finance (01 Nos.) on Contract basis.
For details, please visit our Website : www.npcc.gov.in
Zonal Manager

**REQUIRED**
Wonder World Water Park & Resort

**F&B & BANQUET MANAGER - 02 (MALE/FEMALE)**
Criteria :
Qualification : Bachelor & Master's Degree in Hospitality Management
Experience : 05 to 15 year (Hotel and service industry )
Age Limit : 30 to 45 year
Language : Odia, English, Hindi (Speaking & Writing)

**DIGITAL MEDIA MANAGER - 01 (MALE/FEMALE)**
Criteria :
Qualification : BS Degree in Marketing or a related Field
* Demonstrable experience leading and managing SEO/SEM
* Marketing Database Mail, Social Media and display advertising campaigns
Experience : 5 to 7 year (Working experience in digital Marketing)
Age Limit : 25 to 35 year
Language : Odia, English, Hindi (Speaking & Writing)

**ADMIN HEAD - 01 (MALE/FEMALE)**
Criteria :
Qualification : MBA & PGDCA
Experience : 5 to 15 year (Working experience in Hotel and service industry)
Age Limit : 25 to 35 year
Language : Odia, English, Hindi (Speaking & Writing)

**STORE KEEPER - 01 (MALE)**
Criteria :
Qualification : B.Com & PGDCA
Experience : 5 to 10 year (Working experience in Hotel and service industry)
Age Limit : 25 to 35 year
Language : Odia, English, Hindi (Speaking & Writing)

**ACCOUNTANT - 01 (MALE)**
Criteria :
Qualification : B.Com & TALLY ERP
Experience : 5 to 10 year (Working experience in Hotel and service industry)
Age Limit : 25 to 35 year
Language : Odia, English, Hindi (Speaking & Writing)

CONTACT PERSON: 7064563302 / 7327027434
Send Resume on following EMAIL ID:
hr@wonderworldpark.in
Date of Applying: 4th May 2022 to 10th May 2022
Address: NH-203, Balia, Malatipatpur, Puri - 752002, Odisha

## ସଂକ୍ଷେପରେ

### ୪୦ଲିଟର ଦେଶୀ ମଦ ଜବତ, ୨ ଗିରଫ

**ନୟାଗଡ଼ ଅଫିସ,୬।୫:** ନୟାଗଡ଼ ସଦର ଥାନା ପୋଲିସ ଲକ୍ଷ୍ମୀପ୍ରସାଦରୁ ୪୦ ଲିଟର ଦେଶୀ ମଦ ସହ ୨ ବ୍ୟବସାୟୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଲକ୍ଷ୍ମୀପ୍ରସାଦ ଗାଁର ସୁରେଶ କୁମାର ମହାନ୍ତି(୪୮) ଓ ରମେଶ ମହାନ୍ତି(୨୫)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ନଂ. ୬୬/୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ମସ୍କାବାରୀରେ ଉଦ୍‌ଯାପିତ ହେଲା ଅଷ୍ଟପ୍ରହରୀ



**ନୂଆଗାଁ, ୬।୫ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଡିପି ପଞ୍ଚାୟତ ମସ୍କାବାରୀ ଗାଁରେ ୩ଦିନ ଧରି ଚାଲିଥିବା ଅଷ୍ଟ ପ୍ରହରୀ ନାମ ଯଜ୍ଞ ଗୁରୁବାର ଉଦଯାପିତ ହୋଇଯାଇଛି। ମଙ୍ଗଳବାର ମସ୍କାବାରୀ ଗ୍ରାମବାସୀ ନିକଟସ୍ଥ ନଦୀରୁ କଳସ ଯାତ୍ରାରେ ଆସିବା ପରେ ନାମ ଯଜ୍ଞ ଆରମ୍ଭ ହୋଇଥିଲା। ୩ ଦିନ ଧରି ଅହରହ ନାମ ଯଜ୍ଞ ଚାଲିବା ପରେ ଏହା ଶେଷ ହୋଇଛି। ଦୀର୍ଘ ଦୁଇବର୍ଷ ହେଲା ଏହି କାର୍ଯ୍ୟକ୍ରମ ବନ୍ଦ ରହିଥିବାରୁ ଚଳିତବର୍ଷ ମସ୍କାବାରୀ ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳର ଲୋକମାନେ ଉତ୍ସୁକତାର ସହ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏଥିରେ ମସ୍କାବାରୀ ଗ୍ରାମ ସଭାପତି ରବୀନ୍ଦ୍ର ପରିଡା , ରଞ୍ଜନ ନାୟକ, ସମ୍ଭାରୀ ଦାସ, ରଥି ପରିଡା, ଯୁଗଳ କିଶୋର ପରିଡା, ବନ ସୁରକ୍ଷା ସମିତି ସଭାପତି ପ୍ରମୋଦ କୁମାର ନାୟକଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

### ଡାଳ ପଡ଼ି ଅଟୋ ଚାଳକଙ୍କ ମୃତ୍ୟୁ

**ଭଞ୍ଜନଗର,୬।୫(ଡି.ଏନ.ଏ):** ଭଞ୍ଜନଗର-ଗାଲେରି ମୁଖ୍ୟ ରାସ୍ତାର ଗୁଜୁରାଳି ମା' ପାଟଖଣ୍ଡା ମନ୍ଦିର ନିକଟରେ ଶୁକ୍ରବାର ଗଛ ଡାଳ ପଡ଼ି ଜଣେ ଅଟୋଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରିଗଡ଼ର ନୀଳମଣି ସାହୁ। ବାରମ୍ବାର ଝଡ଼ତୋଫାନ ଯୋଗୁ ଅନେକ ଗଛର ଡ଼ାଳ ଭାଙ୍ଗି ବିପଦସଙ୍କୁଳ ଅବସ୍ଥାରେ ଗଛ ଉପରେ ରହୁଛି । ସେଗୁଡିକୁ ତୁରନ୍ତ ବାହାର କରିବା ବ୍ୟବସ୍ଥା କରାଯାଉନାହିଁ। ନୀଳମଣି ତାଙ୍କ ଅଟୋରେ କେତେଜଣ ଯାତ୍ରୀଙ୍କୁ ଧରି ଗୁଜରାଳି ମନ୍ଦିରକୁ ଆସିଥିଲେ। ଯାତ୍ରୀମାନେ ମନ୍ଦିରକୁ ଯାଇଥିବା ବେଳେ ନୀଳମଣି ମନ୍ଦିର ନିକଟ ଏକ ଗଛ ତଳେ ଠିଆ ହୋଇ ମୋବାଇଲ ଫୋନରେ କଥା ହେଉଥିଲେ। ଏହି ସମୟରେ ଏକ ବଡ ଡ଼ାଳ ତାଙ୍କ ଉପରେ ଭାଙ୍ଗିପଡ଼ିଥିଲା । ଫଳରେ ଘଟଣାସ୍ଥଳରେ ନୀଳମଣିଙ୍କ ମୃତ୍ୟୁ ଘଟିଥିଲା। ଭଞ୍ଜନଗର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ଲାଗୁ ହେବ ନାହିଁ ବର୍ଦ୍ଧିତ ହୋଲ୍ଡିଂ ଟିକସ

- ନୟାଗଡ଼ ମ୍ୟୁନିସିପାଲିଟିର ପ୍ରଥମ ବୈଠକ
- ବର୍ଷା ଋତୁ ପୂର୍ବରୁ ଡ୍ରେନ ହେବ ସଫେଇ
- ଦୋକାନ ସମ୍ମୁଖରେ ଅଳିଆ ପକାଇଲେ ଫାଇନ

**ନୟାଗଡ଼ ଅଫିସ,୬।୫**



ବୈଠକରେ ଉପସ୍ଥିତ ଅଧ୍ୟକ୍ଷା ନିରୂପମା ଖଟେଇ ଓ ଅନ୍ୟମାନେ।

ନୟାଗଡ଼ ମ୍ୟୁନିସିପାଲିଟିର ପ୍ରଥମ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୂପମା ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ତଥା କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ବର୍ଦ୍ଧିତ ହୋଲ୍ଡିଂ ଟିକସ ଲାଗୁ ନ ହେବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏ ନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ବର୍ଷାଋତୁ ପୂର୍ବରୁ ଡ୍ରେନ୍ ସଫେଇ ହେବାକୁ ନିଷ୍ପତ୍ତି ହୋଇଥିଲା। ସହରକୁ ସରସ ସୁନ୍ଦର କରିବାକୁ ପରିମଳ ସେବାକୁ ଗୁରୁତ୍ୱ ଦେବାକୁ ସ୍ଥିର ହୋଇଛି। ବ୍ୟବସାୟୀମାନେ ଦୋକାନ ସମ୍ମୁଖରେ ନୀଳ ଓ ବୁରଙ୍ଗର ଦୁଇଟି ଡଷ୍ଟବିନ୍ ନିଜ ଖର୍ଚ୍ଚରେ ରଖିବେ। ଏଥିରେ ଓଦା ଓ ଶୁଖିଲା ଅଳିଆ ପକାଇବେ। ଅନ୍ୟପକ୍ଷେ ଦୋକାନ ସମ୍ମୁଖରେ ୫ ମିଟର ରେଡିୟସ ଭିତରେ ବ୍ୟବସାୟୀମାନେ ଅଳିଆ ପକାଇବେ ନାହିଁ। ଏଥିପାଇଁ ୧ ମାସ ସଚେତନତା କରାଯିବ। ପରେ ୫୦୦ରୁ ୫ ହଜାର ଟଙ୍କା ଫାଇନ ଆଦାୟ କରାଯିବ। କେଉଁ ୱାର୍ଡରେ କେଉଁ ଉନ୍ନୟନ କାର୍ଯ୍ୟ ହେବ ସେନେଇ କାଉନସିଲରମାନେ ସେମାନଙ୍କର ରିପୋର୍ଟ ଦେବେ। ଫଣ୍ଡସ୍ ଆଲଟମେଣ୍ଟ ପରେ କାମ କରାଯିବ। ପୁଣି ଆଲୋକୀକରଣ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ବିଦ୍ୟୁତ କ୍ଷେତ୍ରରେ ଅସୁବିଧା ଓ ନୂଆ ବିଦ୍ୟୁତ୍ ଲାଇନ ସମ୍ପର୍କରେ କାଉନସିଲରମାନେ ରିପୋର୍ଟ ଦେବେ। ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ରଙ୍କ ସମେତ ୧୫ କାଉନସିଲର ଆଲୋଚନାରେ ଭାଗ ନେଇଥିଲେ। ପ୍ରକାଶ ଥାଉ କି ୨୦୨୨ରେ ଅନୁଷ୍ଠିତ ମ୍ୟୁନିସିପାଲିଟି ନିର୍ବାଚନରେ ୧୬ଟି ୱାର୍ଡରେ ବିଜେଡିର କାଉନସିଲର ଓ ଅଧ୍ୟକ୍ଷ ପଦରେ ବିଜେଡିର ନିରୂପମା ଖଟେଇ ବିଜୟୀ ହୋଇଥିଲେ। ନିର୍ବାଚନ ସମୟରେ ହୋଲ୍ଡିଂ ଟିକସ୍ ଲାଗୁକୁ ନେଇ ରାଜନୀତି ସରଗରମ ହୋଇଥିଲା।

# ଫଳକରେ ଅଟକିଛି ଚାହାଳି ମାର୍କେଟ କମ୍ପ୍ଲେକ୍ସ

**ନୂଆଗାଁ, ୬।୫ (ଡି.ଏନ.ଏ.)**




ଚାହାଳି ମାର୍କେଟ କମ୍ପ୍ଲେକ୍ସ ଶିଳାନ୍ୟାସ ଫଳକ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ପଞ୍ଚାୟତରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଶିଳାନ୍ୟାସ କରାଯିବାକୁ ୭ ମାସ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସେହି ଫଳକରେ ହିଁ ଅଟକି ରହିଛି। ଚାହାଳି ପଞ୍ଚାୟତରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ୨୦୧୭-୧୮ ରେ ୧୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ତେଣୁ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଅକ୍ଟୋବର ୨୦୨୧ରେ ପଞ୍ଚାୟତ ରାଇପୁରଠାରେ ପୁରୁଣା ରାଇପୁର ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିବା ସହ ଚାହାଳି ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ (ରାଇପୁର)ର ଶିଳାନ୍ୟାସକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା କରାଯାଇଥିଲା। କିନ୍ତୁ ଅନୁଦାନ ମିଳିବାର ୪ ବର୍ଷ ଓ ଶୁଭ ଦେବାର ୮ ମାସ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଫଳକରେ ହିଁ ସୀମିତ ରହିଛି। ଅନୁରୂପ ଭାବେ ଉକ୍ତ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ପାଇଁ ଅନୁଦାନ ଦିଆଯାଇଥିବା କଥା ସୂଚନା ମିଳିଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟ କରାଯାଉନାହିଁ। ଫଳରେ କାର୍ଯ୍ୟ ହେବ କି ନାହିଁ ସନ୍ଦେହରେ ପଞ୍ଚାୟତବାସୀ ରହିଛନ୍ତି। ଏ ସମ୍ପର୍କରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ଅନୁଦାନ ବିଷୟରେ ଅବଗତ ଅଛି। କିନ୍ତୁ ନିର୍ମାଣ କରା ନ ଯିବା ବାବଦରେ ବୁଝି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ସେ କହିଛନ୍ତି।

# ଗ୍ୟାସ୍ ଲିକ୍ ବନ୍ଦ କଲା ପୋଲିସ

**ନୟାଗଡ଼ ଅଫିସ,୬।୫**

ନୟାଗଡ଼ ଜିଲା ରଣପୁର ଥାନା ରାଜ ସୁନାଖଳା ଫାଣ୍ଡି ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଡେରିରେ ପହଞ୍ଚି କମ୍ପାନୀ କର୍ମଚାରୀଙ୍କୁ ଡକାଇ ଅଙ୍ଗାରକାମ୍ଳ ଗ୍ୟାସ ଲିକ୍‌କୁ ବନ୍ଦ କରାଇଥିଲା। ପରେ ଶୁକ୍ରବାର ଭୋରୁ ୫୭ ନଂ. ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥରେ ଯାନ ବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ରାଜପଥର ରଣପୁର ଥାନା ବିନୋଦପଡା ଛକରେ ଅଙ୍ଗାରକାମ୍ଳ ଗ୍ୟାସ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆଗରେ ଥିବା ଏକ ହାଇୱାକୁ ଗ୍ୟାସ ବୋଝେଇ ଟ୍ରକ ପଛପଟରୁ ଧକ୍କା ଦେଇଥିଲା। ଫଳରେ ବ୍ୟାପକ ମାତ୍ରାରେ ଅଙ୍ଗାରକାମ୍ଳ ଗ୍ୟାସ ଲିକ୍ ହୋଇଥିଲା। ଅଙ୍ଗାରକାମ୍ଳ ଗ୍ୟାସ ଲିକ୍ ଯୋଗୁ ଲୋକେ ଅଣନିଃଶ୍ୱାସୀ ହୋଇପଡିଥିଲେ।ଏ ନେଇ ସାଧାରଣରେ ଆତଙ୍କ ଖେଳି ଯାଇଥିଲା।



ଦୁର୍ଘଟଣାଗ୍ରସ୍ତ ଗ୍ୟାସ୍ ଗାଡି।

# ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସମନ୍ୱୟ ବୈଠକ

**ଭଞ୍ଜନଗର,୬।୫(ଡି.ଏନ୍.ଏ.)**

ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଜଙ୍ଗଲ, ବିଦ୍ୟୁତ୍ ବିଭାଗ ମଧ୍ୟରେ ଗୁରୁବାର ସମନ୍ୱୟ ବୈଠକ ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ ଅଧ୍ୟକ୍ଷତା କରି ବନ୍ୟପ୍ରାଣୀ କିଭଳି ବିଦ୍ୟୁତ ସଂସ୍ପର୍ଶରେ ନ ଆସିବେ ସେ ନେଇ କହିଥିଲେ। ଯେଉଁଠି ବିଦ୍ୟୁତ୍ ତାର ଓହଳି ରହିଛି ତାକୁ ନିର୍ଦ୍ଧାରିତ ଉଚ୍ଚତାକୁ କିଭଳି ଟଣା ଯାଇପାରିବ ତାହା କହିଥିଲେ।

# କୋରମ ଅଭାବରୁ ପ୍ରଥମ ବୈଠକ ବାତିଲ

**ଖଣ୍ଡପଡ଼ା,୬।୫ (ସ୍ୱ.ପ୍ର.)**

**ଖଣ୍ଡପଡା ଏନ୍‌ଏସି**
- ଉପାଧ୍ୟକ୍ଷ, ୯ କାଉନସିଲର ଅନୁପସ୍ଥିତ

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଥମ ବୈଠକ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଥିଲା। ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ସମସ୍ତ କାଉନସିଲର, ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ଜଣାଇ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟରେ ଅଧ୍ୟକ୍ଷ ଆରତୀ ପ୍ରଧାନ, କାଉନସିଲର ଦିଗାମ୍ବର ମିଶ୍ର, କୁମୁଦୁନୀ ନାୟକ ଓ ପିଙ୍କି ସାହୁ ପ୍ରମୁଖ କାର୍ଯ୍ୟାଳୟ ପହଞ୍ଚି ଥିଲେ। ହେଲେ ଉପାଧ୍ୟକ୍ଷ ମିହିର କୁମାର ମିଶ୍ର, ୭ଜଣ ବିଜେଡି କାଉନସିଲର, ଜଣେ ସ୍ୱାଧୀନ ଓ ଭାଜପା କାଉନସିଲର ବୈଠକରେ ଅନୁପସ୍ଥିତ ରହିଥିଲେ। ଶାସକ ବିଜେଡି ହାତରୁ ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ପଦ ଯିବା, ଆରତୀ ପ୍ରଧାନ(ସ୍ୱାଧୀନ) ଅଧ୍ୟକ୍ଷା ହେବା ପରେ ଶାସକ ଦଳର ନେତାମାନଙ୍କ ମଧ୍ୟରେ ଏକରକମ ପ୍ରତିକ୍ରିୟା ପ୍ରକାଶ ପାଇଥିବା ଉପରୋକ୍ତ ଘଟଣାରେ ପ୍ରତିଫଳିତ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ଶାସକ ଦଳ କାଉନସିଲରଙ୍କ ଅନୁପସ୍ଥିତ ଯୋଗୁ ଖଣ୍ଡପଡା ସହରାଞ୍ଚଳରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି।

# ସ୍ପନସରଶିପ୍ ଅପେକ୍ଷାରେ କ୍ରୀଡ଼ାବିତ୍ ସନ୍ଦୀପ, ପଞ୍ଚାନନ

**ବ୍ରହ୍ମପୁର ଅଫିସ,୬।୫**



ଡି.ସନ୍ଦୀପ ପାତ୍ର ଓ ପଞ୍ଚାନନ ସେଠୀ

ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଥାଇଲାଣ୍ଡ ଡାଇମଣ୍ଡ ଷ୍ଟାର ଗେମ୍ସ ଚାମ୍ପିୟନଶିପ୍-୨୦୨୨ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଗଞ୍ଜାମରୁ ୪୦୦ ମିଟର ଦୌଡ଼ରେ ପଞ୍ଚାନନ ସେଠୀ ଓ ୨୦୦ ମିଟରରେ ଡି. ସନ୍ଦୀପ ପାତ୍ର ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଥିବା ଉଭୟ ପ୍ରତିଯୋଗୀଙ୍କ କ୍ଷେତ୍ରରେ ଅର୍ଥାଭାବ ପ୍ରତିବନ୍ଧକ ସାଜିଛି। ଯାହାଦ୍ୱାରା ଏହି ଦୁଇ ଉଦୀୟମାନ କ୍ରୀଡ଼ାବିତଙ୍କ ସ୍ୱପ୍ନ ପୂରଣ ହେବାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ସନ୍ଦୀପ ଓ ପଞ୍ଚାନନ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ହାଇସ୍କୁଲ ସ୍ତରରୁ ଦୌଡ଼ ଅଭ୍ୟାସ ଜାରି ରଖିଛନ୍ତି। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପରେ ବର୍ତ୍ତମାନ ନ୍ୟାଶନାଲ ୟୁଥ୍ ସ୍ପୋର୍ଟ୍ସ ଏଣ୍ଡ ଏଜୁକେଶନ ଫେଡେରେଶନ ପକ୍ଷରୁ ଅନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। ଉଭୟଙ୍କ ଯାତ୍ରା ଖର୍ଚ୍ଚଠାରୁ ଆରମ୍ଭ କରି ପ୍ରବେଶ ଶୁଳ୍କ, ରହଣି ଓ ଅନ୍ୟାନ୍ୟ ବାବଦରେ ପ୍ରାୟ ୮୦ହଜାର ଟଙ୍କା ଆବଶ୍ୟକ ହେଉଛି। ଉଭୟେ ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ବର୍ତ୍ତମାନ ସ୍ପନସରଶିପ୍ ଅପେକ୍ଷାରେ ରହିଛନ୍ତି। ଏ ସମ୍ପର୍କରେ ଜାଣି ବ୍ରହ୍ମପୁର ମହାନଗର ନିଗମ ୧୫ ନମ୍ବର ୱାର୍ଡ କର୍ପୋରେଟର ଆର.ପାବନୀ ଉଭୟଙ୍କୁ ୫ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଆଶା ରଖିଛନ୍ତି ଠିକ୍ ସମୟରେ ସ୍ପନସରଶିପ୍ ମିଳିଲେ ସେମାନଙ୍କ ଲକ୍ଷ୍ୟ ପୂରଣ ହେବ।

# ଘୋଡ଼ାହାଡ଼ ଡ୍ୟାମ୍‌ରୁ ଛଡ଼ାଯିବ ପାଣି

**ଦିଗପହଣ୍ଡି,୬।୫(ଡି.ଏନ.ଏ.)**



ଘୋଡ଼ାହାଡ଼ ଡ୍ୟାମ।

ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ହେବା ଆଶଙ୍କା ରହିଛି। ବର୍ଷାକୁ ଦୃଷ୍ଟିରେ ରଖି ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ନିକଟ ଘୋଡ଼ାହାଡ଼ ଡ୍ୟାମର ସୁରକ୍ଷା ଦୃଷ୍ଟିରୁ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଗଞ୍ଜାମ ଜିଲାପାଳ ଏବଂ ଚିକିଟି ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପରାମର୍ଶ କ୍ରମେ ଡ୍ୟାମରେ ମହଜୁଦ ଥିବା ଉଦ୍‌ବୃତ୍ତ ଜଳ ରାଶିକୁ ଘୋଡ଼ାହାଡ଼ ନଦୀ ମଧ୍ୟକୁ ଛଡ଼ାଯିବ ବୋଲି ସ୍ଥାନୀୟ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟର ଉପ ନିର୍ବାହୀ ଯନ୍ତ୍ରୀ ଇଂ. ଏ. ଗୋପାଳ ରାଓ ସୂଚନା ଦେଇଛନ୍ତି। ଏନେଇ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡ୍ୟାମର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୧୧୭.୮୦ ମିଟର ଥିବା ବେଳେ ଶୁକ୍ରବାର ସକାଳ ସୁଦ୍ଧା ଡ୍ୟାମରେ ଜଳ ପତ୍ତନ ୧୧୬.୮୭ ମିଟର ଥିବା ସେ କହିଛନ୍ତି। ଡ୍ୟାମରେ ୯୧ ପ୍ରତିଶତ ପାଣି ମହଜୁଦ ଥିବାରୁ ନଦୀବନ୍ଧର ସୁରକ୍ଷା ଦୃଷ୍ଟିରୁ ଯେ କୌଣସି ମୁହୂର୍ତ୍ତରେ ଡ୍ୟାମରୁ ନଦୀ ମଧ୍ୟକୁ ପାଣି ଛଡ଼ାଯିବା ନେଇ ଘୋଡ଼ାହାଡ଼ ନଦୀ ତଟବର୍ତ୍ତୀ ଗାଁଗୁଡ଼ିକରେ ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ନଦୀକୁ କୌଣସି ବ୍ୟକ୍ତି କିମ୍ବା ଗୃହପାଳିତ ପ୍ରାଣୀମାନଙ୍କୁ ନ ଛାଡ଼ିବା ପାଇଁ ମାଇକ ପ୍ରଚାର କରାଯାଇଛି। ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଡ୍ୟାମରେ ଜଳ ପରିମାଣ ବୃଦ୍ଧି ପାଇବା ଆଶଙ୍କା ରହିଛି। ରାଜ୍ୟ ଜଳସମ୍ପଦ ବିଭାଗର ନିର୍ଦ୍ଦେଶକ୍ରମେ ଡ୍ୟାମରୁ ସ୍ଲୁଇସ୍ ଗେଟ୍ ଖୋଲା ଯାଇ ନଦୀକୁ ଜଳ ଛଡ଼ାଯିବ ବୋଲି ସହକାରୀ ଯନ୍ତ୍ରୀ ଇଂ.ନିରଞ୍ଜନ ସାହୁ ଜଣାଇଛନ୍ତି। ଦିଗପହଣ୍ଡି ଏବଂ ସାନଖେମୁଣ୍ଡି ବ୍ଲକ ଅଧୀନ ବିଭିନ୍ନ ଗାଁ ଅତିକ୍ରମ କରି ପ୍ରବାହିତ ଘୋଡ଼ାହାଡ଼ ନଦୀ ସଂଲଗ୍ନ କୁଳ ହୁଡା ଓ ନଦୀବନ୍ଧଗୁଡ଼ିକର ସୁରକ୍ଷା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀମାନଙ୍କ ସମେତ କର୍ମଚାରୀ ପ୍ରଦୀପ ଚନ୍ଦ୍ର ମହାନ୍ତି, ବିନୋଦ ଗୌଡ, ଭକ୍ତ ଦଳେଇ, ପୂର୍ଣ୍ଣଚନ୍ଦ୍ର ଦୋରା, ଲଣ୍ଡା ଗୌଡ ପ୍ରମୁଖ ୨୪ ଘଣ୍ଟିଆ ଦାୟିତ୍ୱରେ ରହି ରିପୋର୍ଟ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି।

# ମହାନଦୀ ବନ୍ଧ ପାର୍ଶ୍ୱ ପଥର ପ୍ୟାକିଂ ପାଇଁ ଭୂମିପୂଜା

**ନୟାଗଡ଼ ଅଫିସ/ଭାପୁର, ୬।୫ (ଡି.ଏନ.ଏ.)**

ମହାନଦୀ ବନ୍ଧ ଦୁର୍ବଳ ହୋଇ ପଡିଥିବା ବେଳେ ପଥର ପ୍ୟାକିଂ ନ ଥିବାରୁ ବନ୍ୟା ସମୟରେ ଭୟ ଲାଗିଥାଏ। ଏଣୁ ନୟାଗଡ଼ ଜିଲା ଭାପୁର ବ୍ଲକର ମହାନଦୀ କୂଳରେ ଥିବା ଗ୍ରାମଗୁଡିକ ଲୋକମାନେ ବନ୍ୟା ନାଁ ଶୁଣିଲେ ଡରୁଥିଲେ। ମହାନଦୀ ଉପକୂଳରେ ମୃତ୍ତିକାକ୍ଷୟକୁ ରୋକିବା ଏବଂ ନଦୀକୂଳ ବାସିନ୍ଦାଙ୍କୁ ସୁରକ୍ଷା ପାଇଁ ବନ୍ଧ ପାର୍ଶ୍ୱରେ ପଥର ପ୍ୟାକିଂ ହେବାକୁ ନାବାର୍ଡ ଦ୍ୱାରା ୧୮.୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପଦ୍ମାବତୀ ମାଙ୍କଡଗାଡିଆ ମୁଣ୍ଡିଆଠାରୁ ବାଲୁଙ୍କେଶ୍ୱର ଦେବ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ଦେଢ କି.ମି. ରାସ୍ତାରେ ଏହି ପଥର ପାକିଂ ହେବ। ଶୁକ୍ରବାର ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ପଦ୍ମାବତୀ ମହାନଦୀ କୂଳରେ ପଥର ପ୍ୟାକିଂ କାର୍ଯ୍ୟର ଭୂମିପୂଜା କରିଥିଲେ। ସମ୍ମାନିତ ଅତିଥି ଭାବେ ଭାପୁର ବ୍ଲକ ୧୮ ନଂ. ଜୋନର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ପଦ୍ମାବତୀର ସରପଞ୍ଚ ଅଜୟ କୁମାର ମଳିକ ଗ୍ରାମର ବରିଷ୍ଠ ନାଗରିକ ନାରାୟଣ ତ୍ରିପାଠୀ, ରବୀନ୍ଦ୍ରନାଥ ସାହୁ, ବିଜୟ କୁମାର ବେହେରା, ପଞ୍ଚାୟତର ୱାର୍ଡ ସଭ୍ୟ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।




ନଦୀ ବନ୍ଧରେ ପଥର ପ୍ୟାକିଂ ପୂର୍ବରୁ ପୂଜା ଚାଲିଛି।

# ପ୍ରକଳ୍ପକୁ ଭାଙ୍ଗି ନିର୍ମାଣ ସାମଗ୍ରୀ ଦୁର୍ବୃତ୍ତ ନେଇଗଲେ

**ଖଣ୍ଡପଡ଼ା,୬।୫ (ସ୍ୱ.ପ୍ର.)**

**ଥାନାରେ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି**

ଦୀର୍ଘ ୬ ମାସ ପୂର୍ବରୁ ଖଣ୍ଡପଡ଼ା ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରରେ ନିର୍ମିତ ହୋଇଥିବା ୪ ଗୋଟି ବର୍ଷା ଜଳ ଅମଳ ପ୍ରକଳ୍ପକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏଥିରେ ବ୍ୟବହୃତ ହୋଇଥିବା ଇଟା, ମେଟାଲ ଆଦି ନିର୍ମାଣ ସାମଗ୍ରୀକୁ ବୋହି ନେଇଥିବା ଖଣ୍ଡପଡା ଥାନାରେ ଅଭିଯୋଗ ହୋଇଛି। ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟରେ କାର୍ଯ୍ୟରତ ମୁକ୍ତା ଯୋଜନା ସଂଯୋଜକ ଦେବସ୍ମିତା ମହାପାତ୍ରଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୯୯/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ସୂଚନା ମିଳିଛି।

ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ୨ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ଏହି ୪ ଗୋଟି ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ କାର୍ଯ୍ୟକ୍ରମ ଯୋଜନାରେ ଶ୍ରୀଗଣେଶ, ମା' ଉମାଦେବୀ ଓ ଶ୍ରୀକୃଷ୍ଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ନେଇ ଗୋଟିଏ ପ୍ରକଳ୍ପକୁ ୫୯,୨୯୫ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଏହି ଯୋଜନାରେ ୪ଟି ପ୍ରକଳ୍ପ ପାଇଁ ୨୦୨୧ ସେପ୍ଟେମ୍ବରରେ କାର୍ଯ୍ୟ ସମ୍ପନ୍ନ ପରେ ସମୁଦାୟ ୨,୩୭,୧୮୧ ଟଙ୍କା ପୈଠ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ କେହି ଦୁର୍ବୃତ୍ତ ପ୍ରକଳ୍ପଗୁଡିକୁ ଭାଙ୍ଗି ସବୁ ସାମଗ୍ରୀ ନେଇ ଯାଇଛନ୍ତି। ଉପରୋକ୍ତ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ ପଚାରିବାରେ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଥିଲେ।



ଜଳ ଅମଳ ପ୍ରକଳ୍ପକୁ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

ନୂଆଗଡ: ଗଜପତି ଜିଲା ନୂଆଗଡ ବ୍ଲକ ସିଞ୍ଜାବା ଗ୍ରାମର ଜଣେ ମହିଳା କୌଣସି କାରଣରୁ ଶୁକ୍ରବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମୃତ୍ୟୁଞ୍ଜୟ ନାୟକଙ୍କ ସ୍ତ୍ରୀ ବାଙ୍କେଶ୍ୱରୀ(୩୨)। ବାଙ୍କେଶ୍ୱରୀ ଦିନରେ କୌଣସି କାମର ଆଳ ଦେଖାଇ ବାହାରକୁ ଯାଇଥିଲେ। ଦୀର୍ଘ ସମୟ ଘରକୁ ନ ଫେରିବାରୁ ଘରଲୋକେ ଖୋଜାଖୋଜି କରିଥିଲେ। ଶେଷରେ ଏକ ଗଛମୂଳେ ବିଷ ପିଇ ଗୁରୁତର ଅବସ୍ଥାରେ ପଡିରହିଥିବା ଦେଖାଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବାଙ୍କେଶ୍ୱରୀଙ୍କ ମୃତ୍ୟୁ ଘଟିଥିଲା। ପରିବାର ବର୍ଗଙ୍କ ଏତଲା ପାଇ ଖଜୁରିପଦା ପୋଲିସ ନଂ. ନଂ.୨/୨୨ରେ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କନଷ୍ଟେବଳଙ୍କ ବିରୋଧରେ ଏତଲା

ଦିଗପହଣ୍ଡି,୬।୫(ଡି.ଏନ.ଏ):ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିବା ପରେ ଯୁବତୀଙ୍କୁ ଜଣେ ପୋଲିସ କନଷ୍ଟେବଳ ପ୍ରତାରଣା କରିଛନ୍ତି। ଫୁଲବାଣୀ ଅଞ୍ଚଳର ଉଚ୍ଚଶିକ୍ଷିତା ଏହି ଯୁବତୀ ଜଣକ ନିରାଶ ହେବା ପରେ ଶେଷରେ ଗଞ୍ଜାମ ଜିଲା ପାଟପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପ୍ରକାଶ ଯେ, ପୀଡ଼ିତା ଯୁବତୀଙ୍କ ସହିତ ପାଟପୁର ଥାନାର ଜଣେ କନଷ୍ଟେବଳ ସହିତ ସମ୍ପର୍କ ଗଢ଼ି ଉଠିଥିଲା। ସମ୍ପର୍କ ନିବିଡ଼ ହେବାରୁ କନଷ୍ଟେବଳ ଜଣଙ୍କ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖିଆସୁଥିଲେ। ତେବେ ବିବାହ କରିବାକୁ କହିବାରୁ ଧମକ ମିଳିଥିବା ଯୁବତୀ ଜଣଙ୍କ ଅଭିଯୋଗ କରିଛନ୍ତି। ପୋଲିସର ଆଶ୍ରୟ ନେବାକୁ କହିବାରୁ ବିବାହ କରିବେ ବୋଲି କନଷ୍ଟେବଳ ଜଣଙ୍କ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରେ ଧରାଛୁଆଁ ଦେଉନାହାନ୍ତି। ଏନେଇ ଯୁବତୀଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଅଭିଯୁକ୍ତ କନଷ୍ଟେବଳଙ୍କ ବିରୋଧରେ ମାମଲା ରୁଜୁ କରଛି। ଶୁକ୍ରବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଯୁବତୀଙ୍କ ଡାକ୍ତରୀମାଇନା କରଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ଅଭିଯୁକ୍ତ କନଷ୍ଟେବଳ ଦୀର୍ଘ ମାସ ଧରି ପାଟପୁର ଥାନାରୁ ଛୁଟିରେ ରହିଥିବା ବେଳେ ଯଥାଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି।

### ବିଏସ୍ଏନ୍ଏଲ୍ ନେଟୱର୍କ ସମସ୍ୟା,ଲୋକେ ଅସନ୍ତୋଷ

ବଲସକୁମ୍ପା,୬।୫ : କନ୍ଧମାଳ ଜିଲା ୧୨ ବ୍ଲକକୁ ନେଇ ଗଠିତ। ସେଥିରୁ ଖଜୁରିପଡ଼ା ବ୍ଲକ ଅନ୍ୟତମ। ଏହି ବ୍ଲକଟି ବଣ ପାହାଡ ତରୁଲତାରେ ପରିପୂର୍ଣ୍ଣ। ଏହି ବ୍ଲକଟି ଫୁଲବାଣୀ ସହର ଠାରୁ ମାତ୍ର ୨୧ କିମି ଦୂରରେ ଅବସ୍ଥିତ। ଯାହାକୁ ନଜରରେ ରଖି ବିଏସ୍ଏନ୍ଏଲ କର୍ତ୍ତୃପକ୍ଷଙ୍କ ତରଫରୁ ବ୍ଲକର ବିଭିନ୍ନ ସ୍ଥାନରେ ବିଏସଏନ୍ଏଲ ଟାୱାର ସ୍ଥାପନ କରାଯାଇଛି ଏବଂ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ନେଟୱାର୍କ ସେବା ଯୋଗାଇ ଦିଆଯାଉଛି। କିନ୍ତୁ ଏବେ କିଛି ଦିନ ହେବ ବିଜୁଳି ଏବଂ ବିଏସଏନ୍ଏଲ ନେଟୱାର୍କ ସେବା ଠିକ୍ ଭାବରେ ନ ପାଇବା ଯୋଗୁ ଉପଭୋକ୍ତାମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉପଭୋକ୍ତାଙ୍କ ଅଭିଯୋଗ ଅନୁଯାୟୀ ଲାଇନ୍ ଚାଲିଗଲେ ନେଟୱାର୍କ କଟିଯାଉଛି। ଯାହାଦ୍ୱାରା ଅଫିସ କାର୍ଯ୍ୟ, ଛାତ୍ରୀଛାତ୍ରୀଙ୍କ ଅନଲାଇନ୍ ପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ବିଭାଗୀୟ ଅଧିକାରୀମାନେ ଏହି ସମସ୍ୟା ଉପରେ ନଜର ଦେଇ ସମାଧାନ କରିବାକୁ ଏବେ ଗୁରୁତ୍ୱ ହୋଇପଡ଼ିଛି।

### ଗୋଷାଣୀରେ ହାତଧୁଆ ଦିବସ

ପାରଳାଖେମୁଣ୍ଡି,୬।୫(ଡି.ଏନ୍.ଏ.): ଗୋଷାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହାତଧୁଆ ଦିବସ ସ୍ଥାନୀୟ ଏସ୍‌କେସିଜି ହାଇସ୍କୁଲ ଛାତ୍ରାବାସ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୋଷ୍ଠୀ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ (ପିଏଚ୍ଇଓ) ମମତା ପାଢ଼ୀ ଏବଂ ବ୍ଲକ ଆକାଉଣ୍ଟସ ମ୍ୟାନେଜର (ବିଏମ୍) ଏନ୍. ଶ୍ରୀନିବାସୁଲୁ ପ୍ରମୁଖଙ୍କ ନେତୃତ୍ୱରେ ପାଳନ କରାଯାଇଥିଲା। ମୁଖ୍ୟତଃ ହାତକୁ ସଫାସୁତୁରା ରଖିବା ଓ ବ୍ୟବହାର ପୂର୍ବରୁ ହାତ ଧୋଇବା ବିଶେଷତ୍ୱ ଓ ତା'ର ଉପକାର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତେ ବ୍ୟାନର ଧରି ପରିବେଶ ସଫା ରଖିବା, ହାତକୁ ସବୁବେଳେ ସଫା ରଖିବା, ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶ ଆଦି ସଚେତନତାମୂଳକ ବାର୍ତ୍ତା ଦେଇଥିଲେ।

# ପାଣି ପାଇଁ ଖର୍ଚ୍ଚ ହେବ ୧୮୦୮ କୋଟି

ଭଞ୍ଜନଗର,୬।୫(ଡି.ଏନ.ଏ)

ଭଞ୍ଜନଗର ପଞ୍ଚାୟତ ସମିତି ବୈଠକ



ଦେବଦତ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଭଞ୍ଜନଗର ପଞ୍ଚାୟତ ସମିତିର ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକର ଉନ୍ନତି ପାଇଁ ଅର୍ଥ ଅଭାବ ନାହିଁ। ଅଧିକ କାମ ହେଲେ ଅଧିକ ଅନୁଦାନ ମିଳିବ ବୋଲି ମନ୍ତ୍ରୀ କହିଥିଲେ। ଏଥିସହ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ତୁରନ୍ତ ଶେଷ କରିବା, ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଦଳମତ ନିର୍ବିଶେଷରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଯେଭଳି ସମସ୍ତଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଆନ୍ତରିକ ଉଦ୍ୟମ କରିବା ପାଇଁ ମନ୍ତ୍ରୀ ଆରୁଖ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ବ୍ଲକର ସମସ୍ତଙ୍କ ଘରକୁ ପାଇପ ଯୋଗେ ପାଣି ଯୋଗାଇ ଦେବାପାଇଁ ୧,୮୦୮ କୋଟି ଟଙ୍କାର ଏକ ମେଗା ପାନୀୟ ଜଳ ପ୍ରକଳ୍ପ ହେବ। ଏହାର ପ୍ରକ୍ରିୟା ଚାଲିଛି। ୨୦୨୪ ସୁଦ୍ଧା ସମସ୍ତଙ୍କ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବ। ବ୍ଲକର ୨୫୮ ଟି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ୯୭ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଦର୍ଶ କେନ୍ଦ୍ର କରିବାକୁ ଚଳିତ ବର୍ଷ ଲକ୍ଷ୍ୟ ରଖାଯାଇଛି । ବଳରାମ ଯୋଜନାରେ ଚାଷୀଙ୍କୁ କିଭଳି ସୁବିଧାରେ ଋଣ ମିଳିପାରିବ ସେନେଇ ପଦକ୍ଷେପ ନିଆଯାଇଛି । ଭଞ୍ଜନଗର ବ୍ଲକରେ ପ୍ରାୟ ୯ ହଜାର ହେକ୍ଟର ଚାଷ ଜମି ଥିବାବେଳେ ସେଥିରୁ ଅଧା ଜମିରେ ଅଣଧାନ ଯଥା ତୈଳବୀଜ ଓ ପନିପରିବା ଚାଷ ହେଉଛି। ପାରମ୍ପରିକ ଧାନ ଚାଷ ପ୍ରତି ଲୋକଙ୍କ ଆଗ୍ରହ କମୁଛି । ତେଣୁ ଆଗାମୀ ଦିନରେ ଅଧିକରୁ ଅଧିକ ଚାଷୀଙ୍କୁ ତୈଳବୀଜ ଚାଷ କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ବୈଠକରେ ଯୋଗଦେଇ ବିଭିନ୍ନ ଅଧିକାରୀ କହିଥିଲେ । ଲେମ୍ବେଇ ସମିତିସଭ୍ୟ ଦେବଦତ୍ତ ପ୍ରଧାନଙ୍କୁ ବରିଷ୍ଠ ସଭ୍ୟ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପଞ୍ଚାୟତ ସମିତିର ୭ଟି କମିଟି ପାଇଁ ବିଭିନ୍ନ ସମିତିସଭ୍ୟଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ଅଧ୍ୟକ୍ଷ ନରୀସଭା ନାଇକ ସଭାପତିତ୍ୱ କରିଥିଲେ। ବିଡ଼ିଓ ଅନିଲ କୁମାର ସେଠୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଉପାଧ୍ୟକ୍ଷ ରାଜଲକ୍ଷ୍ମୀ ପ୍ରଧାନ, ଏମ୍ପି ପ୍ରତିନିଧି ଦିବାକର ନାୟକ, ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ଶୈଳବାଳା ବିଷୋୟୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ମହିଳା ପ୍ରତିନିଧିମାନେ ନିଜ ପଞ୍ଚାୟତର ସମସ୍ୟା ସମ୍ପର୍କରେ କହିଥିଲେ ।

# ବସ୍ତିବାସିନ୍ଦାଙ୍କୁ ଘର ପ୍ରଦାନରେ ଅଣଦେଖା

ଫୁଲବାଣୀ ଅଫିସ, ୬।୫

ଫୁଲବାଣୀ ପୌରାଞ୍ଚଳରେ ଚାଲିଛି ମନମୁଖୀ କାର୍ଯ୍ୟ। ଏଠି ପ୍ରକୃତ ହିତାଧିକାରୀଙ୍କୁ ନ୍ୟାୟ ମିଳୁନାହିଁ। ଅପରପକ୍ଷେ ଥିଲା ବାଲାଙ୍କୁ ମିଳୁଛି ସବୁ ସରକାରୀ ସହାୟତା। ଏଭଳି ଚିତ୍ର ଦେଖିବାକୁ ମିଳିଛି ସହରାଞ୍ଚଳର ବସ୍ତି ବାସିନ୍ଦାଙ୍କୁ ଥଇଥାନ ଯୋଜନାରେ।

ବସ୍ତି ବାସିନ୍ଦାଙ୍କୁ ଘରବାଡ଼ି ଅଧିକାର ଦିଆଯିବା ପାଇଁ କନ୍ଧମାଳ ଜିଲାରେ ଡ୍ରୋନ ସର୍ବେକ୍ଷଣ କରାଯାଇ ହିତାଧିକାରୀ ଚୟନ କରାଯାଇଛି। କିନ୍ତୁ ଏହି ଚୟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ପ୍ରକୃତ ହିତାଧିକାରୀଙ୍କୁ ଚୟନ କରାଯାଇନାହିଁ। ଚାକିରି କରିଥିବା ଲୋକଙ୍କୁ ଏହି ଯୋଜନା ଲାଗି ଚୟନ କରାଯାଇଛି। ଯାହା ତଦନ୍ତ ସାପେକ୍ଷ। ୨୦୧୮ରେ ଫୁଲବାଣୀ ପୌର ପରିଷଦ, ବାଲିଗୁଡ଼ା ଓ ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉଷା ନାମକ ଏକ ସଂସ୍ଥା ବସ୍ତି ବାସିନ୍ଦା ରହୁଥିବା ସ୍ଥାନରେ ସର୍ଭେ କରିଥିଲା। ଏହାପରେ ନିର୍ବାହୀ ଅଧିକାରୀମାନେ ସେମାନଙ୍କ ଅଧିନରେ ଥିବା ବସ୍ତି ଗୁଡ଼ିକର ନାମ, ୱାର୍ଡ ନଂ, ରାଜସ୍ୱ ଗ୍ରାମ, ପ୍ଲଟ ନଂ ଓ ପରିବାର ସଦସ୍ୟଙ୍କ ସଂଖ୍ୟା ସହିତ ନକ୍ସା ଏବଂ ଖତିୟାନ କପି ଦାଖଲ କରିଥିଲେ। ଉକ୍ତ ରିପୋର୍ଟକୁ ସଠିକ ଭାବେ ତର୍ଜମା କରା ଯାଇନାହିଁ। ତରତରିଆ ଭାବେ କାମ କରାଯାଇଛି। ଏହାର ପୁନଃ ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରାଯିବାକୁ ଆଇନଜୀବୀ ସତ୍ୟ ନାରାୟଣ ବେହେରା ଦାବି କରିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କୁ ପଚାରିବାରୁ ଏହି ସର୍ଭେ ଉଷା କରିଥିଲା। କୌଣସି ହିତାଧିକାରୀଙ୍କୁ ପଟ୍ଟା ଦିଆଯାଇ ନାହିଁ। ଖାଲି ସେମାନଙ୍କୁ ଏକ ପ୍ରମାଣପତ୍ର ଦିଆଯାଇଛି ବୋଲି କହିଛନ୍ତି।

# ସୁଆର ବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ଭୂମିପୂଜା

ଦିଗପହଣ୍ଡି,୬।୫(ଡି.ଏନ.ଏ.)



ସୁଆର ବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ଭୂମିପୂଜା।

ଦିଗପହଣ୍ଡି ଏନ୍ଏସିର ୮ ନଂ ୱାର୍ଡ ଅନ୍ତର୍ଗତ ସୁଆର ବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ଶୁକ୍ରବାର ଏକ ସମ୍ମାନିତ ପ୍ରକଳ୍ପର ଭୂମିପୂଜା କରାଯାଇଛି। ସୁଆରବନ୍ଧର ସୌନ୍ଦର୍ଯ୍ୟକରଣ ସହିତ ନିକଟରେ ଥିବା ହନୁମାନ ବାଟିକାକୁ ଏହି ପ୍ରକଳ୍ପରେ ସାମିଲ୍ କରାଯିବ। ମୁକ୍ତା ଯୋଜନାରେ ମିଳିଥିବା ଅନୁଦାନ ଅର୍ଥ ଏହି ପ୍ରକଳ୍ପରେ ବିନିଯୋଗ କରାଯିବ। ଏହି କାର୍ଯ୍ୟକ୍ରମରେ ନଗରପାଳ ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଉପନଗରପାଳ କେ.ପୂଜା ନଡିଆ ଭାଙ୍ଗି ଭୂମି ପୂଜା କରିଛନ୍ତି। ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ, ଯନ୍ତ୍ରୀ ମମତା ପଣ୍ଡା, ମୁଖ୍ୟ କିରାଣୀ ରାଜ୍ କିଶୋର ରଥଙ୍କ ସମେତ ଏନ୍ଏସିର ଅନ୍ୟ ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ସେହିପରି ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ପରିସରରେ ଥିବା ପୋଲିସ୍ ବିଟ୍ ହାଉସ୍‌କୁ ଦିଗପହଣ୍ଡି ଥାନାକୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ପୋଲିସ୍ ଏସ୍ଆଇ ସ୍ୱର୍ଣ୍ଣଲତା ପାତ୍ର ଯୋଗଦେଇ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ପୋଲିସ୍ ବିଟ୍ ହାଉସ୍ ପ୍ରତିଷ୍ଠା ଦ୍ୱାରା ଯାତ୍ରୀମାନଙ୍କୁ ସୁରକ୍ଷା ଦେବାରେ ସହାୟକ ହୋଇପାରିବ ଏବଂ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହେଉଥିବା ଯାତ୍ରୀମାନେ ତତ୍‌କ୍ଷଣାତ୍ ଏହି ବିଟ୍ ହାଉସ୍‌ରେ ଅଭିଯୋଗ କରି ନ୍ୟାୟ ପାଇବାକୁ ସକ୍ଷମ ହେବେ ବୋଲି ଆୟୋଜିତ ସଭାରେ ବକ୍ତାମାନେ ଆଲୋଚନା କରିଥିଲେ। ସେହିପରି ଏନ୍ଏସିର ୨ ନଂ ୱାର୍ଡ ଅନ୍ତର୍ଗତ ନିମପଲ୍ଲୀ ଆଦିବାସୀ ଗ୍ରାମରେ ହେବାକୁ ଥିବା ଏକ ଉନ୍ନୟନ ପ୍ରକଳ୍ପର ଭୂମିପୂଜା କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ଏହି ପ୍ରକଳ୍ପ ମୁକ୍ତା ଯୋଜନାରେ ମିଳିଥିବା ଅନୁଦାନ ଅର୍ଥ ଏହି ପ୍ରକଳ୍ପରେ ବିନିଯୋଗ ହେବ ବୋଲି ନଗରପାଳ ପ୍ରଫୁଲ୍ଲ କୁମାର ପଣ୍ଡା କହିଛନ୍ତି। ଏ ସମସ୍ତ କାର୍ଯ୍ୟକ୍ରମରେ କାଉନ୍‌ସିଲର୍ ଦିପକ୍ କୁମାର ମିଶ୍ର, ନିଳମାଧବ ଗୌଡ, ସୁଶାନ୍ତ କୁମାର ପାତ୍ର, ଇ.ଗାୟତ୍ରୀ, କରିସ୍ମା ନାୟକଙ୍କ ସମେତ ସମସ୍ତ କାଉନ୍‌ସିଲର୍ ଉପସ୍ଥିତ ଥିଲେ।

# ବସ୍‌ଷ୍ଟାଣ୍ଡରେ ବେଆଇନ ସମ୍ପ୍ରସାରଣ ଅଭିଯୋଗ

ବୁଗୁଡ଼ା,୬।୫(ଡି.ଏନ.ଏ.)

ବୁଗୁଡ଼ା ବସ୍‌ଷ୍ଟାଣ୍ଡରେ ଜଣେ ବ୍ୟବସାୟୀଙ୍କ ଦୋକାନ ଘର ସମ୍ପ୍ରସାରଣ ବିବାଦ ଘନୀଭୂତ ହୋଇ ଏବେ ଚରମ ସୀମାରେ ପହଞ୍ଚିଛି। ଏନ୍ଏସିର ୨ ନମ୍ବର ୱାର୍ଡ ନୂଆବସ୍‌ଷ୍ଟାଣ୍ଡ ପରିସରରେ ଦୋକାନ ଘରଗୁଡ଼ିକୁ ଭଡା ସୂତ୍ରରେ ବ୍ୟବସାୟୀମାନଙ୍କୁ ଦିଆଯାଇଥିବା ବେଳେ ଜଣେ ହୋଟଲ ବ୍ୟବସାୟୀ ଗତବର୍ଷ ନଭେମ୍ବରରେ ଦୋକାନ ଘର ପଛପଟ କାନ୍ଥ ଭାଙ୍ଗି ବେଆଇନ ଭାବେ ସମ୍ପ୍ରସାରଣ କରୁଥିବା ଦୃଷ୍ଟିକୁ ଆସିଥିଲା। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଦେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏନ୍ଏସି କର୍ତ୍ତୃପକ୍ଷଙ୍କ ଅଗୋଚରରେ ଏଭଳି କାର୍ଯ୍ୟ କିପରି ସମ୍ଭବ ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତିମଧ୍ୟରେ ୫ ମାସ ବିତିଯାଇଥିଲେ ହେଁ ଅସାଧୁ ବ୍ୟବସାୟୀଙ୍କ ବେଆଇନ ନିର୍ମାଣ ଯୋଗୁ ସାଧାରଣରେ ଅସନ୍ତୋଷର ଦାନା ବାନ୍ଧିଛି।

ପୌର ନିର୍ବାଚନ ପରେ ଗତ ଏନ୍ଏସି ବୈଠକରେ ୨ ନମ୍ବର ୱାର୍ଡ କାଉନସିଲର ବିନୋଦିନୀ ନାୟକ ଏହି ପ୍ରସଙ୍ଗ ଉଠାଇବା ସହ ଶକ୍ତିନଗର ବାସିନ୍ଦାଙ୍କ ଦସ୍ତଖତ ସମ୍ବଳିତ ଦରଖାସ୍ତ ନଗରପାଳଙ୍କୁ ଦେଇଥିଲେ। ଏହାର ପ୍ରତିକାର କରାନଗଲେ ଆଗାମୀ ଦିନରେ ଶକ୍ତିନଗର ବାସିନ୍ଦା ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏନ୍ଏସି ପକ୍ଷରୁ ବସ୍‌ଷ୍ଟାଣ୍ଡରେ ରଖାଯାଇଥିବା ପାନୀୟ ଜଳ ଯୋଗାଣ ମେଶିନ ଅଚଳ ହୋଇପଡ଼ିଥିବା ଘଟଣାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଥିବା ବେଳେ ଯାତ୍ରୀମାନଙ୍କ ଲାଗି ଉପଲବ୍ଧ ପାନୀୟ ଜଳ ବ୍ୟବସ୍ଥାଟିକୁ ମଧ୍ୟ ବ୍ୟବସାୟୀ ଜଣକ ନିଜ କବଜାରେ ରଖିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଶକ୍ତିନଗର ବାସିନ୍ଦା ଅଭିଯୋଗ କରିଛନ୍ତି।

# ରମ୍ଭା ଶିଶୁ ଉଦ୍ୟାନ ଉଦ୍‌ଘାଟିତ



ଶିଶୁ ଉଦ୍ୟାନ ଉଦ୍‌ଘାଟନ ଅବସରରେ ଡିଆର୍ଏମଓ ଓ ଅନ୍ୟମାନେ।

ରମ୍ଭା,୬।୫

ପୂର୍ବତଟ ରେଳପଥ ରମ୍ଭା ରେଲୱେ କଲୋନୀରେ ନବ ନିର୍ମିତ ଶିଶୁ ଉଦ୍ୟାନ ଓ ବିଶ୍ରାମ କକ୍ଷ ଡିଆର୍ଏମ୍ଓ ରିଙ୍କିଶେ ରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉପରୋକ୍ତ ଷ୍ଟେଶନରେ ଡିଏମ୍ୟୁ ଓ ଦ୍ରୁତଗାମୀ ରେଳ ରହଣି, ପ୍ଲାଟଫର୍ମ ଉଚ୍ଚତା ସହିତ ସମ୍ପ୍ରସାରଣ, ରିଜର୍ଭେସନ୍ କାଉଣ୍ଟର ସମେତ ଆନୁଷଙ୍ଗିକ ବହୁ ଦିନର ଅଭାବ ଅସୁବିଧା ନେଇ ଜିଲା ଭାଜପା ସମ୍ପାଦକ ଭୀମସେନ ବେହେରାଙ୍କ ନେତୃତ୍ୱରେ ଦଳୀୟ ପ୍ରତିନିଧି ମଣ୍ଡଳୀ ଏକ ସ୍ମାରପତ୍ର ପ୍ରଦାନ କରିଥିଲେ। ବ୍ରିଟିଶ ଅମଳର ପୁରାତନ ଷ୍ଟେଶନ ଉନ୍ନତି ପାଇଁ ଆଭାସ ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ସହ ସଂଯୋଜକ ପଙ୍କଜ ଚୌହାନ, ସିନିୟର୍ ଡିସିଏମ୍ ଖୋର୍ଦ୍ଧା ଅମିତେଶ ଆନନ୍ଦ, ଏଡିଇନ ବାଲୁଗାଁ ଆୟୋଦେଶ୍ ପାଶ୍ୱାନ, ପିଡବ୍ଲ୍ୟୁଆଇ ଧର୍ମେନ୍ଦ୍ର କୁମାର, ଆଇଓଡବ୍ଲ୍ୟୁ ଶ୍ରୀନିବାସ ରାଓ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିବା ସହ ପ୍ରତିନିଧିଙ୍କ ଦାବିପତ୍ରକୁ ତତକ୍ଷଣାତ୍ ଆଲୋଚନା କରିଥିଲେ। ରମ୍ଭା ଏନ୍ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ନଗର ସଭାପତି ସୀମାଞ୍ଚଳ ବାଉତ୍ୟା, ଅଧ୍ୟକ୍ଷା ପ୍ରତିନିଧି କାହ୍ନୁ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ, ମୁନା ସ୍ୱାଇଁ, କାଉନସିଲର ଅଭିନାଥ ବେହେରା, ସେନାପତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରେଡ୍ଡୀ ମହାଜନ ସଂଘମର ସଚେତନତା ସଭା

ଗଞ୍ଜାମ,୬।୫(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ବିଞ୍ଝଣାପଲ୍ଲୀ ଗ୍ରାମ ନିକଟସ୍ଥ କୁଣ୍ଡାପୁଟ ଗ୍ରାମ ରାସ୍ତା ପାର୍ଶ୍ୱରେ ଗଞ୍ଜାମ ତାଲୁକା ରେଡ୍ଡୀ ମହାଜନ ସଂଘମର ସଭା ଓ ସଚେତନତା ମଣ୍ଡପ ପ୍ରତିଷ୍ଠା ହୋଇଯାଇଛି। ଉଦଘାଟକ ଭାବେ ଆସ୍କାଜୋନ ସଭାପତି ଆର.ଭାଗିରଥି ରେଡ୍ଡୀ ଯୋଗଦେଇ ଥିଲେ। ଏହି ସମାରୋହରେ ଯୌତୁକ, ବାଲ୍ୟବିବାହ ପ୍ରଥା ଉଚ୍ଛେଦ ଓ କୂଳରେ କନ୍ୟା ମାନଙ୍କ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ, ପୁରୀ ଓ ଶ୍ରୀକାକୁଲମ ଜିଲା ସଭାପତି ସି. ଏଚ ଡିଲେଶ୍ୱର ରେଡ୍ଡୀ, ସମ୍ପାଦକ ଆର.ଶ୍ରୀନିବାସ ରେଡ୍ଡୀ, ଜିଲା ଉପସଭାପତି ଆରମ୍ଭ ରେଡ୍ଡୀ, ଛତ୍ରପୁର ଜୋନ ସଭାପତି ଏସ.ବୈରାଗୀ ରେଡ୍ଡୀ, ସମ୍ପାଦକ ଡମ୍ବରୁ ରେଡ୍ଡୀ, ଆସ୍କା ଜୋନ ସମ୍ପାଦକ ଗୁରୁମୂର୍ତ୍ତୀ ରେଡି, ଖଲ୍ଲିକୋଟ ତାଲୁକା (କ) ସଭାପତି ସୀମାଞ୍ଚଳ ରେଡ୍ଡୀ, ଖଲ୍ଲିକୋଟ ତାଲୁକା (ଖ) ସଭାପତି ବିଜୟ ପ୍ରଧାନ, ଆସ୍କା ଜୋନ ସଭାପତି ସାରଙ୍ଗ ରେଡ୍ଡୀ, ପୂର୍ବଖଣ୍ଡ ସଭାପତି ଓ ଆଠଗଡ଼ ସଭାପତି, ଜିଲା ଉପସଭାପତି କେ.ଦୁର୍ଯ୍ୟୋଧନ ରେଡ୍ଡୀ, ଏସ.କ୍ରୀଷ୍ଣା ରେଡ୍ଡୀ, ଜି.ସାତେୟା ରେଡ୍ଡୀ, ଏ.ସଂଜୀବ ରେଡ୍ଡୀ ପ୍ରମୁଖଙ୍କ ସହ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମୂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ।

# ଦଣ୍ଡକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ହିଞ୍ଜିଳିକାଟୁ(ଡି.ଏନ୍.ଏ.)/କୁକୁଡାଖଣ୍ଡି,୬।୫

ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ସମରଝୋଳ ଗ୍ରାମରେ ସପ୍ତାହେ ବ୍ୟାପୀ ଚାଲିଥିବା ମା' ଦଣ୍ଡକାଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳସଯାତ୍ରା, ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ, ଦେବତା ମହାସ୍ନାନ, ଜୀବନ୍ୟାସ, ନାମସଂକୀର୍ତ୍ତନ, ଘୃତଯଜ୍ଞ, ଅନ୍ନଯଜ୍ଞ, ପୂର୍ଣ୍ଣାହୁତି ହୋଇଥିଲା। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଆସୁଥିଲେ। ସେମାନଙ୍କ ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ପାନୀୟ ଜଳଠୁ ଆରମ୍ଭ କରି ସିସିଟିଭି କ୍ୟାମେରା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରାଯାଇଥିବା ମନ୍ଦିର କମିଟିର ସମ୍ପାଦକ ଅରୁଣ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଶେଷ ଦିବସ ଅବସରରେ ସମରଝୋଳ ଗ୍ରାମ୍ୟ କମିଟି ପକ୍ଷରୁ ରାମାୟଣ ଏବଂ ଯାତ୍ରା ହୋଇଥିଲା। ମୁଖ୍ୟ କାର୍ଯ୍ୟକର୍ତ୍ତା ଭାବେ ମା' ଦଣ୍ଡକାଳୀ ବଣିକ ସଂଘର ସଭାପତି ଶୁକଦେବ ଗୌଡ଼ ଯୋଗଦେଇଥିବା ବେଳେ ସମ୍ପାଦକ ଏବଂ ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ।

# ଏନ୍ଏସିର ସାଧାରଣ ଅଧିବେଶନ




ସାଧାରଣ ଅଧିବେଶନରେ ଉପସ୍ଥିତ ବିଧାୟକ, କାଉନସିଲର ଓ ଅନ୍ୟମାନେ।

ସୋରଡା,୬।୫(ଡି.ଏନ୍.ଏ.)

ପୌର ନିର୍ବାଚନ ପରେ ସୋରଡା ଏନ୍ଏସିର ପ୍ରଥମ ସାଧାରଣ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶିବଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ, ଉପାଧ୍ୟକ୍ଷା ଭାଗ୍ୟଲତା ଡାକୁଆ, ତହସିଲଦାର ପ୍ରଫୁଲ୍ଲ ଡାକୁଆ, ଏବିଇଓ ସୁଶୀଳା ପାତ୍ର, ସିଡିପିଓ ସରୋଜିନୀ ବେହେରାଙ୍କ ସମେତ ବିଦ୍ୟୁତ, ଜନସ୍ୱାସ୍ଥ୍ୟ ଓ ଯୋଗାଣ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ସହରରେ ମଶା ନିପାତ ପାଇଁ ଟିଫା ମେଶିନ ବ୍ୟବହାର କରିବାକୁ ବିଧାୟକ କହିଥିଲେ। ଅଞ୍ଚଳର ଜଣାଶୁଣା ସମାଜିକ କର୍ମୀ, ବରିଷ୍ଠ କଳାକାର ତଥା କ୍ରୀଡାପ୍ରେମୀ ଏଫରାନ ବେହେରାଙ୍କୁ ରାଶନ କାର୍ଡ ଓ ଆବାସ ଯୋଜନାରେ ଗୃହ ପ୍ରଦାନ ପାଇଁ ଅଧ୍ୟକ୍ଷ ଘୋଷଣା କରିଥିଲେ। ପାଉଚ ପାଣି ବିକ୍ରେତା ଉପରେ କାର୍ଯ୍ୟାନୁଷ୍ଠାନ ତଥା ଝାଡାବାନ୍ତି ବ୍ୟାପୁ ଥିବାରୁ ସତର୍କତା ଅବଲମ୍ବନ ପାଇଁ ତହସିଲଦାର କହିଥିଲେ। ହିସାବ ରକ୍ଷକ ହରେକୃଷ୍ଣ ଦାସ ଆୟବ୍ୟୟ ବିବରଣୀ ରଖିଥିଲେ। ୨୦୨୨-୨୩ ଆର୍ଥିକ ବର୍ଷ ବ୍ୟୟ ପାଇଁ ୧୪ କୋଟି ୧୨ ଲକ୍ଷ ୫ ହଜାର ଟଙ୍କାର ପ୍ରସ୍ତାବ ରଖାଯାଇଥିଲା। ସମସ୍ତ ସଭ୍ୟାସଭ୍ୟ ନିଜ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ପରିଷଦକୁ ଜଣାଇଥିଲେ। ସମସ୍ତେ ସହଯୋଗ ମନୋଭାବ ରଖି ଆଗକୁ ବଢ଼ିବାକୁ ଅଧ୍ୟକ୍ଷ ପଣ୍ଡା କହିଥିଲେ।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

କାଶୀନଗର,୬।୫

ଦକ୍ଷିଣ ଆଣ୍ଡାମାନରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବାତ୍ୟା ଆସନ୍ତା ୮ରୁ ୧୦ ତାରିଖ ମଧ୍ୟରେ ଆନ୍ଧ୍ର ଉପକୂଳ ଗତି କରିବା ସମ୍ଭାବନା ରହିଛି। କାଶୀନଗର ବ୍ଲକ ହେଉଛି ଆନ୍ଧ୍ର ନିକଟବର୍ତ୍ତୀ। ତେଣୁ ଏଠାରେ ବାତ୍ୟା ବନ୍ୟାକୁ ଭୟ ରହିଥାଏ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ବ୍ଲକ ସଭାଗୃହଠାରେ ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ବାତ୍ୟାରେ ସଜାଗ, ସଚେତନତା, ଖାଦ୍ୟ ମହଜୁଦ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଣ ନେଇ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ଉପାଧ୍ୟକ୍ଷ କଲ୍ୟାଣି ସୁଡ଼ାପୁ, ସିଡିପିଓ କନକଲତା ପୂଜାରୀ, ଯୋଗାଣ ନିରୀକ୍ଷକ ସଞ୍ଜିବ ମଲ୍ଲିକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମହାରଣା, ପଞ୍ଚାୟତ ପ୍ରତିନିଧି, ରାଜସ୍ୱ ନିରୀକ୍ଷକ, ସୁପରଭାଇଜର, ଅଗ୍ନିଶମ ବିଭାଗ, ଗ୍ରାମ ସେବକ ଓ ପିଇଓମାନେ ଯୋଗ ଦେଇଥିଲେ।

# ଖଲ୍ଲିକୋଟ ଏନ୍ଏସିର ସମୀକ୍ଷା ବୈଠକ




ବୈଠକରେ ଉପସ୍ଥିତ ଅତିଥି।

ଖଲ୍ଲିକୋଟ,୬।୫(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଖଲ୍ଲିକୋଟ ଏନ୍ଏସିର ସମୀକ୍ଷା ବୈଠକରେ ଯୋଗ ଦେଇ ସହରର ସ୍ୱଚ୍ଛ ପରିମଳ ଉପରେ ଗୁରୁତ୍ୱ ଦେଇଛନ୍ତି। ସ୍ଥାନୀୟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବାସିନ୍ଦା ବାହାରେ ଅଳିଆ ଆବର୍ଜନା ନ ପକାଇ ଏନ୍ଏସିର ଗାଡ଼ିରେ ଦିଅନ୍ତୁ। ପ୍ରତି ଘରେ ଦୁଇଟି ଡବା ରଖି ସେଥିରେ ଅଳିଆ ରଖନ୍ତୁ। ଘରର ୫ ମିଟର ପରିଧିକୁ ସଫା ରଖନ୍ତୁ। ଦୋକାନୀମାନେ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠାନ ଆଗରେ ଗୋଟିଏ ବଡ଼ ଡବା ରଖନ୍ତୁ ଏବଂ ସେଥିରେ ଅଳିଆ ପକାନ୍ତୁ। ନଚେତ ସେମାନଙ୍କୁ ଜରିମାନା କରାଯିବ ବୋଲି ଜିଲାପାଳ ଚେତାବନୀ ଦେଇଛନ୍ତି। ଏହାସହ ଜିଲାପାଳ ବୃକ୍ଷ ରୋପଣ ଓ ପୋଖରୀ ସୌନ୍ଦର୍ଯ୍ୟକରଣ ପ୍ରତି ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଯେଉଁ ଘର କିମ୍ବା ଦୋକାନ ଆଗରେ ଚାରା ରୋପଣ କରାଯିବ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୃକ୍ତ ଗୃହକର୍ତ୍ତା କିମ୍ବା ବ୍ୟବସାୟୀ ନେବେ। ପୋଖରୀରେ ଲୋକମାନେ ଅଳିଆ ଆବର୍ଜନା ପକାଉଛନ୍ତି। ସେଥିରୁ ନିବୃତ୍ତ ରହିବା ପାଇଁ ଜିଲାପାଳ ଚେତାବନୀ ଦେଇଛନ୍ତି। ନଚେତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିରେ ଜିଲାପାଳଙ୍କ ସହ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ, ଖଲ୍ଲିକୋଟ ଏନ୍ଏସି ଅଧ୍ୟକ୍ଷ ନିରଞ୍ଜନ ବେହେରା, ଉପାଧ୍ୟକ୍ଷ ଲିଲି ସାହୁ, ନିର୍ବାହୀ ଅଧିକାରୀ ଉମାକାନ୍ତ ନାୟକ, ସମସ୍ତ କାଉନସିଲର, ଏନ୍ଏସି କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।